
ମୁଖ୍ୟମନ୍ତ୍ରୀ ପଦରୁ ଆତିଶୀଙ୍କ ଇସ୍ତଫା | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ମନମୋହିଲେ ଭୂମି ପେଡନେକର | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୧୨ Vol. 21 No-312 10 FEBRUARY 2025 MONDAY BHUBANESWAR ସୋମବାର, ୧୦ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଇସ୍ତଫା ଦେଲେ ମଣିପୁର ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୯।୨: ମଣିପୁର ମୁଖ୍ୟମନ୍ତ୍ରୀ ଏନ.ବୀରେନ ସିଂ ରବିବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ରାଜ୍ୟପାଳ ଅଜୟକୁମାର ଭାଲାଙ୍କୁ ସେ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସୋମବାର ମଣିପୁର ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବିରୋଧୀମାନେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ତେବେ ଶ୍ରୀ ସିଂଙ୍କ ଇସ୍ତଫାକୁ ନେଇ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ତାଙ୍କୁ ଦୁଇବର୍ଷ ପୂର୍ବରୁ ବରଖାସ୍ତ କରାଯିବାର ଥିଲା ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। କଂଗ୍ରେସ ନେତା ଆଲୋକ ଶର୍ମା କହିଛନ୍ତି ଯେ ଦେଶ ତାଙ୍କୁ କେବେ ବି କ୍ଷମା କରିବ ନାହିଁ। ତେଣୁ ପରିସ୍ଥିତିର ଚାପକୁ ସାମ୍ନା କରିନପାରି ଶ୍ରୀ ସିଂ ଇସ୍ତଫା ଦେଇଥିବା ସେ କହିଛନ୍ତି। ଇସ୍ତଫା ଦେବା ପୂର୍ବରୁ • ପୃଷ୍ଠା ୫ ଦେଖନ୍ତୁ

### ଷ୍ଟୁଡିଓ ମାଲିକଙ୍କୁ ନିର୍ମମ ହତ୍ୟା

ଯାଜପୁର, ୯।୨ (ଭାସ୍କର ନ୍ୟୁଜ୍): ଯାଜପୁରରେ ଚାଞ୍ଚଲ୍ୟ । ଷ୍ଟୁଡିଓ ମାଲିକଙ୍କୁ ନିର୍ମମ ହତ୍ୟା । ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି। ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସବୁଦିନ ପରି ଖାଇବା ପରେ ନିଜ ଷ୍ଟୁଡିଓକୁ ଶୋଇବାକୁ ଆସିଥିଲେ ଯାଜପୁର ରୋଡ ଥାନା ସୋବରା ଅଞ୍ଚଳର ଓମ୍ ଡିଜିଟାଲ ଫିଲ୍ମ ଷ୍ଟୁଡିଓ ମାଲିକ ଦୀପକ କୁମାର ସାହୁ । ସେ ଶୋଇଥିବା ଅବସ୍ଥାରେ କେହି ଷ୍ଟୁଡିଓରେ ପଶି ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ରବିବାର ସକାଳୁ ତାଙ୍କର ରକ୍ତ ଜୁଡୁବୁଡୁ ମୃତଦେହ ଷ୍ଟୁଡିଓ ଭିତରୁ ଉଦ୍ଧାର କରାଯାଇଛି ।

ସେନ୍ସେକ୍ସ: ୭୭,୮୬୦.୧୯
ସର୍ବାଧିକ: ୩୧.୦ ଡିଗ୍ରୀ
ସର୍ବନିମ୍ନ: ୧୯.୨ ଡିଗ୍ରୀ

**୯।୨।୨୦୨୫ ର ମତାମତ**

ଆଇଏଏସ୍ ଅଧିକାରୀ ଗାଁ ବୁଲିଲେ ଲୋକଙ୍କ ସମସ୍ୟା ସମାଧାନ ହେବ କି?




**ଆଜିର ପ୍ରସଙ୍ଗ**

୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲମୁକ୍ତ ଭାରତ ଗଠନ ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଇଣ୍ଡିଆବାଲାଙ୍କ ଜିତାପଟ ହେଲା
ଇଂଲଣ୍ଡ ଗଲା ହାରି,
ଫ୍ଲଡ଼ଲାଇଟ ଦଗା ଦେଲା ବୋଲି
ବାରବାଟୀ 'ସରି' 'ସରି' ।
ଇଂଲଣ୍ଡିଆ ମନ ମାରି,
ଇଣ୍ଡିଆକୁ ମଜା ଚଖାଇବା ଇଚ୍ଛା
ଆଗକୁ ପଡ଼ିବ ଭାରି !!

## ବାରବାଟୀ ମହାଲଢେଇ

# ଟିମ୍ ଇଣ୍ଡିଆର ସିରିଜ୍ ଅକ୍ତିଆର



**୪୪.୩ ଓଭରରେ ୬ ୱିକେଟ ହରାଇ ୩୦୮ ରନ୍**

**ରୋହିତଙ୍କ ଶତକ, ଟିମ୍ ଇଣ୍ଡିଆର ଦମ୍‌ଦାର ବିଜୟ**

**ଦର୍ଶକଙ୍କୁ ନିରାଶ କଲେ କୋହଲି**

କଟକ,୯।୨(ଭାସ୍କର ନ୍ୟୁଜ): ଭାରତ ଓ ଇଂଲଣ୍ଡ ମଧ୍ୟରେ ରବିବାର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳା ଯାଇଥିବା ଦିନିକିଆ ଦ୍ୱିତୀୟ ଶୃଙ୍ଖଳା ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ୪ ୱିକେଟରେ ଦମ୍‌ଦାର ବିଜୟ ହାସଲ କରିଛି। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଏହି ଦିନିକିଆ ମ୍ୟାଚ୍‌ରେ ବିଜୟଲାଭ କରିବା ସହ ସିରିଜ୍‌କୁ ଅକ୍ତିଆର କରିଛି। ଭାରତ ଏହି ତିନିଟିକିଆ ମ୍ୟାଚ୍ ଶୃଙ୍ଖଳାରେ ୨-୦ରେ ଅଗ୍ରଣୀ ରହିଛି। ନାଗପୁରରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ଇଂଲଣ୍ଡକୁ ୪ ୱିକେଟରେ ପରାସ୍ତ କରିଥିଲା। ତେବେ ରବିବାର ବାରବାଟୀରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ୪୯.୫ ଓଭରରେ ସମସ୍ତ ୱିକେଟ ହରାଇ ଇଂଲଣ୍ଡ ୩୦୪ ରନ୍ କରିଥିଲା। ଫଳରେ ଭାରତକୁ ୩୦୫ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ରୋହିତଙ୍କ ଟିମ୍ ୪୪.୩ ଓଭରରେ ୬ ୱିକେଟ ହରାଇ ୩୦୮ ରନ୍ କରିଥିଲେ। ଟସ୍ ଜିଣି ଇଂଲଣ୍ଡ ବ୍ୟାଟିଂ ନେଇଥିବାରୁ ଭାରତ ବୋଲିଂ କରିଥିଲା। ଭାରତର ଇନିଂସ ଆରମ୍ଭ କରିଥିଲେ ଅଧିନାୟକ ରୋହିତ ଶର୍ମା ଓ ଶୁଭମନ ଗିଲ୍। ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ ପାଇଁ ୧୩୬ ରନ୍ ସଂଗ୍ରହ କରିଥିଲେ। ଏଥିରେ ଶୁଭମନଙ୍କର ୬୦ ରନ୍ ସାମିଲ ରହିଥିଲା। ଗିଲ୍ ଆଉଟ୍ ହେବା ପୂର୍ବରୁ ୫୨ଟି ବଲ୍ ଖେଳି ୯ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଏହାପରେ ବିରାଟ କୋହଲି ପଡ଼ିଆକୁ ଆସିଥିଲେ। କିନ୍ତୁ ଦର୍ଶକମାନଙ୍କୁ ସେ ନିରାଶ କରିଥିଲେ। ସେ ୮ଟି ବଲ୍ ଖେଳି ୫ ରନ୍ କରିବା ପରେ ପ୍ୟାଭିଲିଅନକୁ ଫେରି ଯାଇଥିଲେ। ଏହାପରେ ଇଂଲଣ୍ଡର ତୃତୀୟ ଶିକାର ହୋଇଥିଲେ ରୋହିତ ଶର୍ମା। ଲିଆମ ଲିଭିଂଷ୍ଟୋନଙ୍କ ବଲ୍ ଆଦିଲ ରସିଦଙ୍କୁ କ୍ୟାଚ୍ ଦେଇ ରୋହିତ ଆଉଟ୍ ହୋଇଥିଲେ। ଏହାପୂର୍ବରୁ ସେ ୯୦ଟି ବଲ୍ ଖେଳି ୧୧୯ ରନ୍ ସଂଗ୍ରହ କରିଥିଲେ। ସେଥିରେ ୧୨ଟି ଚୌକା ଓ ୭ଟି ଛକା ସାମିଲ ରହିଥିଲା। ଏହା ହେଉଛି ରୋହିତଙ୍କ ୩୨ତମ ଦିନିକିଆ ଅନ୍ତର୍ଜାତୀୟ ଶତକ। ରୋହିତ ୩୦ଟି ବଲ୍ ଖେଳି ୪ଟି ଚୌକା ଓ ୪ଟି ଛକା ବଳରେ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ଅକ୍ଷର ପଟେଲଙ୍କ ସହିତ ଏକ ଭୁଲ ବୁଝାମଣା ଯୋଗୁ ଶ୍ରେୟସ ଆୟର ରନ୍‌ଆଉଟ୍ ହୋଇଯାଇଥିଲେ। କିନ୍ତୁ ଏହାପୂର୍ବରୁ ସେ ୪୭ଟି ବଲ୍ ଖେଳି ୩ଟି • ପୃଷ୍ଠା ୫ ଦେଖନ୍ତୁ



ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ଭାରତ-ଇଂଲଣ୍ଡ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଖାଦ୍ୟ ଯୋଗାଣମନ୍ତ୍ରୀଙ୍କ ସୂଚନା

# ରାସନ କାର୍ଡ ନେଇଥିଲେ ୮ଲକ୍ଷ ଆୟକର ଦେଉଥିବା ଲୋକ

ଭୁବନେଶ୍ୱର,୯।୨(ଭାସ୍କର ନ୍ୟୁଜ): ରାଜ୍ୟର ୮ଲକ୍ଷ ଆୟକର ଦେଉଥିବା ଲୋକ ହାତେଇଛନ୍ତି ରାସନ କାର୍ଡ। ଏ ନେଇ ସୂଚନା ଦେଇଛନ୍ତି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ଏହି ରିପୋର୍ଟ ମିଳିବା ପରେ ଏ ନେଇ ସର୍ଭେ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ କାର୍ଡ କଟାଯିବା ସହ କେହି ଅଯୋଗ୍ୟ ହିତାଧିକାରୀ କାର୍ଡ ନେବା ନେଇ ଲିଖିତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପାତ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ ରାସନକାର୍ଡ ଇ-କେୱାଇସି କରିବା ପାଇଁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଏଥିପାଇଁ ଆଉମାତ୍ର ୬ ଦିନ ରହିଛି। ବର୍ତ୍ତମାନ ସୁଦ୍ଧା ୩୭ଲକ୍ଷ ୮୫ ହଜାର ୪୯୬ଜଣ ଇ-କେୱାଇସି କରିନଥିବାର ସେ ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ ଚାକିରି କରିଥିବା ବା ଆୟକର ଦେଉଥିବା ୧୨ହଜାର ଲୋକ ରାସନକାର୍ଡ ଫେରାଇ ଦେଇଛନ୍ତି। ଆସନ୍ତା ୧୫ ତାରିଖ ପରେ ଆଉ ଇ-କେୱାଇସି ଅବଧି ବୃଦ୍ଧି କରାଯିବ ନାହିଁ। ଯେଉଁମାନେ ଇ-କେୱାଇସି କରିବେ ନାହିଁ ସେହି କାର୍ଡଗୁଡ଼ିକୁ ସରେଣ୍ଡର ବୋଲି ଧରାଯିବ। • ପୃଷ୍ଠା ୫ ଦେଖନ୍ତୁ

## ସୁରକ୍ଷାକର୍ମୀଙ୍କୁ ବଡ଼ ଧରଣର ସଫଳତା

# ୩୧ ନକ୍ସଲ ନିହତ



**୨ ଯବାନ ସହିଦ, ଅନ୍ୟ ଦୁଇ ଚିକିତ୍ସାଧୀନ**

**ବିପୁଳ ବିସ୍ଫୋରକ, ମାଓ ସାମଗ୍ରୀ ଜବତ**

**ମୃତ୍ୟୁସଂଖ୍ୟା ଅଧିକ ହେବା ଆଶଙ୍କା**

**ଜାରି ରହିଛି ସର୍ଚ୍ଚ ଅପରେସନ**

ମାଲକାନଗିରି,୯।୨(ଭାସ୍କର ନ୍ୟୁଜ): ନକ୍ସଲ ଦମନ କ୍ଷେତ୍ରରେ ସୁରକ୍ଷା କର୍ମୀଙ୍କୁ ଏକ ବଡ଼ଧରଣର ସଫଳତା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିରେ ୩୧ ନକ୍ସଲଙ୍କ ଜୀବନ ଯାଇଛି। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରାଯାଇଛି। ଅନ୍ୟପକ୍ଷରେ ନକ୍ସଲଙ୍କ ଗୁଳିମାଡ଼ରେ ଗୁରୁତର ହୋଇଥିବା ଦୁଇ ଯବାନ ସହିଦ ହୋଇଥିବାବେଳେ ଅନ୍ୟ ଦୁଇଜଣଙ୍କୁ ଚିକିତ୍ସାପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏପରି ଏକ ଅଘଟଣ ରବିବାର ଛତିଶଗଡ଼ର ବିଜାପୁର-ନାରାୟଣପୁର ସୀମାରେ ଥିବା ଜାତୀୟ ଉଦ୍ୟାନ ନିକଟ ଜଙ୍ଗଲରେ ଘଟିଛି। ଏହି ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ଗୁଇନ୍ଦା ସୂଚନା ମିଳିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଏହି ଅପରେସନରେ ଡିଆରଜି, ଏସଟିଏଫ • ପୃଷ୍ଠା ୫ ଦେଖନ୍ତୁ

### ନକ୍ସଲମୁକ୍ତ ଭାରତ ଗଠନରେ ବଡ଼ ସଫଳତା: ଶାହ



ନୂଆଦିଲ୍ଲୀ,୯।୨: ରବିବାର ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩୧ ନକ୍ସଲଙ୍କ ମୃତ୍ୟୁ ପରେ ସୁରକ୍ଷାକର୍ମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ସେ କହିଛନ୍ତି, ଏହି କାର୍ଯ୍ୟାନୁଷ୍ଠାନ ନକ୍ସଲମୁକ୍ତ ଭାରତ ଗଠନ ପାଇଁ ଏକ ବଡ଼ ସଫଳତା। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରାଯିବ ବୋଲି ଶ୍ରୀ ଶାହ ଦୃଢୋକ୍ତି ବାଢିଥିଲେ। ସେ କହିଥିଲେ ଯେ ସହିଦ ହୋଇଥିବା ଯବାନଙ୍କ ପରିବାରଙ୍କୁ ମୁଁ ଗଭୀର ସମବେଦନା ଜଣାଉଛି। ଆମର ଯବାନମାନେ ସାହସ ଦେଖାଇ ନକ୍ସଲମାନଙ୍କ ମୁକାବିଲା କରୁଥିବାରୁ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି।

## ■ ମହାକୁମ୍ଭରେ ପ୍ରବଳ ଗହଳି ■

# ବୁଡ଼ ପକାଇଲେଣି ୪୧ କୋଟି ଶ୍ରଦ୍ଧାଳୁ

ପ୍ରୟାଗରାଜ,୯।୨: ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ପବିତ୍ର ସଙ୍ଗମରେ ବୁଡ଼ ପକାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୪୧ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ରବିବାରକୁ ୨୮ ଦିନ ହେବ ମହାକୁମ୍ଭରେ ମେଳା ଲାଗିଛି। ମୌନୀ ଅଘଟଣ ପରେ କିଛିଦିନ • ପୃଷ୍ଠା ୫ ଦେଖନ୍ତୁ

### ସଙ୍ଗମରେ ସ୍ନାନ କରିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୯।୨: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ପ୍ରୟାଗରାଜରେ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା ପରିଦର୍ଶନ କରି ସଙ୍ଗମରେ ସ୍ନାନ କରିବାର କାର୍ଯ୍ୟକ୍ରମ ରହିଥିବା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପୌଷ ପୂର୍ଣ୍ଣିମା ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିବା ବିଶ୍ୱର ସର୍ବବୃହତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାବେଶ ମହାକୁମ୍ଭ ସାରା ବିଶ୍ୱରୁ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଥାଏ। ରାଷ୍ଟ୍ରପତି ଭବନରୁ ଜାରି ବିବୃତିରେ କୁହାଯାଇଛି ଯେ ରାଷ୍ଟ୍ରପତି ପବିତ୍ର ସ୍ନାନ କରି ସଙ୍ଗମରେ ପୂଜାର୍ଚ୍ଚନା କରିବେ ଏବଂ ଅକ୍ଷୟବଟ ଓ ହନୁମାନ ମନ୍ଦିରେ ପୂଜା କରିବା ସହ ଦର୍ଶନ କରିବେ ଏବଂ ଡିଜିଟାଲ କୁମ୍ଭ ଅନୁଭବ କେନ୍ଦ୍ର ପରିଦର୍ଶନ କରିବେ ବୋଲି କୁହାଯାଇଛି।




ଓଡ଼ିଶା ଭାସ୍କର
ODISHA BHASKAR

# ବାରବାଟୀରେ ମହାସମର



## ଟିମ୍ ଇଣ୍ଡିଆ-ଇଂଲଣ୍ଡର ଦିନିକିଆ ମ୍ୟାଚ୍‌ର ଝଲକ





































ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ORMAS

କଟକ(ଭାସ୍କର ନ୍ୟୁଜ୍): ଗ୍ରାମୀଣ କରିଗରମାନଙ୍କୁ ଉତ୍ସାହିତ କରିବା ତଥା ଦର୍ଶକମାନଙ୍କୁ ଆକର୍ଷିତ କରିବା ନିମନ୍ତେ ପ୍ରଥମ ଥର ପାଇଁ ଓରମାସ କଟକ ପକ୍ଷରୁ ବାରବାଟୀ ଷ୍ଟାଡିଅମରେ ଦ୍ୱିତୀୟ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ସମୟରେ ଗ୍ରାମୀଣ ଜାତୀୟ ଉତ୍ପାଦକୁ ନେଇ କ୍ଷୁଦ୍ର ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ, ମୁଖ୍ୟ କାର୍ଯନିର୍ବାହୀ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ, ଓରମାସ ବିପିନ ରାଉତ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ପ୍ରଦର୍ଶନୀ ଉଦ୍ଘାଟିତ ହୋଇଯାଇଛି ସ୍ଥାନୀୟ ଉଦ୍‌ଯୋଗ, କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ପ୍ରୋତ୍ସାହିତ କରିବା ତଥା ଗ୍ରାମୀଣ କରିଗରମାନଙ୍କୁ ଏକ ମଂଚ ଯୋଗାଇ ଦେବା ଲକ୍ଷ୍ୟରେ ଏହି ପ୍ରଦର୍ଶନୀ ଆୟୋଜନ କରାଯାଇଛି ଓରମାସ ପକ୍ଷରୁ କ୍ରୀଡା ଏବଂ ଗ୍ରାମୀଣ ଅର୍ଥନୀତିକୁ ଏକୀକୃତ କରିବାର ଏଭଳି ମଞ୍ଚକୁ ଖୁବ ପ୍ରଶଂସା କରାଯାଇଛି ଏହି ପ୍ରଦର୍ଶନୀ ଦେଖିବାକୁ ବେଶ ଜନ ସମାଗମ ହୋଇଥିଲା ।

**'ପ୍ରୟାସ' ସାମୂହିକ ବିବାହ ମହୋତ୍ସବ**

# ବିବାହ ବନ୍ଧନରେ ବାନ୍ଧିହେଲେ ୨୦ ଯୋଡ଼ି





ଭୁବନେଶ୍ୱର: ବିବାହ ଏକ ସାମାଜିକ ସ୍ୱୀକୃତି, ପରିବାରର ଅସହମତି, ଯୌତୁକ ଅସଙ୍ଗତି, ଅନାବଶ୍ୟକୀୟ ସାମାଜିକ ପ୍ରଥା, ବୈବାହିକ ଉତ୍ତରଦାୟିତ୍ୱ ସମ୍ପର୍କରେ ଅନଭିଜ୍ଞତା ଆଦି ସାମାଜିକ ପ୍ରତିବନ୍ଧକ କାରଣ ମୁଖ୍ୟତଃ ବିବାହ କାର୍ଯ୍ୟ ସମ୍ପନ୍ନ ଓ ବୈବାହିକ ଜୀବନ ଅତିବାହିତରେ ମୁଖ୍ୟ ପ୍ରତିବନ୍ଧକ । ଏହାର ପ୍ରତିକାର ସ୍ୱରୂପ ନବଦମ୍ପତିଙ୍କୁ ସଚେତନ କରାଇବା, ଆର୍ଥିକ ଅନଗ୍ରସରମାନଙ୍କୁ ପ୍ରାଧାନ୍ୟ ଦେବା, ଯୌତୁକ ବିରୋଧରେ ସଚେତନତା ସୃଷ୍ଟି କରିବା ଓ ବିବାହକୁ ରେଜେଷ୍ଟ୍ରିଭୁକ୍ତ କରିବାର ଅଙ୍ଗୀକାରବଦ୍ଧତାକୁ ଆପଣାଇ ଏକ ସୁସ୍ଥ, ଚିରସ୍ଥାୟୀ ଓ ବୁଝାମଣାପୂର୍ଣ୍ଣ ବୈବାହିକ ଜୀବନର ଲକ୍ଷ୍ୟ ହାସଲ କରିବା 'ପ୍ରୟାସ ସାମୂହିକ ବିବାହ' ବିବାହର ଧ୍ୟେୟ । ଦୀର୍ଘ ୧୦ବର୍ଷ ମଧ୍ୟରେ ୨୭୫ ଗୋଟି ସାମୂହିକ ବିବାହ ସଫଳତାର ସହ ଆୟୋଜନ କରିସାରିଛି 'ପ୍ରୟାସ' । ଚଳିତ ବର୍ଷ ୨୦ ଯୋଡ଼ି ନବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ସମାଜର ସବୁବର୍ଗ, ଗୋଷ୍ଠୀ, ଜାତି ଓ ବିଧବା, ଅକର୍ମଣ୍ୟ ଓ ଅବହେଳିତଙ୍କୁ ଏକାଠି କରି ସାମୂହିକ ବିବାହକୁ ଏକ ସାମାଜିକ ମହୋତ୍ସବରେ ମାନ୍ୟତା ଦେବାକୁ 'ପ୍ରୟାସ' ପକ୍ଷରୁ ପ୍ରୟାସ କରାଯାଇଛି । ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ରବିବାର ଏହି ସାମୂହିକ ବିବାହ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ଶନିବାର ସନ୍ଧ୍ୟାରେ ମଙ୍ଗନୀ, ମେହେନ୍ଦୀ ଓ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆବେଦନ କରିଥିବା ବରବଧୂ, ସେମାନଙ୍କ ପରିବାରର ଉପସ୍ଥିତିରେ ବିବାହ ସମ୍ପନ୍ନ ହେବା ସହ ଆଇନ ଅନୁଯାୟୀ ରେଜେଷ୍ଟ୍ରିଭୁକ୍ତ ହୋଇଥିଲେ । ବିବାହ ପୂର୍ବରୁ ବରବଧୂଙ୍କୁ ଏଚ୍‌ଆଇଭି ଟେଷ୍ଟ ଭୁବନେଶ୍ୱର ସ୍ୱର୍ଣ୍ଣ ହସ୍ପିଟାଲ ପକ୍ଷରୁ ମାଗଣାରେ କରାଯାଇଥିଲା । ସମସ୍ତ ବରବଧୂଙ୍କ ଏଚ୍‌ଆଇଭି ରିପୋର୍ଟ ନେଗେଟିଭ୍ ଆସିବା ପରେ ବିବାହ କାର୍ଯ୍ୟ ଅନୁମତି ଦିଆଯାଇଥିଲା । ପୂର୍ବାହ୍ନ ୧୧ ଘଟିକାରେ ୟୁନିଟ୍-୨ ଆର୍ଯ୍ୟ ସଂସ୍କୃତି ମନ୍ଦିରଠାରୁ ୨୦ଜଣ ବର ବାହାରି ଶ୍ରୀରାମ ମନ୍ଦିରକୁ ବରାନୁଗମନ କରିଥିଲେ । ବରବଧୂଙ୍କୁ ଆଶୀର୍ବାଦ କରିବାକୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀରାମ ମନ୍ଦିରରେ ପହଞ୍ଚିଥିଲେ । ଦ୍ୱୈତନଗରୀ ପୋଲିସ କମିଶନର ଡକ୍ଟର ଏସ୍.ଦେବଦତ୍ତ ସିଂ, ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ସମାଜସେବୀ ନମ୍ରତା ଚଢ଼ା, କର୍ପୋରେଟର ରଞ୍ଜୁଲତା ରାୟ(ୱାର୍ଡ-୩୫), କବିତା ସ୍ୱାଇଁ(ୱାର୍ଡ-୪୫) ପ୍ରମୁଖ ନବଦମ୍ପତିଙ୍କୁ ଆଶୀର୍ବାଦ ଦେବା ସହ 'ପ୍ରୟାସ'ର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଯୁବ ମାରୱାଡି ସଂଗଠନ ଓଡ଼ିଶା ଯୁବା ସେବାସମିତି ଓ ମାରୱାଡି ମହିଳା ସମିତି ପକ୍ଷରୁ ସାମୂହିକ ବିବାହ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ ସହଯୋଗ କରାଯାଇଥିଲା । ଅଭ୍ୟର୍ଥନା କମିଟିର ଆବାହକ ତଥା ଶିକ୍ଷାବିତ୍ ଡକ୍ଟର ବଦ୍ରିନାଥ ପଟ୍ଟନାୟକ ପ୍ରଥମ କନ୍ୟାଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟ ପରିଚାଳକ ଭାବେ ଡକ୍ଟର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ବିବାହ ଉତ୍ସବକୁ ପରିଚାଳନା କରିଥିଲେ । ଓଡ଼ିଶା ଯୁବସେବା ସମିତି ସଭାପତି ଆଶୀଷ ବଂଶଲ, ମାରୱାଡି ମହିଳା କମିଟି ମୁଖ୍ୟ ଦୂହି ଅଗ୍ରୱାଲ, ବାଲେଶ୍ୱର ଜିଲ୍ଲା ଔପଦାର ସମାଜସେବୀ ଗୋପାଳ ରାଉତ, ପ୍ରୟାସର ଟ୍ରଷ୍ଟି ତଥା ସାମ୍ବାଦିକ କୌସ୍ତୁଭ ଦାସ, ସୁରେଶ କୁମାର ପତ୍ରି, କମଳ ମହାନ୍ତି, ଜୟନ୍ତ ମହାନ୍ତି, ସଂଗ୍ରାମ ମହାରଣା, ପ୍ରେମ ଅଗ୍ରୱାଲ, ଜସ୍ମିନ୍ ମହାନ୍ତି, ସୋନାଲି ପ୍ରିୟଦର୍ଶିନୀ, ମମତା ମହାନ୍ତି, ବାସ୍ତୁବିତ୍ ମନୋଜ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ । ଆଗାମୀ ଦିନରେ ଜନସାଧାରଣ ସହଯୋଗର ହାତ ବଢ଼ାଇ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ 'ପ୍ରୟାସ'ର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ବନ ମହାନ୍ତି ଅନୁରୋଧ କରିଛନ୍ତି । ଆଗାମୀ ଦିନରେ ରାଜ୍ୟ ସରକାର ଗଣବିବାହକୁ ସ୍ୱୀକୃତି ପ୍ରଦାନ କରିବା ସହ ସରକାରୀ ସହାୟତା ଓ ସହଯୋଗ ଯୋଗାଇ ଦେବାକୁ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।

## ସରିଲା ଓଷ୍ଟା ବ୍ଲକ୍ ସମ୍ପାଦକଙ୍କ ଦୁଇଦିନିଆ କର୍ମଶାଳା

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ଦ୍ୱାରା ଆହୂତ ହୋଇଥିବା ଦୁଇଦିନିଆ ବ୍ଲକ୍ ସମ୍ପାଦକ କର୍ମଶାଳା ଆଜି ଓଷ୍ଟା ପରିସରରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଏକ ଆଲୋଚନା ଚକ୍ର 'ଆମ ସଂଗଠନ ଓ ଆମେ' ଅନୁଷ୍ଠିତ ହୋଇଯାଇଛି ବୋଲି ସଂଗଠନର ସାଧାରଣ ସଂପାଦକ ରନ କୁମାର ଦାଶ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି ।ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବ୍ଲକ୍ ସମ୍ପାଦକ କର୍ମଶାଳାର ଅନ୍ତିମ ଦିବସରେ ସଂଗଠନର ବିଭିନ୍ନ ଦିଗ ଉପରେ ଏକ ଦଳଗତ ଆଲୋଚନା ହୋଇଥିଲା । ସାଂପ୍ରତିକ ସ୍ଥିତିରେ ସରକାର ଯେଉଁ ନୂତନ ଶିକ୍ଷାନୀତି ଆଣିବାକୁ ଯାଉଛନ୍ତି, ଆଜିର କର୍ମଶାଳାରେ ତା'ର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଆଲୋଚନାର ପ୍ରାରମ୍ଭରେ ସଂଗଠନର ସାଧାରଣ ସଂପାଦକ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଶିକ୍ଷା, ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ସମସ୍ୟାବଳୀ ସମ୍ପର୍କରେ ଆଲୋଚନା ରଖିଥିଲେ । ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ ନିଜର ଅଭିଭାଷଣରେ ସଂଗଠନର ଉନ୍ନତିରେ ବ୍ଲକ୍ ସମ୍ପାଦକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦେଇଥିଲେ । କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଓଷ୍ଟାର ଆୟ ବ୍ୟୟ ସମ୍ପର୍କରେ ସଭାକୁ ଅବଗତ କରାଇଥିଲେ । ସଭାପତି ଅକ୍ଷୟ କୁମାର ମିଶ୍ର 'ଆମ ବ୍ୟବସ୍ଥା ଓ ଆମେ' ବିଷୟରେ ଆଲୋଚନା କରି ସୁଦୃଢ଼ ବ୍ୟବସ୍ଥା ଦାବି ହାସଲର ଚାବିକାଠି ବୋଲି ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ସଂଗଠନର ଭିତିଭୂମି ବିକାଶ ଉପରେ ଆଲୋକପାତ କରିବା ସହିତ ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଆମର ମୁଖପତ୍ର 'ଶିକ୍ଷାପ୍ରଦୀପ'ର ସାମାଜିକ ପ୍ରତିବଦ୍ଧତା ଉପରେ ନିଜର ଅଭିଭାଷଣ ରଖିଥିଲେ । ସଂପାଦକ ମାଣିକେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇଦିନିଆ କର୍ମଶାଳାକୁ ଓଷ୍ଟାର ସମସ୍ତ ପଦାଧିକାରୀ ଏବଂ ଜିଲ୍ଲାସମ୍ପାଦକ ନେତୃତ୍ୱବୃନ୍ଦ ପରିଚାଳନା କରିଥିଲେ ।

## ଅନ୍ତୋଦୟ ଗୃହ ଯୋଜନାରେ ଗରିବଙ୍କୁ ମିଳିବ ଘର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନ୍ତୋଦୟ ଯୋଜନାରେ ଗରିବଙ୍କୁ ମିଳିବ ପକ୍କା ଘର । ବିଗତ ସରକାର ଗରିବ ଲୋକଙ୍କୁ ଠକୁଥିଲେ । ଲୋକଙ୍କ ନାଁ ପଞ୍ଜିକରଣ ହେଉଥିଲା କିନ୍ତୁ ଘର ପାଉନଥିଲେ । ପାତର ଅନ୍ତର ହେଉଥିଲା । ତେଣୁ ଆମ ସରକାର ନୂଆ ଯୋଜନା ଅନ୍ତୋଦୟ ଗୃହ ଯୋଜନା ଆଣିଛୁ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି । ସବୁ ଲୋକଙ୍କ ପକ୍କା ଘର ସ୍ୱପ୍ନ ପୂରଣ କରିବୁ । ଯେଉଁମାନେ ବିଗତ ଦିନରେ ୨୨ ହଜାର, ୪୫ ହଜାର ଓ ୭୫ ହଜାର ଇନ୍ଦିରା ଆବାସ ଯୋଜନାରେ ପାଇଥିଲେ ସେମାନଙ୍କର ଘର ପକ୍କା ଘରରେ ଆଉ ଗଣାଯିବନ । କାରଣ ସେ ଘର ସବୁ ଭାଙ୍ଗି ଗଲାଣି । ଆଉ ରହିବା ଭଳି ସ୍ଥିତି ନାହିଁ । କିନ୍ତୁ ସେହି ଲୋକ ପକ୍କା ଘର ପାଇବା ପାଇଁ ଯୋଗ୍ୟ ହେଉନଥିଲା ତାକୁ ଆମେ ଯୋଗ୍ୟ କରିବା ପାଇଁ ଅନ୍ତୋଦୟ ଗୃହ ଯୋଜନା ଆଣିଛୁ । ସେହିଭଳି ପାଖା ପାଖି ୬ ଲକ୍ଷ ଲୋକଙ୍କ ତାଲିକା ଆମେ ପ୍ରସ୍ତୁତ କରିଛୁ । ତାହା ଛଡା ଯେଉଁମାନେ ରହିଯିବେ ସେମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିକି ସମସ୍ତ ଲୋକଙ୍କୁ ସାମିଲ କରାଯିବ। ଆଉ ନିର୍ବାଚନ ପୂର୍ବରୁ ଏହି ସବୁ ଘରକୁ ଆମେ ସମ୍ପୂର୍ଣ୍ଣ କରିବୁ ବୋଲି ସେ କହିଛନ୍ତି । ବିଜେଡି ଭଳି ନିର୍ବାଚନ ବେଳେ ଯୋଜନା କରି ବାହା ବାହା ନେବୁ ନାହିଁ । ବିଜେଡି ସରକାର ବିଜୁ ପକ୍କା ଘର ନାଁ ରେ କେବଳ ସିଲଟ ଲଗେଇବା କାମ କରୁଥିଲା ଆଉ ବିଜୁ ବାବୁଙ୍କ ଗୁଣ ବି କଳଙ୍କିତ କରିଥିଲେ ବୋଲି ମନ୍ତ୍ରୀ କହିଛନ୍ତି ।

## କମିସନରେଟ୍ ପୋଲିସ୍ ପକ୍ଷରୁ କନଭେ ପାଟ୍ରୋଲିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଲିସ ପକ୍ଷରୁ କନଭେ ପେଟ୍ରୋଲିଂ ଆରମ୍ଭ ହୋଇଛି । ମେ ଫେୟାରରୁ ଇନଫୋସିଟି ଛକରୁ ଉତ୍କଳ ହସ୍ପିଟାଲ, ଜୟଦେବ ବିହାର ଛକ ଏହିଭଳି ସମସ୍ତ ସମ୍ବେଦନଶୀଳ ଛକରେ ପଇଁତରା ମାରିଛି ପୋଲିସ । ରାଜଧାନୀବାସୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି କମିସନରେଟ ପୋଲିସ ପକ୍ଷରୁ ଏଭଳି ପାଟ୍ରୋଲିଂ କରାଯାଉଛି । ବିଶେଷ କରି ଖେଳାଳି ମାନଙ୍କ ସୁରକ୍ଷାକୁ ମଧ୍ୟ ଧ୍ୟାନ ଦିଆଯାଇଛି । ମେ ଫେୟାରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି । ସିସି ଟିଭି ନଜରରେ ରହିଛି ମେ ଫେୟାର ।

## ୧୫ରେ ପୂରିବ ରାସନ କାର୍ଡ ଇ-କେୱାଇସି କଣ୍ଟ, ଆଉ ବଢ଼ିବନି ଅବଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାସନ କାର୍ଡ ଇ-କେୱାଇସି ପାଇଁ ଫେବୃଆରୀ ୧୫ରେ ପୁରିବ କଣ୍ଟ । ବର୍ତ୍ତମାନ ସୁଦ୍ଧା ୩୭ ଲକ୍ଷ ୮୫ ହାଜର ୪୯୬ ଜଣ ଲୋକ କରିନାହାନ୍ତି ଇ-କେୱାଇସି । ୬ ଦିନ ଭିତରେ ଇ-କେୱାଇସି କରି ଦେବାକୁ ପୁଣି ଅପିଲ କଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ୧୫ ପରେ ଆଉ ଇ-କେୱାଇସି ଅବଧି ବଢ଼ାଇବେ ନାହିଁ ରାଜ୍ୟ ସରକାର । ତାପରେ ବି ଯେଉଁମାନେ ଇ-କେୱାଇସି କରିବେ ନାହିଁ, ସେଗୁଡ଼ିକୁ ସରେଣ୍ଡର ବୋଲି ଧରି ନିଆଯିବ । ଇ-କେୱାଇସି ନକଲେ ସେହି କାର୍ଡ ଗୁଡ଼ିକୁ କାଟି ଦିଆଯିବ । ତଥାପି ଯଦି ଅଯୋଗ୍ୟ ମାନେ କାର୍ଡ ନେଫେରାଇଲେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚେତାଇ ଦେଇଛନ୍ତି ମନ୍ତ୍ରୀ । ନୂଆ ଲୋକଙ୍କୁ ଯୋଡ଼ା ଯିବ । ୬ ଲକ୍ଷ ନୂଆ ହିତାଧିକାରୀ ଆବେଦନ କରିଛନ୍ତି । ପ୍ରାୟ ୮ ଲକ୍ଷ ଆୟକର ଦେଉଥିବା ଲୋକ କାର୍ଡ ନେଇଥିଲେ ବୋଲି ରିପୋର୍ଟ ଆସିଛି । ସେମାନେ ସ୍ୱାସ୍ଥ୍ୟ କାର୍ଡ ପାଇବା ପାଇଁ ରାସନ କାର୍ଡ ନେଇଥିଲେ । ଏହାର ରିପୋର୍ଟ ମନ୍ତ୍ରୀଙ୍କର ହସ୍ତଗତ ହୋଇଛି । ଏ ନେଇ ଅଧିକାରୀ ମାନଙ୍କୁ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହି କାର୍ଡ ଗୁଡ଼ିକ ମଧ୍ୟ କଟିବ । ଅଯୋଗ୍ୟ ହିତାଧିକାରୀ କାର୍ଡ ନେବା ନେଇ ଲିଖିତ ଅଭିଯୋଗ କଲେ ଆକ୍ସନ ହେବ ବୋଲି କହିଲେ ମନ୍ତ୍ରୀ । ଚାକିରି କରିଥିବା ବା ଆୟକର ଦେଉଥିବା ଏବେ ସୁଦ୍ଧା ୧୨ ହାଜର ଅଯୋଗ୍ୟ ରାସନ କାର୍ଡ ଫେରାଇ ସାରିଲେଣି ବୋଲି ମନ୍ତ୍ରୀ କହିଛନ୍ତି।

## ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ଦିନ ସନ୍ଧ୍ୟାରେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷ ବିଜୟା ରାହତକର ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ସମୟରେ ଶ୍ରୀମତୀ ରାହତକର ଓଡିଶା ରାଜ୍ୟ ମହିଳା ଆୟୋଗର ପ୍ରତିଷ୍ଠା ଦିବସରେ ଯୋଗ ଦେବେ। ଏହା ସହ ମାନବ ଚାଲାଣ ନିରାକରଣ, ଯୌନ ଉତ୍ପୀଡ଼ନ ବିରୋଧ ଆଇନ ଓ ବାଲ୍ୟ ବିବାହ ନିରାକରଣ ରେ ରାଜ୍ୟର ସ୍ଥିତି ବିଷୟରେ ସମୀକ୍ଷା କରିବେ।

## ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ସିନେମା ଜଗତର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତିଙ୍କ ଅସୁସ୍ଥତା ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ କାମନା କରୁଛି। ସେହିପରି ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ବାଚସ୍ପତି ସୁରମା ପାଢି । ସୋସିଆଲ ହ୍ୟାଣ୍ଡେଲରେ ଏକ ପୋଷ୍ଟରେ ବାଚସ୍ପତି କହିଛନ୍ତି ଯେ, ଓଡ଼ିଆ ସିନେମା ଜଗତର ଲୋକପ୍ରିୟ ଅଭିନେତା ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା ପୂର୍ବକ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି । ଅନ୍ୟପକ୍ଷରେ ଉତ୍ତମ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଏକ୍ସ ହ୍ୟାଣ୍ଡେଲରେ ମନ୍ତ୍ରୀ କହିଛନ୍ତି, ଓଡ଼ିଆ ସିନେ ଜଗତର ଜଣେ ଶ୍ରେଷ୍ଠ ପ୍ରତିଭା, ଘରେ ଘରେ ସୁପରିଚିତ ଅଭିନେତା ଉତ୍ତମ ମହାନ୍ତିଙ୍କ ଅସୁସ୍ଥତା ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ମା' ସମଲେଶ୍ୱରୀଙ୍କ ନିକଟରେ ତାଙ୍କର ଆଶୁ ଆରୋଗ୍ୟ କାମନା କରୁଛି।

## ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ

କଟକ(ଭାସ୍କର ନ୍ୟୁଜ୍): ଶ୍ରୀ ଜଗନ୍ନାଥ ଚାରି ଟେବୁଲ୍ ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ କଟକ ଇଷ୍ଟ କୋଷ୍ଟ ରେଲୱେ ଇନଷ୍ଟିଟ୍ୟୁଟ ଠାରେ ପାଳିତ ହୋଇଯାଇଛି। ଆଜି ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ କଟକ ଚୌଦ୍ୱାର ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ, ପୂର୍ବତନ କଟକ ବାରବାଟି ବିଧାୟକ ମହମ୍ମଦ ମୋକିମ ସମ୍ମାନତି ଅତିଥି, ମୁଖ୍ୟ ଅତିଥି ଭାବେ ଡାକ୍ତର ଅମରେନ୍ଦ୍ର ନାଥ ଦାସ, ମୁଖ୍ୟ ବକ୍ତା ଭାବେ ସମାଜସେବୀ ପ୍ରଫେସର ଯୁଧିଷ୍ଠିର ଖଟୁଆ, ସମ୍ମାନୀତ ବକ୍ତା ଭାବେ ସମାଜସେବୀ ବୁଦ୍ଧେଶ୍ୱର ପ୍ରସାଦ ଦାସ, ସମାଜସେବୀ ଉତମ ବେହେରା, ସମ୍ମାନୀତ ଅତିଥି ପ୍ରଫେସର ସ୍ମିତା ମହାପାତ୍ର, ଡଃ ପ୍ରିୟ ଦର୍ଶନୀ ରଥ, ସମାଜସେବୀ ସତ୍ୟ କୁମାର ଠାକୁର, ପ୍ରଦୀପ ବେହେରା, ସମାଜସେବୀ ବଟକୃଷ୍ଣ ସାହୁ ସହିତ ଶ୍ରୀ ଜଗନ୍ନାଥ ଚାରି ଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଦେବାଶିଷ ସାହୁ ସହିତ ଉପ ସଭାପତି ସରୋଜିନୀ କାହାଳୀ ରହି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆସିଥିବା ଏବଂ ବିଭିନ୍ନ ସେବା କାର୍ଯ୍ୟକରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା ଶେଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



# ଦିଲ୍ଲୀରେ ଫୁଟିଲା ପଦ୍ମ, ହଟିଲା 'ଆପ୍' ବିରୋଧୀ ଦଳର ଆତ୍ମସମୀକ୍ଷା ଲୋଡ଼ା

ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ବିଦ୍ୟୁତିକ ଗଣମାଧ୍ୟମଗୁଡ଼ିକର ବୁଥ୍ ବାହୁଡ଼ା ମତ ବା ଏକ୍ଜିଟ୍ ପୋଲ୍ର ପୂର୍ବାନୁମାନ ସତ୍ୟ ପ୍ରମାଣିତ ହୋଇଛି। ଦୀର୍ଘ ୨୭ ବର୍ଷର ବ୍ୟବଧାନରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଶାସନ କ୍ଷମତା ଦଖଲ କରିବାକୁ ସକ୍ଷମ ହୋଇଛି ବିଜେପି, ଦିଲ୍ଲୀବାସୀଙ୍କ 'ଦିଲ୍' ଜିତି ଆମ୍ ଆଦମୀ ପାର୍ଟି (ଆପ୍)କୁ ଧରାଶାୟୀ କରିଛି। ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କ ଅଭେଦ୍ୟ ଗଡ଼ ଭାଙ୍ଗିଗୁଡ଼ି ଛାରଖାର ହୋଇଯାଇଛି। ଶନିବାର ଭୋଟ ଗଣତିରେ କେନ୍ଦ୍ର କ୍ଷମତାସୀନ ବିଜେପି କେବଳ ବାଜିମାତ୍ କରିନାହିଁ, ୭୦ଟି ଆସନ ବିଶିଷ୍ଟ ବିଧାନସଭାରେ ଦୁଇ ତୃତୀୟାଂଶ ଆସନ ଦଖଲ କରିଛି। ବିଜେପି ୪୮ଟି ଆସନରେ ବିଜୟୀ ହୋଇଥିବା ବେଳେ 'ଆପ୍'କୁ ୨୨ଟିରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହି ନିର୍ବାଚନରେ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଆମ୍ ଆଦମୀ ପାର୍ଟିର ଶୀର୍ଷନେତା ଅରବିନ୍ଦ କେଜ୍ରିୱାଲ ଏବଂ ମନିଷ ସିସୋଦିଆ ନିଜେ ନିର୍ବାଚନରେ ହାରି ଯାଇଛନ୍ତି ଏବଂ ସେମାନଙ୍କ ପାଇଁ ବିଧାନସଭାରେ ପ୍ରବେଶ ଦ୍ୱାର ବନ୍ଦ ହୋଇଯାଇଛି। ତେବେ 'ଆପ୍'ର ଅନ୍ୟତମ ନେତ୍ରୀ ତଥା ଦିଲ୍ଲୀର ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଆତିଶୀ ସାଢ଼େ ୩ହଜାର ଭୋଟ ବ୍ୟବଧାନରେ ବିଜୟ ହାସଲ କରି କିଛି ମାତ୍ରାରେ ଦଳର ମର୍ଯ୍ୟାଦା ରକ୍ଷା କରିପାରିଛନ୍ତି। ଭୋଟ୍ ଅନୁପାତ ଦୃଷ୍ଟିରୁ ବିଚାର କଲେ ବିଜେପିକୁ ୪୭.୧୫ ପ୍ରତିଶତ, ଆପ୍କୁ ୪୩.୫୭ ପ୍ରତିଶତ ଏବଂ କଂଗ୍ରେସକୁ ୬.୩୪ ପ୍ରତିଶତ ଭୋଟ ମିଳିଛି। ଗତ ୨୦୧୫ ଓ ୨୦୨୦ ନିର୍ବାଚନ ଭଳି ଏଥର ମଧ୍ୟ କଂଗ୍ରେସର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି ଏବଂ ଦିଲ୍ଲୀ ବିଧାନସଭାରେ ଖାତା ଖୋଲିବାକୁ ଏହି ଦଳ ସକ୍ଷମ ହୋଇନାହିଁ। କେବଳ ସେତିକି ନୁହେଁ, କଂଗ୍ରେସର ୬୭ଜଣ ପ୍ରାର୍ଥୀ ଏତେ କମ୍ ଭୋଟ୍ ପାଇଛନ୍ତି ଯେ, ସେମାନଙ୍କ ଅମାନତ ଉଡ଼ିଯାଇଛି। ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଲ୍ଲୀରେ ବିଜେପିକୁ ସର୍ବାଧିକ ଫାଇଦା ମିଳିଛି, ଯାହା ଅତୀତରେ ଆମ୍ ଆଦମୀ ପାର୍ଟିର ସୁଦୃଢ଼ ଓ ଶକ୍ତିଶାଳୀ ଗଡ଼ ରୂପେ ବିବେଚିତ ହେଉଥିଲା। ଗତ ୨୦୨୦ ମସିହାର ନିର୍ବାଚନରେ ଏଠାର ମୋଟ ୨୦ଟି ଆସନ ମଧ୍ୟରୁ ମାତ୍ର ଗୋଟିଏରେ ବିଜେପି ବିଜୟୀ ହୋଇଥିବା ବେଳେ ଏଥର ୧୬ଟି ଆସନ ଦଖଲ କରିବାକୁ ସକ୍ଷମ ହୋଇଛି। ଏଥିସହ ଦିଲ୍ଲୀର ଦଶଟି ଜାଟ୍ ବହୁଳ ଅଞ୍ଚଳ ବିଜେପି କବ୍ଜାକୁ ଯାଇଛି। ନୂଆଦିଲ୍ଲୀ ଆସନରୁ କ୍ରମାଗତ ତିନି ତିନିଥର ଜିତି ଆସିଥିବା କେଜ୍ରିୱାଲ ଏଥର ବିଜେପି ପ୍ରାର୍ଥୀ ପରବେଶ୍ ବର୍ମାଙ୍କ ଠାରୁ ପରାଜିତ ହୋଇଛନ୍ତି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସାହିବ ସିଂହ ବର୍ମାଙ୍କ ପୁଅ ପରବେଶ ଆପ୍ ସୁପ୍ରିମୋଙ୍କୁ ଧରାଶାୟୀ କରିଥିବାରୁ ତାଙ୍କ ନାମ ମଧ୍ୟ ଏବେ ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ତାଲିକାକୁ ଆସିଛି। ଗତ ୨୦୨୦ ମସିହାରେ ଦିଲ୍ଲୀରେ ସାଂପ୍ରଦାୟିକ ଦଙ୍ଗା ହୋଇଥିବା ମୁସଲିମ୍ ଅଧ୍ୟୁଷିତ ମୁସ୍ତାଫାବାଦ୍ ଆସନରେ ବିଜେପିର ଜଣେ ବରିଷ୍ଠ ନେତା ମୋହନ ସିଂହ ବିଷ୍ଟ ପ୍ରତିଦ୍ୱନ୍ଦ୍ୱୀ ଆପ୍ର ମୁସଲିମ୍ ପ୍ରାର୍ଥୀଙ୍କୁ ୧୭ ହଜାରରୁ ଅଧିକ ଭୋଟରେ ପରାସ୍ତ କରି ପଦ୍ମ ଫୁଟାଇବା ରାଜନୈତିକ ମହଲକୁ ଚକିତ କରିଛି। ଏଥର ନିର୍ବାଚନରେ ବିଜେପି ମୁଖ୍ୟମନ୍ତ୍ରୀ ଚେହେରା ରୂପେ କାହାରିକୁ ଉପସ୍ଥାପନ କରିନଥିବା ବେଳେ ଏଭଳି ବୃହତ୍ ବିଜୟ ହାସଲ କରିବା ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଆପ୍ ସରକାର ପ୍ରତି ଭୋଟରଙ୍କ ଅସନ୍ତୋଷ ଓ କ୍ରୋଧର ଏହା ପରିପ୍ରକାଶ ବୋଲି କୁହାଯାଉଛି। ଦୁର୍ନୀତି ବିରୋଧୀ ଆନ୍ଦୋଳନରୁ ଜନ୍ମ ନେଇଥିବା 'ଆପ୍' ସରକାର ନିଜେ ମଦ ଦୁର୍ନୀତି ଓ କେଜ୍ରିୱାଲଙ୍କ 'ଶିଶ୍ ମହଲ' ନିର୍ମାଣ ଭଳି ଦୁର୍ନୀତି ମାମଲାରେ ଛନ୍ଦି ହୋଇ ଦିଲ୍ଲୀବାସୀଙ୍କ ବିଶ୍ୱାସ ହରାଇଛି। ଏହାଛଡ଼ା 'ଇଣ୍ଡିଆ' ମେଣ୍ଟରେ ଫାଟ ଏବଂ ଏଥର ଦୁଇ ସହଯୋଗୀ କଂଗ୍ରେସ ଓ ଆପ୍ ମଧ୍ୟରେ ଲଢ଼େଇ ବିଜେପି ବିରୋଧୀ ଭୋଟ୍କୁ ଭାଗ ଭାଗ କରିଛି, ଯାହାର ଫାଇଦା ବିଜେପିକୁ ମିଳିଛି। ମୋଟାମୋଟି ଭାବରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକାଶ ଗ୍ୟାରେଣ୍ଟି ଏବଂ ଡବଲ ଇଞ୍ଜିନ ନାରାକୁ ଦିଲ୍ଲୀବାସୀ ଅକୁଣ୍ଠ ସମର୍ଥନ ଜଣାଇଛନ୍ତି। ହରିଆନା ଓ ମହାରାଷ୍ଟ୍ର ପରେ ଦିଲ୍ଲୀରେ ବିଜେପିର ବିଜୟ ଏହି ଦଳର ମନୋବଳ ବୃଦ୍ଧି କରିଥିବା ବେଳେ ବିରୋଧୀ ମେଣ୍ଟକୁ ଶକ୍ତ ଆଘାତ ଦେଇଛି। ବିରୋଧୀ ଦଳଗୁଡ଼ିକ ଏଥିରୁ ଶିକ୍ଷା ଗ୍ରହଣ କରି ଆଗକୁ ଆସୁଥିବା ନିର୍ବାଚନ ପାଇଁ ସୁଚିନ୍ତିତ ରଣନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ।

# ବ୍ୟୟ ଓ ଅପବ୍ୟୟରେ ମାନସିକତାର ପରିପକ୍ୱତା



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ - ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ସୃଷ୍ଟିର ଆରମ୍ଭରୁ, ମାନବ ସଭ୍ୟତାର ବିକାଶରୁ, ଜୀବ ଜଗତରେ ମନୁଷ୍ୟ ଏକମାତ୍ର ପ୍ରାଣୀ ଯିଏ କି ବ୍ୟୟ ଓ ଅପବ୍ୟୟ ମଧ୍ୟରେ ନିଜକୁ ହଜାଇ ଦିଏ। ପ୍ରତ୍ୟେକ ମନୁଷ୍ୟର ବଞ୍ଚିବା ନିମନ୍ତେ ଆବଶ୍ୟକୀୟ ଉପକରଣ ତଥା ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ବ୍ୟୟ ଯଥାର୍ଥ। ବ୍ୟୟ ଓ ଅପବ୍ୟୟ ମଧ୍ୟରେ ପ୍ରାସଙ୍ଗିକତା ଦୃଷ୍ଟିରୁ ପ୍ରଥମେ ଯେତେବେଳେ ଅପବ୍ୟୟ କଥା ଆଲୋଚନା ହୁଏ ସେତେବେଳେ ପ୍ରଥମେ ବ୍ୟୟ କଥା ମନକୁ ମନ ପ୍ରସଙ୍ଗକୁ ଆସେ। ସେ ଦୃଷ୍ଟିରୁ ସୂକ୍ଷ୍ମ ଚିନ୍ତାଧାରାରେ ତର୍ଜମା କଲେ ସୃଷ୍ଟିର ପ୍ରତ୍ୟେକ ମଣିଷ ବର୍ତ୍ତମାନ ବ୍ୟୟ ସଙ୍କୁଚିତ କରି ଅପବ୍ୟୟରେ ନିଜେ ନିମର୍ଜିତ, ଯେଉଁଠି ମଣିଷ ନିଜେ ନିଜର ଅସ୍ତିତ୍ୱକୁ ଖୋଜି ପାଉ ନାହିଁ। ନିଜ ଦ୍ୱାରା ନିର୍ମିତ ସ୍ୱାର୍ଥ ସର୍ବସ୍ୱ ପରିବେଶରେ ନିଜେ ବାଟବଣା। ତେବେ ଏଇଠି ସ୍ୱତଃ ମନକୁ ଆସେ ବ୍ୟୟ କ'ଣ ଓ ଅପବ୍ୟୟ କ'ଣ। ବିଷଦ ଭାବରେ ବିଚାର କଲେ ଏହା ପ୍ରତୀୟମାନ ହୁଏ ଯେ ବ୍ୟୟ ହେଉଛି ଆବଶ୍ୟକତାକୁ ସମ୍ମୁଖୀନ ହେବା ଓ ଜୀବନଧାରଣରେ ନିଜର ଅଭାବକୁ ମେଣ୍ଟେଇବା। ତେଣୁ ବ୍ୟୟରେ ଥାଏ ହିସାବ ଓ ଏହାସହିତ ଆୟର ମଧ୍ୟ ସମ୍ପର୍କ ଥାଏ। ଆୟ ସହିତ ବ୍ୟୟର ସମଷ୍ଟିଗତ ତଥା ତୁଳନାତ୍ମକ ସମ୍ପର୍କ ରହିଅଛି। ବ୍ୟୟ ଆୟକୁ ଦେଖି କରାଯାଏ ମାତ୍ର ଆୟ ବ୍ୟୟକୁ ଦେଖି ମଣିଷ ଯାହା ଚାହେଁ ହୋଇପାରେନା। ତେଣୁ ବ୍ୟୟରେ ଥାଏ ଏକ ପରିସୀମା ଯାହା ଆୟ ତାହାକୁ ଲଗାମ ଧରେ। ସେଥିପାଇଁ ବିଜ୍ଞ ଲୋକମାନେ ଆୟ ଓ ବ୍ୟୟର ଏକ ଅଟକଳ କରିଥାନ୍ତି ଯାହା 'cut your coat according to your cloth'କୁ ମାନ୍ୟତା ଦିଏ। ମାତ୍ର ପ୍ରାସଙ୍ଗିକତା ଦୃଷ୍ଟିକୋଣରୁ ବିଚାର କଲେ ଯାହା ବ୍ୟୟର ପରିସୀମାକୁ ଲଘିଁ ଆଗକୁ ଚାଲିଯାଏ ତାହାକୁ ଅପବ୍ୟୟ କୁହାଯାଏ। ତେଣୁ ଅପବ୍ୟୟ ସହ ଆୟର ସମ୍ପର୍କ ନଥାଏ। ଅପବ୍ୟୟ ହେଉଛି ଏକ ଲଗାମହୀନ ଘୋଡା, ଯାହାର କୌଣସି ନିର୍ଦ୍ଦିଷ୍ଟ ଘନତା ନଥାଏ ଓ ଲକ୍ଷ୍ୟ ନଥାଏ। ଅପବ୍ୟୟ ହେଉଛି ଏକ ମାନସିକ ଦୁର୍ବଳତା ଓ ଅସହିଷ୍ଣୁତାର ରୂପରେଖ। ସମାଜରେ ନିଜର ବାହ୍ୟାଡମ୍ବର ସ୍ଥିତିକୁ ମଜବୁତ କରିବା ପାଇଁ ଅନେକେ ଅପବ୍ୟୟ କରିଥାନ୍ତି ତ ପୁଣି କେତେକେ ଅଭ୍ୟାସ ଗତ ଢାଞ୍ଚାରେ ନିଜକୁ ସାମିଲ କରିଥାନ୍ତି। ସେଥିରେ ଥାଏ ନା ଆନନ୍ଦ, ନା ଆୟ ବ୍ୟୟର ଅଟକଳ। ଏଇଠି ପ୍ରଶ୍ନ ଉଠେ ଯଦି ଜଣେ ମଣିଷ ଉଚିତ ମାର୍ଗ ଅବଲମ୍ବନ କରି ଅର୍ଥ ଉପାର୍ଜନ କରେ ତେବେ ସେ ତାହାର ବ୍ୟୟ ଉପରେ ଯଥେଷ୍ଟ ନଜର ରଖିଥାଏ। ମାତ୍ର ଯଦି ଜଣେ ଅପବ୍ୟୟକୁ ଖାତିର କରେ ନାହିଁ, ତେବେ ଏହା ସ୍ଥିର ସିଦ୍ଧାନ୍ତ ଯେ ସେ କେବେ ହେଲେ ଉପଯୁକ୍ତ ମାର୍ଗରେ ଅର୍ଥ ଉପାର୍ଜନ କରିନଥାଏ। ଅପବ୍ୟୟର ଅର୍ଥ ନୈତିକତାର ବିଲୋପ। ଅନ୍ୟପକ୍ଷରେ ମାତ୍ରାଧିକ ଧନ ବା ଅତ୍ୟାଧିକ ବ୍ୟାବାହାରିକ ବସ୍ତୁର ମହଜୁଦ ଅପବ୍ୟୟର କାରଣ ହୋଇଥାଏ। ଯେତେବେଳେ ବ୍ୟକ୍ତି ନିକଟରେ ଅର୍ଥ ବା ଆବଶ୍ୟକୀୟ ଉପକରଣର ମହଜୁଦରେ ସ୍ୱଳ୍ପତା ଥାଏ ବା ସମାଜରେ ଉକ୍ତ ବସ୍ତୁ ବା ପଦାର୍ଥରେ ସଙ୍କଟ ଥାଏ, ମନୁଷ୍ୟ ସେ କ୍ଷେତ୍ରରେ ନିଜର ବଞ୍ଚିବାର ଅଧିକାରକୁ ଚରିତାର୍ଥ କରିବାକୁ ଯାଇ ଉକ୍ତ ଧନ, ବସ୍ତୁ, ପଦାର୍ଥ ଇତ୍ୟାଦିର ସୁ-ବିନିଯୋଗ କରିଥାଏ ଓ ଅପବ୍ୟୟ ନକରି କେବଳ ଆବଶ୍ୟକୀୟ ବ୍ୟୟ କରିଥାଏ। ତେବେ ଏଥିରୁ ଗୋଟିଏ ଶିକ୍ଷା ଦୃଢ ନିଶ୍ଚୟ ଭାବରେ ପ୍ରତୀୟମାନ ହୁଏ ଯେ ମଣିଷ ସଙ୍କଟ ସମୟରେ ଆବଶ୍ୟକୀୟ ବ୍ୟୟ କରି ଜାଣିଛି ଓ ସଙ୍କଟରୁ ମୁକ୍ତି ହେଲେ ନିଜର ପ୍ରବୃତ୍ତିର ଜ୍ୱାଳାରେ ପ୍ରତ୍ୟେକ ଜିନିଷର ଅପବ୍ୟୟ ଅନବରତ କରିଚାଲିଥାଏ ଯାହା ହେଉଛି ବିକୃତ ମାନସିକତାର ପରିପ୍ରକାଶ।

ପୃଥିବୀରେ ବିଶେଷତଃ ଏସିଆ ଓ ଏସିଆର ପଡୋଶୀ ରାଷ୍ଟ୍ର ମାନେ ଅଧିକ ଅପବ୍ୟୟରେ ଅଭ୍ୟସ୍ତ। ଯଦି ଅପବ୍ୟୟକୁ ଆମେ ପର୍ଯ୍ୟାୟ କ୍ରମେ ବିଭିନ୍ନ ଭାଗରେ ବିଭକ୍ତ କରିବା ତେବେ ଅନେକ ଗୁଡିଏ ଅପବ୍ୟୟ ମଧ୍ୟରୁ ଆମେ ମୁଖ୍ୟତଃ କେତୋଟି ଅପବ୍ୟୟକୁ ଦୃଷ୍ଟି ଗୋଚରକୁ ଆଣିପାରିବା। ସେଗୁଡିକ ହେଲା – ୧. ତରଳ ପଦାର୍ଥର ଅପବ୍ୟୟ, ୨. କଠିନ ପଦାର୍ଥର ଅପବ୍ୟୟ, ୩. ପ୍ରାକୃତିକ ଜିନିଷର ଅପବ୍ୟୟ, ୪. ପରିବେଶ ଭିତ୍ତିକ ଅପବ୍ୟୟ ଓ ୫. ସୁରକ୍ଷା ପ୍ରତି ବିପଦ ଭିତ୍ତିକ ଅପବ୍ୟୟ।

୧. ତରଳ ପଦାର୍ଥର ଅପବ୍ୟୟ ଗୁଡିକ ହେଲା- ଉକ୍ତ ଅପବ୍ୟୟ ଗୁଡିକ ଆମେ ଗୃହରେ ଓ କଳ କାରଖାନାରେ କରିଥାଉ ଯାହା ଏକ ବ୍ୟାଧିରେ ପରିଣତ ଓ ଦୈନନ୍ଦିନ ଜୀବନର ଦେହସୁହା ହୋଇଗଲାଣି ଓ ସେଥିପ୍ରତି ମଧ୍ୟ କାହାର ନଜର ନଥାଏ। ସେଗୁଡିକ ହେଲା ଘରେ ଓ କଳାକାରଖାନାରେ ପାଣିର ଅପବ୍ୟୟ, ବିଷାକ୍ତ ପାଣିର ପରିବେଶକୁ ପ୍ରୟୋଗ, ବର୍ଷା ପାଣି ଇତ୍ୟାଦିର ଅପବ୍ୟୟ। ଜଳ ହିଁ ଜୀବନ। ସୃଷ୍ଟିର ପ୍ରତ୍ୟେକ ଅଙ୍ଗ ଜଳ ବିନା ମୃତ। 'ପୃଥିବ୍ୟାଂ ତ୍ରିଣି ରତ୍ନାନୀ ଜଳମନ୍ନମ ଶୁଭାଷିତମ। ମୁଢ଼ଃ ପାଷାଣଖଣ୍ଡେଷୁ ରତ୍ନସଞ୍ଜା ବିଧିୟତେ'। ପୃଥିବୀରେ ତିନି ପ୍ରକାରର ରତ୍ନଥାଏ। ସେଗୁଡ଼ିକ ହେଲା- ଜଳ, ଅନ୍ନ ଓ ମଧୁର ବଚନ। ମାତ୍ର ମୂଢ ବ୍ୟକ୍ତିମାନେ ଖଣ୍ଡେ ପଥର (ହୀରା ଆଦି)କୁ ରତ୍ନ ବୋଲି ବିବେଚନା କରି ବାସ୍ତବତା ଠାରୁ ଦୂରେଇ ଯାଇଥାନ୍ତି। ତେଣୁ ଜଳ ଭଳି ରତ୍ନ ଓ ସମ୍ପଦର ସୁ-ବିନିଯୋଗ ହେଉଛି ଏକାନ୍ତ ଆବଶ୍ୟକ ନଚେତ କେଉଁ ମୁହୂର୍ତ୍ତରେ ସୁନ୍ଦର ସୃଷ୍ଟିର ବିନାଶ ହୋଇଯାଇପାରେ। ଅନ୍ୟପକ୍ଷରେ ପେଟ୍ରୋଲ ଓ ପେଟ୍ରୋଲ ଜାତ ତରଳ ପଦାର୍ଥର ମାତ୍ରାଧିକ ଅପବ୍ୟୟ ଦିନେ ନା ଦିନେ ସୃଷ୍ଟିର ପ୍ରଗତିର ବାଧକ ହୋଇ ଉଭା ହେବ। ବର୍ତ୍ତମାନ ମଣିଷ ସମାଜ ନିଜର ଜ୍ଞାତ ସାରରେ ପେଟ୍ରୋଲ ଜାତୀୟ ପଦାର୍ଥର ଯେଉଁ ମାତ୍ରାରେ ଅପଚୟ ଓ ଅପବ୍ୟବହାର କରୁଛନ୍ତି ଏହାର ପରିଣାମ ସ୍ୱରୂପ ସଙ୍କଟକୁ ଆମନ୍ତ୍ରଣର ଏକ ବିଧିବଦ୍ଧ ସମୟ। ନିଜ ପାଖରେ ଥିବା ମଣିଷର ପ୍ରାକୃତିକ ଓ କୃତ୍ରିମ ଆବଶ୍ୟକତାକୁ ମଣିଷ ସହଜରେ ତାହାର ମୂଲ୍ୟାଙ୍କନ କରିପାରି ନଥାଏ, ଯେତେବେଳେ ଉକ୍ତ ଆବଶ୍ୟକତାର ନିଅଣ୍ଟ ଓ ସଙ୍କଟ ଦେଖାଯାଏ, ସେତେବେଳେ ମଣିଷ କେବଳ ପଶ୍ଚାତ୍ତାପ କରିଥାଏ ଅତୀତର ଭୁଲ ଓ ଅପବ୍ୟୟ ପାଇଁ। ୨. କଠିନ ପଦାର୍ଥର ଅପବ୍ୟୟ ଗୁଡିକ ହେଲା – ପ୍ଲାଷ୍ଟିକ, କାଗଜ, ଲୁହା ଓ ଟିଣ ତଥା କାଚ ଇତ୍ୟାଦିର ଅପବ୍ୟୟ। ପ୍ରତିଦିନ ଆମେ ବ୍ୟବହାର ଯୋଗ୍ୟ ପଦାର୍ଥର ଏତେ ଅସଂଯତ ବ୍ୟବହାର କରୁ ଯେ ପରବର୍ତ୍ତୀ ସମୟରେ ଯେତେବେଳେ ଆମେ ଆବଶ୍ୟକ କରୁ ଉକ୍ତ ବ୍ୟବହୃତ ଜିନିଷଟି ଆମେ ଆଉ ପାଉ ନାହୁଁ। ଏପରିକି ଉକ୍ତ ଜିନିଷ ଗୁଡିକର ବ୍ୟବହାର ପରେ ମଧ୍ୟ ଅନ୍ୟ କୌଣସି କାର୍ଯ୍ୟରେ ଆସି ପାରନ୍ତା ମାତ୍ର ଆମ୍ଭେ ସେଥିପ୍ରତି ଭ୍ରୂକ୍ଷେପ ନକରି ନୂତନ ଜିନିଷର କ୍ରୟ ପାଇଁ ଆଗେଇଯାଉ ଓ ଏହା ହେଉଛି ଅପବ୍ୟୟର ଦୃଷ୍ଟାନ୍ତ। ଏଥିରେ ଥାଏ କେବଳ ମାନସିକତା। ଯେହେତୁ ଆମ୍ଭ ନିକଟରେ ପ୍ରଚୁର ଅର୍ଥ ଅଛି ସେ ଦୃଷ୍ଟିରୁ ଆମ୍ଭେ ଅଧିକ ଦିନ ବ୍ୟବହୃତ କୌଣସି ଜିନିଷ ବ୍ୟବହାର କରିବା ଆମ୍ଭମାନଙ୍କର ଆତ୍ମ ଗର୍ବର ପରିପ୍ରକାଶ। ତେଣୁ କୌଣସି ଜିନିଷ ପୁରୁଣା ବା ବ୍ୟବହାର ହୋଇ ଯାଇଥିଲେ ଆଉ ଉକ୍ତ ଜିନିଷର ମାନ୍ୟତା ନଥାଏ। ୩. ପ୍ରାକୃତିକ ଜିନିଷର ଅପବ୍ୟୟ- ବର୍ତ୍ତମାନର ଚଳଚଞ୍ଚଳ ସମାଜରେ ନିଜର ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଅନେକ ଗୁଡିଏ ଜିନିଷରୁ ଜୈବିକ ସାରର ପ୍ରୟୋଗ ହୋଇପାରନ୍ତା ମାତ୍ର ଆମେ ବଜାରରେ ଉପଲବ୍ଧ ରାସାୟନିକ ସାରର ବ୍ୟବହାର କରୁଅଛୁ। ଘରେ ବାସୀଫୁଲ, ଗଛର ପତ୍ର, ଗାଈଗୋରୁଙ୍କ ଗୋବରରେ ପ୍ରସ୍ତୁତ ଜୈବିକ ସାରକୁ ଆମେ ବ୍ୟବହାର କରୁନାହୁଁ। ଆମେ ପ୍ରକୃତିର ବାୟୁ, ଜଳ, ପରିବେଶ ଆଦିକୁ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରୁଛୁ। ଏଥିରେ ପ୍ରତ୍ୟକ୍ଷ ଭାବରେ ଯଦି ବ୍ୟକ୍ତିର କିଛି କ୍ଷତି ବା ବ୍ୟୟ ହୋଇନଥାଏ ମାତ୍ର ସାମୂହିକ ଭାବରେ ବିଚାର କଲେ ଏହା ସମାଜର ବୃହତ କ୍ଷତି କରିଥାଏ। ପ୍ରକୃତି ମଣିଷକୁ ଉପଭୋଗ କରିବାକୁ ଯଥେଷ୍ଟ କ୍ଷେତ୍ର ଦେଇଥାଏ ମାତ୍ର ମଣିଷ ଉକ୍ତ ଉପଭୋଗକୁ ଅଧିକରୁ ଅଧିକ ନିଜ ଅକ୍ତିଆର ମଧ୍ୟରେ କରିବାକୁ ଯାଇ ପ୍ରକୃତିର କ୍ରୂରତାର ଶିକାର ହୋଇଥାଏ। ମଣିଷ ଠାରୁ ପ୍ରକୃତି ଯେତେବେଳେ ଉପଯୁକ୍ତ ସମ୍ମାନ ନପାଏ ସେତେବେଳେ ପ୍ରକୃତି ମଧ୍ୟ କଠୋର ହୋଇ ମଣିଷର ଅପବ୍ୟୟର ମାନସିକତାକୁ ଉଚିତ ଦଣ୍ଡ ଦେଇଥାଏ। ୪. ପରିବେଶ ଭିତ୍ତିକ ଅପବ୍ୟୟ – ଘରେ ବା କଳ କାରଖାନାରେ ବ୍ୟବହୃତ କାଗଜ, କାଠ ଓ ମାଟିର ଜିନିଷକୁ ବ୍ୟବହୃତ ପରେ ମଧ୍ୟ ତାହାକୁ ପୁଣି ଆଉଥରେ ଅନ୍ୟ ଉପାୟରେ ବ୍ୟବହାର କରାଯାଇପାରେ। ଏଥିରେ ଅଧିକ ଜ୍ଞାନ କୌଶଳର ଆବଶ୍ୟକତା ନଥାଏ, ଥାଏ କେବଳ ମାନସିକତା। ମାତ୍ର ପୁରୁଣା ଜିନିଷର ବ୍ୟବହାର ବର୍ତ୍ତମାନର ଆଧୁନିକ ସଭ୍ୟ ସମାଜ ପାଇଁ ଲଜ୍ଜ୍ୟା ହୋଇଯାଏ। ତେଣୁ ଏହା ଏକ ଅପବ୍ୟୟ। ୫. ସୁରକ୍ଷା ପ୍ରତି ବିପଦ ଭିତ୍ତିକ ଅପବ୍ୟୟ – କଳ କାରଖାନାରେ ଓ ଘରେ ବିଶେଷତଃ କେତେକ ଗ୍ୟାସ ନିର୍ଗତ ହୁଏ। କଳକାରଖାନାରେ ନିର୍ଗତ ବିଷାକ୍ତ ଗ୍ୟାସ ଓ ଘରେ ରୋଷେଇ ଗ୍ୟାସର ନିର୍ଗତ ଉପରେ ବିଶେଷ ଧ୍ୟାନ ଦିଆଯାଏ ନାହିଁ। ଘରେ ଗ୍ୟାସର ଅପବ୍ୟୟ ଯଥେଷ୍ଟ ମାତ୍ରାରେ ହୁଏ ଓ କଳକାରଖାନାରେ ନିର୍ଗତ ବିଷାକ୍ତ ଗ୍ୟାସର ଅପବ୍ୟୟ ହେତୁ କେତେ ଧନ ଜୀବନ ବିପନ୍ନ ହୁଏ।

ମାତ୍ର ଉପରୋକ୍ତ ଦୃଷ୍ଟିକୋଣ ବ୍ୟତୀତ ଆହୁରି ଅନେକ ଦୃଷ୍ଟାନ୍ତ ଆଜିର ମଣିଷ ଅପବ୍ୟୟ କରେ ତାହା ହେଉଛି ସମୟ, ଶ୍ରମ, ଖାଦ୍ୟ ପଦାର୍ଥ, ବିଜୁଳି, ଇନ୍ଧନ ଇତ୍ୟାଦି ଇତ୍ୟାଦି। ଗାଁରୁ ସହର ପର୍ଯ୍ୟନ୍ତ ବର୍ତ୍ତମାନ ମଣିଷ ସମୟର ସଦ୍ ବିନିଯୋଗ ଉପରେ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ସମୟ ସହ ଶ୍ରମର ମିଶ୍ରଣରେ ମଣିଷ ସମାଜରେ ଏକ ବିରାଟ ସମନ୍ୱୟ ହୋଇପାରନ୍ତା। ମାତ୍ର ବର୍ତ୍ତମାନ ପ୍ରତ୍ୟେକ ମନୁଷ୍ୟ ଯଥେଷ୍ଟ ସମୟର ଉପଯୋଗ ପରିବର୍ତ୍ତେ ଅପବ୍ୟୟ କରୁଛନ୍ତି ମୋବାଇଲରେ, ଫେସ୍‌ବୁକ୍‌ରେ, ହ୍ୱାଟ୍ସଆପ୍‌ରେ, ଟିଭି ଦେଖିବାରେ, ସର୍ବାଦୌ ଆମୋଦ ପ୍ରମୋଦରେ। ଏଥିରେ ଯଥେଷ୍ଟ ଶ୍ରମ, ଶକ୍ତି ଓ ସମୟର ଅପଚୟ ଓ ଅପବ୍ୟୟ ହେଉଅଛି। ଯେତେବେଳେ ପୃଥିବୀର ୭୯୫ ମିଲିୟନ ମଣିଷ ଖାଦ୍ୟ ମୁଠିଏ ପାଆନ୍ତି ନାହିଁ ଅର୍ଥାତ ପୃଥିବୀରେ ପ୍ରତି ନଅ (୯) ଜଣରେ ଜଣେ ଭୋକିଲା ରହେ, ସେହି ପୃଥିବୀରେ ଘରେ କିମ୍ବା ଭୋଜିରେ ଯେତେ ପରିମାଣରେ ଖାଦ୍ୟ ନଷ୍ଟ କରାଯାଏ ତାହା କଳନାର ବାହାରେ। ବର୍ତ୍ତମାନର ସମାଜରେ ଆଭିଜାତ୍ୟପୂର୍ଣ୍ଣ ଅଭ୍ୟର୍ଥନାରେ ଯେପରି ଖାଦ୍ୟର ଅପବ୍ୟୟ କରାଯାଇଥାଏ ତାହା ହେଉଛି ସଭ୍ୟ ସମାଜର ପ୍ରକୃତି ତଥା ଭୁଭୁକ୍ଷୁ ମଣିଷ ସମାଜ ପ୍ରତି ତିରସ୍କାର। ବିଶେଷତଃ ଖାଦ୍ୟକୁ ଈଶ୍ୱରଙ୍କର ଦାନ ବୋଲି ବିବେଚନା କରାଯାଏ ମାତ୍ର ଅଭ୍ୟର୍ଥନା ଇତ୍ୟାଦିରେ ଯେଉଁ କ୍ରମରେ ଖାଦ୍ୟ ନଷ୍ଟ କରାଯାଏ ତାହା ପୃଥିବୀର କେତେ ଈଶ୍ୱରଙ୍କର ସନ୍ତାନ ଗ୍ରହଣ କରିପାରନ୍ତେ। କିନ୍ତୁ ତାହା ହୋଇ ପାରେନା କାରଣ ମଣିଷ ଏଇଠି ବନ୍ଧା ହୋଇଥାଏ ସାମାଜିକ ତାରତମ୍ୟର ରଜ୍ଜୁରେ ଯେଉଁଠାରେ ଥାଏ କେବଳ ବ୍ୟୟ ଓ ଅପବ୍ୟୟର ଅଣଓସାରିଆ ପାହାଚ। ଏହା ହେଉଛି ଅପବ୍ୟୟର ସର୍ବଶ୍ରେଷ୍ଠ ନମୁନା। ବିଜୁଳି ଓ ପେଟ୍ରୋଲିୟମ ଜାତ ପଦାର୍ଥର ଅପବ୍ୟୟର ମାତ୍ରା ଏତେ ମାତ୍ରାରେ ବଢି ଯାଇଛି ଯେ ଏହାର ସର୍ବଶେଷ ସ୍ଥିତିକୁ ମଣିଷ ଅପେକ୍ଷା କରିଛି। ତେଣୁ ବର୍ତ୍ତମାନ ମଧ୍ୟ ସମୟ ଅଛି ସଭ୍ୟ ସମାଜ ଅପବ୍ୟୟରୁ କ୍ଷାନ୍ତ ହୋଇ ଆବଶ୍ୟକ ବ୍ୟୟ ଉପରେ ଗୁରୁତ୍ୱ ଦେଲେ ସମାଜର ମଙ୍ଗଳ ହେବ। ଅପବ୍ୟୟର ଅନ୍ୟନାମ ଧ୍ୱଂସ। ଅଯଥା ଆଡମ୍ବର ଓ ଲୋକ ଦେଖାଣିଆ ପଦ୍ଧତିରେ ମଣିଷ ସମାଜ ବର୍ତ୍ତମାନ ଆତଯାତ ଓ ଅଣ ନିଃଶ୍ୱାସୀ। ତେଣୁ ଆଗକୁ ସୁନ୍ଦର ପ୍ରକୃତି କୂଳରେ ରଙ୍ଗ ବେରଙ୍ଗର ସ୍ୱପ୍ନ ଦେଖିବାକୁ ହେଲେ ପ୍ରାକୃତିକ ଜିନିଷର ସଦ୍‌ବିନିଯୋଗ ଓ ଅପବ୍ୟୟକୁ ଲଗାମ ଦେବା ଉଚିତ୍, ଅନ୍ୟଥା ବିପଦ ନିଶ୍ଚୟ।

# ଲୋଭ...



ମନୋଜ କୁମାର ବେହେରା
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ଆମେ ନିଜର ଜୀବନ ଜୀଇଁକରି ଏହି ସଂସାରର ଇଚ୍ଛାଙ୍କୁ ପୁରା କରିବାର ଚେଷ୍ଟାରେ ହିଁ ଲାଗି ରହିଥାଉ। ଯାହାର କାରଣରୁ ଆମର ଆତ୍ମା ଉପରେ ମନ-ମାୟାର ପର୍ଦ୍ଦା ଆହୁରି ଗଭୀର ହୋଇ ଚାଲିଥାଏ। ମନର ଇଚ୍ଛାକୁ ପୁରା କରିବାର ଗୋଟିଏ ମୁଖ୍ୟ କାରଣ ହେଲା ଲୋଭ। ଆମେ ନିଜର ଇଚ୍ଛାମାନଙ୍କ ପଛରେ ପାଗଳଙ୍କ ପରି ଦୌଡିଥାଉ, କିନ୍ତୁ ଆମେ ଏହା ଜାଣି ନଥାଉ କି ଇଚ୍ଛାର କୌଣସି ଅନ୍ତ ନାହିଁ। ଆମର ଇଚ୍ଛା ଦୁଇ ପ୍ରକାରର ହୋଇଥାଏ। ଗୋଟିଏ, ଯାହା କିଛି ଆମ ପାଖରେ ଥାଏ, ଆଉ ଆମେ ଆହୁରି ଅଧିକ ମାତ୍ରାରେ ପାଇବାକୁ ଚାହିଁଥାଉ। ଅନ୍ୟଟି ହେଲା, ଆମେ ନିଜର ସମ୍ପତ୍ତିରୁ ବିରକ୍ତି ହୋଇଯାଉ ଆଉ କିଛି ନୂଆ ପାଇବାକୁ ଆଶା କରିଥାଉ। ଶେଷରେ ଆମର ମନ ଆମକୁ ଗୋଟିଏ ଜିନିଷରୁ ଅନ୍ୟ ଜିନିଷ ପ୍ରତି ଫସେଇ ରଖିଥାଏ। ଇଏ ଏମିତ ହୋଇଥାଏ ଯେମିତି ମରୁଭୂମିରେ ମୃଗ-ମରୀଚିକାର ପଛରେ ଧାଇଁଥାଏ। ସେହି ସମୟରେ ଆମକୁ ଏମିତି ଲାଗିଥାଏ କି ପାଣି ଆମଠୁ ଦୂରରେ ନାହିଁ, କିନ୍ତୁ ଆମେ ଯେମିତି ପାଣିର ପାଖକୁ ଯାଇଥାଉ, ତାହା ଆହୁରି ଦୂରକୁ ଚାଲି ଯାଇଥାଏ। ଆମେ ତା'ର ପଛରେ ଦୌଡିବାକୁ ଲାଗିଥାଉ ଏହି ଆଶା ରଖିକରି କି ଆମେ ପାଣି ପର୍ଯ୍ୟନ୍ତ ପହଞ୍ଚିଯିବା କିନ୍ତୁ ସେହି ପାଣି ଆମକୁ ମିଳେ ନାହିଁ। ଏମିତି ହିଁ ସାଂସାରିକ ସୁଖର ସହିତ ଥାଏ। ଆମର ମନର ଶୋଷ କେବେ ଶେଷ ହୁଏ ନାହିଁ। ଆମର ମନ ହିଁ ଆହୁରି ଲୋଭୀ ହେଇ ଚାଲିଥାଏ। ଆମକୁ ଲାଗିଥାଏ କି ଏହି ସଂସାରରୁ ଅଧିକରୁ ଅଧିକ ଭୌତିକ ପଦାର୍ଥ ପାଇଲେ ଆମକୁ ସନ୍ତୁଷ୍ଟି ମିଳିବ। କିନ୍ତୁ ଏହି ପ୍ରତିକ୍ରିୟା ଲାଗି ରହିଥାଏ। ଆମକୁ ଲାଗିଥାଏ କି ଯାହା କିଛି ଅନ୍ୟମାନଙ୍କ ପାଖରେ ଅଛି, ଯଦି ତାହା ଆମ ପାଖରେ ଥାନ୍ତା ତା'ହେଲେ ଆମକୁ ବେଶୀ ସୁଖ ମିଳନ୍ତା। ଅତଃ ତାହାକୁ ଆମେ ପାଇବା ଇଚ୍ଛାରେ ନିଜ ମନରେ ଉତ୍ପନ୍ନ କରିଥାଉ କିମ୍ବା ତାହା ଆମେ ଅନୁଭବ କରିଥାଉ କି ଯାହା କିଛି ଆମର ପାଖରେ ଅଛି ସେଥିରେ ଆମେ ସନ୍ତୁଷ୍ଟ ନାହୁଁ । ସେଥିପାଇଁ ଆମେ କିଛି ନୂଆ ପାଇବାର ଇଚ୍ଛା କରିବାକୁ ଲାଗିଥାଉ। ଲୋଭ ଆମକୁ ବହୁତ କଷ୍ଟପ୍ରଦ ରାସ୍ତା ଉପରକୁ ନେଇଯାଏ। ଏହା ଆମର ଧ୍ୟାନକୁ ପ୍ରଭୁଙ୍କ ଠାରୁ ଦୂର କରି ଦେଇଥାଏ। ଯେତେବେଳେ ଆମେ ଅନ୍ୟ ଠାରୁ ସେହି ଜିନିଷ ନେବାକୁ ଚାହିଁବା ଯାହା ବାସ୍ତବରେ ଆମର ନୁହେଁ, ସେତେବେଳେ ଏହା ଆମକୁ ହିଂସ୍ରକ ବନେଇ ଦିଏ। ସମାଜରେ କୁହାଯାଇଛି କି, ବହୁତ ଅଧିକ ଇଚ୍ଛା ରଖିବା ଠୁ ବଢିକରି କୌଣସି ଅପରାଧ ନାହିଁ ଆଉ ଅସନ୍ତୁଷ୍ଟ ହେବା ଠୁ ବଢିକରି କୌଣସି ସଂକଟ ନାହିଁ ଆଉ ଲୋଭ ହେବା ଠୁ ବଢିକରି କୌଣସି ଦୁର୍ଭାଗ୍ୟ ନାହିଁ। ନିଜର ଇଚ୍ଛାର ପୂର୍ତ୍ତିର ପାଇଁ ଆମେ ମିଛର ଆଶ୍ରୟ ନେଇଥାଉ। ଲୋଭ ଆମକୁ ସ୍ୱାର୍ଥୀ ବନେଇ ଦିଏ। କାହିଁକି ଖାଇବା ବଦଳରେ ଆମେ ସବୁକିଛି ନିଜ ପାଇଁ ଜମା କରି ଚାଲିଥାଉ।

# ସୁଦକ୍ଷ ଇଞ୍ଜିନିୟର ଡ. ଅକ୍ଷୟ ବନ୍ଧୁଙ୍କ ସ୍ମରଣେ...



ପ୍ରଦୋଷ ପଟ୍ଟନାୟକ
ଭୁବନେଶ୍ୱର, ମୋ: ୯୮୬୧୦୨୬୬୪୦

ଓଡ଼ିଶାର ବିଭିନ୍ନ ପ୍ରମୁଖ ଜଳସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସହ ଦଶନ୍ଧି ଦଶନ୍ଧି ଧରି ଜଡ଼ିତ ଥିବା ଜଣେ ସୁଦକ୍ଷ ଇଞ୍ଜିନିୟର ଡକ୍ଟର ଅକ୍ଷୟ ବନ୍ଧୁ ପଟ୍ଟନାୟକ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘଦିନ ଅସୁସ୍ଥ ରହିବା ପରେ ୯୨ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି ଏବଂ ଏଥିସହ ଆମ ରାଜ୍ୟ ବୈଷୟିକ କ୍ଷେତ୍ରରେ ଏକ ଉଜ୍ଜ୍ୱଳ ରତ୍ନକୁ ହରାଇଛି। ମାହାଙ୍ଗାର ପଲ୍ଲୀସାହି ଗ୍ରାମରେ ଜନ୍ମିତ ଅକ୍ଷୟ ବନ୍ଧୁଙ୍କ ପିତା ପାଟନା ଇଞ୍ଜିନିୟରିଂ କଲେଜରୁ ଡିପ୍ଲୋମା ହାସଲ କରି କାର୍ଯ୍ୟରତ ଥିବା ସମୟରେ ହିଁ ସଂସାର ପ୍ରତି ତାଙ୍କର ଆସିଥିଲା ବୈରାଗ୍ୟ ଏବଂ ପାରିବାରିକ ବନ୍ଧନରୁ ସେ ନିଜକୁ ଦୂରେଇ ନେଇଥିଲେ। ଏହାଫଳରେ ଦାରିଦ୍ର୍ୟର କଷାଘାତରେ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା। ମାତ୍ର ଜଣେ ଅତ୍ୟନ୍ତ ମେଧାବୀ ଛାତ୍ର ଅକ୍ଷୟ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ପାଠପଢ଼ା ଅବ୍ୟାହତ ରଖିବା ସହିତ ପାଟନା ଇଞ୍ଜିନିୟରିଂ କଲେଜରେ ସିଭିଲ୍ ଇଞ୍ଜିନିୟରିଂ ବିଭାଗରେ ନାମ ଲେଖାଇଥିଲେ। ମଝିରେ ମଝିରେ ଅଭାବ ଅନାଟନ ଯୋଗୁଁ ପାଠପଢ଼ା ବ୍ୟାହତ ହୋଇଥିଲେ ହେଁ ସେ ନିଜ ସାଧନାରେ ଅଟଳ ଓ ଅବିଚଳିତ ରହି କୃତିତ୍ୱର ସହ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିପାରିଥିଲେ। ଏହାପରେ ସେ ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଆମ ଓଡ଼ିଶାରେ ଗୋଟିଏ କଥା ଅଛି- "ଯାହା ଚାହିଁବେ ସାଇଁ, ତାହା କାହାରି ହାତରେ ନାହିଁ।" ସଦ୍ୟ ଚାକିରି ଜୀବନରେ ପାଦ ଥାପୁ ଥାପୁ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଥିଲେ। ନିଜର ମେଧାଶକ୍ତି ବଳରେ ସେ ରାଜ୍ୟଗୋଷ୍ଠୀ ବୃତ୍ତି (କମନ୍‌ୱେଲ୍‌ଥ୍ ସ୍କଲରସିପ୍) ଲାଭ କରି ଇଂଲଣ୍ଡର ପ୍ରସିଦ୍ଧ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟକୁ ଉଚ୍ଚତର ଶିକ୍ଷା ଓ ଗବେଷଣା ନିମନ୍ତେ ଯାଇଥିଲେ। ସେତେବେଳେ ତାଙ୍କର ନବବିବାହିତା ପତ୍ନୀଙ୍କୁ ମଧ୍ୟ ସାଙ୍ଗରେ ନେଇଥିଲେ। ତେବେ ଯେଉଁ ପ୍ରଫେସରଙ୍କ ଅଧୀନରେ ସେ ପି.ଏଚ୍.ଡି କରୁଥିଲେ, ତାଙ୍କର ହଠାତ୍ ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟକୁ ବଦଳି ହୋଇଯିବାରୁ ଅକ୍ଷୟ ମଧ୍ୟ ଗୁରୁଙ୍କ ପଦାଙ୍କ ଅନୁସରଣ କରି ମାଞ୍ଚେଷ୍ଟର୍‌କୁ ଯାଇଥିଲେ ଏବଂ ସେଠାରେ ଅଧାଥିବା ଗବେଷଣା କାର୍ଯ୍ୟକୁ ଶେଷ କରିଥିଲେ। ଇଞ୍ଜିନିୟରିଂରେ ପି.ଏଚ୍.ଡି ହାସଲ କରି ବିଗତ ଶତାବ୍ଦୀର ଷଷ୍ଠ ଦଶକ ଆରମ୍ଭରେ ଅକ୍ଷୟ ଜନ୍ମମାଟିକୁ ଫେରି ପୁଣି ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗରେ ଯୋଗ ଦେଇଥିଲେ। ସେତେବେଳେ ମହାନଦୀରେ ନିର୍ମାଣାଧୀନ ଦେଶର ଦୀର୍ଘତମ ନଦୀବନ୍ଧ ପ୍ରକଳ୍ପ ହୀରାକୁଦରେ ତାଙ୍କୁ ଅବସ୍ଥାପିତ କରାଯାଇଥିଲା। ହୀରାକୁଦରେ ଦୀର୍ଘବର୍ଷର ଅବସ୍ଥାନ କାଳରେ ସେ ବୁର୍ଲା ଇଞ୍ଜିନିୟରିଂ କଲେଜରେ ମଧ୍ୟ ପ୍ରଫେସର ରୂପେ ଛାତ୍ରଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷାଦାନ କରୁଥିଲେ। ଜଣେ ବ୍ୟକ୍ତି ଏକାଧାରରେ ଇଞ୍ଜିନିୟର ଓ ପ୍ରଫେସର ପଦବୀରେ ରହି ଦ୍ୱୈତ ଦାୟିତ୍ୱ ସମ୍ପାଦନ କରିବା ନିଶ୍ଚିତ ଭାବରେ ତାଙ୍କ ବିରଳ ପ୍ରତିଭାର ପରିଚାୟକ କହିଲେ ଅତ୍ୟୁକ୍ତି ହେବନାହିଁ। ପରବର୍ତ୍ତୀ ସମୟରେ ନିର୍ମାଣାଧୀନ ଚିତ୍ରକୋଣ୍ଡା (ବାଲିମେଳା) ଓ ଗଞ୍ଜାମର ହରଭଙ୍ଗୀ ସମେତ ଅନ୍ୟ କେତେକ ପ୍ରକଳ୍ପର ନିର୍ମାଣରେ ମଧ୍ୟ ସେ ସାମିଲ ହୋଇଥିଲେ। ନିଜର କାର୍ଯ୍ୟ ଦକ୍ଷତାର ପୁରସ୍କାର ସ୍ୱରୂପ ଅକ୍ଷୟ ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ ଏବଂ ସେହି ପଦରୁ ହିଁ ଅବସର ଗ୍ରହଣ କରିଥିଲେ। ଅବସର ପରେ ମଧ୍ୟ ଏହି ଯଶସ୍ୱୀ ସାଧକ ନିରବ ନରହି ବୈଷୟିକ ଜ୍ଞାନ ବିତରଣ ଉଦ୍ଦେଶ୍ୟରେ ଇଞ୍ଜିନିୟରିଂ ବିଦ୍ୟା ଉପରେ ଏକ ଉପାଦେୟ ଗ୍ରନ୍ଥ ରଚନା କରିଥିଲେ। ଆଧ୍ୟାତ୍ମିକତା ବିଶେଷ କରି ଭଗବତ୍ ଗୀତା ଉପରେ ମଧ୍ୟ ତାଙ୍କର ଗଭୀର ଅଧ୍ୟୟନ ଥିଲା। ଶେଷ ସମୟରେ ଭୁବନେଶ୍ୱର ଖାରବେଳ ନଗରସ୍ଥିତ ତାଙ୍କ ବାସଭବନରେ ସେ ଅବସ୍ଥାନ କରୁଥିଲେ। ତାଙ୍କର ଦୁଇକନ୍ୟା ଓ ଏକମାତ୍ର ପୁତ୍ର ବିଭିନ୍ନ କ୍ଷେତ୍ରରେ ଖୁବ୍ ପ୍ରତିଷ୍ଠିତ। ଦୁଇ ଜାମାତା ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ରୂପେ ରାଜସ୍ଥାନ ଓ ଛତିଶଗଡ଼ରେ କାର୍ଯ୍ୟରତ ରହି ନିଜ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି। ସେହି ଦିବଂଗତ ଆତ୍ମାଙ୍କୁ ଆଜି ଏକାଦଶାହରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।



# ଭଜନ ପାଇଁ ଭୋଜନ



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ମୋ: ୯୭୭୮୭୬୪୩୯୪

ଆମେ ବଞ୍ଚି ରହିବା ପାଇଁ ଭୋଜନର ଆବଶ୍ୟକତା ରହିଛି। ତିଥି, ବାର, ନକ୍ଷତ୍ର ତଥା ଓଷା-ବ୍ରତ ଆଦିକୁ ମାନି ଆମେ କେତେବେଳେ ଜଳାହାର ଓ ଫଳାହାର କରୁଥିବା ବେଳେ ଆଉ କେତେବେଳେ ସମ୍ପୂର୍ଣ୍ଣ ଉପବାସ ରହି ଦିନ ବିତାଇଥାଉ ଯାହା ପ୍ରାୟତଃ ସାମୟିକ। ଅନ୍ୟ ସମୟମାନଙ୍କରେ ଆମେ କେତେବେଳେ ବ୍ୟକ୍ତିଗତ ଭାବେ ଭୋଜନ କରୁଥିବା ବେଳେ ଆଉ କେତେବେଳେ ପରିବାରରେ କିମ୍ବା ପଂକ୍ତି ଭୋଜନରେ ଯୋଗଦେଇ କେବଳ ନିଜର ଭୋକ ମେଣ୍ଟାଇ ନଥାଉ ବରଂ ସାମାଜିକ ସମ୍ପର୍କକୁ ମଜଭୁତ କରିବା ପାଇଁ ପ୍ରୟାସ କରିଥାଉ। ତା'ରି ଭିତରେ ରୋଷେଇର ମାନ, ନିମନ୍ତ୍ରଣ କରିଥିବା ଲୋକର ସାମାଜିକ ସ୍ଥିତି ସର୍ବୋପରି ଖାଦ୍ୟର ସ୍ୱାଦକୁ ନେଇ ଚର୍ଚ୍ଚା ମଧ୍ୟ ଚାଲେ। ଆହୁରି ଦୁଇପାଦ ଆଗକୁ ଯାଇ ଭୋଜନର ଗୁରୁତ୍ୱକୁ ଗୌଣ କରିଦେବାକୁ ଯାଇ କିଛି ଲୋକ କୁହନ୍ତି ଆରେ ଆମେ କ'ଣ ଖାଇବା ପାଇଁ ବଞ୍ଚିଛନ୍ତି ? ବରଂ ଆମେ ବଞ୍ଚିବା ପାଇଁ ଖାଇବା ଦରକାର। ଆଉ ଏହାକୁ ଅଧିକ ସରଳ ତରଳ କରି ବୁଝାଇବା ପାଇଁ ସେମାନେ ଭାଗବତର ଦିବ୍ୟବାଣୀ 'କାହିଁ ମୋ ଫଳମୂଳ ଗ୍ରାସ, କାହିଁ ନ ମିଳେ ଉପବାସ'କୁ ଉଦ୍ଧୃତ କରି ନିଜର ବାହାଦୁରି ଦେଖାଇ ଥାଆନ୍ତି। ସତେ ଯେପରି ଭୋଜନରେ କୌଣସି ଗୁରୁତ୍ୱ ନାହିଁ। ଯଦି ଆମେ ଜ୍ୟୋତିଷ ଶାସ୍ତ୍ରକୁ ଅନୁଧ୍ୟାନ କରିବା ତେବେ ବିଭିନ୍ନ ଦିନ, ତିଥି ତଥା ମାସ ମାନଙ୍କରେ ଅନେକ ଖାଦ୍ୟ ଖାଇବା ନିଷିଦ୍ଧ କରାଯାଇଛି ଯାହାକୁ ଅନେକ କାରଣରୁ ଅଦ୍ୟାବଧି ଆମେ ସମସ୍ତେ ମାନିବାରେ ସକ୍ଷମ ହୋଇପାରି ନାହାଁନ୍ତି। ଅନେକ ଲୋକ ନିଜେ କିମ୍ବା ନିଜ ପରିବାରକୁ ସୁସ୍ୱାଦୁ ଭୋଜନ କରାଇ ଆନନ୍ଦ ପାଉଥିବାବେଳେ ଅନ୍ୟକିଛି ଲୋକ ଦୁଃଖୀ, ଦରିଦ୍ର କିମ୍ବା ପଙ୍ଗତ ଭୋଜନ କରାଇ ଖୁସି ହୋଇଥାଆନ୍ତି। ତା'ଛଡ଼ା ଧାର୍ମିକ ଓ ସାମାଜିକ ଦୃଷ୍ଟି କୋଣରୁ ଭୋଜନ କରିବା ଏବଂ କରାଇବା ଏକ ଭିନ୍ନ ପ୍ରସଙ୍ଗ ହୋଇପାରେ।

ଆମ ଜୀବନରେ ଭୋଜନର ପ୍ରାସଙ୍ଗିକତା, ଗୁରୁତ୍ୱ ତଥା ପ୍ରକାରଭେଦକୁ ନେଇ ଗୀତାରେ ଖାଦ୍ୟକୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଆଦି ତିନି ଭାଗରେ ବିଭକ୍ତ କରାଯାଇଛି। ଯାହାକୁ ନେଇ ସମୟକ୍ରମେ ଅନେକ ତର୍କ, ବିତର୍କ ଚାଲିଛି। କିଏ କହେ ଖାଦ୍ୟକୁ ନେଇ ମନ ପ୍ରଭାବିତ ହୋଇଥାଏ ତ ଆଉ କିଏ କହେ ମନ ହିଁ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରତି ଆସକ୍ତ ହୋଇଥାଏ। କିଛି ଲୋକ ଭୋଜନ ପୂର୍ବରୁ ଭଗବାନଙ୍କୁ ସ୍ମରଣ କରି ଖାଦ୍ୟକୁ ଭଗବାନଙ୍କର ପ୍ରସାଦ ରୁପେ ଗ୍ରହଣ କରୁଥିବା ବେଳେ ଆଉ କିଛି କୁହନ୍ତି ସୃଷ୍ଟିର ସମସ୍ତ ଜିନିଷ ଯଦି ଭଗବାନଙ୍କର ପ୍ରସାଦ ତେବେ ସେମାନେ ପୁଣି ଥରେ ତାଙ୍କୁ କାହିଁକି ପ୍ରସାଦ ଅର୍ପଣ କରିବେ। ବିଭିନ୍ନ ପୂଜା ତଥା ଲକ୍ଷ୍ୟ ହାସଲ କରିବା ଆଳରେ କିଛି ଲୋକ ବଳୀ ପ୍ରଥାକୁ ପ୍ରାଧାନ୍ୟ ଦେଇ ଆମିଷ ଭୋଜନକୁ ମଧ୍ୟ ଅଗ୍ରାଧିକାର ଦେଇ ଥାଆନ୍ତି। ସେମାନଙ୍କ ମତରେ ମନ୍ତ୍ର, ତନ୍ତ୍ର ଓ ଯନ୍ତ୍ର ଯୁଗରେ ମନୁଷ୍ୟ ସମାଜର ଖାଦ୍ୟ ରୁଚି ଅଲଗା ଅଲଗା ହୋଇଥାଏ।

ବର୍ତ୍ତମାନର ଉଦାରବାଦୀ ଚିନ୍ତାଧାରା ଓ 'ବସୁଧୈବ କୁଟୁମ୍ବକମ' ଦର୍ଶନର ବଶବର୍ତ୍ତୀ ହୋଇ ଆମେ ଓ ଆମ ସମାଜ ଅନେକ ବିଦେଶୀ ଖାଦ୍ୟକୁ ଆମ ମାନଙ୍କର ଭୋଜନ ତାଲିକାରେ ସ୍ଥାନିତ କରୁଥିବା ବେଳେ ଏବେ ଅନେକ ଦେଶୀ ଖାଦ୍ୟ ନିଶ୍ଚିହ୍ନ ହେବାକୁ ବସିଲାଣି। ଅପରପକ୍ଷରେ ଅନେକ ଦେଶୀ ଖାଦ୍ୟ ମଧ୍ୟ ବିଦେଶରେ ଆଦୃତ ହେଲାଣି। ଗାଁ ଗଣ୍ଡାରେ ଆୟୋଜନ କରାଯାଉଥିବା ବିଭିନ୍ନ ସମୂହ ଭୋଜନ ପୂର୍ବରୁ ଯେଉଁ ଭଜନ ଗାଇବା କିମ୍ବା ମନ୍ତ୍ର ଉଚ୍ଚାରଣର ପରମ୍ପରା ଥିଲା ତାହା ସମୟକ୍ରମେ ବଦଳି ଗଲାଣି। ସାର୍ବଜନୀନ ଭଜନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ଏକତ୍ରିତ କରି ସେମାନଙ୍କ ମଧ୍ୟରେ ଅନ୍ତତଃ କିଛି ସମୟ ପାଇଁ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ପରେ ଯେଉଁ ଭୋଜନର ବ୍ୟବସ୍ଥା ହେଉଥିଲା ତାହା ବର୍ତ୍ତମାନ ବଦଳି ଯାଇ ଡି.ଜେ. କିମ୍ବା ମେଲୋଡ଼ିକୁ ରୁପାନ୍ତରିତ ହେଲାଣି। ଗାଁମାନଙ୍କରେ ବିଭିନ୍ନ ପୂଜା ପାର୍ବଣ ସମୟରେ ଯେଉଁ ପ୍ରସାଦ ବାଣ୍ଟିବାର ପରମ୍ପରା ଥିଲା ତାହା ବର୍ତ୍ତମାନ ପ୍ରତିଯୋଗିତା ପୂର୍ଣ୍ଣ ପରିସ୍ଥିତିକୁ ଆସିବା ପରି ମନେହୁଏ। ଠାକୁର କିମ୍ବା ଠାକୁରାଣୀଙ୍କୁ ଲାଗୁଥିବା ପ୍ରସାଦ ବ୍ୟତୀତ ସମୂହ ଭୋଜନରେ ଆଉ କେଉଁ କେଉଁ ତରକାରୀ କିମ୍ବା ଖାଦ୍ୟ ଦିଆଯାଇ ପାରିବ ତା'ର ଚିଠା ପ୍ରସ୍ତୁତ କରାଯାଉଥିବାର ଦେଖାଯାଉଛି। ଯାହାଫଳରେ ଭଜନକୁ କେନ୍ଦ୍ରକରି ଆୟୋଜିତ ହେଉଥିବା ଭୋଜନ ବ୍ୟବସ୍ଥା ବର୍ତ୍ତମାନ ବଦଳି ଯାଇ ସମୂହ ଭୋଜନ ଜରିଆରେ ନାଁ କମେଇବା କିମ୍ବା ନିଜ ନିଜର ସମର୍ଥକ ଯୋଗାଡ଼ କରିବା ପାଇଁ ଭଜନର ବ୍ୟବସ୍ଥା ହେଉଛି ଯାହା ଆଧ୍ୟାତ୍ମିକ ଚିନ୍ତା ଓ ଚେତନାର ପରିପନ୍ଥୀ।



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନେକ ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରୀ କର୍ମଚାରୀମାନେ ରକ୍ତଦାନ କରିଥିବା ଜଣାପଡିଛି । ରକ୍ତଦାନ ଏକ ପୁଣ୍ୟକାମ ବୋଲି ସଂସଦ ବିଭୁପ୍ରସାଦ ତରାଇ କହିଛନ୍ତି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ କେତେକ ସ୍ୱେଚ୍ଛାସେବ ସଂଗଠନ ପୋଲିସ୍ କର୍ମଚାରୀମାନେ ରକ୍ତଦାନ କରିଥିଲେ । ୬୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ମେଡିକାଲ ସୂତ୍ରରୁ ଜଣାପଡିଛି । କାର୍ଯ୍ୟକ୍ରମରେ ବ୍ଲଡ ବ୍ୟାଙ୍କ ଅଧିକାରୀ ଡଃ ଦେବାଶିଷ ମିଶ୍ର, ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ସୁବ୍ରତ ମହାପାତ୍ର, ଡଃ ଆଶୁତୋଷ ଜେନା, ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ଯତିନ୍ଦ୍ର ସ୍ୱାଇଁ, ନଗର ବିଜେପି ସଭାପତି ନିରଂଜନ ନାୟକ, ସମାଜସେବୀ ମହେନ୍ଦ୍ର ସିଂ ଭାଟିଆଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ ।

## 'ଓଡ଼ିଶା ଭାସ୍କର' ପ୍ରଭାବ

# ଅସ୍ତରଙ୍ଗରେ ୭୦୫ ଆୟକରଦାତା ଚିହ୍ନଟ, ଫେରାଇବେ କାର୍ଡ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଦେଶର ଗରିବ ପରିବାର ଓ ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଭାରତ ସରକାର ୨୦୧୪ମସିହାରେ ଖାଦ୍ୟ ସୁରକ୍ଷା ଆଇନି ପ୍ରଣୟନ କରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନାରେ ରାସନ କାର୍ଡଧାରୀଙ୍କୁ ମାସକୁ ୫କେଜି ଚାଉଳ ସହିତ ଅନ୍ୟ ସୁବିଧା ମଧ୍ୟ ମିଳୁଛି ।ମାତ୍ର ରାଜ୍ୟରେ ପୂର୍ବ ସରକାରଙ୍କ ଉଦାସୀନତା ଏବଂ ଖାଦ୍ୟ ଯୋଗାଣ ବିଭାଗର ଖାମଖିଆଲି ନୀତି ଯୋଗୁଁ ତୃଣମୂଳ ସ୍ତରରେ ଏହି ଯୋଜନାର ସୁଫଳ ପ୍ରକୃତ ଯୋଗ୍ୟ ହିତାଧିକାରୀ ଏ ପର୍ଯ୍ୟନ୍ତ ପାଇ ପାରିନାହାନ୍ତି । କାରଣ ବହୁ ଅଯୋଗ୍ୟ ବ୍ୟକ୍ତି ଅସାଧୁ ଉପାୟରେ ରାସନ କାର୍ଡ ହାତେଇଛନ୍ତି । ବର୍ତ୍ତମାନ ରାଜ୍ୟ ସରକାର ଖାଉଟି ବ୍ୟବସ୍ଥାରେ ସ୍ୱଛତା ଆଣିବା ପାଇଁ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି । ପୁରୀ ଜିଲ୍ଲା



ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ସୁରକ୍ଷା ଯୋଜନାରେ ମୋଟ ୬୯ହଜାର ୪ଶହ ୨୯ଜଣ ହିତାଧିକାରୀ ରାସନକାର୍ଡରେ ଅନ୍ତର୍ଭୁକ୍ତ ହୋଇ ରାସନ ପାଉଛନ୍ତି । ପ୍ରଥମେ ଏଚଆରଏମ ଏସ ଜରିଆରେ ସରକାରୀ ଚାକିରିଆ ଚିହ୍ନଟ କରି କାର୍ଡ ଫେରାଇବାକୁ ସୂଚନା ଦେଇଥିବା ବେଳେ କିଛି ମଧ ଚିହ୍ନଟ ସରି କାର୍ଡ କଟିଯାଇଛି । ଆୟକର ଦାତାଙ୍କୁ ଚିହ୍ନଟ ପାଇଁ 'ଓଡିଶା ଭାସ୍କର'ରେ ଗତ ୨ ଫେବୃଆରୀରେ ଖବର ପ୍ରକାଶ ପରେ ଏବେ ରାଜ୍ୟର ଆୟକର ଟିକସ ଦେଉଥିବା ଅଯୋଗ୍ୟ ହିତାଧିକାରୀ ରାସନ ହାତେଇଥିବା ସରକାରଙ୍କ ଚିଠିରୁ ଜଣାପଡିଛି । ରାଜ୍ୟ ଖାଉଟି ବିଭାଗ ପ୍ରମୁଖ ସଚିବଙ୍କ ପତ୍ର ସଂଖ୍ୟା ୨୦୭୬/୩/୨/ ୨୫ରୁ ଏହା ସ୍ପଷ୍ଟ ହୋଇଛି । ତେବେ ରାଜ୍ୟ ସରକାର ଙ୍କ ଦ୍ୱାରା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରୁ ୭୦୫ଟି କାର୍ଡରେ ୨୯୯୧ଜଣ ଅଯୋଗ୍ୟ ହିତାଧିକାରୀ ବହୁ ବର୍ଷ ଧରି ରାସନ ହାତଉଛନ୍ତି । ଢୋଲ ଭିତରେ ମୂଷା ଭଳି ଆହୁରି ଅନେକ ଅଯୋଗ୍ୟ ହିତାଧିକାରୀ ଅଛନ୍ତି । ଯେପରିକି ବଡ଼ ବ୍ୟବସାୟୀ, ଚାରିଚକିଆ ଯାନ ମାଲିକ, ବଡ଼ କୋଠା ମାଲିକ ଓ ବଡ଼ ଚାଷୀ କାର୍ଡ ହାତେଇଛନ୍ତି । ଅନ୍ୟପଟରେ ଏବେବି ବହୁ ଅସହାୟ, ଭିନ୍ନକ୍ଷମ ଏବଂ ଗରିବ ପରିବାର ରାସନକାର୍ଡ ସୁବିଧାରୁ ବଂଚିତ ଅଛନ୍ତି । ଏହି ଯୋଜନାରେ ସ୍ୱଚ୍ଛତା ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ଠାବ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ପ୍ରଥମ ପର୍ଯ୍ୟାୟରେ ସରକାରୀ ଚାକିରିଆଙ୍କୁ ଧରିଥିବା ବେଳେ ଏବେ ଆୟକରଦାତାଙ୍କ ପାଳି ପଡିଛି । ଆସନ୍ତା ୭ଦିନ ଭିତରେ ଏହି ଅଯୋଗ୍ୟ ହିତାଧିକାରୀ ସେମାନଙ୍କ ରାସନ କାର୍ଡ ଫେରାଇବାକୁ ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଶିବଚରଣ ବେହେରା ସୂଚନା ଦେଇଛନ୍ତି ।

# ଯାଜପୁର ସୁଯୋଗ ଓ ସମ୍ଭାବନାର ସୁବର୍ଣ୍ଣ କ୍ଷେତ୍ର: ମୁଖ୍ୟମନ୍ତ୍ରୀ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ବିଭିନ୍ନ ଦିଗରୁ ଶ୍ରେଷ୍ଠ । ଏହି ଜିଲ୍ଲା ସୁଯୋଗ ଓ ସମ୍ଭାବନାର ସୁବର୍ଣ୍ଣ କ୍ଷେତ୍ର ଅଟେ ବୋଲି ଶନିବାର ଜିଲ୍ଲା ମହୋତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୮୨୯ କୋଟି ୭୬ ଲକ୍ଷ ଟଙ୍କାର ୮୩ଟି ପ୍ରକଳ୍ପକୁ ଉଦଘାଟନ କରିବା ସହିତ ୧୭୦ କୋଟି ଟଙ୍କାରେ ୭୭ଟି ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି । ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ବିରଜା ହାଟ ଉନ୍ନତିକରଣ ପାଇଁ ୨୧ କୋଟି, ମା' ବିରଜା ମନ୍ଦିରର ଉନ୍ନୟନ ନିମନ୍ତେ ୫୦ କୋଟି, ପାନ୍ଥନିବାସର ସମ୍ପ୍ରସାରଣ ପାଇଁ ୧୦ କୋଟି, ବ୍ରହ୍ମକୁଣ୍ଡ ପୁନରୁଦ୍ଧାର ପାଇଁ ୧୨ କୋଟି, ବସ ଟର୍ମିନାଲ ନିର୍ମାଣ ନିମନ୍ତେ ୩୦ କୋଟି, ୧ ହଜାର ଆସନ ବିଶିଷ୍ଟ ଟାଉନ୍ ହଲ ପାଇଁ ଆବଶ୍ୟକ ଅନୁଦାନ, ଡଙ୍କାରୀ ତୈଳ ପ୍ରକଳ୍ପ ନିମନ୍ତେ ୮୭୪୩ କୋଟି ମଞ୍ଜୁର ମୁଖ୍ୟତଃ ରହିଛି । ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗ ଦର୍ଶନ ଓ ସହାୟତାରେ ରାଜ୍ୟରେ ବିକାଶର ଧାରା ପ୍ରବାହିତ ହେବାକୁ ଆରମ୍ଭ ହୋଇଥିବା ବେଳେ ଏହି ଧାରା ଯାଜପୁର ଜିଲ୍ଲାକୁ ମଧ ପ୍ରବାହିତ ହେବାକୁ ଆରମ୍ଭ ହୋଇଯାଇଛି ବୋଲି କହିଥିଲେ । ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତା କ୍ରମେ ଅନ୍ୟତମ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ, ସମବାୟ ମନ୍ତ୍ରୀ ଡ଼ଃ ପ୍ରଦୀପ ବଳ ସାମନ୍ତ, ସାଂସଦ ଡ଼ଃ ରବିନ୍ଦ୍ର ନାରାୟଣ ବେହେରା, ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଆକାଶ ଦାସ ନାୟକ, ବିଧାୟକ ଅମର ନାୟକ, ବିଧାୟକ ବିଶ୍ୱରଂଜନ ମଲ୍ଲିକ, ବିଧାୟକ ହିମାଂଶୁ ଶେଖର ସାହୁ, ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୌତମ ରାଉ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟମନ୍ତ୍ରୀ ମଧ ପଲ୍ଲୀଶ୍ରୀ ମେଳାକୁ ଉଦ୍‌ଘାଟନ କରିଥିଲେ । ଶେଷରେ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପରେ ବଲିଉଡ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ପୋଖରିରୁ ହରିଣକୁ ଉଦ୍ଧାର କଲେ ଗ୍ରାମବାସୀ



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଅଧିନ ରେଢୁଆ ଗ୍ରାମର (ନୂଆଗଡ)ଠାରେ ଥିବା ଅଭିନ ପୋଖରୀରୁ ରବିବାର ଏକ ହରିଣ କୁ ଉଦ୍ଧାର କରାଯାଇଛି । ସେହି ଗ୍ରାମର ମଙ୍ଗୁ ମଲ୍ଲିକ ପ୍ରଥମେ ହରିଣ ପୋଖରୀରେ ପଡିଥିବାର ଦେଖି ସଙ୍ଗେ ସଙ୍ଗେ ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କୁ ଖବର ଦେଇଥିଲେ ।ଖବରପାଇ ସରପଞ୍ଚ ଓ ଗ୍ରାମବାସୀ ହରିଣକୁ ପୋଖରୀରୁ ଉଦ୍ଧାର କରି ଜଗତସିଂହପୁର ଜଙ୍ଗଲ ବିଭାଗକୁ ଫୋନଯୋଗେ ଖବର ଦେଇଥିଲେ । ଖବର ପାଇ ଜଙ୍ଗଲ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଉଦ୍ଧାର ହରିଣକୁ ଡାଲା ଅଟୋରେ ନେଇଯାଇଥିଲେ ।ତେବେ ହରିଣଟି ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥାଇପାରେ ବୋଲି ଅନୁମାନ କରାଯାଉଥିବା ବେଳେ ଅନେକ ସମୟରେ ହରିଣ ଗୁଡିକ ଧଳତଙ୍ଗଗଡ ଜଙ୍ଗଲରୁ ବାହାରି ଆସୁଥିବା ଯୋଗୁ ରେଳ ଧାରଣାରେ କଟିବା, କୁକୁର କାମୁଡା ଓ ପୋଖରୀରେ ପଡି ମରୁଥିବା ଅନେକ ନଜିର ରହିଛି । ଏଥିପ୍ରତି ଜଙ୍ଗଲ ବିଭାଗ ସତର୍କ ହେବା ଆବସ୍ୟକତା ଅଛି ବୋଲି ଅଞ୍ଚଳରେ ମତପ୍ରକାଶ ପାଇଛି ।

## ସେଲଫି ନେବା ବେଳେ ଝରଣାରେ ପଡି ଯୁବକ ନିଖୋଜ

ଧର୍ମଗଡ଼/କୋକସରା(ଭାସ୍କର ନ୍ୟୁଜ): କୋକସରା ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳ ଗୁଡହାଣ୍ଡି ଡୋକରୀ ଚଞ୍ଚରାରେ ଅଘଟଣ । ସେଲଫି ନେବା ସମୟରେ ଡୋକରୀଦର ଝରଣାରେ ଖସିଯାଇ ଜଣେ ଯୁବକ ନିଖୋଜ ହୋଇଥିବା ଜଣାପଡ଼ିଛି । ଯୁବକ ଜଣକ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡୁମରମୁଣ୍ଡା ଗ୍ରାମର ଅଭିନାଶ ପରଜା( ୨୨ ) ବୋଲି ସୂଚନା ମିଳିଛି । ରବିବାର ଅଭିନାଶ ଓ ସାଙ୍ଗ ଡୁଲେଶ୍ୱର ଭତରା ଏକ ବାଇକ୍ ଯୋଗେ ପର୍ଯ୍ୟଟନସ୍ଥଳ ଗୁଡହାଣ୍ଡି ଡୋକରୀ ଚଞ୍ଚରାକୁ ବୁଲିବାକୁ ଆସିଥିଲେ । ଏବଂ ପର୍ଯ୍ୟଟନ ସ୍ଥଳର ବିଭିନ୍ନ ସ୍ଥାନ ବୁଲାବୁଲି କରିବା ପରେ ଡୋକରୀଦର ଝରଣାକୁ ଯାଇ ସେଲଫି ନେଉଥିଲେ । ଏହି ସମୟରେ ଅସାବଧାନତା କାରଣରୁ ଅଭିନାଶଙ୍କ ଗୋଡ଼ଖସି ଯିବାରୁ ଝରଣାରେ ପଡିଯାଇ ଯାଇ ନିଖୋଜ ହୋଇଥିଲେ । ଏହାପରେ ସାଙ୍ଗରେ ଥିବା ଡୁଲେଶ୍ୱର ଉଦ୍ଧାର ପାଇଁ ଝରଣାର ଏଣେ ତେଣେ ଦେଖିଥିଲେ ମଧ ଅଭିନାଶକୁ ପାଣିରେ ବୁଡ଼ି ଯାଇଥିବାରୁ ଖୋଜି ପାରିନଥିଲେ । ପରେ ଡୁଲେଶ୍ୱର ବ୍ୟାକୁଳ ହୋଇ ସେଠାରେ ନେଟୱାର୍କ ଆସୁ ନଥିବାରୁ କିଛି ଦୂରକୁ ଯାଇ ପରିବାର ଲୋକଙ୍କୁ ଫୋନ୍ କରି କହିବା ସହ ପୋଲିସକୁ ମଧ ଖବର ଜଣାଇଥିଲେ । ଆମପାଣି ଥାନା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ଉଦ୍ଧାର କରିବା ପାଇଁ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ।

## ଭୁବନରେ ଆନ୍ଦୋଳନ ସୁଯୋଗ ନେଇ ମଦଦୋକାନ ଭଙ୍ଗା ଓ ଲୁଟ୍

ଢେଙ୍କାନାଳ(ଭାସ୍କର ନ୍ୟୁଜ): ମୃଦଙ୍ଗା ଗ୍ରାମ ବ୍ରାହ୍ମଣୀଦେବୀ ଛକରେ ଥିବା ଠିପି ବନ୍ଦ ମଦ ଦୋକାନ ବନ୍ଦ ହେବାର ଇତିମଧ୍ୟରେ ୪ ମାସ ବିତିବାକୁ ବସିଲାଣି । ଦଶହରାରେ ପରେ ହୋଇଥିଲା ଆନ୍ଦୋଳନ । ଆଉ ଆନ୍ଦୋଳନ ଚାଲିଥିବା ବେଳେ ପଛ ଦ୍ୱାର ବାଟେ ପେଟି ପେଟି ମଦ ବୋହି ନେଲେ ଦୁର୍ବୃତ । ପୋଲିସ ଯେତେ ବୁଝାସୁଝା କରିଥିଲେ ବି ଦୁର୍ବୃତ୍ତ ମାନି ନ ଥିଲେ । ଘଟଣାରୁ ଜଣାଯାଏ ଭୁବନ ଥାନା ମୃଦଙ୍ଗା ପଞ୍ଚାୟତ ବ୍ରାହ୍ମଣୀଦେବୀ ଛକରେ ଥିବା ମଦ ଦୋକାନ ଦୀର୍ଘ ୧୦ବର୍ଷ ହେଲା ଚାଲିଥିଲା । ସେହି ରାସ୍ତାରେ କୁଣ୍ଡା ଗ୍ରାମକୁ ଦୈନିକ ଶହ ଶହ ଲୋକ ଯାତାୟାତ କରନ୍ତି । ମଦ ଦୋକାନ ସାମ୍ନାରେ ୩/୪ ଟି ଚାଖାଣା ଦୋକାନ ଦେଇ ସେଠାରେ ପାଣି ଗ୍ଲାସ୍, ସୋଲା, ମଟର, ଛେଳି ପୁଟି, ଗୋଡ, ମାଂସ, ଅଣ୍ଡା, ସିଗାରେଟ, ସଫଳ, ତୁଳସୀ, ଦେଶୀମଦ ବିକ୍ରୀ କରନ୍ତି । ବସିବାକୁ ସିମେଂଟ ଟେବୁଲ୍ ମଧ ରହି ଥିଲା । ଫଳରେ ଠିପି ବନ୍ଦ ଦୋକାନରୁ ମଦ କିଣି ଲୋକେ ଚାଖାଣା ଦୋକାନରେ ଆରାମରେ ବସି ମଦ ପିଇଥାନ୍ତି । ରାସ୍ତା ଉପରେ ବାଇକ, ଚାରି ଚକିଆ ଯାନ ଥୋଇ ମଦପିଇ ଉତ୍ପାତ କରୁଥିବା ଯୋଗୁ ସବୁ ଦୋକାନ ବନ୍ଦ କରିବାକୁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଗତ ସେପ୍ଟେମ୍ବର ୧ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ । ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନାଙ୍କୁ ମଧ ଲିଖିତ ଅଭିଯୋଗ ସାକ୍ଷାତ କରି ଜଣାଇଥିଲେ । ପ୍ରଶାସନ କିମ୍ବା ନିର୍ବାଚିତ ପ୍ରତିନିଧି କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଶତାଧିକ ମହିଳା ମଦ ଦୋକାନ ସାମ୍ନାରେ ଆନ୍ଦୋଳନ କରି ନାରାବାଜି କରିଥିଲେ ।

## ସତ୍ୟମ୍ ପ୍ୟାକର୍ସରେ ଅଗ୍ନିକାଣ୍ଡ, ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ

ରାୟଗଡା(ଭାସ୍କର ନ୍ୟୁଜ): ପ୍ୟାକର୍ସରେ ଭୟଭୀୟ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିପୋଡ଼ି ପାଉଁଶ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିବା ଜଣାପଡ଼ିଛି । ଏପରି ଘଟଣା ଘଟିଛି ରାୟଗଡା ଜିଲ୍ଲା ଭାକୁରଗୁଡ଼ା ସ୍ଥିତ ସତ୍ୟମ୍ ପ୍ୟାକର୍ସରେ । ଅଗ୍ନିକାଣ୍ଡର କାରଣ ଜଣା ପଡିନଥିବା ବେଳେ ସଟସର୍କିଟ ଜନିତ କରଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ନିଆଁକୁ ଆୟତ କରିବାରେ ଅଗ୍ନିଶମ ବିଭାଗ ଦୁଇଟି ଦଳ ନିୟୋଜିତ ହେଇଛନ୍ତି । ଏନେଇ କାହାର ପ୍ରତିକ୍ରିୟା ମିଳିପାରିନାହିଁ ।

## ନିଶା କବଳରେ ଯୁବପିଢ଼ି, କାକଟପୁର ଧଳାଜହରର ଅଡ୍ଡାସ୍ଥଳ



କାକଟପୁର(ଭାସ୍କର ନ୍ୟୁଜ): ସାଧାରଣତଃ ନିଶା ସେବନ କଥା କହିଲେ ଅନେକେ ମଦ୍ୟପାନକୁ ବୁଝିଥାନ୍ତି । ହେଲେ ଏବର ଯୁବପିଢ଼ି କେବଳ ମଦ୍ୟପାନକୁ ନିଶା କରିନାହାନ୍ତି । ଏହାଛଡ଼ା ଧଳାଜହର ଭାବେ ପରିଚିତ ବ୍ରାଉନସୁଗାର ନିଶାରେ ମଧ ଅନେକ ଯୁବ ଗୋଷ୍ଠୀ ପଡ଼ିଛନ୍ତି । ଏସବୁ ନିଶା କାରବାର ଏବେ କାକଟପୁର ଅଞ୍ଚଳରେ ବଢ଼ିଚାଲିଛି । ସକାଳୁ ସନ୍ଧ୍ୟା ଯାଏ ଅଞ୍ଚଳର ବିଭିନ୍ନ ଛକରେ ଚୋରାରେ ଓ କୋଡ୍ ୱାର୍ଡ଼ରେ ଏସବୁ ବିକ୍ରି କରାଯାଉଥିବା ବେଳେ ଅତି ସହଜରେ ଯୁବଗୋଷ୍ଠୀ ଏହାକୁ ପାଇପାରୁଛନ୍ତି । ଫଳରେ କାକଟପୁର ସମେତ ଏହାର ଆଖପାଖ ଅଞ୍ଚଳ ଏବେ ଏହି ଭିନ୍ନ ନିଶାଡିଙ୍କ ପାଇଁ ସେଫ୍ ଜୋନ୍ ପାଲଟି ଯାଇଛି କ୍ଷ ବର୍ତ୍ତମାନ ଅତି ସହଜରେ ଏହା ସବୁଠି ମିଳିଯାଉଥିବାରୁ ଅଧିକରୁ ଅଧିକ କଲେଜ ପଢୁଆ ଯୁବପିଢ଼ି ଏପରି ନିଶାରେ ପଡ଼ିଛନ୍ତି । ବିଶେଷକରି ଯୁବଗୋଷ୍ଠୀ ଏହାକୁ ଅଧିକ ଲୋଡୁଥିବାରୁ ଚୋରା କାରବାର ବଢ଼ିଚାଲିଛି । ବିଗତ ଦିନରେ ଅଞ୍ଚଳର କେତେକ ସ୍ଥାନରୁ ବ୍ରାଉନସୁଗାର ବେପାରୀଙ୍କୁ ଧରି ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ କୋର୍ଟଚାଲାଣ କରିଥିଲା । କିନ୍ତୁ ଏହି ଚୋରା କାରବାରର ମୂଳ ବ୍ୟବସାୟୀଙ୍କ ନିକଟରେ ପୋଲିସ ଅଦ୍ୟାବଧି ପହଞ୍ଚି ପାରିନାହିଁ । ଛୋଟ ଛୋଟ ପୁଡ଼ିଆରେ ବିକ୍ରି ହେଉଛି ବ୍ରାଉନ ସୁଗାର । ଗୋଟିଏ ପୁଡ଼ିଆ ଦାମ୍ ୨୦୦ରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି । ଏହାର ସ୍ୱତନ୍ତ୍ର କୋଡ୍ ୱାର୍ଡ୍ ରହିଥିବା ବେଳେ କେତେକ ଜାଗାରେ କୋର୍ଡ ୱାର୍ଡ ମଧ ବ୍ୟବହାର କରାଯାଉଛି । କାକଟପୁର ଥାନା ଅଧିନସ୍ଥ କାକଟପୁର, କୁଣ୍ଢେଇହାଟ, ବାଙ୍ଗୁରୀଗାଁ, ଖଣ୍ଡାସାହି, ଜିଉନ୍ତିଛକ, ଜିଓଳ ଛକ, କେନ୍ଦ୍ରାପଟୀ ଛକ ଆଦି ଅଞ୍ଚଳରେ ବେକାର ଯୁବକ ମାନେ ଏହି ନିଶାକୁ ଅଧିକ ବ୍ୟବହାର କରୁଥିବା ବେଳେ ଅନେକ କଲେଜ ଛାତ୍ର ମଧ ବ୍ରାଉନସୁଗାର କବଳରେ ପଡୁଛନ୍ତି । ତେବେ ବ୍ରାଉନସୁଗାର ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡୁଥିବାରୁ ଯୁବଗୋଷ୍ଠୀ ଚୋରି, ଲୁଟ୍, ଛିନ୍ତାଇ ଆଦି ଅପରାଧିକ କାର୍ଯ୍ୟ କରିବାକୁ ମଧ ପଛାଉ ନାହାନ୍ତି । ସେଥିପାଇଁ ଅଞ୍ଚଳରେ ଅପରାଧ ମଧ ବୃଦ୍ଧି ପାଉଥିବା କୁହାଯାଉଛି । ବାଲେଶ୍ୱର, ଖୋର୍ଦ୍ଧା ଆଦି ଅଞ୍ଚଳରୁ ଏହି ନିଶା ସାମଗ୍ରୀ ବିପୁଳ ମାତ୍ରାରେ ଚୋରାଚାଲାଣ କରାଯାଉଥିଲେ ମଧ ଅବକାରୀ ବିଭାଗ କିଭଳି ଏହାର ଟେର ପାଇପାରୁନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ମହାବିଦ୍ୟାଳୟର ପାଠଶାଳା ଉଦ୍‌ଘାଟିତ



ପାରାଦୀପ(ଭାସ୍କର ନ୍ୟୁଜ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାରାଦୀପ ସେବାକେନ୍ଦ୍ର ଅଧିନସ୍ଥ ଗଡ଼ କତକୁଲା ପାଠଶାଳା ରବିବାର ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବ୍ରହ୍ମକୁମାରୀ ଅନୁଷ୍ଠାନର ଓଡିଶା ମୁଖ୍ୟ ରାଜଯୋଗିନୀ ଡ଼ଃ ବି.କେ. କମଲେଶ ଦିଦି ଆଶିର୍ବଚନ ପ୍ରଦାନ କରିଥିଲେ । ରାଜଯୋଗିନୀ ବି.କେ. ସୁଲୋଚନା ଦିଦି ମୁଖ୍ୟବକ୍ତା ରୂପେ ଯୋଗଦେଇ ଆଧାତ୍ମିକ ସଶକ୍ତିକରଣ ଦ୍ୱାରା ସ୍ୱଚ୍ଛ ଏବଂ ସୁସ୍ଥ ସମାଜର ଗଠନ ଉପରେ ଆଲୋକପାତ କରିଥିଲେ । ପାରାଦୀପ ସେବାକେନ୍ଦ୍ରର ମୁଖ୍ୟ ସଂଚାଳକ ବି.କେ.ସୁମନଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସଫଳତାର ସହ ପରିଚାଳିତ ହୋଇଥିଲା । ଆଧାତ୍ମିକ କାର୍ଯ୍ୟକ୍ରମରେ ଜଗତସିଂହପୁର, କେନ୍ଦ୍ରାପଡା, ଢେଙ୍କାନାଳ, ଯାଜପୁର, କେଉଁଝର ଇତ୍ୟାଦି ଜିଲ୍ଲା ରୁ ପ୍ରାୟ ୨୫ ଶହରୁ ଉର୍ଦ୍ଧ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ଧାନମଣ୍ଡିରେ ୬ କେଜି କଟ୍‌ନୀ ଛଟ୍‌ନୀ, ଶୋଷଣର ଶିକାର ଚାଷୀ

ଗୋପ(ଭାସ୍କର ନ୍ୟୁଜ): ସରକାର ବଦଳିଲା ପରେ ଚାଷୀ ଚିନ୍ତା କରିଥିଲା ଯେ ଏଥର ନିଶ୍ଚିତ ଭାବେ କଟନୀ ଛଟନୀ ବନ୍ଦ ହେବ । ମାତ୍ର ବିଭିନ୍ନ ଆଳରେ ବିଭାଗୀୟ ଅଧିକାରୀ ଓ ମିଲରମାନେ ଭିତିରିଆ କୋଲାକୋଲିରେ ବଳି ପଡିଗଲେ ଚାଷୀ । ଚାଷୀଙ୍କ ଅଭିଯୋଗ କେହି ଶୁଣିବାକୁ ନାରାଜ । ମଣ୍ଡିରେ ଅବ୍ୟବସ୍ଥା ସହିତ କଟନି ଛଟନି ଏବେ ୬କେଜିରେ ପହଞ୍ଚିଛି । ଗତବର୍ଷ ମାନଙ୍କରେ ୨ରୁ ୪କେଜି ଧାନକାଟି ରଖୁଥିବା ବେଳେ ଏବେ ଏହା କମିବା ବଦଳରେ ୬କେଜିରେ ପହଞ୍ଚିଛି । ଧାନ କ୍ୱିଂଟାଲ ୩୧୦୦ ମଣ୍ଡିରେ କିଣାଯାଉଥିବା ବେଳେ ଅନେକ ମଣ୍ଡିରେ ବେପାରୀମାନେ ଚାଷୀଙ୍କ ଖାତାରେ ସେମାନେ ହିଁ ଧାନ ଦେଉଛନ୍ତି । ଅନେକ ପରିବାରରେ ଜଣକ ନାମରେ ଧାନଜମି ଥିବା ବେଳେ ପରିବାରର ଅନେକ ସଦସ୍ୟଙ୍କ ନାମରେ ଖାତା ଖୋଲାଯାଇଛି । ଯେହେତୁ ମଣ୍ଡିରେ ୫ଏକରରୁ ଅଧିକ ଜମି ଥିବା ଚାଷୀଙ୍କଠାରୁ ଧାନ କିଣାଯାଇପାରିବ ନାହିଁ ସେହେତୁ ସେମାନେ ପରିବାରର ମୁଖ୍ୟଙ୍କ ନାମରେ ଥିବା ଜମିକୁ ଭାଗଭାଗ କରି ଅଲଗା ଅଲଗା ଖାତା କରିଛନ୍ତି ଯେପରି ଅଧିକ ଧାନ ମଣ୍ଡିରେ ଦେଇହେବ । ଅନ୍ୟପକ୍ଷରେ ସରକାରଙ୍କ ଦ୍ୱାରା ଟାର୍ଗେଟ୍‌କୁ ପାଇବାରେ ବିଫଳ ହେଉଛନ୍ତି ଛୋଟ ଛୋଟ ଚାଷୀ ମାନେ । ସେମାନେ ଯେତେ କହିଲେ ବି କୌଣସି ଅଧିକାରୀ କିମ୍ବା ମିଲର ଶୁଣିବାକୁ ନାରାଜ । ଯେତିକି ଧାନ ସେମାନେ ମଣ୍ଡିକୁ ଆଣୁଛନ୍ତି ସେଥିରୁ ମିଲର ଓ ବିଭାଗୀୟ ଅଧିକାରୀଙ୍କ ଦୌରାତ୍ମ୍ୟରୁ ପୁନଃ ୬କେଜି କଟନିଛଟନିରେ ଯାଉଛି । ଏବେ ଚାଷୀ କରିବ ତ କଣ କରିବ । କଟନୀ ଛଟନୀ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଭରିଦେଇଥିବା ବେଳେ ଆଗାମୀ ଦିନରେ ଏହା ଉଗ୍ରରୂପ ନେବା ଆଶଙ୍କା ରହିଛି । ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଆମେ ଯେତେ କହିଲେ ବି କଥା କେହି ଶୁଣିବାକୁ ନାରାଜ । ମିଲରମାନେ ଆମ କଥା ଏ କାନରେ ପୁରାଇ ସେ କାନରେ ବାହାର କରିଦେଉଛନ୍ତି । ଜୋର ଜବରଦସ୍ତି ୬କେଜି କଟନି ଛଟନି କରୁଛନ୍ତି । ବିଭାଗୀୟ ଅଧିକାରୀଙ୍କୁ ଆମେ ବାରମ୍ବାର ଏ ନେଇ କହିଲେ ସୁଦ୍ଧା କେହି ଶୁଣିବାକୁ ନାରାଜ । ଆଗାମୀ ଦିନରେ ଏହାର ଜୋରଦାର ବିରୋଧ କରିବୁ । ଗୋପ ବ୍ଲକ ଯୋଗାଣ ନିରିକ୍ଷକ ରଚିତା ପଣ୍ଡା କହିଛନ୍ତି ମୋ ପାଖରେ ସେପରି କୌଣସି ଖବର ନାହିଁ । ସୂଚନା ମିଳିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଯୁବକଙ୍କୁ ତଣ୍ଟିକଟା ଘଟଣା, ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡାର ଜଣେ ମଦ ବ୍ୟବସାୟୀଙ୍କ ଭୁଜାଲି ଓ ମଦ ବୋତଲ ମାଡରେ କଟିଛି ଯୁବକଙ୍କ ତଣ୍ଟି । ଚାରିଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ରରେ ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି ଶେଷରେ ଆଖି ବୁଜିଛନ୍ତି ଯୁବକ । ଯାହାକୁ ନେଇ ଯୁବକଙ୍କ ପରିବାର ଭିତରେ ଶୋକର ଛାୟା ଖେଳିଯାଇଥିବା ବେଳେ ପୋଲିସ୍ ସଂପୃକ୍ତ ହତ୍ୟାକାରୀକୁ ଭୁବନେଶ୍ୱରରୁ ଗିରଫ କରି ୨ ଦିନ ତଳେ କୋର୍ଟଚାଲାଣ କରିଛି । ଜାମିନ ନମଂଜୁର ହୋବରୁ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତରେ ଥିବାବେଳେ ଯୁବକଙ୍କ ମୃତ୍ୟୁପରେ ପୁଣି ହତ୍ୟାକାରୀକୁ ପୋଲିସ୍ ରିମାଣ୍ଡରେ ଆଣି ଆହୁରି ଅଧିକ ଛାନ୍‌ଭିନ୍ କରିବା ସହ ଅପରାଧର ରିକ୍ରିଏସନ୍ କରିବ ବୋଲି ଜଣାପଡିଛି । ଏହି ଘଟଣାକୁ ନେଇ ନିମାପଡାରେ ଚର୍ଚ୍ଚା ଜୋର ଧରିଥିବା ବେଳେ କେତେକ ବ୍ୟକ୍ତିଙ୍କ ନିଜସ୍ୱ ଗୃହ ଥାଇ ମଧ ରାସ୍ତାକଡରେ ସରକାରୀ ପ୍ଲଟରେ ଗୃହ ନିର୍ମାଣ କରି ସେଠାରେ ମଦ ବ୍ୟବସାୟ କରିବା ସହ ପ୍ରତ୍ୟେକ ଦିନ ଛୋଟବଡ ଘଟଣା ଘଟୁଛି । ହତ୍ୟାକାରୀ ଦେଶିମଦ ନେଇ ରାଜସ୍ୱ ବିଭାଗ ଡକବଂଗଳାରେ ଗଚ୍ଛିତ ରଖିଥିବା ବେଳେ ସେଠାରୁ ପୋଲିସ୍ ମଦକୁ ଜବତ କରିବା ସହ ମାମଲା ରୁଜୁ କରିଛି । ଭୁବନେଶ୍ୱରରୁ ଜଣେ ଯୁବକର ମୁଣ୍ଡରୁ ଗଣ୍ଡି ଅଲଗା ହୋଇଥିବା ବେଳେ ନିମାପଡାରେ ମଧ ଏକା ଘଟଣା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ମୁସଲିମ୍ ବସ୍ତି ନିକଟସ୍ଥ ଜୈନାବାଦ ମଲିକ ସାହି ଛକ ନିକଟରେ ଜାଗୁଆ ଓରଫ ଏସ୍‌କେ ସଲିମ ମଦ ବେପାର କରି ଆସୁଥିଲା । ଗତ ବୁଧବାର ମଲିକ ସାହି ଗ୍ରାମର ଅଜୁ ମଲିକଙ୍କ ସହିତ ଜାଗୁଆର ପାଟିତୁଣ୍ଡ ହୋଇଥିଲା । ଜାଗୁଆ ମଦ ବିକ୍ରି କରୁଥିବାରୁ ଅଜୁ ପ୍ରତିବାଦ କରିଥିଲେ । ଜାଗୁଆଙ୍କ ମାରଣାସ୍ତ୍ରରେ ଅଜୁଙ୍କ ବେକକୁ କାଟିଦେଇଥିଲା । ରକ୍ତ ଜୁଡୁବୁଡ ଅବସ୍ଥାରେ ଅଜୁ ତଳେ ପଡିଥିବା ବେଳେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ଅଜୁଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଅଜୁ ସବୁଦିନ ପାଇଁ ଆଖି ବୁଜିଥିଲେ ।

## ଆହତ ଗରୁଡ ପକ୍ଷୀ ଉଦ୍ଧାର, ବନବିଭାଗକୁ ହସ୍ତାନ୍ତର

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଗତକାଲି ରାତ୍ରରେ ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ନିକଟରୁ ଆହତ ଅବସ୍ଥାରେ ଏକ ଗରୁଡ ପକ୍ଷୀକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି । ଏହି ଗରୁଡ ପକ୍ଷୀକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି । ଗତକାଲି ରାତ୍ର ୧୧ଟା ବେଳେ କଟରପଡାର ୨ଜଣ ଯୁବକ ଏକ ବାଇକରେ ନିଜ ଘରକୁ ଫେରୁଥିଲେ । ଏହି ସମୟରେ ଆକସ୍ମିକ ଭାବେ ଏକ ଗରୁଡ ପକ୍ଷୀ ଉଡିଆସି ତାଙ୍କ ବାଇକ ଆଗରେ ପଡିଯାଇଥିଲା । ବାଇକ ଚାଳକଦ୍ୱୟ ଗାଡିକୁ ଅଟକାଇ ଗରୁଡ ପକ୍ଷୀକୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ । ଖବର ପାଇ ଗ୍ରାମବାସୀ ଘଟଣା



ସ୍ଥଳରେ ପହଞ୍ଚିଥିଲେ । ଏ ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ । ବନ ବିଭାଗ କର୍ମଚାରୀମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ । କଟରପଡା ସରପଞ୍ଚ ରାକେଶ କୁମାର ସାମଲ, ଯୁବ ସମାଜସେବୀ ମନୋଜ କୁମାର ସାମଲ, ଗଗନ ବିହାରୀ ସାମ, ସୟଦ ମହମ୍ମଦ ଗୁଫ୍ରାନ, ଇଶ୍ୱର ସାମଲ, ବାସୁଦେବ ସାମଲ, ପ୍ରଶାନ୍ତ ସାମଲ, ସ୍ୱାଧିନ ସାମଲଙ୍କ ଉପସ୍ଥିତିରେ ଏହି ଗରୁଡ ପକ୍ଷୀଟିକୁ ଫରେଷ୍ଟ ଗାର୍ଡ ସକୋ ମୁର୍ମୁ ଓ କ୍ଷୀରୋଦ ଭଞ୍ଜଙ୍କୁ ହସ୍ତାନ୍ତର କରାଯାଇଥିଲା । ତେବେ ଏହି ବିରଳ ପ୍ରଜାତିର ଗରୁଡ ପକ୍ଷୀଟି ଏଠାକୁ କିପରି ଆସିଲା ଓ କିପରି ଆହତ ହେଲା ତାକୁ ନେଇ ସାଧାରଣରେ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଛି ।

## ଚିରନିଦ୍ରାରେ ଖାଦ୍ୟ ନିରାପତ୍ତା ଅଧିକାରୀ, ପରଖା ଯାଉନି ଖାଦ୍ୟର ମାନ

କାକଟପୁର(ଭାସ୍କର ନ୍ୟୁଜ): ପୁରୀଜିଲ୍ଲା କାକଟପୁର ମା' ମଙ୍ଗଳାଙ୍କ ପାଇଁ ସାରା ଓଡିଶାରେ ଖ୍ୟାତିଲାଭ କରିବା ସହିତ ଏଠାକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । ତତସହିତ ଏହା ଏକ ଜନବହୁଳ ଅଞ୍ଚଳ ତଥା ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା । ଆଧୁନିକତାର ଛିଟାରେ ଏଠାରେ ଲୋକମାନଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଘଟିବା ସହିତ ପାଟି ସୁଆଦିଆ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବୃଦ୍ଧି ପାଇଛି । ସେହି ଅନୁସାରେ ଲୋକଙ୍କ ଚାହିଦା ଓ ରୁଚି ମୁତାବକ କାକଟପୁର ବଜାର ସମେତ ବିଭିନ୍ନ ଛକବଜାର, ଗଳିକନ୍ଦିରେ ମାଳମାଳ ଜଳଖିଆ ଦୋକାନ ମାନ ଗଢ଼ିଉଠିଛି । ଯେଉଁଥିରେ ସର୍ବାଗ୍ରେ ରହିଛି ଫାଷ୍ଟଫୁଡ ଷ୍ଟଲ । ଫାଷ୍ଟଫୁଡ ଖାଦ୍ୟ ପ୍ରତି ବର୍ତ୍ତମାନର ଯୁବପିଢ଼ି ବହୁ ମାତ୍ରାରେ ଆକର୍ଷିତ ହେଉଥିବା ବେଳେ ଏହାକୁ ଦୈନନ୍ଦିନ ଖାଇବା ସେମାନଙ୍କ ପାଇଁ ଏକ ଟ୍ରେଣ୍ଡରେ ପରିଣତ ହୋଇଛି । ଗୋଟେ ପ୍ରକାରରେ କହିବାକୁ ଗଲେ ଫାଷ୍ଟଫୁଡ ଖାଦ୍ୟ ଜାଲରେ ଯୁବଗୋଷ୍ଠୀ ମାନେ ଛନ୍ଦି ହୋଇପଡିଛନ୍ତି । ଯାହାର ସୁଯୋଗ ନେଉଛନ୍ତି କିଛି ଲାଭଖୋର ଫାଷ୍ଟଫୁଡ ବେପାରୀ । କାରଣ ସଂଧ୍ୟାହେଲେ ବଜାର ସମେତ କୁଣ୍ଢେଇ ହାଟ, ବାଙ୍ଗୁରୀଗାଁ ଆଦି ମୁଖ୍ୟ ଛକରେ ସେମାନଙ୍କ ବେପାରର ପସରା ମେଲୁଛି । ସେମାନେ ପ୍ରସ୍ତୁତ କରୁଥିବା ଖାଦ୍ୟରେ ବିଭିନ୍ନ ପ୍ରକାରର ରାସାୟନିକ ମାରାତ୍ମକ ରଙ୍ଗ, ଚାଇନା ସଲ୍ଟ, ଭିନେଗାର, ନକଲି ସସ ଓ



ବିଷାକ୍ତ କେମିକାଲଯୁକ୍ତ ଉପାଦାନ ପକାଇ ଖାଦ୍ୟକୁ ପାଟି ସୁଆଦିଆ କରି ନିର୍ଦ୍ୱନ୍ଦ୍ୱରେ ବ୍ୟବସାୟ ଚଳାଇଛନ୍ତି । ଯାହା ମଧ୍ୟରେ ରହିଛି ଚାଓମିନ, ଏଗରୋଲ, ଚିକେନ ପକୋଡ଼ା, ଚିଲି ଚିକେନ, ବିରିୟାନୀ, ମଞ୍ଚୁରିଆନ, ମୋମୋ ଓ ଚାଟ ପରି ଖାଦ୍ୟ । ଯାହା ଆଖିକୁ ଖୁବ ସୁନ୍ଦର ଓ ପାଟିକୁ ଭାରି ସୁସ୍ୱାଦୁ ଲାଗେ । କିନ୍ତୁ ସ୍ୱାସ୍ଥ୍ୟ ପକ୍ଷେ ଏହି ସବୁ ଖାଦ୍ୟ ବହୁ ହାନିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି । ଏହି ସବୁ ଫାଷ୍ଟଫୁଡ ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସଟ୍ରିକ, କିଡ଼ନୀ ରୋଗ, ହାର୍ଟ ଆଟାକ, ମେଦବହୁଳ ରୋଗ, ସୁଗାର, ବ୍ଲଡ଼ପ୍ରେସର ଓ ଚାର୍ମ ରୋଗ ଆଦି ରୋଗକୁ ଏଡାଇ ଦିଆଯାଇନପାରେ । ତା ଛଡା ଫାଷ୍ଟଫୁଡ ବେପାର ମେଲାଇଥିବା ଅଧିକାଂଶ ଦୋକାନୀ ଅତି ନିମ୍ନମାନର ଖାଦ୍ୟ ଗ୍ରାହକଙ୍କୁ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି । ଯାହାକୁ ଲୋକେ ଖାଇ ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗୁଛନ୍ତି । କିଛି ଅସାଧୁ ଦୋକାନୀ ବଳକା ରହିଥିବା ଖାଦ୍ୟକୁ ଫୋପାଡିଦେବା ବଦଳରେ ଫ୍ରିଜରେ ରଖି ପରଦିନ ପୁଣି ଗରମ କରି ଗ୍ରାହକଙ୍କୁ ବିକ୍ରି କରିଥାନ୍ତି । ଏହା ବ୍ୟତୀତ ଅଞ୍ଚଳରେ ଥିବା ବହୁ ଫାଷ୍ଟଫୁଡ ଷ୍ଟଲର ସ୍ୱଚ୍ଛତା ଓ ଅପମିଶ୍ରଣ ନେଇ ମଧ୍ୟ ଅଭିଯୋଗ ହୋଇଛି । ତୁରନ୍ତ ପୁରୀ ଜିଲ୍ଲାପାଳ ଓ ପୁରୀ ଖାଦ୍ୟ ନିରାପତ୍ତା ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ପାଚିକା ସହାୟିକା ସଂଘର ବୈଠକ

# ବିଧାନସଭା ସମ୍ମୁଖରେ ବିକ୍ଷୋଭ ସମାବେଶ ପାଇଁ ଚେତାବନୀ




ଢେଙ୍କାନାଳ(ଭାସ୍କର ନ୍ୟୁଜ): ସ୍ଥାନୀୟ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ବୈଠକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଂପାଦିକା ଭାରତୀ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଗତ ୩୧ରେ ରାଜ୍ୟ କମିଟି ବୈଠକରେ ହୋଇଥିବା ନିଷ୍ପତ୍ତି ଉପରେ ବିଷଦ୍ ଭାବେ ଆଲୋଚନା କରାଯାଇଥିଲା । ରାଜ୍ୟ ସରକାର ପାଚିକାଙ୍କ ପାଇଁ ଯେଉଁ ୧ ହଜାର ଟଙ୍କା ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି ତାକୁ ବର୍ତ୍ତମାନ ବଜାରରେ ଯେପରି ଭାବରେ ନିତ୍ୟ ବ୍ୟବହାର ଜିନିଷପତ୍ର ବୃଦ୍ଧି ଘଟିବାରେ ଲାଗିଛି ଏହାକୁ ଦୃଷ୍ଟିଦେଇ ପୁନଃବିଚାର କରି ମଜୁରୀ ବୃଦ୍ଧି କରିବା ପାଇଁ ଅନୁରୋଧ କରାଯାଇଥିଲା । ମାସିକ ପାରିଶ୍ରମିକ ଯେପରି ଭାବରେ ପ୍ରତିମାସର ପ୍ରଥମ ସପ୍ତାହରେ ପ୍ରଦାନ କରାଯାଏ ସେଥିପ୍ରତି ଶିକ୍ଷା ବିଭାଗ ଯତ୍ନବାନ୍ ହେବା ପାଇଁ ଆଶା କରୁଛୁ । ବର୍ଷକୁ ୧୦ ମାସ ବଦଳରେ ୧୨ ମାସର ପାରିଶ୍ରମିକ, ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ସୁବିଧା ପାଚିକାମାନଙ୍କୁ ଦେବା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା, ବିଇଓ ଦ୍ୱାରା ପାଚିକାଙ୍କୁ ନିଯୁକ୍ତି ଦେବା, ସରକାରୀ କର୍ମଚାରୀର ମାନ୍ୟତା ଦେବା ଅବସର ସମୟରେ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦେବା ସହ ପେନ୍‌ସନ୍ ପ୍ରଦାନ ପ୍ରଭୃତି ବିଭିନ୍ନ ଦାବି ଉପରେ ରାଜ୍ୟ ସରକାର ସ୍ପଷ୍ଟୀକରଣ ନଦେଲେ ଆସନ୍ତା ୧୭ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ସମାବେଶ କରିବାକୁ ଆଲୋଚନା କରାଯାଇଥିଲା । ରାଜ୍ୟ ସଂଗଠନ କରାଯାଇଥିବା ରାଜ୍ୟ ପାଚିକା ସଂଘଗୁଡିକ ଏହି ଆନ୍ଦୋଳନରେ ସାମିଲ୍ ହୋଇ ମୌଳିକ ଦାବିଗୁଡିକ ହାସଲ କରିବାକୁ ରାଜ୍ୟ ଉପଦେଷ୍ଟା ରବି ରଥ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟରେ ଯେଉଁ ମଧ୍ୟାହ୍ନ ଭୋଜନ କାର୍ଯ୍ୟ ଚାଲୁଛି ଏହା କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ ଅଟେ । କେନ୍ଦ୍ର ସରକାର ବର୍ଷକୁ ୧୦ ହଜାର ଟଙ୍କା ପ୍ରଦାନ କରୁଛନ୍ତି, ଆଉ ୨ ହଜାର ଟଙ୍କା ନଦେବା କ୍ଷୋଭର ବିଷୟ । କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନ୍‌ସନ୍‌ଭୋଗୀଙ୍କ ପାଇଁ ଅର୍ଥ ବୃଦ୍ଧି କରି ଚାଲୁଥିବା ବେଳେ ଏହି ଅସହାୟ ପାଚିକାଙ୍କ ପ୍ରତି ଅଣଦେଖା କରୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଆମ ରାଜ୍ୟରେ ବର୍ତ୍ତମାନ ଡବଲ ଇଞ୍ଜିନ୍ ସରକାର କାର୍ଯ୍ୟ କରୁଛି । ପୂର୍ବ ସରକାର ସମୟରେ ଦେଶର ଅନ୍ୟ ରାଜ୍ୟରେ ପାଚିକାଙ୍କୁ କେତେ କେତେ ଅର୍ଥ ପ୍ରଦାନ କରୁଥିଲେ ତାହା ବାରମ୍ବାର ସରକାରଙ୍କୁ ରାଜ୍ୟ କମିଟି ଅବଗତ କରିଥିଲେ ମଧ କୌଣସି ପଦକ୍ଷେପ ନନେବା ଫଳରେ ସରକାର ପତନ ଘଟିଲା । ରାଜ୍ୟ ସରକାର ଏହା ଉପରେ ଗୁରୁତର ସହ ବିଚାର କରି ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରୁଛୁ । ବୈଠକରେ ସୁଭାସିନୀ ବେହେରା, ଶାନ୍ତିପ୍ରିୟା ସାହୁ, ଉତରା ପାତ୍ର, ଅଳି ବାରିକ, ଗୀତାଳି ବେହେରା, ରେବତୀ ଦାସ ଓ କାଂଚନ ବେହେରାଙ୍କ ସମେତ ଶତାଧିକ ପାଚିକା କର୍ମୀ ଯୋଗ ଦେଇଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କୋଇଡା(ଭାସ୍କର ନ୍ୟୁଜ): ସୁନ୍ଦରଗଡ ଜିଲ୍ଲା କୋଇଡା ଖଣି ମଣ୍ଡଳ ଖଣ୍ଡାଧାର ଓଏମସି କୃମୀତର ଲୌହ ଖଣି ଅଫିସ ସମ୍ମୁଖରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ହଜାର ହଜାର ସିପିଆଇଏମ୍ କର୍ମୀ ନେଇ ଗଣ ବିକ୍ଷୋଭ ଜାରି ରହିଛି। ଗଣ ବିକ୍ଷୋଭର ମୁଖ୍ୟ ଦାବି ଖଣିରେ ରେଜିଂ ଠିକା ସଂସ୍ଥା ଆଦାନୀ କମ୍ପାନୀର ମନମୁଖୀ କାର୍ଯ୍ୟ, ଆଦାନୀ ଓ ଜେଏସଡବ୍ଲ୍ୟୁ କର୍ତ୍ତୃପକ୍ଷଙ୍କ ସମସ୍ତ ପରିବହନ ସହ ରେଳ ସାଇଡିଂରେ କାର୍ଯ୍ୟ କରିବା ଚୁକ୍ତିନାମାକୁ ବିରୋଧ କରିବା ସହ ପାରିପାର୍ଶ୍ୱିକ ଉନ୍ନତି, ନିଯୁକ୍ତି ଓ ସମସ୍ତ ବେଆଇନ୍ ଚୁକ୍ତିନାମାକୁ ବାତିଲ କରିବା ନେଇ ବିକ୍ଷୋଭ ଓ ଗଣ ଧାରଣା ଜାରି ରହିଥିବା ଜଣାପଡିଛି। ଆଗାମୀ ଦିନରେ ଖଣ୍ଡାଧାର ଓଏମ୍‌ସି ଖଣି, ଜେଏସ୍‌ଡବ୍ଲ୍ୟୁ ଖଣି ଏବଂ ସମସ୍ତ ରେଳ ସାଇଡ଼ିଂକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି। କୋଇଡା ଖଣି ମଣ୍ଡଳ ଅଧିନସ୍ଥ ରେଳ ସାଇଡିଂ ରେଞ୍ଜଡା, ରକ୍ସୀ, ବିମଲାଗଡ, ପଟାସାହି, ବର୍ସୁଆଁ, ଚାନ୍ଦିପୋଷ ଭଳି ସମସ୍ତ ରେଳ ସାଇଡିଂରେ ୧୨ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟରତ ଅଛନ୍ତି। ଆଦାନୀ ଯଦି ନିଜେ ଏଠାରେ ଲୋଡ଼ିଂ ଓ ପରିବହନ କରେ ତା'ହେଲେ ୧୨ ହଜାର ଶ୍ରମିକ ନିଜ ପରିବାର କିଭଳି ପ୍ରତିପୋଷଣ କରିବେ ବୋଲି ବିଧାୟକ କହିଛନ୍ତି। ଦାବି ଗୁଡ଼ିକ ଖଣି କର୍ତ୍ତୃପକ୍ଷ ଓ ସରକାର ଯଥାଶୀଘ୍ର ସମାଧାନ ନକଲେ ଆଗାମୀ ଦିନରେ ଆହୁରି ବିକ୍ଷୋଭ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।

## ଖରାଦିନ ନ ଆସୁଣୁ ଜଳ ସଙ୍କଟ



କଣାସ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥିତ ହୋଇଥିବା ବେଳେ ବର୍ଷସାରା ପାନୀୟ ଜଳ ସମସ୍ୟା କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ୧୦୮ ପଡା ଗ୍ରାମରେ ଜଳ ସଙ୍କଟ ଦେଖା ଦେଇଥିବାରୁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇପଡିଛି। ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ନଅ ଶହ ନଳକୂପ ଓ ୬୦ଟି ଗଭୀର କୂପ ଖନନ କରାଯାଇଛି। ମାତ୍ର ସେଥିମଧ୍ୟରୁ ଅର୍ଦ୍ଧାଧିକ ନଳକୂପରେ ଲବଣାମୁକ୍ତ ଜଳ ବାହାରୁଥିବାରୁ ସେଗୁଡିକ ଲୋକମାନେ ବ୍ୟବହାର ନକରିବାରୁ ଅଚଳ ହୋଇପଡିଛି। ଜଳପତନ ହ୍ରାସ ଯୋଗୁଁ ଅନେକ ନଳକୂପରୁ ବାଲିମାଟି ମିଶ୍ରିତ ପଙ୍କୁଆ ଜଳ ବାହାରୁଥିବାବେଳେ ଗଭୀର କୂପଗୁଡିକ ଶୁଖିଯିବାକୁ ବସିଲାଣି। ରାଜ୍ୟ ସରକାର ପାନୀୟ ଜଳ ଯୋଗାଇବା ପାଇଁ ଦୟାନଦୀର ପାଣ୍ଡିଆକେରା, ବେଣାଗାଁ, ଜଙ୍କିଆ, ଗଡିଶାଗୋଡା, ଗୋପୀନାଥପୁର ଲୁଣା ନଦୀର କରମଳା, ବିଜିପୁର, ମକରା ନଦୀର ବଡାଲ, ସୁନାଖେଳା, ସାହସପୁର, ଚୁପୁରିଙ୍ଗି, ରାଜୁଆନଦୀର ଢୋଲପାଟଣା,ଗଡବଡପୁଟ ଠାରେ ପାଇପ ଜଳ ଯୋଗାଣ ପ୍ରକଳ୍ପମାନ ନିର୍ମାଣ କରାଯାଇ କେତୋଟି ହାତଗଣତି ଗ୍ରାମକୁ ପାଇପ ଯୋଗେ ଜଳ ଯୋଗାଣ ଚାଲିଛି। ଭରବଙ୍କନଶ୍ୱର ଗଙ୍ଗୁଆନଦୀର ପ୍ରଦୂଷିତ ଜଳ ଦୟାନଦୀକୁ ନିଷ୍କାସିତ ହେଉଥିବାରୁ ଦୟା, ରାଜୁଆ, ମକରା ନଦୀର ଜଳ ବିଷାକ୍ତ ହୋଇଯାଇଥିବାରୁ ଦୀର୍ଘ ଏକମାସ ହେଲା କଣାସ ବ୍ଲକରେ ପାଞ୍ଚ ସାତଟି ଗ୍ରାମପଞ୍ଚାୟତରେ ଝାଡାବାନ୍ତି ଲାଗିରହି ୬ଜଣ ମୃତ୍ୟୁବରଣ କରିଥିବାବେଳେ ଦୁଇ ଶହରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଉକ୍ତ ନଦୀମାନଙ୍କରେ ବସାଯାଇଥିବା ପାଇପ ଜଳ ପ୍ରକଳ୍ପ ଉକ୍ତ ବିଷାକ୍ତ ଜଳକୁ ସିଧାସଳଖ ଲୋକମାନଙ୍କ ପାଖକୁ ପଠାଇ ଦେଉଛନ୍ତି। ଯାହାଦ୍ୱାରା କି ଲୋକମାନେ ସେଗୁଡିକ ବ୍ୟବହାର କରୁନାହାଁନ୍ତି। ପୁରୀ ଜିଲ୍ଲାପାଳ କଣାସ ବ୍ଲକର ଝାଡାବାନ୍ତି ଅଞ୍ଚଳ ବୁଲି ଦୟାନଦୀର ବିଷାକ୍ତ ଜଳକୁ ବ୍ୟବହାର ନକରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ କିପରି ସ୍ଥାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଉକ୍ତ ବିଷାକ୍ତ ଜଳକୁ ପାଇପ ଜଳ ଯୋଗାଣ ମାଧ୍ୟମରେ ଲୋକମାନଙ୍କୁ ଯୋଗାଉଛନ୍ତି। ଏ ସମ୍ପର୍କରେ କଣାସ ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି ଆମେ ନଦୀ ଜଳରେ ବ୍ଲିଚିଂ ପକାଇ ବିଶୋଧନ କରି ଲୋକମାନଙ୍କ ପାଖକୁ ଛାଡୁଛୁ। ବର୍ତ୍ତମାନ ଝାଡାବାନ୍ତି ଲାଗିଥିବା ୨୨ଟି ଗ୍ରାମରେ ୩୪ଟି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଚାଲିଛି। ଆଗାମୀ ଦିନରେ ଏହା ଭୟାବହ ପରିସ୍ଥିତି ସୃଷ୍ଟି କରିବ ବୋଲି ଶ୍ରୀ ସାମନ୍ତରାୟ କହିଥିଲେ।

### ।।। ଶାବର ଶ୍ରୀକ୍ଷେତ୍ର ସାଧାରଣ ପରିଷଦ ବୈଠକ ।।।

## ସ୍ଥାୟୀ ସଭାପତି ହେଲେ ଜିଲ୍ଲାପାଳ



କୋରାପୁଟ (ଭାସ୍କର ନ୍ୟୁଜ୍): କୋରାପୁଟ ଆଦିବାସୀ ସଂଗ୍ରହାଳୟ ସଭାଗୃହରେ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ଏସ୍‌ପି ରୋହିତ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା କମିଟିକୁ ଭାଙ୍ଗି ଦିଆଯାଇଛି। ପୂର୍ବତନ ସାଂସଦ ପ୍ୟାରୀମୋହନ ମହାପାତ୍ରଙ୍କ ଦେହାନ୍ତ ପରେ କମିଟି କଛିବର୍ଷ ଧରି ବିନା ସଭାପତିରେ କାର୍ଯ୍ୟ କରୁଥିଲା। ସାଧାରଣ ପରିଷଦ ବୈଠକ ନହେବା କାରଣରୁ ପରିଷଦର ନିର୍ବାଚନ ବନ୍ଦ ରହିଥିଲା। ତେଣୁ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅସ୍ଥାୟୀ କମିଟି ଗଠନ କରି ଦୁଇ ମାସ ମଧ୍ୟରେ ନିର୍ବାଚନ ପରିଚାଳନା ନିମନ୍ତେ ନୂତନ ସଦସ୍ୟାଙ୍କୁ ଚୟନ କରିବାକୁ ନଷ୍ପିତ ନିଆଯାଇଥିଲା। ମନ୍ଦିର ପରିଚାଳନାକୁ ସୁଗମ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ଭାବେ ମନୋନୀତ କରାଯାଇଛି। ଅସ୍ଥାୟୀ କମିଟିରେ ୬ଜଣ ସଦସ୍ୟ ରହିଛନ୍ତି। ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଉକ୍ତ କମିଟି କାର୍ଯ୍ୟ କରିବ। କାମଚଳା କମିଟିର ସଂପାଦକ ଭାବେ ଭବାନୀ ଶଙ୍କର ଆଚାର୍ଯ୍ୟଙ୍କୁ ଚୟନ କରାଯାଇଥିବା ବେଳେ ଜି ରାମଚନ୍ଦ୍ର ରାଓଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଅଜିତ ପାତ୍ର, ଗିରିଜା ଚୌଧୁରି ନୀଳାଦ୍ରି ପଟ୍ଟନାୟକ ଓ ସୁଧାକର ପଟ୍ଟନାୟକ ପ୍ରମୁଖ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ ମନ୍ଦିର ପରିଚାଳନାରେ ଅତି କମ୍‌ରେ ୫୦ ପ୍ରତିଶତ ଆଦିବାସୀଙ୍କୁ କମିଟିରେ ରଖିବାକୁ ପ୍ରସ୍ତାବ ଦେଇଥିଲେ। ସାଧାରଣ ପରିଷଦ ବୈଠକ ବର୍ଷରେ ଅତିକମ୍‌ରେ ଦୁଇଥର କରିବା ସହ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆର୍ଥିକ ଖର୍ଚ୍ଚ ପାଇଁ ରାଷ୍ଟ୍ରପତିଙ୍କ ଅନୁମୋଦନ ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ମନ୍ଦିରର ଆୟ ଏବଂ ବ୍ୟୟ ମଧ୍ୟରେ ଅଯୌକ୍ତିକ ଅନୁପାତ ଉପରେ ଚିନ୍ତା ପ୍ରକାଶ କରିଥିଲେ। ୨୦୨୪ ଏପ୍ରିଲରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ୪,୬୩,୦୯,୬୨୯ ଟଙ୍କା ଆୟ ହୋଇଥିବା ବେଳେ ଖର୍ଚ୍ଚ ୪,୬୦,୯୩,୫୬୨ ଟଙ୍କା ହୋଇଛି। ଶ୍ରଦ୍ଧାଳୁଙ୍କ ଦ୍ୱାରା ଦାନ କରାଯାଇଥିବା ଟଙ୍କାର ଏହା ଅନୁଚିତ ବ୍ୟବହାର ବୋଲି କହିଥିଲେ। ବୈଠକରେ ଜଗବନ୍ଧୁ ସାମଲ, ପ୍ରଫୁଲ୍ଲ ମହାପାତ୍ର, ଅରୁଣ କୁମାର ଦାଶ, ତ୍ରିନାଥ ପାତ୍ର, ଭୀମସେନ ଜେନା, ପି ରୋଜି, ଦେବେନ୍ଦ୍ର ସାହୁ, ଲଲାଟେନ୍ଦୁ ଦେଓ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ଆଦିବାସୀ ମହିଳା ସଶକ୍ତିକରଣ ଓ ଶିକ୍ଷା ଆଲୋଚନାଚକ୍ର



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟସ୍ଥ ଶିକ୍ଷା ବିଭାଗ ଓ ଆଇ.କ୍ୟୁ. ଏ ସି ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଦିବାସୀ ମହିଳା ସଶକ୍ତିକରଣ ଓ ଶିକ୍ଷା 'ସଂପାନ' ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ମଧୁସୂଦନ ଦାଶ ଚକୋଟିଆ, ଭୁଞ୍ଜିଆ ଜାତୀୟ ଆଦିବାସୀ ମାନଙ୍କ ସରଳ ଜୀବନ, ବ୍ୟବହାର, ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଆଦିବାସୀ ମହିଳାଙ୍କ ନିମନ୍ତେ ଶିକ୍ଷା ଯେତିକି ଜରୁରି ସମ୍ବେଦନଶୀଳ ସହଯୋଗ, ପ୍ରେରଣା, ଉତ୍ସାହ ମଧ ସେତିକି ଆବଶ୍ୟକ ବୋଲି ମତ ବ୍ୟକ୍ତ କରିଛନ୍ତି। ଅନ୍ୟତମ ଅତିଥି ଭାବରେ ସାମ୍ବାଦିକ ମାୟାଧର ସରାଫ ତିନିଜଣ ଚକୋଟିଆ ଆଦିବାସୀ ମହିଳା ଚାନ୍ଦିନୀ, ତ୍ରିବେଣୀ ଓ ଜୟଶ୍ରୀଙ୍କ ଶିକ୍ଷା ଗ୍ରହଣ ହେତୁ ସମାଜରେ ବାସନ୍ଦ ହେବା ଏବଂ ଏଯାଏଁ ସେମାନଙ୍କୁ ସେମାନଙ୍କ ଲାଲମହଲ (ରୋଷେଇ ଘର)କୁ ଯିବାର ଅଧିକାର ଦିଆନଯିବା ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଯଥା କୌଶଲ୍ୟା ବାରିକ, ଜଏସ ନାୟକ, ଚିତ୍ତ ରଞ୍ଜନ ଶବର, କଲ୍ୟାଣ ରଣା, ଶ୍ରୀଧର ପ୍ରଧାନୀ ପ୍ରମୁଖ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଯୁକ୍ତ ଦୁଇ ଅଧକ୍ଷ ଡ଼ ରଣବୀର ସିଂ ଆଦିବାସୀ ସମ୍ପ୍ରଦାୟର ବିକାଶ ପାଇଁ ଶିକ୍ଷାର ଉପଯୋଗୀତା ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧାପକ ଦୁର୍ଯ୍ୟୋଧନ ଭୋଇ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉକ୍ତ ପରିପ୍ରେକ୍ଷୀରେ ତିନି ଆଦିବାସୀ ଚାନ୍ଦିନୀ, ତ୍ରିବେଣୀ ଓ ଜୟଶ୍ରୀ ଶିକ୍ଷା ଗ୍ରହଣ କରିବାର ନିଷ୍ଠା ଓ ଏକାଗ୍ରତା ହିଁ ସାଧନ ସଫଳତାର ମାପକାଠି ବୋଲି ନିଜ ନିଜର ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ବିଶ୍ୱଜିତ ପାଢ଼ୀ, ପରୀକ୍ଷା ନିୟନ୍ତ୍ରକ ଅଧାପକ ସୁନିଲ କୁମାର ପାଢୀ, ଅଧାପକ ତଥାଗତ ରାଉତ, ଅଧାପକ ସୂର୍ଯ୍ୟକାନ୍ତ ଠାକୁର, ଅଧାପକ ଚିତ୍ତରଞ୍ଜନ ଜେନା, ଅଧାପକ ଜବାହର ପଣ୍ଡା, ଅଧାପିକା ରାଜେଶ୍ୱରୀ କରୁଁଆ, ଅଧାପିକା ବୀଣା ମେହେର, ଅଧାପିକା ସ୍ୱାଗତିକା ଦାଶ, ଅଧାପିକା ପୁନମ ନାୟକ, ଅଧାପକ ବିପିନ ବିଶି, ଅଧାପିକା ବିୟୁଟି ଅଗ୍ରୱାଲ, ଅଧାପିକା ସଂଗୀତା ନେତମ ଏବଂ ଅନ୍ୟାନ୍ୟ ଅଧାପକ/ଅଧାପିକା, ସହଯୋଗୀ ଉପସ୍ଥିତ ଥିଲେ । ପରିଶେଷରେ ଅଧକ୍ଷ ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ।

### ।। ବନବିଭାଗର ଚଢ଼ଉ ।।

## ଖଇର କାଠ ବୋଝେଇ ପିକ୍‌ଅପ୍ ଗାଡ଼ି ଜବତ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଅଧିନ ଖପ୍ରାଖୋଲ ଧଣ୍ଡାମୁଣ୍ଡା ରାସ୍ତା ପାଟିମାଲ୍ ଗାଁ ପାଖ ଖେଳ ପଡିଆ ନିକଟରୁ ବନବିଭାଗ ଚଢ଼ାଉ କରି ଖଇର କାଠ ବୋଝେଇ ପିକ୍‌ଅପ୍ ଗାଡି ଜବତ କରିଥିବା ଜଣାଯାଇଛି। ସୂଚନା ଅନୁସାରେ ବନବିଭାଗ ଖଇର କାଠ ଚୋରା ଚାଲାଣ ନେଇ ଖବର ପାଇ ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ବନରକ୍ଷୀ ରାଜେନ୍ଦ୍ର ଧରୁଆ, ସଂଜୀବ ପ୍ରଧାନ ସହ ବନ୍ୟପ୍ରାଣୀ ସ୍କ୍ୱାର୍ଡ ଚଢ଼ାଉ କରିଥିବା ବେଳେ ପିକଅପ୍ ଗାଡ଼ି ଚାଳକ ବନବିଭାଗ ଗାଡ଼ିକୁ ଧକ୍କା ଦେଇଥିଲା ଏବଂ ଚାଳକ ଫେରାର୍ ହୋଇଯାଇଥିଲା। ବନବିଭାଗ ଗାଡ଼ି ଅଳ୍ପ ନଷ୍ଟ ହୋଇଥିବା ବେଳେ ଏକ ବଡ଼ ଦୁର୍ଘଟଣାରୁ କର୍ମଚାରୀମାନେ ବର୍ତ୍ତି



ଯାଇଛନ୍ତି। ଏନେଇ ହରିଶଙ୍କର ବନ ବିଭାଗରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ବେଳେ ଖଇର କାଠର ଓଜନ ପାଞ୍ଚ କ୍ୱିଣ୍ଟାଲ୍ ହେବ ବୋଲି ବନବିଭାଗ ସୂଚନା ଦେବା ସହ ଏକ ପିକ୍‌ଅପ୍ ଗାଡ଼ି, ଏକ ମୋଟର ସାଇକେଲ ଜବତ କରିଥିବା ସୂଚନା ଦେଇଛନ୍ତି।

### ■ ଲେଙ୍ଗୁ ମିଶ୍ର ଛକଠାରୁ ଜୀରାବ୍ରିଜ ଯାଏ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ ■

## ଶୁଣାଣି ପରେ ହେବ କାର୍ଯ୍ୟାନୁଷ୍ଠାନ



ବରଗଡ (ଭାସ୍କର ନ୍ୟୁଜ୍): ସହରର ବହୁଚର୍ଚ୍ଚିତ ଲେଙ୍ଗୁ ମିଶ୍ର ଛକଠାରୁ ଜୀରାବ୍ରିଜ ଯାଏ ହୋଇଥିବା ରାସ୍ତା ଜବରଦଖଲ କେବେ ଉଚ୍ଛେଦ ହେବ, ତାକୁ ସହରବାସୀ ଚାହିଁ ବସିଛନ୍ତି। ଏ ନେଇ ଶୁକ୍ରବାର ଏହି ସ୍ଥାନ ଉଚ୍ଛେଦ ଦାବିର ନେତୃତ୍ୱ ନେଉଥିବା ବରଗଡ଼ ଜିଲ୍ଲା ଓକିଲ ସଂଘ ଏବଂ ସମଲେଶ୍ୱରୀ ସଂଘର ଏକ ପ୍ରତିନିଧି ଦଳ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ(ଇ.ଓ.) ଦେବାନନ୍ଦ ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। ତେବେ ଆଗକୁ ଶୀଘ୍ର ଲେଙ୍ଗୁ ମିଶ୍ର ଛକଠାରୁ ଜୀରାବ୍ରିଜ ଯାଏ ରାସ୍ତା ଜବରଦଖଲ ଉଚ୍ଛେଦ ନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁ ସକାରାତ୍ମକ ସୂଚନା ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବରଗଡ଼ ସହରର ଲେଙ୍ଗୁ ମିଶ୍ର ଛକଠାରୁ ଜୀରାବ୍ରିଜ ଯାଏ ଜବରଦଖଲ ଉଚ୍ଛେଦ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ହୋଇ ରହି ଆସିଛି। ଏହି ସ୍ଥାନ ଉଚ୍ଛେଦ ସପକ୍ଷରେ ଗତ ବର୍ଷକ ମଧ୍ୟରେ ଉଚ୍ଚ ନ୍ୟାୟାଳୟ ମଧ ୨ଥର ରାୟ ଦେଇ ସାରିଛନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଜବରଦଖଲ ସ୍ଥାନକୁ ଉଚ୍ଛେଦ କରିବା ବଦଳରେ ପ୍ରଶାସନ ବିଭିନ୍ନ ଆଳରେ ସମୟ ଗଡ଼ାଇ ଚାଲିଛି। ଅନ୍ୟପଟେ ସହରର ଗରିବ, ଠେଲା ଦୋକାନୀଙ୍କୁ ସ୍ୱଳ୍ପକାଳୀନ ମୌଖିକ ନୋଟିସ୍‌ରେ ଉଚ୍ଛେଦ କରାଯାଉଛି। ଏହାକୁ ନେଇ ଚାପା ଅସନ୍ତୋଷ ଲାଗି ରହିଥିବାବେଳେ ଉଚ୍ଛେଦ ପ୍ରକ୍ରିୟାରେ ଏଭଳି ପାତରଅନ୍ତର ନୀତି ଯୋଗୁ ପ୍ରଶାସନ ଉପରେ ସହରବାସୀଙ୍କ ବିକ୍ଷୋଦ୍‌ଗାର ପରିଲକ୍ଷିତ ହେଉଛି। ଗତ ଧନୁଯାତ୍ରା ମହୋତ୍ସବ ଅବ୍ୟବହିତ ପୂର୍ବରୁ ଜୀରାନଦୀ କୂଳ ଅମ୍ବାପାଲି ନିକଟରେ ଜଣେ ବୃଦ୍ଧାଙ୍କ ଘରକୁ ଉଚ୍ଛେଦ କରିବାକୁ ଯାଇଥିବାବେଳେ ପ୍ରଶାସନ ବିରୋଧର ସମ୍ମୁଖୀନ ହୋଇଥିଲା। ସେହିପରି ବୁଧବାର ଦୋକାନ ଖାଲି କରିବାକୁ ମୌଖିକ ନିର୍ଦ୍ଦେଶ ଦେଇ ଶନିବାର ଅମ୍ବାପାଲି ଛକରେ ୩ଦୋକାନୀଙ୍କୁ ଉଚ୍ଛେଦ କରାଗଲା। ଅନ୍ୟପଟେ ଉଚ୍ଛେଦ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ବାରମ୍ବାର ରାୟ ଦେବା ସତ୍ତ୍ୱେ ବର୍ଷାଧିକକାଳ ଧରି ଲେଙ୍ଗୁ ମିଶ୍ର ଛକଠାରୁ ଜୀରାବ୍ରିଜ ଯାଏ ଜବରଦଖଲ ଉଚ୍ଛେଦ କରିବା ପାଇଁ ପ୍ରଶାସନ କାହିଁକି ସାହସ ଜୁଟାଇ ପାରୁନାହିଁ ବୋଲି ସହରରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଶୁକ୍ରବାର ଜିଲ୍ଲା ଓକିଲ ସଂଘ ଏବଂ ସମଲେଶ୍ୱରୀ ସଂଘର ପ୍ରତିନିଧିବୃନ୍ଦ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁଙ୍କୁ ଭେଟିବା ପରେ ଲେଙ୍ଗୁ ମିଶ୍ର ଛକଠାରୁ ଜୀରାବ୍ରିଜ ଯାଏ ଜବରଦଖଲ ଉଚ୍ଛେଦ ନେଇ ସବୁଜ ସଙ୍କେତ ମିଳିଛି। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁ କହିଛନ୍ତି, ଉଚ୍ଚ ନ୍ୟାୟାଳୟର ଆଦେଶକ୍ରମେ ସମ୍ପୃକ୍ତ ସ୍ଥାନ ଜବରଦଖଲ କରିଥିବା ଲୋକଙ୍କୁ ପର୍ଯ୍ୟାୟକ୍ରମେ ନୋଟିସ୍ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୦ଜଣଙ୍କୁ ନୋଟିସ୍ ହୋଇଛି। ଆସନ୍ତା ୧୨ ଓ ୧୫ତାରିଖ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶୁଣାଣି ରହିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେଥିପାଇଁ ଏକ କମିଟି ମଧ ଗଠନ କରାଯାଇଛି। ପର୍ଯ୍ୟାୟକ୍ରମେ ସମସ୍ତ ଜବରଦଖଲକାରୀଙ୍କୁ ନୋଟିସ୍ ? ହେବ ଏବଂ ଶୀଘ୍ର ଶୁଣାଣି ଶେଷ କରି ସହରବାସୀଙ୍କ ସୁବିଧା ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସାହୁ କହିଥିଲେ। ଏ ସମ୍ପର୍କରେ ଜିଲ୍ଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ କହିଛନ୍ତି, ଜିଲ୍ଲା ଓକିଲ ସଂଘ ସ୍ଥାନୀୟ ସମଲେଶ୍ୱରୀ ସଂଘ ସହିତ ମିଳିତ ଭାବେ ଲେଙ୍ଗୁ ମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ଯାଏ ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲା। ଉଚ୍ଛେଦ ପ୍ରକ୍ରିୟା ମଧ ଆରମ୍ଭ ହୋଇଥିଲା। କିନ୍ତୁ ଉଚ୍ଚ ନ୍ୟାୟାଳୟ ଆଦେଶକ୍ରମେ ସେହି ପ୍ରକ୍ରିୟା ବନ୍ଦ ରହିଥିଲା। ଏପରି କି ଓକିଲ ସଂଘ ନାମରେ କିଛି ଲୋକ ମଧ କେସ୍ କରିଥିଲେ। କିନ୍ତୁ ଉଚ୍ଚ ନ୍ୟାୟାଳୟ ଉଚ୍ଛେଦ ସପକ୍ଷରେ ରାୟ ଦେଇଛନ୍ତି। ପ୍ରଶାସନ ଉଚ୍ଚ ନ୍ୟାୟାଳୟର ଆଦେଶକୁ ଭିତ୍ତି କରି ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି। ଫଳରେ ଶୀଘ୍ର ଉଚ୍ଛେଦ ଅଭିଯାନ ପୁଣି ଆରମ୍ଭ ହେବ ବୋଲି ସରାଫ କହିଛନ୍ତି। ସମଲେଶ୍ୱରୀ ସଂଘର ସଭାପତି ସମୀର ପ୍ରଧାନ ମଧ ଅନୁରୂପ ମତ ରଖିଛନ୍ତି।

## ଷ୍ଟାଣ୍ଡିଂ କମିଟିର ତେନ୍ତୁଳିଖୁଣ୍ଟି ବ୍ଲକ ପରିଦର୍ଶନ

ତେନ୍ତୁଳିଖୁଣ୍ଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କେତେକ ବିଦ୍ୟାଳୟକୁ ଷ୍ଟାଣ୍ଡିଂ କମିଟି ପରିଦର୍ଶନ କରିଥିଲେ। ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଡାବୁଗାଁ ବିଧାୟକ ମନହର ରନ୍ଧାରୀଙ୍କ ନେତୃତ୍ୱରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ପ୍ରମୁଖ ତେନ୍ତୁଳୀଖୁଣ୍ଟି ବ୍ଲକ ଗସ୍ତ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟ ଗୁଡିକ ପରିଦର୍ଶନ କରିବା ସହିତ ବିଦ୍ୟାଳୟର ଭିତିଭୂମି ଦେଖି ପିଲାଙ୍କ ସହ ଆଲୋଚନା କରିଥିଲେ। ତେବେ କୁଜାଜାନିଗୁଡ଼ା ଆବାସିକ ବିଦ୍ୟାଳୟକୁ ଯାଇ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ବିଦ୍ୟାଳୟରେ ସବୁବେଳେ ପାଣିର ସମସ୍ୟା ଲାଗି ରହିଥିବା ଶୁଣି ଶୀଘ୍ର ସମାଧାନ ପାଇଁ ପିଏ ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସାହୁଙ୍କୁ ଅତି ଶୀଘ୍ର ପାଣି ଯୋଗାଇବା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଧକ୍ଷ ଶ୍ରୀଯୁକ୍ତ ରନ୍ଧାରୀ ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସଂସ୍କୃତ ଓ ଇଂରାଜୀ ବିଷୟରେ ପଢେଇବା ସହିତ ବିଭିନ୍ନ ବିଷୟରେ ପଚାରି ବୁଝି ସନ୍ତୁଷ୍ଟ ପ୍ରକାଶ କରିଥିଲେ। ପରେ ପାତ୍ରପୁଟ ବିଦ୍ୟାଳୟକୁ ଯାଇ ସେଠାରେ ମଧ ପିଲାଙ୍କ ସମସ୍ୟା ପଚାରି ବୁଝିଥିଲେ। ଖାଦ୍ୟ କିପରି ଦିଆଯାଉଛି ପଚାରି ବୁଝିବା ସହ ପିଲାଙ୍କୁ ବିଭିନ୍ନ ବିଷୟରେ ପାଠ ପଢେଇ ଥିଲେ। କମିଟି ସହ ବିଭାଗ ଉପନିର୍ଦ୍ଦେଶକ ମୋନଜ କୁମାର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଆଇଟିଡିଏ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମସ୍ତ ବିଦ୍ୟାଳୟ କର୍ମଚାରୀ ଉପସ୍ଥିତ ରହିଥିଲେ।

## ଡାବୁଗାଁ-ଧୋଡ଼ରା ରାଜ୍ୟ ରାଜପଥ ହେବ ପ୍ରଶସ୍ତ

ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ବିରିଶୋଲା ଠାରୁ ଧୋଡ଼ରା ପର୍ଯ୍ୟନ୍ତ ରାଜ୍ୟ ରାଜପଥ ରାସ୍ତା ପ୍ରଶସ୍ତୀ କରଣ ହେବା ପ୍ରାୟ ୩୯ କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତା କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ପରେ ଦୁଇଟି ଠିକା ସଂସ୍ଥା ଚୁକ୍ତି କରିବାକୁ ଥିବା ବେଳେ ଆଗାମୀ ୧୫ଦିନ ମଧ୍ୟରେ ରାସ୍ତାକାମ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ପୂର୍ତ୍ତ ବିଭାଗ ଅଧିନରେ ଥିବା ଡାବୁଗାଁ ବିରିଶୋଲା ରାଜ୍ୟ ରାଜପଥ-୩୯ ରୁ ଝରିଗାଁ ବ୍ଲକ ଅନ୍ତର୍ଗତ ଧୋଡ଼ରା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହେବା ଏଥି ନିମନ୍ତେ ଦୁଇଟି ଠିକା ସଂସ୍ଥା ଚୁକ୍ତି କରିବାକୁ ଥିବାବେଳେ ଆଗାମୀ ୨ ବର୍ଷ ମଧ୍ୟରେ ଏହି ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ ହେବାକୁ ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି। ବିରିଶୋଲାଠାରୁ ଡାବୁଗାଁ ଅଗ୍ନିଶମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୋଟିଏ ଠିକା ସଂସ୍ଥା ଏବଂ ଅଗ୍ନିଶମ କାର୍ଯ୍ୟାଳୟ ଠାରୁ ଝରିଗାଁ ବ୍ଲକ ଅନ୍ତର୍ଗତ ଧୋଡ଼ରା ପର୍ଯ୍ୟନ୍ତ ଅନ୍ୟ ଏକ ଠିକା ସଂସ୍ଥା କାର୍ଯ୍ୟ କରିବା ପ୍ରାୟ ୩୦ କିମି ଲମ୍ବା ଏହି ରାସ୍ତା ପ୍ରଶସ୍ତୀକରଣ ପରେ ବହୁ ମାତ୍ରାରେ ଟ୍ରାଫିକ୍ ସମସ୍ୟା ଦୂରୀଭୂତ ହେବ। ତେବେ ଡାବୁଗାଁ କନ୍ୟାଶ୍ରମଠାରୁ ଅଗ୍ନିଶମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ରାସ୍ତା ହେବା ଦ୍ୱାରା କନ୍ୟାଶ୍ରମଠାରୁ ଅଗ୍ନିଶମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ଏବଂ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା କିଛି ଅଧିବାସୀ ବିସ୍ଥାପିତ ହେବାର ସମ୍ଭାବନା ଦେଖାଦେଇଛି। ୪ ଲେନ୍ ରାସ୍ତା ହେବା ଦ୍ୱାରା ବର୍ତ୍ତମାନ ରାଜ୍ୟ ରାଜପଥ-୩୯ ଦୁଇଗୁଣ ଓସାର ହେବ। ଧୀରେ ଧୀରେ ଡାବୁଗାଁର ଜନସଂଖ୍ୟା ବୃଦ୍ଧି ସହ ଯାନବାହନ ଚଳାଚଳରେ ଅହେତୁକ ବୃଦ୍ଧି ଯୋଗୁଁ ସବୁଦିନ ଟ୍ରାଫିକ୍ ସମସ୍ୟା ଲାଗି ରହୁଥିଲା। ବିଶେଷ କରି ତାରିଣୀ ମନ୍ଦିର ଛକ, ଦୈନିକ ବଜାର, ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ରହୁଥିଲା। ତେଣୁ ୪ ଲେନ୍ ରାସ୍ତା ହେଲେ ଆଉ ଟ୍ରାଫିକ୍ ସମସ୍ୟା ଦେଖା ଦେବ ନାହିଁ। ଡାବୁଗାଁ କୃଷି କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଣ ଓସାରିଆ ସହ ଜନଗହଳି ରହୁଥିବା ବେଳେ ରାସ୍ତା ପ୍ରଶସ୍ତୀକରଣ ପରେ ଲୋକେ ଆଶ୍ୱସ୍ତ ହେବେ। ପୂର୍ତ୍ତ ବିଭାଗ ଦ୍ୱାରା ଡାବୁଗାଁ ମୁଖ୍ୟ ତାରିଣୀ ମନ୍ଦିର ଛକରୁ ମାନିଗାଁ ଓ ବୋରିଗାଁ ପର୍ଯ୍ୟନ୍ତ ବର୍ତ୍ତମାନ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଥିବା ବେଳେ ରାସ୍ତା ପାର୍ଶ୍ୱରେ ବହୁ ଦୋକାନ ଘର ଭଙ୍ଗା ଅବସ୍ଥାରେ ରହିଛି। ବର୍ତ୍ତମାନ ନୂଆ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହେଲେ ରାସ୍ତା ପାର୍ଶ୍ୱରେ ଥିବା ବହୁ ପୁରୁଣା ଦୋକାନ ଗୃହ ନିଶ୍ଚିହ୍ନ ହୋଇଯିବ !

## ନିଶାର୍ଦ୍ଧରେ ଆହତଙ୍କୁ ସମାଜସେବୀଙ୍କ ସହାୟତା



ବରଗଡ଼ (ଭାସ୍କର ନ୍ୟୁଜ୍): ଗତକାଲି ବିଳମ୍ବିତ ରାତିରେ ବରଗଡ଼ ପଟୁ ଭଟଲି ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ (ନଂ ଓଆର୍ ୧୭ ଜି ୨୧୮୮ ) ଦ୍ରୁତଗତିରେ ଆସି ରାସ୍ତା କଡ଼ରେ ଠିଆ ହୋଇଥିବା ଜନୈକ ଯୁବକଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଖବର ପାଇ ସମାଜସେବୀ ସଂଘମିତ୍ରା ପଟେଲ ନିଜ ସାଙ୍ଗ ଡଳି ମହାରଣାଙ୍କ ସହିତ ତତ୍‌କ୍ଷଣାତ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହିତ ପୋଲିସ ସହାୟତାରେ ଉକ୍ତ ଗାଡି ଓ ଡ୍ରାଇଭରକୁ ଧରି ଥାନାକୁ ଆଣିଥିଲେ। ଘଟଣାର ବିବରଣୀରୁ ପ୍ରକାଶ ଯେ ଡାଙ୍ଗ ପ୍ରଧାନ ଟିକ୍ରା ନିବାସୀ ସନ୍ତୋଷ ଦୋରା ନିଜ ସାଙ୍ଗ ସହିତ ରାସ୍ତାକଡରେ ଛିଡ଼ା ହୋଇଥିବା ସମୟରେ ଦ୍ରୁତଗତିରେ ବରଗଡ଼ ପଟୁ ଭଟଲି ଯାଉଥିବା ଉକ୍ତ ପିକ୍‌ଅପ୍ ଭ୍ୟାନ ସନ୍ତୋଷଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଖବରପାଇ ସମାଜସେବୀ ସଂଘମିତ୍ରା ପଟେଲ ଓ ଡଳୀ ମହାରଣାଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ହେଁ ଆମ୍ବୁଲାନ୍ସ ନଆସିବାରୁ ଏକ ଅଟୋରେ ଆହତଙ୍କୁ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇବା ସହିତ ପୋଲିସକୁ ଖବର ଦେଇ ଡ୍ରାଇଭର ସୁଶାନ୍ତ ଡାଙ୍ଗ ଓ ଗାଡିକୁ ଥାନାକୁ ଆଣିଥିଲେ ! ଠିକ୍ ସମୟରେ ଅଟୋ ଡ୍ରାଇଭର ଠାକୁର ଭୋଇ ବିନା ପାଉଣାରେ ସହଯୋଗ କରିଥିବାରୁ ଶ୍ରୀମତୀ ପଟେଲ, ଆହତଙ୍କ ପରିବାର ଓ ପୋଲିସ କର୍ମଚାରୀମାନେ ଶ୍ରୀ ଭୋଇଙ୍କୁ ପ୍ରଶଂସା କରିଥିଲେ। ଡାକ୍ତର ସାରଦା ପ୍ରସାଦ ନାଏକ ତୁରନ୍ତ ଆହତଙ୍କୁ ଚିକିତ୍ସା ସହାୟତା କରିଥିଲେ। ସଂଘମିତ୍ରାଙ୍କ ଏହି କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଉଛି।

## ମା'ମଙ୍ଗଳାଙ୍କ ପଞ୍ଚମ ଜନ୍ମବାର୍ଷିକ ଉତ୍ସବ ପାଳିତ

ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପଶି ଗ୍ରାମରେ 'ମା ମଙ୍ଗଳା'ଙ୍କ ପଞ୍ଚମ ଜନ୍ମ ବାର୍ଷିକ ଉତ୍ସବ ମାଘମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ରବିବାର ମହାସମାବେଶ ରେ ପାଳିତ ହୋଇଅଛି । ପ୍ରାତଃ ସମୟରୁ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ପୁରୁଷ ଓ ମହିଳାମାନେ ସ୍ଥାନୀୟ ଗୋଡି ପୋଖରୀରୁ ପୂଜାର୍ଚ୍ଚନା କରି ଜଳକୁମ୍ଭ ପୂର୍ଣ୍ଣ କରି ପଟୁଆର ମେଳରେ ଗ୍ରାମ ପରିକ୍ରମା କରି ମା'ଙ୍କ ମନ୍ଦିରରେ କଳସ ସ୍ଥାପନା କରିଥିଲେ। ମା'ଙ୍କ ମନ୍ଦିର ପୂଜାସ୍ଥଳରେ କର୍ତ୍ତା ଭାବେ କୈଳାସ ଚନ୍ଦ୍ର ସାହୁ ଓ ଅନୁପମା ସାହୁ କାର୍ଯ୍ୟ ନିର୍ବାହ କରିଥିବା ବେଳେ, ପୂଜକ ପ୍ରଶାନ୍ତ ଆଚାର୍ଯ୍ୟ ଓ ଶ୍ରୀକାନ୍ତ ଷଡଙ୍ଗୀଙ୍କ ଦ୍ୱାରା ପୂଜାର୍ଚ୍ଚନା ହୋଇଥିଲା। ଏହି ଉତ୍ସବ କାର୍ଯ୍ୟକ୍ରମ ଗ୍ରାମବାସୀ ଓ ସମସ୍ତ ମନ୍ଦିର କମିଟି ସଦସ୍ୟଙ୍କ ସହଯୋଗରେ ପରିଚାଳନା ହେଉଥିବା ବେଳେ, ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଗ୍ରାମର ପୁରୁଷ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ, ଲଉଡ଼ି ଖେଳ, ମାଦଳ ନୃତ୍ୟ, ଘଣ୍ଟୁଆ ବାଦ୍ୟକାରଙ୍କ ନାମ ସଂକୀର୍ତ୍ତନ ରେ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରିଶେଷରେ ମା'ଙ୍କ ନିକଟରେ ସନ୍ଧ୍ୟାରେ ଭୁବନେଶ୍ୱରରୁ ଆସିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।



## ଗତିଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କଣାସ (ଭାସ୍କର ନ୍ୟୁଜ): ଏହି ବ୍ଲକ ସୋରେଇ ପଞ୍ଚାୟତ ଅନ୍ତର୍ଗତ ସିରେଇ ଗ୍ରାମର ଆରାଧ ଠାକୁର ବାବା ଗତୀଶ୍ୱର ଦେବଙ୍କ ପୀଠରେ ୭ ତାରିଖରୁ ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ୧୨ ତାରିଖ ଅପରାହ୍ନରେ ପୂର୍ଣ୍ଣାହୁତି ପରେ ଉଦ୍‌ଯାପନ କରାଯିବ। ଏ ନେଇ ଆୟୋଜିତ କଳସ ଯାତ୍ରାରେ ଶହ ଶହ ମହିଳା ଓ ପୁରୁଷ ଯଜ୍ଞ ସ୍ଥଳରୁ ପୂର୍ଣ୍ଣକୁମ୍ଭ ଧରି ରାହାନ୍ଦିଆ, ସହନା, ବ୍ଲକ ବଜାର, ବାଲିଘାଇଛକ, କୁଞ୍ଜେଶ୍ୱରୀ ବଜାର, ବସ୍‌ଷ୍ଟାଣ୍ଡ, ଗୋଲାବଜାର ଦେଇ ଦୋକନ୍ଦା ଦୟାନଦୀ ଘାଟରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇ ପାଣି ଉଠାଯିବା ପରେ ଯଜ୍ଞସ୍ଥଳକୁ ଫେରି ଆସିଥିଲେ। ୬ଦିନ ଧରି ଶୁଭାଧିବାସ, ଅଙ୍କୁରୋପଣ, ଜଳଯାତ୍ରା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ସାଲାପୂଜା, ଆହୁତିପ୍ରଦାନ, ଗୋପୂଜା, ଅଭିଷେକ, ଗୀତାପାଠ ଓ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହେବ।



ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଆନନ୍ଦପୁର ମହାବିଦ୍ୟାଳୟରେ ଦ୍ୱାଦଶ ବୈତରଣୀ ବକ୍ତୃତାମାଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡ଼କ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଆବାହକ ପ୍ରାଧ୍ୟାପକ ଡ଼କ୍ଟର ଶକ୍ତି ପ୍ରସାଦ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିବା ପରେ ଅଧ୍ୟାପକ ଡକ୍ଟର ବଶିଷ୍ଠ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ରଘୁ ଦୀପ୍ତି ନାୟକ ସଭା ସଂଯୋଜନା କରିଥିବା ବେଳେ ପତିତପାବନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରଫେସରର ହରେକୃଷ୍ଣ ଶତପଥି ଓ ଡ଼କ୍ଟର କମଳା କାନ୍ତ ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପ୍ରଧାପକ ପ୍ରଦୀପ କୁମାର ଧଳ, ଶିବ ଚରଣ ବେହେରା ଓ ଡକ୍ଟର ନିମାଇଁ ଚରଣ ରାଉତ ଯୋଗ ଦେଇଥିଲେ। ସର୍ବ ପ୍ରଥମେ ପୁଷ୍ପଲତା ରାମ ଜଗନ୍ନାଥ ଭଜନ ଓ ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ ପ୍ରମୋଦ କୁମାର ରାଜ ଗୋପବନ୍ଧୁ ପଣ୍ଡାଙ୍କ ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ, କାହ୍ନୁଚରଣ ଜେନା, ଶ୍ରୀଲେଖ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସୋଲାର ସିଷ୍ଟମ ଯୋଗେ ଜଳ ଯୋଗାଣ ପ୍ରଭାବିତ

# ପୋଖରୀ ଜଳ ସାହା ଭରଷା



ଭାପୁର (ଭାସ୍କର ନ୍ୟୁଜ୍): ମାଘ ମାସରେ ବାଘ ପରି ଶୀତ ହେବା ପରିବର୍ତ୍ତେ ଚୈତ୍ର ମାସ ପରି ଖରା ଜନସାଧାରଣଙ୍କୁ ଅତିଷ୍ଠ କରିଲାଣି । ଏହି ପରିପ୍ରେକ୍ଷୀରେ, ଭାପୁର ବ୍ଲକ କଇଁଫୁଲ୍ଲିଆ ପଞ୍ଚାୟତ ଦୁଆଡିଆ ଗ୍ରାମର ଆଦିବାସୀ ସାହିରେ ଏବେଠାରୁ ଜଳକଷ୍ଟ ଦେଖାଦେଲାଣି । ଆଦିବାସୀ ସାହିର ଜନସଂଖ୍ୟା ୧୫୦ରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ବିକ୍ରି କରିବା, ମେଣ୍ଢାଛେଳି ଚରେଇବା, ମୂଲ ଲାଗି ଯାହା ରୋଜଗାର କରନ୍ତି ସେଥିରେ ପରିବାର ପ୍ରତିପୋଷଣ କରିଥାନ୍ତି। ସେମାନଙ୍କ ପାଇଁ ଗୋଟିଏ ନଳକୂପ ଏବଂ ସୋଲାର ସିଷ୍ଟମ ଦ୍ୱାରା ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ହୋଇଥିଲା କିନ୍ତୁ, ଗୋଟିଏ ନଳକୂପ ଆଦିବାସୀ ସାହିକୁ ପାଣି ଯୋଗାଇ ନପାରିବାରୁ ସେଥିରୁ ଲୌହଯୁକ୍ତ ପାଣି ବାହାରିବାରୁ ତାହା ପାନୀୟ ଅନୁପଯୁକ୍ତ ହୋଇ ପଡ଼ିଥିଲା। ଗ୍ରାମବାସୀଙ୍କ ଦାବି ପରେ ଦୁଇବର୍ଷ ହେଲା ସୋଲାର ସିଷ୍ଟମ ଦ୍ୱାରା ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ମାତ୍ର, ଗତ ୬ମାସ ହେଲା ସୋଲାର ସିଷ୍ଟମ ମେସିନ୍ ଖରାପ ହୋଇଯାଇଥିବା ବେଳେ ମରାମତି ପାଇଁ ଗ୍ରାମବାସୀ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଫଳରେ, ଗ୍ରାମବାସୀ ପୋଖରୀର ପାଣି ବ୍ୟବହାର କରୁଥିବା ଦେଖାଦେଇଛି । ବ୍ଲକ କାର୍ଯ୍ୟାଳୟ ଠାରୁ ଏକ କିମି ଦୂରରେ ଥିବା ଏହି ଆଦିବାସୀ ସାହିର ଜଳକଷ୍ଟକୁ ବିଭାଗୀୟ ଅଧିକାରୀ ତଥା ଜନପ୍ରତିନିଧିମାନଙ୍କର ଦୃଷ୍ଟିଗୋଚର ହେଉନଥିବା ବେଳେ ଆଗକୁ ଅଧିକ ଦୂରତା ବିଶିଷ୍ଟ ପଞ୍ଚାୟତ ଗୁଡ଼ିକର ଜଳ ସମସ୍ୟା କିପରି ସମାଧାନ ହୋଇପାରିବ ତାହା ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଭଙ୍ଗା ଚାଳିଆରେ ଗଢ଼ାଯାଉଛି କୋମଳମତି ଶିଶୁଙ୍କ ଭବିଷ୍ୟତ





ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଛୋଟ ଛୋଟ କୋମଳମତି ପିଲାଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ପାଇଁ ଅଙ୍ଗନବାଡି କେନ୍ଦ୍ରରେ ବିଭିନ୍ନ ବ୍ୟବସ୍ଥା କରାଯାଉଛି । ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ କିଛି ଅଙ୍ଗନବାଡି କେନ୍ଦ୍ରରେ ନିଜସ୍ୱ ଗୃହ ନଥିବାରୁ କେଉଁଠି ଭଡ଼ାଘରେ ତ, କେଉଁଠି ଗାଁ ରୋଷଶାଳା ବାରଣ୍ଡାରେ ଆଉ କେଉଁଠି ସାଇକ୍ଲୋନ ସେଣ୍ଟରର ବିପଦ ସଂକୁଳ ଘରେ ପିଲାଙ୍କ ପାଠ ସହ ରାନ୍ଧିବା, ଖାଇବାକୁ ଦେବା କଷ୍ଟ ସାଧ ହେଉଛି। ସମସ୍ୟା ଭୋଗୁଛନ୍ତି ଅଙ୍ଗନବାଡି କର୍ମୀ । ୧ରୁ ୩ବର୍ଷ ପିଲାଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ସରକାର ଗାଁ ଗାଁରେ ଅଙ୍ଗନବାଡି କେନ୍ଦ୍ର ଖୋଲିଛନ୍ତି ସତ, ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଅଙ୍ଗନବାଡି କେନ୍ଦ୍ରଗୁଡିକ କେଉଁଠି ଗାଁ ରୋଷ ଘର ପିଣ୍ଡାରେ ତ ଆଉ କେଉଁଠି ଭଡାଘରେ ତ ଆଉ କେଉଁଠି ବିପଦ ସଂକୁଳ ସାଇକ୍ଲୋନ ସେଣ୍ଟରରେ କୁନି କୁନି କୋମଳ ମତି ଶିଶୁଙ୍କୁ ପାଠ ପଢାଯାଉଛି। ନୂତନ ଗୃହ ନିର୍ମାଣ ହୋଇଛି କିନ୍ତୁ ଠିକାଦାରଙ୍କ ବକେୟା ଟଙ୍କା ଦେଇନାହାନ୍ତି କନିଷ୍ଠ ଯନ୍ତ୍ରୀ, ଯାହାକୁ ନେଇ ଦଣ୍ଡ ପାଉଛନ୍ତି କୁନି କୁନି ପିଲା। ବନ୍ଧା ପଡିଛି ଅଙ୍ଗନବାଡି କେନ୍ଦ୍ର ଯାହାକୁ ନେଇ କେଉଁଠି ବିପଦ ସଂକୁଳ ଘରେ କେଉଁଠି ଭଡ଼ାଘରେ ତ ଆଉ କେଉଁଠି ସ୍କୁଲ ଘରେ ପାଠ ପଢୁଛନ୍ତି। ୧୫ ଟି ନୂତନ ଅଙ୍ଗନବାଡି ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବିଡ଼ିଓ ହସ୍ତାନ୍ତର କରିନାହାନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ୧୫ଟି ପଞ୍ଚାୟତରେ ୧୭୮ଟି ଅଙ୍ଗନବାଡି କେନ୍ଦ୍ର ଥିବାବେଳେ ନିଜସ୍ୱ ଗୃହରେ ୧୦୬ଟି କେନ୍ଦ୍ର, କମ୍ୟୁନିଟି ସେଣ୍ଟରରେ ୨୫ଟି ଅଙ୍ଗନବାଡ଼ି କେନ୍ଦ୍ର, ଭଡ଼ାଘରେ ୧୨ଟି ଅଙ୍ଗନବାଡି କେନ୍ଦ୍ର ଓ ସ୍କୁଲ ଘରେ ୩୫ଟି ଅଙ୍ଗନବାଡି କେନ୍ଦ୍ରରେ କୁନି କୁନି କୋମଳ ମତି ଶିଶୁ ପାଠ ପଢୁଛନ୍ତି। ଅସ୍ତରଙ୍ଗ ବ୍ଲକର ନାନପୁର ଅଙ୍ଗନବାଡି କେନ୍ଦ୍ର ଟି ସାଇକ୍ଲୋନସେଣ୍ଟରଟି ବିପଦ ସଂକୁଳ ଅବସ୍ଥାରେ ଥିବାବେଳେ କୁନି କୁନି ପିଲା ପାଠ ପଢୁଛନ୍ତି ଏ ନେଇ ନାନପୁର ଗ୍ରାମର ଶିବ ରାଉତ କହିଛନ୍ତି ବାରମ୍ବାର ଜିଲ୍ଲା ପ୍ରଶାସନକୁ ଅବଗତି କରାଇଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣୁନାହାନ୍ତି, ଯଦି ବିପଦ ସଂକୁଳ ଘରେ ପିଲା ପାଠ ପଢୁଛନ୍ତି କେବେ କିଛି ଅଘଟଣ ଘଟେ ପ୍ରଶାସନ ଦାୟୀ ରହିବ। ତାଳଦା ପଞ୍ଚାୟତ ଡିଆ ଅଙ୍ଗନବାଡି କେନ୍ଦ୍ରର ନିଜ୍ୱସ ଘର ନଥିବାରୁ ଗାଁ ମନ୍ଦିର ରୋଷଘର ପିଣ୍ଡାରେ ନିଜ ଭବିଷ୍ୟତ ଗଢୁଛନ୍ତି କୁନି କୁନି ପିଲା । ବର୍ଷା ଦିନେ ପାଠ ପଢିବା ମଧ୍ୟ କଷ୍ଟକର ହୋଇପଡୁଛି। ଏ ନେଇ ପୁରୀ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର କହିଛନ୍ତି ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ଖୁବଶୀଘ୍ର ଅଙ୍ଗନବାଡି ଗୃହ ହସ୍ତାନ୍ତର କରାଯିବ। କୁନି କୁନି କୋମଳ ମତି ପିଲାଙ୍କ ପାଇଁ ସରକାର କେବେ ଦୃଷ୍ଟି ଦେଉଛନ୍ତି ଅଙ୍ଗନବାଡି କେନ୍ଦ୍ର ଗୁଡିକ କେବେ ନିଜସ୍ୱ ଗୃହରେ ଚାଲୁଛି ତାହା ହିଁ ଅପେକ୍ଷା।

# ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ




ପାରାଦୀପ (ଭାସ୍କର ନ୍ୟୁଜ୍): ଦୀର୍ଘ ତିନିଦିନ ଧରି ଚାଲିଥିବା ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଆଲୁମ୍ନି ଆସୋସିଏସନ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷା ଓ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ମହାବିଦ୍ୟାଳୟ ପରଚଳନା କମିଟିର ସଭାପତି ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଆଲୁମ୍ନି ଆସୋସିଏସନର ସଭାପତି ତଥା ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପିପିଏଲ ସାର କାରଖାନାର ମୁଖ୍ୟ ପଲାନିସାମୀ ଭେଲୁସାମୀ, ଜେଏସଡବ୍ଲ୍ୟୁ ଉତ୍କଳ କମ୍ପାନୀର ଜିଏମ୍ ଚନ୍ଦ୍ରଭାନୁ ଚୌଧୁରୀ, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ରଞ୍ଜିତ ପ୍ରଧାନ, ପାରାଦୀପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଧାକର ଦାସ, ଶଙ୍କର ମହାପାତ୍ର, ଡ଼ଃ.ସୁରେନ୍ଦ୍ର ମୋହନ ମିଶ୍ର ଏବଂ ଶରତ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୧୯୭୫ ମସିହାରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ସହାୟତାରେ ପ୍ରତିଷ୍ଠିତ ପାରାଦୀପ ମହାବିଦ୍ୟାଳୟ ତା’ର କଳେବର ବୃଦ୍ଧି କରି ଆଜି ୫୦ବର୍ଷ ଅତିକ୍ରମ କରି ସଫଳତାର ସହ ସୁବର୍ଣ୍ଣ ଜୟନ୍ତୀ ପାଳନ ଏକ ସ୍ମରଣୀୟ ହୋଇ ରହିବ ବୋଲି ଉଲ୍ଲେଖ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମ ମଧ୍ୟରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ଅନୁଦାନରେ ନିର୍ମିତ ନୂତନ ଖେଳ ପଡିଆକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଭିବୃଦ୍ଧିରେ ପାରାଦୀପ ବନ୍ଦର ସମେତ ପିପିଏଲ ଓ ଜେଏସଡବ୍ଲ୍ୟୁ ସର୍ବଦା ସହଯୋଗ କରିବ ବୋଲି ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ, ପିପିଏଲ ମୁଖ୍ୟ ଶ୍ରୀ ଭେଲୁସାମୀ ଏବଂ ଜେଏସଡବ୍ଲ୍ୟୁ ଜିଏମ ଶ୍ରୀ ଚୌଧୁରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମହାବିଦ୍ୟାଳୟ ଓ ଆଲୁମ୍ନି ଆସୋସିଏସନ ପକ୍ଷରୁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଗଣ, ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ମାନଙ୍କୁ ଉପଢୌକନ ଓ ସୁବର୍ଣ୍ଣ ଜୟନ୍ତୀ ଫଳକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଆଲୁମ୍ନି ଆସୋସିଏସନର ସଭାପତି ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଏକ ଭାବାବେଗ ପରିବେଶ ସୃଷ୍ଟି କରିଥିଲା। ଶେଷରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ତଥା ପାରାଦୀପ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ଅକ୍ଷୟ ଚନ୍ଦ୍ର ମିଶ୍ର ସମସ୍ତ ଅତିଥି ଏବଂ ତିନିଦିନ ଧରି ଏହି ମହୋତ୍ସବରେ ଯୋଗଦାନ କରିଥିବା ପାରାଦୀପ ମହାବିଦ୍ୟାଳୟର ସମସ୍ତ ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ, ଆଲୁମ୍ନି ଆସୋସିଏସନର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟ/ସଭ୍ୟା ପ୍ରମୁଖଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାନ୍ଦୋଳ କଲେଜ ଇତିହାସ ବିଭାଗର ଆଲୋଚନାଚକ୍ର

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଇତିହାସ ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଠଚକ୍ର ଓ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ସୁଭଦ୍ର ମହାତାବ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ରଜନୀକାନ୍ତ ପଣ୍ଡା ବିଷୟ ବିଶାରଦ ଭାବେ ଓ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଶିଷିଭୂଷଣ ଜେନା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ବରଦା ପ୍ରସାଦ ଜେନା ସ୍ୱାଗତ ଭାଷଣ ପ୍ରଦାନ ସହ ମଞ୍ଚ ସଂଯୋଜନା କରିଥିଲେ। ଅଧ୍ୟାପକ ବେଦପ୍ରସାଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ନାରୀମାନଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ବିଷୟ ବିଶାରଦ ପ୍ରାଧ୍ୟାପକ ପଣ୍ଡା ସ୍ୱାଧୀନତା ଆନ୍ଦୋଳନରେ ଭାରତ ସମେତ ଓଡ଼ିଶାର ବିରାଙ୍ଗନା ମାନଙ୍କର ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ପୁଷ୍ପଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କାକଟପୁର ହାଇସ୍କୁଲରେ ଏନ୍‌ସିସି(ଏ) ପରୀକ୍ଷା



କାକଟପୁର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ କାକଟପୁର ସରକାରୀ ନୋଡାଲ ହାଇସ୍କୁଲରେ ସିକ୍ସ ବାଟାଲିୟନ ଏନସିସି ପୁରୀ ଦ୍ୱାରା ପରିଚାଳିତ ଏନସିସି(ଏ) ସାର୍ଟିଫିକେଟ ପରୀକ୍ଷା-୨୦୨୫ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲାର ୪ଟି ବ୍ଲକର ୧୦ଟି ହାଇସ୍କୁଲର ୨୩୪ଜଣ ଏନ୍‌ସିସି କ୍ୟାଡେଟ ପରୀକ୍ଷା ଦେଇଥିଲେ। ମେଜର କୁଲଦ୍ୱୀପ ସିଂ ଓ କୋଣାର୍କ ଭଗବତୀ କଲେଜର ସିନିୟର ସିଟିଓ ବିଜୟ କୁମାର ମହାନ୍ତି ପରୀକ୍ଷା ଅଧୀକ୍ଷକ ରୂପେ ପରୀକ୍ଷା ପରିଚାଳନା କରିଥିଲେ। ଏହି ବିଦ୍ୟାଳୟର ସିଟିଓ ସ୍ୱପ୍ନାମୟୀ ମହାପାତ୍ର ଓ ସନତ କୁମାର ପ୍ରଧାନ ସମସ୍ତ କ୍ୟାଡେଟଙ୍କୁ ପ୍ୟାରେଡ ଓ ମୌଖିକ ପରୀକ୍ଷା କରିଥିଲେ। ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ ଶିକ୍ଷକ ସତ୍ୟ ନାରାୟଣ ସେଠୀ, ଦିଲ୍ଲିପ କୁମାର କାଣ୍ଡି, ହରିଶ୍ ଚନ୍ଦ୍ର ଦଳାଇ ଓ ଅଭୟ କୁମାର ଦଳାଇ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଉପସ୍ଥିତ ଅଧୀକ୍ଷକ, ସମସ୍ତ ନିରୀକ୍ଷକ ଓ ସିଟିଓମାନଙ୍କୁ ଧନ୍ୟବାଦ ଜଣାଇ ଆଗାମୀ ଶିକ୍ଷାବର୍ଷରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସିଟ୍ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି।

## ରାଜ୍ୟସ୍ତରୀୟ ଚତୁର୍ଥ ଗୀତା ଜ୍ଞାନ ପରୀକ୍ଷା

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ବ୍ରଜରାଜନଗର ମହାବିଦ୍ୟାଳୟ କେନ୍ଦ୍ରରେ ପ୍ରଜ୍ଞାନ ମିଶନ୍ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଚତୁର୍ଥ ଗୀତା ଜ୍ଞାନ ପରୀକ୍ଷା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜିକା ଶିବପ୍ରିୟା ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ପରୀକ୍ଷାର କେନ୍ଦ୍ର ଅଧିକ୍ଷକ ରୂପେ ଅଧ୍ୟାପିକା ପଦ୍ମାବତୀ ମହାପାତ୍ର ଏବଂ ନିରୀକ୍ଷକ ରୂପେ ଅଧ୍ୟାପିକା ସୁଫଳା ଦାସ, ପ୍ରିୟଙ୍କା ଶର୍ମା, ମୋନାଲିସା ଲୁହା, ଶ୍ୱେତା କୁମାରୀ ସାହୁ, ସୁଚିତ୍ରା ପ୍ରଧାନ ଏବଂ ଚାନ୍ଦିନୀ ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ପରୀକ୍ଷାରେ ‘କ’ ବିଭାଗ (ଷଷ୍ଠରୁ ଅଷ୍ଟମ)ରେ ୩୨, ‘ଖ’ ବିଭାଗ (ନବମରୁ ଦ୍ୱାଦଶ)ରେ ୩୮ ଏବଂ ‘ଗ’ ବିଭାଗ (+୩ରୁ ସ୍ନାତକୋତ୍ତର)ରେ ୧୭ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ପରୀକ୍ଷାର ବିଷୟବସ୍ତୁ ଶ୍ରୀମଦ୍ ଭଗବଦ୍ ଗୀତାର ଚତୁର୍ଥ ଅଧ୍ୟାୟ ଆଧାରିତ ଥିଲା। ପରୀକ୍ଷା ସୁପରିଚାଳନାରେ ଅମ୍ବିକା ପ୍ରସାଦ ଦାଶ, ରଞ୍ଜନ କୁମାର ସିଂହ, ଇନ୍ଦ୍ରମଣି ରଣା ଏବଂ ସ୍ୱିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସାମୟିକ ଗଣନାକାରୀ ପ୍ରଶିକ୍ଷଣ କର୍ମଶାଳା



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଅଧୀନସ୍ଥ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ନମୁନା ପଞ୍ଜିକରଣ ପଦ୍ଧତି କାର୍ଯ୍ୟକ୍ରମରେ ଗଞ୍ଜାମ, ଗଜପତି ଏବଂ ପୁରୀ ଜିଲ୍ଲାର ୪୦ଜଣ ସାମୟିକ ଗଣନାକାରୀମାନଙ୍କର ଏକ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ବ୍ରହ୍ମପୁରସ୍ଥିତ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଙ୍ଗ୍ ସ୍କୁଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ରିଫ୍ରେସର ଟ୍ରେନିଂରେ ଗଞ୍ଜାମ ସମାଜ କଲ୍ୟାଣ ଅଧିକାରୀ ପଦ୍ମିନୀ ସାହୁ, ଗଜପତି ଜିଲ୍ଲାର ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଏମ୍ କେ ଭୂୟାଁ ଏବଂ ଜନଗଣନା ନିର୍ଦ୍ଦେଶାଳୟ ଓଡ଼ିଶାର ପରିସଂଖ୍ୟାନ ଅନୁସନ୍ଧାନକାରୀ ପ୍ରଦୀପ କୁମାର ମହାକୁଡ଼, ସଞ୍ଜୟ କୁମାର ଦାଶ, ଅକ୍ଷୟ କୁମାର ନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମାଜ କଲ୍ୟାଣ ଅଧିକାରୀ ଭାରତବର୍ଷର ଜନଗଣନା ଓ ନମୁନା ପଞ୍ଜିକରଣର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ଓଡିଶା ନମୁନା ପଞ୍ଜିକରଣ ମାଧ୍ୟମରେ ଜନ୍ମହାର, ମୃତ୍ୟୁହାର, ଶିଶୁ ମୃତ୍ୟୁହାର ଏବଂ ମାତୃ ମୃତ୍ୟୁହାର ଆକଳନ ପ୍ରଦାନ କରିବା ଆଦି ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଂଜାମ ଜିଲ୍ଲା କାର୍ଯ୍ୟାଳୟର ସେନ୍ସସ ଅଫିସର ପ୍ରଦୀପ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଯୁବତୀ ନିଖୋଜ



ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ଲଖନା ଗ୍ରାମ ପଂଚାୟତ ସିଙ୍ଗପାଲି ଗ୍ରାମର ମେଟ ବାଗ (ବୟସ ୩୫) ପି-ସ୍ୱର୍ଗତ ରୁପାଧର ବାଗ ଗତ ୨୪ ତାରିଖ ଶୁକ୍ରବାର ଦିନରୁ ନିଖୋଜ ଥିବା ଘଟଣା ତାଙ୍କ ସମ୍ପର୍କୀୟ ଭାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ମେଟ ବାଗ ଗତ ଜାନୁଆରୀ ୨୪ ତାରିଖ ସକାଳ ୬ଟା ସମୟରୁ କେଉଁଆଡେ ଚାଲି ଯାଇଛନ୍ତି। ମେଟ ବାଗ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ କଥା କହି ପାରନ୍ତି ନାହିଁ କି ଶୁଣି ମଧ୍ୟ ପାରନ୍ତି ନାହିଁ। ତେଣୁ ତାଙ୍କୁ ଖୋଜିବା ପାଇଁ ଅସୁବିଧା ହେଉଥିବା ତାଙ୍କ ଭାଇ କହିଛନ୍ତି। ଯଦି ତାଙ୍କୁ କେହି କେଉଁଠି ଦେଖନ୍ତି ତେବେ ତାଙ୍କ ଘର ସିଙ୍ଗପାଳିକୁ ଜଣାଇବାକୁ କହିଛନ୍ତି।

# ବେନିୟମ ସଂଯୋଗ ପାଇଁ ରାସ୍ତାରେ ଭାସୁଛି ପାଣି !



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ବେପରୁଆ କାର୍ଯ୍ୟ ପାଇଁ ବାରମ୍ବାର ହୀନସ୍ତା ଭୋଗିଛି ଆର୍ ଆଣ୍ଡ ବି ବିଭାଗୀୟ ଠିକା ସଂସ୍ଥା। ତିହୁଡି -ନହରଣା ମୁଖ୍ୟରାସ୍ତା ଦେଇ ମନଇଚ୍ଛା ପାଇପ ଲାଇନ ଖୋଳି ଉପକୂଳ ପଞ୍ଚାୟତମାନଙ୍କୁ ପାଣି ସଂଯୋଗ ଦେଇଛି। ଯେହେତୁ ଏହି ଅଞ୍ଚଳ ସମୁଦ୍ର ଉପକୂଳ ଅଞ୍ଚଳ ପିଇବା ପାଣିର ଉତ୍କଟ ସମସ୍ୟା ଦେଖାଦେବ, ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ଆସିବା ପୂର୍ବରୁ ଯେଉଁଠି ପାଣି ପାଇପରେ ମଇଳା ଲାଗୁଛି ତାକୁ ୱାସ କରିବା ପାଇଁ ଜବରଦସ୍ତ ପ୍ରେସର ଲଗେଇ ପାଣି ଫ୍ଲୋ କରିବା ଦ୍ୱାରା ପାଇପ୍ ଲାଇନ ଫାଟି ରସ୍ତାରେ ପାଣି ପିଚ୍‌କୁଛି, ତତ୍‌ସହିତ ରସ୍ତାକୁ ତାଡି ଘରେଇ ଲୋକ ଇଲିଗାଲ କନେକସନ ନେବା ଯୋଗୁଁ ସଠିକ ଭାବେ କନେକସନ କରି ନପାରି ଲୁଜ୍ କରି ଶୋଷ ବିକଳରେ ପାଣି ନେଉଛନ୍ତି। ଯାହାଦ୍ୱାରା ସେହି କନେକସନରୁ ପାଣି ବାହାରି ରାସ୍ତା ଖରାପ କରୁଛି। ଏହି ରାସ୍ତାର ମରାମତି ଏବଂ ପ୍ରଶସ୍ତି କରଣ ସମସ୍ୟା ପାଇଁ ବହୁଦିନ ପୂର୍ବରୁ ଆନ୍ଦୋଳନ ହେଇ ଆସୁଥିଲା। ତେବେ ମନ୍ତ୍ରୀ ଓ ପ୍ରଶାସନ ତତ୍ପରତା ଯୋଗୁଁ ଆରଡ଼ି ବିଭାଗକୁ ହଟାଇ ଉକ୍ତ କାର୍ଯ୍ୟଭାର ଆର୍ ଆଣ୍ଡ ବି ବିଭାଗ ଦାୟିତ୍ୱରେ ହସ୍ତାନ୍ତର ପରେ ସାଧରଣ ନିର୍ବାଚନ ପୂର୍ବରୁ କାର୍ଯ୍ୟ ଆରମ୍ଭ ହୋଇଥିଲା, କିନ୍ତୁ କାର୍ଯ୍ୟ ଆରମ୍ଭ ବେଳେ ରାସ୍ତା ପ୍ରଶସ୍ତି ପାଇଁ ଠିକା ସଂସ୍ଥାକୁ ବହୁ ବାଧାବିଘ୍ନ ସହିବାକୁ ପଡିଲା, ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅତି ସୁନ୍ଦର ପ୍ରଶସ୍ତ ରୋଡ଼ମ୍ୟାପ୍ ପ୍ରସ୍ତୁତ ହେବା ସହିତ ପ୍ରତି ବାଙ୍କ ବୁଲାଣିରେ ଗାର୍ଡୱାଲ ସହିତ ମେଷ୍ଟାଲବିମ୍ କ୍ରସ ବ୍ୟାରିୟର ଲାଗିଲା, ରାସ୍ତାକଡ଼ରେ ମହରମ ବର୍ମିଙ୍ଗକୁ ବଜାର ଫୁଟପାଥ ତିଆରି ହେଲା କିନ୍ତୁ ଯେଉଁ ଦୁଃଖକୁ ବିଭାଗ ଦୂରୀଭୂତ କରୁଥିଲା ତାହାକୁ ଫଟା, ଲିକ୍ ପାଣି ପାଇପ୍ ଦୁର୍ବଳ କରୁଛି, ଯେଉଁଥି ପାଇଁ ମହରମ କାଦୁଅ ହେବା ସହ ପିଚୁର କମ୍ପକ୍ସନ କମଜୋରୀ ହେଇଯିବ, ତଥାପି ଠିକାଦାର କିଛି ମରାମତି କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ମରାମତି କରିବା ଅସମ୍ଭବ ହେଇ ପଡୁଛି, ଯେଉଁଥି ପାଇଁ ଠିକା ସଂସ୍ଥା ବିଭାଗକୁ ହ୍ୟାଣ୍ଡଓଭର ଦେବାରେ ବିଫଳ ହେଇଛି, ଅନ୍ୟପକ୍ଷରେ ରାସ୍ତାରୁ କିଛି ଦୂରତା ରକ୍ଷା କରି ପାଇପ୍ ଲାଇନକୁ ନିଆଗଲେ ସାଧାରଣ ଲୋକ ପାଣି ପାଇବାରେ ଅସୁବିଧା ହୁଅନ୍ତା ନାହିଁ କି ବେନିୟମ ସଂଯୋଗ ହୋଇ ପାରନ୍ତା ନାହିଁ, ସଠିକ ଜାଗାରେ ପାଣି ପହଞ୍ଚାଇ ମୁଖ୍ୟରାସ୍ତାର ସ୍ୱଚ୍ଛତା ପ୍ରତି ତୁରନ୍ତ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ଯତ୍ନଶୀଳ ହେବାକୁ ସାଧାରଣରେ ଦାବି ହେଉଛି।

# ବାର୍ଷିକ ଉତ୍ସବରେ ପ୍ରଧାନଶିକ୍ଷକଙ୍କୁ ଆକ୍ରମଣ



ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍) : ଅବିଭକ୍ତ କୋରାପୁଟ ଜିଲ୍ଲାରେ ବିଧାନସଭା ଷ୍ଟାଣ୍ଡିଂ କମିଟି ପରିଦର୍ଶନ କରୁଥିବାବେଳେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକରେ ମଧ୍ୟ ଟିମ୍ ଗସ୍ତ କରିଛି। ଶନିବାର ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ବିଞ୍ଜିଗୁଡା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ଯଥା ଶିକ୍ଷାଦାନ, ଶ୍ରେଣୀ ଗୃହ, ହଷ୍ଟେଲ, ପାନୀୟ ଜଳ, ଭୋଜନ ତଥା ପୋଷାକ ପରିଚ୍ଛଦ ବିଷୟରେ ଅନୁଧ୍ୟାନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଗୁରୁବାର ରାତ୍ରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ସ୍ଥାନୀୟ କିଛି ଲୋକ ବିଶୃଙ୍ଖଳା କରିଥିବା ବିଷୟ କମିଟି ନିକଟରେ ଉପସ୍ଥାପନ କରିଥିଲେ। ସରକାରୀ କାର୍ଯ୍ୟକ୍ରମରେ ନିଶାସକ୍ତ ଅବସ୍ଥାରେ ଆସି ବିଶୃଙ୍ଖଳା କରି ଅଶ୍ଲୀଳ ଭାଷାରେ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ଗାଳି ଗୁଲଜ, ପ୍ରଧାନଶିକ୍ଷକ ଓ କ୍ରୀଡ଼ା ଶିକ୍ଷକଙ୍କୁ ମାଡ଼ ମାରି ଧମକ ଦେଇଥିବା ବିଷୟ ନେଇ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମିଶ୍ର ତେନ୍ତୁଳିଖୁଣ୍ଟି ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଆଧାର କରି ପୁଲିସ କେସ ନଂ -୩୦/୨୦୨୫ ମାମଲା ରୁଜୁ କରି ଘଟଣା ବିଷୟରେ ତଦନ୍ତ କରୁଛି । ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଡାବୁ ଗାଁ ବିଧାୟକ ମନୋହର ରନ୍ଧାରି, ସଦସ୍ୟ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ , ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଓ କୋଟପାଡ଼ ବିଧାୟକ ରୁପୁ ଭତରା ରହିଥିଲେ। ତାଙ୍କ ସହ ସମନ୍ୱିତ ଆଦିବାସୀ ବିକାଶ ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିବେଦିତ ବିଶ୍ୱାଳ ଓ ଭରତ ଚନ୍ଦ୍ର ସାହୁ ପ୍ରମୁଖ ରହିଥିଲେ ।

# ରାଶିଫଳ

ସୋମବାର, ୧୦ ଫେବୃଆରୀ ୨୦୨୫



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।



**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ । ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ।



**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି।



**କର୍କଟ:** ଆଜି ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ। ଆଧାତ୍ମିକ କାର୍ଯ୍ୟରେ ଯୋଗ ଦେବେ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି।



**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ। ବିନିଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। କିଛି କାମକୁ ନେଇ ଟେନସନ ହେବ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରିରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୈଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଖୁବ୍ ଭଲ ଅଛି।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅ।



ଶ୍ରୀପତି ଉବାଚ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ରବିବାର ପ୍ରଜ୍ଞାନ ମିଶନ, କଟକ ପକ୍ଷରୁ ଚତୁର୍ଥ ଗୀତା ଜ୍ଞାନ ପରୀକ୍ଷା ୨୦୨୫ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି।ଏଇ ପରୀକ୍ଷାରେ ବିଭିନ୍ନ ବିଦ୍ୟାଳୟର ୮୦ଜଣ ପ୍ରତିଭାଗୀ ଅଂଶ ଗ୍ରହଣ କରିଥିଲେ। ପିଲାଙ୍କ ମନରେ ଭଗବତ ଗୀତାରେ ନିହିତ ଜ୍ଞାନର ପ୍ରତିରୋପଣ କରିବା ଓ ଏହାର ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପ୍ରଜ୍ଞାନ ମିଶନ ପକ୍ଷରୁ ସାରା ଓଡ଼ିଶାରେ ଏଇ ପରୀକ୍ଷା ଆୟୋଜିତ ହୋଇ ଆସୁଛି।। ଇତ୍ୟବସରରେ ଜିଲ୍ଲା ସଂଯୋଜକ ଗୁରୁଚରଣ ଶବର,ବ୍ଲକ ସଂଯୋଜକ ଡମ୍ବୁରୁ ଧର ବିଶ୍ୱାଳ,ହୀରାମଣି ମଣ୍ଡଳ,କୁମାରୀ ସୁଭଦ୍ରା ଗମାଙ୍ଗ,କୁମାରୀ ରୀନା ଶବର ଇତ୍ୟାଦି ଉପସ୍ଥିତ ରହି ପରୀକ୍ଷା ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା,ଆଚାର୍ଯ୍ୟ ଗୋପାଳ କୃଷ୍ଣ ପଣ୍ଡିତ ଓ ବିଜୟ କୁମାର ଜେନା ପରୀକ୍ଷାର ସଂଯୋଜନା କରିଥିଲେ।

## ଖୁସି ମନେଇଲେ ବିଜେପି କର୍ମୀ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଦିଲ୍ଲୀରେ ଆମ ଆଦ୍‌ମୀ ପାର୍ଟି ଓ କଂଗ୍ରେସକୁ ପଛରେ ପକେଇ ପ୍ରଚଣ୍ଡ ବହୁମତରେ ଜିତ୍ ହାସଲ କରିବା ପରେ ବିଜେପି କର୍ମୀ ଉତ୍ସାହିତ ହୋଇ ଉଠିଛନ୍ତି। ଏନେଇ ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶ



କ୍ରମେ ଆଜି ଲକ୍ଷ୍ମୀପୁର ବିଜେପି କାର୍ଯ୍ୟାଳୟ ବାହାରେ ମଣ୍ଡଳ ସଭାପତି ଅନନ୍ତ ହୁଇକାଙ୍କ ଅଧ୍ୟକ୍ଷତାରେ କର୍ମୀ ମାନେ କେକ୍ କାଟିଥିଲେ। ପରେ ପରସ୍ପରକୁ କେକ୍ ଖୁଆଇ ଖୁସି ମନେଇ ଝୁମି ଉଠିବା ସହ ବିଜେପି ଜିନ୍ଦାବାଦ ନାରା ଦେଉଥିବା ଦେଖିବାକୁ ମିଳିଥିଲା। ବ୍ଲକ ମଣ୍ଡଳ ଉପସଭାପତି ଅଜୟ ଖରା, ଯୁବନେତା ଦେବ ଖରା, ଓଡ଼ିଆପେଣ୍ଠ ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗା, ବାବୁଲା ମହାରଣା,ତୈଳ ପ୍ରାସ୍କା, ନରେନ୍ଦ୍ର ହିଆଲ,ସୁମନ୍ତ ଚେଟି, ବାମଦେବ ତୁରୁକଙ୍କ ସମେତ ଅନେକ କର୍ମୀ ଯୋଗ ଦେଇଥିଲେ।

## ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଓଡ଼ିଆପେଣ୍ଠ ପଞ୍ଚାୟତ ଅନ୍ତର୍ଗତ ବିରିଗୁଡ଼ା କଲୋନୀ ଠାରେ ଶୁକ୍ରବାର ଦିନଠୁ ଆରମ୍ଭ ହୋଇଯାଇଛି ମାଆ ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା। ଏହି ଯାତ୍ରା ପାଞ୍ଚ ଦିନ ଧରି ଚାଲେ। ଫଳରେ ଗାଁ ରେ ପାଞ୍ଚଦିନ ଧରି ଗହଳି ଚହଳି ସାଙ୍ଗକୁ ଦିନ ରାତି ଏକପ୍ରକାର ଦିଶେ। ବିଭିନ୍ନ ପ୍ରକାରର ମନୋରଞ୍ଜନ




କାର୍ଯ୍ୟକ୍ରମକୁ ନେଇ ଗାଁ ଦାଣ୍ଡ ଉଠେ ପଡେ। ପ୍ରଥମ ଦିନ ବୁଢ଼ୀ ଠାକୁରାଣୀ ଙ୍କୁ ପୂଜା ଅର୍ଚ୍ଚନା କରି ଅସ୍ଥାୟୀ ସ୍ଥାନକୁ ଆଣି ସ୍ଥାପିତ କରାଯାଏ। ସକାଳେ ସନ୍ଧ୍ୟାରେ ଉକ୍ତ ଅସ୍ଥାୟୀ ସ୍ଥାନରେ ମହିଳାମାନେ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରନ୍ତି। ଫଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୁଏ। ପଞ୍ଚମ ଦିନ ଯାତ୍ରା ସମାପନ କରାଯାଇ ଘରେ ଘରେ ଭୋଜି ଭାତର ଆସର ଜମେ। ଏନେଇ ଏବେ ଶୁକ୍ରବାର ଦିନଠୁ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ କୈଳାଶ ଚନ୍ଦ୍ର କୁଲେସିକା ଯୋଗ ଦେଇଥିବାବେଳେ ତାଙ୍କୁ ପୂଜା କମିଟି ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦ୍ୱିତୀୟ ଦିନ ଦେଶିଆ ନାଟକ ସବୁରି ମନ ମୋହିଥିଲା। ଏହି ଯାତ୍ରା ପ୍ରତ୍ୟେକ ତିନି ବର୍ଷକୁ ଥରେ ଅନୁଷ୍ଠିତ ହେଉଥିବାରୁ ସୁନ୍ଦର ସୁନ୍ଦର ଆଲୋକ ସଜାରେ ଗାଁ ଦାଣ୍ଡ ଝଲସି ଉଠିଥିଲା।

## ବିଜେପିର ବିଜୟ ଉତ୍ସବ

ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଛକ ଠାରେ ଦିଲ୍ଲୀ ବିଧାନସଭା ନିର୍ବାଚନର ୨୭ ବର୍ଷ ପରେ ଭାରତୀୟ ଜନତା ପାର୍ଟି ବିଜୟ ରେ ଖୁସିର ଲହରୀ ଖେଳିଯାଇଛି। କର୍ମୀମାନେ ଉତ୍ସାହିତ ହୋଇ ଲୋକଙ୍କୁ ମିଠା ବାଣ୍ଟି ବାଣ ଫୁଟାଇଥିଲେ। ବିଜେପିର ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଅଜିତ ଚଳାନଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ହାତରେ ବିଜୟର ବାନା ଧରି ଜିନ୍ଦାବାଦ ଜିନ୍ଦାବାଦ କହି ଖୁସିରେ ମୋହିତ ଯାଇଥିଲେ। ଏଥିରେ ଖଡ଼ିଆଳ ମଣ୍ଡଳ ସଭାପତି ଜୟରାମ, ଇନ୍ଦ୍ରାଦି ମଣ୍ଡଳ ସଭାପତି ଯୁଧିଷ୍ଠିର ହଂସ, ମନୋଜ ପଟ୍ଟନାୟକ, ନନ୍ଦଲାଲ ପାଣ୍ଡେ, ସୁରେନ ଶର୍ମା, ଲଖଣ ଦୁରିଆ, ସହ ବହୁ ବିଜେପି କର୍ମୀ ସାମିଲଥିଲେ।

# ଆଗକୁ ମାଟ୍ରିକ ପରୀକ୍ଷା

## ସଂପୂର୍ଣ୍ଣ ହୋଇପାରୁନି ଆପାର ଆଇଡି, ଚିନ୍ତାରେ ଅଭିଭାବକ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଆଧାର କାର୍ଡ ସଂଶୋଧନ କରି ପାରୁନାହାଁନ୍ତି ଛାତ୍ରଛାତ୍ରୀ। ଚିନ୍ତାରେ ଅବିଭାବକ । ସାରା ରାଜ୍ୟରେ ଆସନ୍ତା ଫେବୃୟାରୀ ୨୧ ତାରିଖରେ ମାଟ୍ରିକ ପରୀକ୍ଷା ହେବାକୁ ଯାଉଛି। ସେଥିପାଇଁ ପ୍ରତ୍ୟେକ ଜିଲ୍ଲା ପ୍ରଶାସନ ବିଭିନ୍ନ ସ୍ତରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି।ମାଲକାନଗିରି ଜିଲ୍ଲାର ୮ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଯାଉଛି ଚଳିତ ମାସ ୨୧ ରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା। ମାଲକାନଗିରି ଜିଲ୍ଲା ପ୍ରଶାସନ ପରୀକ୍ଷା ପାଇଁ ସବୁ ପ୍ରକାର ପ୍ରସ୍ତୁତି ସରିଥିବା ବେଳେ , ଛାତ୍ରଛାତ୍ରୀ ମାନଙ୍କ 'ଆପାର ଆଇଡି' ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଜିଲ୍ଲା ପ୍ରଶାସନ ଅଣଦେଖା କରିବା କେତେଦୂର ଯୁକ୍ତିଯୁକ୍ତ।କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ଆପାର ଆଇଡି କରାଯିବା ବାଧ୍ୟତାମୂଳକ ହୋଇ ଯାଇଛି। ଜାତୀୟ କ୍ରେଡିଟ ଏବଂ ଯୋଗ୍ୟତା ଡାଞ୍ଚା ଶୈକ୍ଷିକ ସ୍ତରରେ ଅବାଧ ଗତିଶୀଳତାକୁ ସହଜ କରିବା ପାଇଁ ଏହା ଏକ ପ୍ରମୁଖ ଡାଞ୍ଚା ଭାବରେ ଉଭା ହୋଇଛି। ଜାତୀୟ ଶିକ୍ଷା ନୀତି ୨୦୨୦(ଏନଇପି) ଏବଂ ଜାତୀୟ କ୍ରେଡିଟ ଫ୍ରେମ୍‌ୱର୍କ (ଏନସିଆରଏଫ) ସହିତ ସମନ୍ୱୟ ରଖି ସ୍ୱୟଂଚାଳିତ ସ୍ଥାୟୀ ଏକାଡେମିକ ଆକାଉଣ୍ଟ ରେଜିଷ୍ଟ୍ରି (ଆପାର ଆଇଡି)ଏକ ଗୁରୁତ୍ୱପୂର୍ଣ୍ଣ




ଉପାଦାନ ଭାବରେ ପ୍ରଚଳିତ କରାଯାଇଛି। 'ଆପାର ଆଇଡି' ଏକ ରାଷ୍ଟ୍ର,ଏକ ଛାତ୍ର ପରିଚୟପତ୍ର'ର ଏକୀକୃତ ଏବଂ ସୁଲଭ ଶୈକ୍ଷିକ ଅଭିଜ୍ଞତାକୁ ସୁନିଶ୍ଚିତ କରିବ। ଆପାର ଆଇଡି ସାରା ଜୀବନ ପାଇଁ ପାସପୋର୍ଟ ଭାବରେ କାର୍ଯ୍ୟ କରିବ, ଯାହା ଜଣେ ଛାତ୍ରର ସମସ୍ତ ଶିକ୍ଷାଗତ ଯୋଗ୍ୟତା ଏବଂ ଉପଲବ୍ଧିକୁ ଗୋଟିଏ ସ୍ଥାନରେ ସଂରକ୍ଷିତ କରି ରଖାଯାଇପାରିବ। ଆପାର ଆଇଡି ପ୍ରତ୍ୟେକ ଛାତ୍ରଙ୍କୁ ଏକ ଅନନ୍ୟ ଏବଂ ସ୍ଥାୟୀ ୧୨-ଅଙ୍କ ବିଶିଷ୍ଟ ପରିଚୟପତ୍ର ପ୍ରଦାନ କରିଥାଏ। ଯାହା ସମସ୍ତ ଡିଗ୍ରୀ, ଛାତ୍ରବୃତ୍ତି, ପୁରସ୍କାର ଏବଂ ଅନ୍ୟାନ୍ୟ ଉପଲବ୍ଧି ସମେତ ଶିକ୍ଷାଗତ ସଫଳତା ଭଳି ବ୍ୟାପକ ରେକର୍ଡ ସବୁ ଏଥିରେ ରହିଥାଏ। ଆପାର ଆଇଡି ଏକ ଗୁରୁତ୍ୱପୂର୍ଣ୍ଣ ପରିଚୟପତ୍ର। ଏଣୁ ଏହାକୁ ସମସ୍ତ ଛାତ୍ରଛାତ୍ରୀମାନେ କରିବା ବାଧ୍ୟତାମୂଳକ କିନ୍ତୁ ଦୀର୍ଘ ଦିନ ଧରି ଆଧାର ୱେବସାଇଟ ଅଚଳ ହୋଇ ରହିଥିବାରୁ ଛାତ୍ରଛାତ୍ରୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଶିକ୍ଷାଧିକାରୀ ଉମାପ୍ରସାଦ ଦାଶଙ୍କୁ ପଚାରିବାରୁ,ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏ ବିଷୟରେ ଜିଲ୍ଲାପାଳଙ୍କ ଆଲୋଚନା କରି ଉଚିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏକ ସୂତ୍ରରୁ ଜଣାପଡ଼ିଛି କି ସବୁ ଜିଲ୍ଲାରେ ଏପର୍ଯ୍ୟନ୍ତ ୩୦ ପ୍ରତିଶତ ଛାତ୍ରଛାତ୍ରୀ ଆପାର ଆଇଡି କରିବାରେ ସଫଳ ହୋଇଥିବା ଆଶଙ୍କା କରାଯାଉଛି। ପ୍ରତ୍ୟେକ ଜିଲ୍ଲାରେ ଏଭଳି ଅନେକ ଛାତ୍ରଛାତ୍ରୀ ଆଧାର କାର୍ଡ ସଂଶୋଧନ କରି ପାରିନାହାଁନ୍ତି। ଯାହା ଆଗାମୀ ଦିନରେ ଛାତ୍ରଛାତ୍ରୀମାନଙ୍କୁ ଅସୁବିଧାରେ ପକେଇବା ଆଶଙ୍କା ରହିଛି। ପିଲାମାନଙ୍କ ଭବିଷ୍ୟତକୁ ନେଇ ଅବିଭାବକ ଏବେ ଚିନ୍ତାରେ ଥିବାବେଳେ ଆଧାର କାର୍ଡ ସଂଶୋଧନ ସମୟ ସୀମା ବଢେଇବା ପାଇଁ ଦାବି ହୋଇଛି।

# ଅନ୍ଧାରୀମୂଳକର ତିନି ରେବତୀ

## ଚାନ୍ଦିନୀ, ଜୟଶ୍ରୀ, ତ୍ରିବେଣୀ

ନୂଆପଡ଼ା(ଭାସ୍କର ନ୍ୟୁଜ୍): ଆପଣ ନିଶ୍ଚିତ ଭାବରେ ଶୁଣିଥିବେ ଫକିର ମୋହନ ସେନାପତିଙ୍କ ରଚିତ ରେବତୀ କଥା । ତେବେ ଆଧୁନିକ ଯୁଗରେ ବି ଆମେ ଆପଣଙ୍କୁ ସେମିତି ରେବତୀଙ୍କୁ ଦେଖାଇବୁ । ଏଠି ତିନି ଜଣ ରେବତୀଙ୍କୁ ନେଇ ରହିଛି ଏହି କାହାଣୀ। ଏବେବି ରେବତୀମାନଙ୍କୁ ସଂଗ୍ରାମ କରିବାକୁ ପଡୁଛି । ଦୁଇ ଅକ୍ଷର ପାଠ ପଢ଼ିବାକୁ ଆଜିବି ରେବତୀ ମାନେ କୁସଂସ୍କାର ଓ ଅନ୍ଧ ବିଶ୍ୱାସର ଶିକାର ଜାଲରେ ଛନ୍ଦି ହେବା ପାଇଁ ବାଧ୍ୟ ହେଉଛନ୍ତି ସମାଜ ପାଖରେ । ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟରେ ଏମିତି ଏକ ଜନଜାତି ବସବାସ କରନ୍ତି । ଆଜିବି ସେମାନେ ଅନ୍ଧବିଶ୍ୱାସ କୁ ଆପଣାଇ ନେଇଥାନ୍ତି । ଯେଉଁ ସମାଜରେ ଜଣେ ନିଜକୁ ପ୍ରତିଷ୍ଠିତ କରିବାକୁ ଆଗଭର ହୋଇ ପାଠ ଦୁଇଅକ୍ଷର ପଢ଼ିବାକୁ ଇଚ୍ଛା ପ୍ରକାଶ କରେ, ତାକୁ ହେବାକୁ ପଡେ ସମାଜରୁ ବାସନ୍ଦ । ଚାନ୍ଦିନୀ, ଜୟଶ୍ରୀ, ତ୍ରିବେଣୀ ତିନି ଚେହେର. ହେଲେ ଗୋଟିଏକାହାଣୀ । ରକ୍ଷଣଶୀଳ ସମାଜରେ ଜଣେ ଜଣେ ବୁଦ୍ଧିମତୀ, ଜଣେ ଜଣେ ରେବତୀ । ଏମାନେ ସେଇ ଅଖ୍ୟାତପଲ୍ଲୀର ରେବତୀ ।ଫକୀର ମୋହନଙ୍କ ସଂସ୍କାରବାଦୀ ଗପର ସତ ରେବତୀ । ଯାହାଙ୍କ ଦୁର୍ବାର ଇଚ୍ଛା ଭାଙ୍ଗିଛି ପରମ୍ପରାକୁ । ମାତ୍ ଦେଇଛି ରୁଢ଼ିବାଦୀ ସମାଜର ଆକଟକୁ। ଜିତିଛି ନାରୀ ଶିକ୍ଷାର ଜାଗରଣକୁ । ଚକୋଟିଆ ଭୁଞ୍ଜିଆ ଆଦିମ ଜନଜାତିର ଏହି ତିନି ବିଜୟିନୀଙ୍କ ଜୀବନ ଆରମ୍ଭ ହୁଏ ନୂଆପଡା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟରୁ। ୨୦୦୭ ମସିହାର କଥା। ପାଠ ପଢିବାକୁ ମନରେ ଥାଏ ପ୍ରବଳ ଆଗ୍ରହ। ହେଲେ ସତେ ଯେମିତି ଭାଗ୍ୟକୁ ବାନ୍ଧି ରଖୁଥିଲା ସମାଜ ଦଉଡ଼ି । ଝିଅଙ୍କ ପାଠପଢା ଉପରେ ଚକୋଟିଆ ଭୁଞ୍ଜିଆ ଆଦିମ ଜନଜାତିର ପାରମ୍ପରିକ ରୋକ୍ ପାହାଡ଼ ଭଳି ଠିଆ ହୋଇଥିଲା । ହେଲେ ରକ୍ଷଣଶୀଳତାର ଏରୁଣ୍ଡି ଡେଇଁ ପାଠ ପଢିବାର ଦୁର୍ବାର ଜିଦ୍ ଆଗରେ ନିସ୍ତେଜ ପଡିଯାଇଥିଲା ପରମ୍ପରାର ନାଲିଆଖି । ରେବତୀ ଏଥିପାଇଁ ସମାଜ ତରଫରୁ ବାସନ୍ଦ ହେଲେ ସତ, କିନ୍ତୁ ସଫଳତାର ସ୍ୱାଦ ଆଗରେ ସେସବୁ



ତୁଚ୍ଛ ଭଳି । ଚାନ୍ଦିନୀ ଏବେ ଏଏନ୍‌ଏମ୍ ଭାବେ କାର୍ଯ୍ୟକରୁଥିବାବେଳେ ତ୍ରିବେଣୀ ଓ ଜୟଶ୍ରୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶିକ୍ଷୟିତ୍ରୀ ହୋଇଛନ୍ତି । ଏହି ତିନି ଜଣଙ୍କ ସମାଜ ସଂସ୍କାର ବାର୍ତ୍ତା ପରେ ଏବେ ବଦଳିଯାଇଛି ଚକୋଟିଆ ଭୁଞ୍ଜିଆ ସମାଜ । ହଟିଯାଇଛି ଅନ୍ଧବିଶ୍ୱାସ, ଶିକ୍ଷା ସାଜିଛି ବିଶ୍ୱାସ । ଏମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଗତ ୧୭ ବର୍ଷ ଭିତରେ ପ୍ରାୟ ୫୦୦ ଚକୋଟିଆ ଭୁଞ୍ଜିଆ ଜାତିର ଝିଅ ପାଠ ପଢିଛନ୍ତି । ଆଉ ପରିବର୍ତ୍ତନର ବାର୍ତ୍ତା ଦେଇ ନୂଆଧାରା ସୃଷ୍ଟି କରିଥିବା ତିନି ଝିଅଙ୍କୁ ସବୁ ଆଡୁ ଛୁଟୁଛି ପ୍ରଶଂସାର ସୁଅ । ଫକୀରମୋହନଙ୍କ ଗଳ୍ପରେ ଉନବିଂଶ ଶତାବ୍ଦୀର ଶେଷ ଭାଗରେ ବି ପାଠ ପଢିବାକୁ ଯାଇ ଢେର ହଇରାଣ ହୋଇଥିଲା ପାଟପୁରର ରେବତୀ । ବୁଢ଼ୀ ଜେଜେମାଆଠୁ ନେଇ ସାହି ଭାଇ ସମସ୍ତଙ୍କ ରୋଷର ଶିକାର ହୋଇଥିଲା ।ସତରେ ନୂଆପଡ଼ା ଜିଲ୍ଲାର ଏହି ତିନି ଝିଅଙ୍କ ଜୀବନ ଗଳ୍ପ ପୁଣି ରେବତୀକୁ ମନେ ପକାଇଦେଇଛି ।

## ଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭ ଉଦ୍‌ଘାଟନ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭ ଉଦ୍‌ଘାଟନ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ଇଂ. ରୁପେଶ କୁମାର ପାଣିଗ୍ରାହୀ। ଏହି ଶୁଭ ଉଦ୍‌ଘାଟନରେ ବିଧାୟକ ସହ ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ପୌର ପରିଷଦ ଉପାଧ୍ୟକ୍ଷ ଲେଙ୍କା ମଧୁ,ବରିଷ୍ଠ ନେତା ଗଜପତି ରାଓ,ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ,ବିଜୁ ଜନତା ଦଳର ବିଭିନ୍ନ କାଉନସିଲର ଏବଂ ବିଜୁ ଜନତା ଦଳର କର୍ମୀ ପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ।

## କାନହଲା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜାତୀୟସ୍ତରରେ ସମ୍ବର୍ଦ୍ଧିତ



ବରଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ବରଗଡ଼ ବ୍ଲକ ତୁମଗାର ବାସିନ୍ଦା ଅଶୋକ କୁମାର ଭୋଇ ଜାତୀୟ କାନହଲା ପ୍ରତି ଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନିତ ହୋଇଥିବାରୁ ବିଦ୍ୟାଳୟ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷକ ମେଘନାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ଓଡିଶା ଜନତା ସଂଘର୍ଷ ସମିତି ଜନ କଲ୍ୟାଣ ସ୍ୱେଚ୍ଛାସେବୀ ସଂଗଠନ ବରଗଡ଼ର ସଭାପତି କିଶୋରଚନ୍ଦ୍ର ସାହୁ, ବିଦ୍ୟାଳୟର ବରିଷ୍ଠ କର୍ମଚାରୀ ତ୍ରିଲୋଚନ ସାହୁ, ଛାତ୍ରାବାସ କର୍ମଚାରୀ ଆଶାବତୀ କୁମ୍ଭାର, ଏଚିଭର୍ସ ହେଲପିଙ୍ଗ ଫାଉଣ୍ଡେସନ ବରଗଡ଼ର ସଭାପତି ସମାଜସେବୀ ଦିବାକର ମାଝୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଭଳି ଏକ ନିଆରା ପ୍ରତିଯୋଗିତାରେ ସଫଳତା ଆଣିବା ରେ ସେ ରାଜ୍ୟରେ ପ୍ରଥମ ଅଟନ୍ତି। ୨୨ମି ରେ ୧୬୦୦ ରୁ ଅଧିକ ଥର ଉଭୟ କାନ ଏକାଥରକେ ହଲାଇ ଇଣ୍ଡିଆବୁକ୍ ଅଫ ରେକର୍ଡ ସ୍ଥାନିତ ହୋଇ ଚିଫ ଏଡିଟର ଇଣ୍ଡିଆ ବୁକ୍ ଅଫ ରେକର୍ଡ ଦ୍ୱାରା ଭୁବନେଶ୍ୱର ଠାରେ ସ୍ୱର୍ଣ୍ଣ ପଦକ ସହ ପ୍ରମାଣ ପତ୍ର ଲାଭ କରି ଛନ୍ତି। ଆଗକୁ ସେ ଏସିଏନ ବୁକ୍ ଅଫ ରେକର୍ଡ କରିବା ପାଇଁ ନିଜ ନାମ ପଞ୍ଜିକରଣ କରିଥିବା ସେ ପ୍ରକାଶ କରିଥିଲେ। ସେ କାର୍ଯ୍ୟକ୍ରମରେ କାନ ହଲାର ଏକ ଝଲକ ପ୍ରଦର୍ଶନ କରିଥିଲେ। ଦୁଇଜଣ ଛାତ୍ର ଓ ଛାତ୍ରୀ ଙ୍କ ସମେତ କର୍ମଚାରୀ ଆଶାବତୀ କୁମ୍ଭାର ଉତ୍ସାହିତ ହୋଇ କାନହଲା ଖୁବ ସୁନ୍ଦର ଭାବେ ପ୍ରଦର୍ଶନ କରି ଥିଲେ। ଶେଷରେ ତ୍ରିଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ଭୋଇ ଜଣେ ସ୍ୱତନ୍ତ୍ର ଶିକ୍ଷକ ସହ ସାଂକେତିକ ଭାଷା ଅନୁବାଦକ ଅଟନ୍ତି।

## ଜମିରେ ପଡିରହିଥିବା ଭାଲୁ ଉଦ୍ଧାର

ଉମରକୋଟ(ଭାସ୍କର ନ୍ୟୁଜ): ସକାଳ ଆଠଟାରୁ ଜଙ୍ଗଲ ନିକଟରେ ଥିବା ଜମିରେ ପଡି ରହିଥିଲା ଭାଲୁ । ଭାଲୁ କୁ ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ଜଗି ରହିଲେ। ଯେମିତି ଭାଲୁର କିଛି କ୍ଷତି ନହୁଏ ଓ ଭାଲୁ ଦ୍ୱାରା କାହାର କିଛି କ୍ଷତି ନହେଉ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା କବଶାଭଟା ଗ୍ରାମ ନିକଟରେ ଥିବା ଏକ ଜଙ୍ଗଲ ଜମିରେ। ସୂଚନା ଅନୁଯାୟୀ ଗତ ଦୁଇଦିନ ତଳେ ସେହି ଜଙ୍ଗଲକୁ ନାୟକଗୁଡା ଗ୍ରାମର ଦୁଇ ଜଣ ବ୍ୟକ୍ତି କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଭାଲୁର ଶିକାର ହୋଇ ନିଜର ଦୁଇ ଆଖି ହରେଇ ବସିଥିଲେ। ଆଜି ସକାଳ ପ୍ରାୟ ଆଠ ଘଣ୍ଟା ସମୟରେ ସେହି ଜଙ୍ଗଲ ନିକଟରେ ଏକ ଭାଲୁ ନିଶା ଖାଇଲାଭଳି ପଡିରହିଥିଲା ।ଦୀର୍ଘ ସମୟ



ଅପେକ୍ଷା ପରେ ଭାଲୁ ନ ଉଠିବାରୁ ବନବିଭାଗ କର୍ମଚାରୀ ନବରଙ୍ଗପୁର ରେସ୍‌କ୍ୟୁ ଟିମ୍‌ର ସାହାଯ୍ୟ ଲୋଡ଼ିଥିଲେ। ସୁକୁମାର ଦୁଃଖୁଙ୍କ ନେତୃତ୍ୱ ରେ ଏକ ରେସକ୍ୟୁ ଟିମ ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ଉଦ୍ଧାର କରି ପାପଡା ହାଣ୍ଡି ଡିଅର ପାର୍କକୁ ସ୍ଥାନାନ୍ତର କରିଥିଲେ। ଏହି ଅପରେସନରେ ସୁକୁମାର ଦୁଃଖୁ, ମନୋଜ ଏବଂ ଟିମ ସହ ଉମରକୋଟ ବନପାଳ ଆକୁଳ ବୈରାଗୀ, ବନରକ୍ଷୀ ମଧୁସ୍ମିତା ପାଢ଼ୀ, ଅନୁସୂୟା ପୋଦାର, ଅମିତ ସାହୁ, ନିରବ ସୁନା ଏବଂ ସମସ୍ତ ପାରାଗାର୍ଡ ଉପସ୍ଥିତ ଥିଲେ !

# ବିଜେପିର ବିଜୟ ଉତ୍ସବ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ବିଜେପିର ବିଜୟ ଉତ୍ସବ ପାଳନ ହୋଇଯାଇଛି । ବର୍ଷ ୨୦୨୫ ଦିଲ୍ଲୀ ବିଧାନସଭା ଆସନରେ ବିଜେପି ୪୮ ଟି ସିଟ୍ ହାସଲକରି ଏକ ଐତିହାସିକ ବିଜୟ ପ୍ରାପ୍ତ କରିଛି । ଦିଲ୍ଲୀ ବିଜେପି ପାର୍ଟି ମୁଖ୍ୟାଳୟ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ବାସିଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି ଦିଲ୍ଲୀ ବାସି ତୁଷ୍ଟିକରଣ ନାହିଁ ସନ୍ତୁଷ୍ଟି କରଣ ବାଛିଛନ୍ତି, ଡବଲ୍ ଇଞ୍ଜିନ୍ ର ସରକାର କୁ ବାଛିଛନ୍ତି । ବର୍ତ୍ତମାନ ଦିଲ୍ଲୀ ଆପଦାରୁ ମୁକ୍ତି ପାଇଛି ଏହି ନିର୍ବାଚନ ରେ ଓଡିଶାର ସାଂସଦ ବୈଜୟନ୍ତ ଜୟ ପଣ୍ଡା ନିର୍ବାଚନ ପ୍ରଭାରୀ ଦାୟିତ୍ୱରେ ଥିଲେ। ଏହି ପରିପ୍ରେକ୍ଷୀରେ ଉମରକୋଟ ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟାଳୟ ଠାରୁ ହନୁମାନ



ମନ୍ଦିର ପର୍ଯ୍ୟନ୍ତ ଏକ ରେଲି ମାଧ୍ୟମରେ ବାହାରି ବାଜି, ଫଟକା ଫୁଟେଇ ଦିଲ୍ଲୀ ରେ ବିଜେପି ର ବିଜୟ ନାରା ଦେଇ ଲୋକଙ୍କୁ ମିଠା ବାଣ୍ଟି ବିଜୟ ଉତ୍ସବ ପାଳନ କରିଥିଲେ । ଏଥିରେ ଉପସ୍ଥିତ ଥିଲେ ରାଜ୍ୟ ସଂପାଦକ ଶ୍ରୀ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ କୁମାର ପାଢୀ, ଜିଲ୍ଲା ସଂପାଦକ ରାମ ନାୟକ, ଜିଲ୍ଲା ମହିଳା ସଂପାଦିକା ମନ୍ଦିରା ନାୟକ, ନଗର ସଭାପତି ଗୋପୀନାଥ ସାହୁ, ନଗର ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ଯୁବ ନେତା ମିଲୁ ପଣ୍ଡା, ଟିଙ୍କୁ ଭାଇ, ରମେଶ ଦାସ, ସନ୍ତୋଷ ଶର୍ମା, ଦୁକାଲୁ ମେହେର, ପ୍ରଦୀପ ମିଶ୍ର, ନିତୁ ଗଣ୍ଡ, ରାମ ଗଣ୍ଡ, ପ୍ରମୁଖ ବହୁତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ଶିଶୁ ମେଳା

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକ ଅନ୍ତର୍ଗତ ବେହେଡ଼ା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ଶିଶୁ ମେଳା -୨୦୨୫ ସ୍ଥାନୀୟ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେହେଡ଼ା ପରିସର ରେ ମହାସମାରୋହରେ ପାଳିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଷ୍ଣୁ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ନିପୁଣ ଓଡ଼ିଶା ମେଳାକୁ ଆମନ୍ତ୍ରିତ ମୁଖ୍ୟ ଅତିଥି ବେହେଡ଼ା ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରମିଳା ଗଣ୍ଡ ଓ ବରେଣ୍ୟ ଅତିଥି ସୁକିଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ସୁବାଷ ସାନ୍ତା ପ୍ରଦୀପ ପ୍ରଜ୍ଜ୍ୱଳନ ଓ ପୁଷ୍ପାଞ୍ଜଳି ଅର୍ପଣ କରି ଶୁଭ ଉଦ୍‌ଘାଟନ କରିଥିଲେ। ସିଉନାଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବରିଷ୍ଠ ପ୍ରଧାନ ଶିକ୍ଷକ ଟୁଟୁବାବୁ ପଟ୍ଟନାୟକ ଆୟୋଜିତ କାର୍ଯ୍ୟକ୍ରମ ନିପୁଣ ଓଡ଼ିଶାର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବିଶଦ ବିବରଣୀ ଉପସ୍ଥାପନ କରି ସଭାକୁ ପରିଚାଳନା କରିଥିଲେ। ବେହେଡ଼ା ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ସାମଲ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରୀୟ ବରିଷ୍ଠ ପ୍ରଧାନ ଶିକ୍ଷକ ସମୂହ ଫନିନ୍ଦ୍ର ଗାଇନ, ବିମଳ ବରୋଇ, ରାମକୃଷ୍ଣ ମାଝୀ ଓ ଅଭିଭାବକ, ଗୋଷ୍ଠୀ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ରେ ପଢୁଥିବା ଛାତ୍ର ଛାତ୍ରୀ ଓ ଶିକ୍ଷକ ତଥା ଅଭିଭାବକ ମାନଙ୍କ ମଧ୍ୟରେ ନିପୁଣ ଓଡ଼ିଶା ମେଳା ର ଶପଥ ପାଠ କରାଯାଇଥିଲା। ଏହାପରେ ବେହେଡ଼ା ବିଦ୍ୟାଳୟ ର କୁନି କୁନି ପୁଅ ଝିଅ ମାନଙ୍କ ଦ୍ୱାରା ନିପୁଣ ଓଡ଼ିଶାର ଏକ ଚିତ୍ର ପଟ୍ଟ ସୁନ୍ଦର ନାଚ ସଂଗୀତ ମଞ୍ଚ ପରିବେଷଣ କରିଥିଲେ। ନିପୁଣ ଓଡ଼ିଶା ର ମୁଖ୍ୟ ଲକ୍ଷ୍ୟ ପ୍ରଥମ ରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀ ମାନଙ୍କର ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟକୁ ସହଜରେ ବୁଝିପାରି କହିପାରିବେ ଓ ଲେଖିପାରିବେ। ଏଫଏଲଏନ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କୁ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନଶୀଳ କାର୍ଯ୍ୟଦକ୍ଷତାର ବିକାଶ ପାଇଁ ରାଜ୍ୟ ଶିକ୍ଷା ମନ୍ତ୍ରଣାଳୟରୁ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଏହି ନିପୁଣ ଓଡ଼ିଶା ମେଳାରେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସେଲ୍ଫି ପଏଣ୍ଟ ର ଉପଲବ୍ଧ ଥିଲା। ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟର ବିକାଶ ନିମନ୍ତେ ଶିକ୍ଷଣ ସାମଗ୍ରୀ ର ଆବଶ୍ୟକତା ହେତୁ ଏକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶନୀ ମେଳା କରାଯାଇଥିଲା। ଏଥିରେ କ୍ଲଷ୍ଟର ସ୍ତରୀୟ ୧୬ ଗୋଟି ବିଦ୍ୟାଳୟ ରୁ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ବିଦ୍ୟାଳୟ ରୁ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନ ଶୀଳ କାର୍ଯ୍ୟଦକ୍ଷତା ର ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏହି ଶିକ୍ଷଣ ସାମଗ୍ରୀ ଉପରେ ଦୃଷ୍ଟି ଆକର୍ଷଣ ଓ ଅନୁଧ୍ୟାନ କରି ବିଚାରକ ମଣ୍ଡଳୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ନିର୍ଣ୍ଣୟ କରିଥିଲେ। ଭଲ ପ୍ରଦର୍ଶନ କରିଥିବା ବିଦ୍ୟାଳୟର କୁନି କୁନି ପିଲାମାନଙ୍କୁ ଉତ୍ସାହ କରି ପୁରସ୍କାର ଦେବା




ସହିତ ବିଦ୍ୟାଳୟ ଗୁଡିକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ସମେତ ଶିକ୍ଷକ, ଅଭିଭାବକ ଓ ଅନ୍ୟାନ୍ୟ ଉପସ୍ଥିତ ଥିଲେ। ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପରିଶେଷରେ ଅତ୍ର ଶିକ୍ଷାନୁଷ୍ଠାନର ଶିକ୍ଷକ ଶ୍ରୀ ବିରଞ୍ଚି ସୁନାନୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୬୨୨ କଲେଜ ସଂଘର ସାଙ୍ଗଠନିକ ବୈଠକ: ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ଦାବି

ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସାନ୍ଧା ଆଞ୍ଚଳିକ କଲେଜ ଶ୍ରେଣୀଗୃହରେ ଢେଙ୍କାନାଳ ଜିଲ୍ଲା ୬୬୨ କଲେଜ ସଂଘର ବୈଠକ କଲେଜ ଅଧ୍ୟକ୍ଷ ଶିଶିର ଦେହୁରୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସଭାପତି ଗୋଲକ ନାୟକ ଯୋଗ ଦେଇ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଆନ୍ଦୋଳନ ରେ ସମ୍ପୃକ୍ତ କର୍ମଚାରୀମାନେ ଯୋଗ ଦେବାକୁ ଅନୁରୋଧ କରିଥିଲେ। ଏହି ବର୍ଗର କର୍ମଚାରୀମାନେ ଦୀର୍ଘ ବର୍ଷ ହେଲା ଆନ୍ଦୋଳନ କରୁଥିଲେ ମଧ ବିଗତ ସରକାର ଏକ ପୂର୍ଣ୍ଣାଙ୍ଗ ନୀତି ବାହାର ନ କରି ଢୋକେ ପି ଦଣ୍ଡେ ଜି ଭଳି ଏକ ବିକୃତ କାମଚଳା ନିୟମ ବାହାର କରି କେବଳ କିଛି କିଛି ଦରମା ଦେଇ ଚାଲିଗଲେ। ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ଅବସର ନେଲେ ରିକ୍ତ ହସ୍ତରେ ଘରକୁ ଫେରୁଛନ୍ତି ଓ ପେନସନ ନ ଥିବାରୁ ଦୁଃଖରେ କାଳାତିପାତ କରୁଛନ୍ତି। ଦୀର୍ଘ ୩୦ ବର୍ଷ ସେବା ପରେ ଏବେ ବଞ୍ଚିବା ପାଇଁ ଟଙ୍କା ଟିଏ ପେନସନ ଭାବେ ନ ପାଇବା ଏହା ସମସ୍ତଙ୍କୁ ଚକିତ କରିଛି। ରାଜ୍ୟ ରେ ଏବେ ନୂଆ ସରକାର ପ୍ରାୟ ୭ମାସ ହୋଇଥିଲେ ବି ଏ ସଂପର୍କ ରେ ଆଲୋଚନା ନ କରିବା ସମସ୍ତଙ୍କୁ ଆହୁରି ଅଧିକ ବ୍ୟଥିତ କରିଛି। ତେଣୁ,ସଂଘ ର ମୁଖ୍ୟ ଦାବି ପେନସନ, ପ୍ରମୋସନ୍ ଓ ଚାକିରୀ ସର୍ତ୍ତାବଳୀ ଦାବିରେ ଆସନ୍ତା ୧୪ ତାରିଖରେ ସଂଘ ଗଣତାନ୍ତ୍ରିକ ଭାବେ ଆନ୍ଦୋଳନ କରିବ ଏବଂ ୨୦୦୮ ପରବର୍ତ୍ତୀ ଅନୁଦାନରୁ ବଞ୍ଚିତ ଅଧ୍ୟାପକ ଓ ଅଧ୍ୟାପିକା କର୍ମଚାରୀ ମାନଙ୍କୁ ଦରମା ଦେବା ନିମନ୍ତେ ସଂଘ ଦାବି ଉପସ୍ଥାପନ କରିବ। ଏଥିରେ



ରାଜ୍ୟର ସମସ୍ତ କର୍ମଚାରୀଙ୍କ ସହ ଢେଙ୍କାନାଳ ଜିଲ୍ଲାର ସମସ୍ତ କର୍ମଚାରୀ ଇଛାଧିନ ଛୁଟି ନେଇ ୧୪ ତାରିଖ ରେ ଯୋଗ ଦେବାକୁ ରାଜ୍ୟ ସଭାପତି ଗୋଲକ ନାୟକ ଓ ଜିଲ୍ଲା ସଭାପତି ଶ୍ରୀ ସମୀର ସାହୁ ସମସ୍ତଙ୍କୁ ନିବେଦନ କରିଥିଲେ।ଅନ୍ୟତମ ସମ୍ମାନିତ ଅତିଥି ତଥା ସଂଗ୍ରାମୀ ଶ୍ରୀମତୀ ପୁଷ୍ପ ଲତା ରଥ ଓ ଶ୍ରୀ ନରେନ୍ଦ୍ରନାଥ ପଣ୍ଡା ଅଧ୍ୟାପକ ଜଳଧର ରାଉତ ଅଧ୍ୟାପିକା କାନନ ବାଳା ସାହୁ ଅଧ୍ୟାପକ ସିଦ୍ଧାର୍ଥ ମହାନ୍ତି,ଅରୁଣ ସାମଲ, ସୁଜିତ୍ କୁମାର ସାମଲ ଆନ୍ଦୋଳନରେ ଯୋଗଦେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।। ଆଜିର ବୈଠକରେ ଢେଙ୍କାନାଳ ଜିଲ୍ଲାର ୨୫ ଟି କଲେଜରୁ ପ୍ରତିନିଧି ସଂଗ୍ରାମୀମାନେ ଯୋଗ ଦେଇ ଆନ୍ଦୋଳନରେ ସାମିଲ ହେବେ ବୋଲି ମତ ଦେଇଥିଲେ।

## ଜାଗର ଯାତ୍ରା ଓ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ବ୍ରଜରାଜନଗର (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ବ୍ଲକ ଚାନ୍ଦିନୀମାଲ ଗ୍ରାମରେ ଆସନ୍ତା ଫେବୃୟାରୀ ୨୪ ତାରିଖରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମହାଶିବରାତ୍ରି ଜାଗର ଯାତ୍ରା ଓ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଶୁଭସ୍ତମ୍ଭ ସ୍ଥାପନ ପାଇଁ ଗ୍ରାମର ଉମାଶଙ୍କର ମନ୍ଦିରରୁ ବାହାରି ଗ୍ରାମର ଗ୍ରାମଦେବୀଙ୍କ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାରିଥିଲା । ସେଠାରେ ମନ୍ଦିରର ପୂଜକ ବାଞ୍ଛାନିଧି ଭୋଇ ଦେବୀଙ୍କ ପୂଜାର୍ଚ୍ଚନା କରି ଯାତ୍ରା ପାଇଁ ଶୁଭ କାମନା କରିଥିଲେ । ତାପରେ ମା'ଙ୍କ ଅନୁମତି ନେଇ ଗ୍ରାମରେ ଥିବା ହନୁମାନ ଓ ଶିବଙ୍କ ମନ୍ଦିରରେ ବରଣ କରାଯାଇଥିଲା। ଗୋପପୁରର ନିର୍ଦ୍ଦେଶକ ପଞ୍ଚାନନ୍ଦ ବର୍ଡ଼ିଆ ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ମଧୁମଙ୍ଗଳ ଭୂମିକାରେ ଅଭିନୟ କରିଥିବା ସୁନାମ ଧନ୍ୟ କଳାକାର ସହ ନିର୍ଦ୍ଦେଶିକା ସୁଶ୍ରୀ ଯୁଗେଶ୍ୱରି ରୋହିଦାସ ମୁଖ୍ୟ ଭାବେ ଯୋଗ ଦେଇଥିଲେ । ମଥୁରା ନଗରୀ ରାଜ ଦରବାରରେ ରୋମାଞ୍ଚ ରୋହିଦାସ ଓ ତାଙ୍କ ପତ୍ନୀ ପାର୍ବତୀ ରୋହିଦାସ ଏବଂ ଗୋପପୁର ତଥା ନନ୍ଦ ଦରବାରରେ ଗୁରୁଚରଣ ରୋହିଦାସ ଓ ତାଙ୍କ ପତ୍ନୀ ଗେଲ ରୋହିଦାସ କର୍ତ୍ତା ଭାବେ ଯୋଗ ଦେଇଥିଲେ । ଏହି ଦୁଇଟି ସ୍ଥାନରେ ପୂଜକ ଭାବେ ରାମଜୀ ସରସ୍ୱତୀ ଓ ପବିତ୍ର ନାଥ ପୂଜାର୍ଚ୍ଚନା କରିଥିଲେ। ଏହି ଶୁଭ ମୁହୂର୍ତ୍ତରେ କମିଟିର ସଭାପତି ପ୍ରମୋଦ କୁମାର ପ୍ରଧାନ, ସମ୍ପାଦକ ପର୍ଶୁରାମ ରୋହିଦାସ,କୋଷାଧ୍ୟକ୍ଷ ଲିଙ୍ଗରାଜ ରୋହିଦାସ ଓ ଗ୍ରାମର ଗ୍ରାମବାସୀ ମାନେ ସହଯୋଗ କରିଥିଲେ।



କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ସହର ସ୍ଥିତ ଟାଉନ କ୍ଲବ ଦ୍ୱାରା ଆୟୋଜିତ ଇଣ୍ଡୋର୍ ଓ ଆଉଟ୍ ଡୋର ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଉଦଜାପାନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପାଞ୍ଚପିଡ ଉପଜିଲ୍ଲାପାଳ ପ୍ରେମାଂସୁ ଚାନ୍ଦ ଓ ସମ୍ମାନୀତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର୍ ଯୋଗ ଦେଇ ଏହି ତ୍ରି ଦିବସୀୟ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ରେ ଚମ୍ପୀୟନ ଦଳ ସହିତ ଉପ ବିଜେତା ଦଳ କୁ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଏଥିରେ ଆଉଟ୍ ଡୋର ରେ ୪୮ ଗୋଟି ଦଳ ଓ ଇନ୍ ଡୋର ରେ ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ଆଉଟ୍ ଡୋର ଫାଇନାଲ ମ୍ୟାଚ ରେ ଟାଉନ୍ କ୍ଲବ ବନାମ ସୁକିନ୍ଦା ମାଇନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥଲା ଏଥିରେ ସୁକିନ୍ଦା ମାଇନ୍ସ ଚମ୍ପିୟାନ ହୋଇଥିଲା ସେହିପରି ଇନ୍ ଡୋର ମ୍ୟାଚ ରେ ଯୋଡ଼ା ଓ ବଡ଼ବିଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏଥିରେ ଯୋଡ଼ା ଦଳ ଚମ୍ପିୟାନ ହୋଇଥିଲା। ମ୍ୟାଚ ରେ ରେଫରୀ ଭାବେ ରୁପେଶ୍ ସରାଫ, ଶୁଶିଲ ଅଗ୍ରୱାଲା, ଅଭିଷେକ ଦାସଓ ଶିବୁ ପେରିୱାଲ କର୍ଯ୍ୟତୁଲାଇଥିଲେ । ଭସ୍ୟକ।ର ଭାବେ କରଞ୍ଜିଆ ଥାନା ଆଇ ଆଇସି ନିରୋଦ ମଲ୍ଲିକ କାର୍ଯ୍ୟତୁଲାଇଥିଲେ। ଟାଉନ କ୍ଲବ ର ଦୀପକ, ଡୋର।, ରାଜା, ଅଭିଷେକ, ଭାଗବତ ଦାସ, ମୋହିତ, ପ୍ରଶାନ୍ତ, ପାରସ, ବର୍ଣ୍ଣି, ବର୍ଷ, ଅମିତ ଓ ସାଗର ପରିଚାଳନା କରିଥିଲେ।



# ଓଡ଼ିଶା-ଜାପାନ ସାଂସ୍କୃତିକ ବିଚିତ୍ରାରେ ମୁଗ୍ଧ ଦର୍ଶକ




ପୁରୀ (ଭାସ୍କର ନ୍ୟୁଜ) : ଓଡ଼ିଶା ଓ ଜାପାନୀ କଳାକାରଙ୍କ ସାଂସ୍କୃତିକ ବିଚିତ୍ରା ଓ ବିବିଧତାରେ ମନ୍ତ୍ର ମୁଗ୍ଧ ହୋଇଉଠିଥିଲେ ଦର୍ଶକ। ସମଗ୍ର ତାଳବଣିଆ ରେ ଗୁଞ୍ଜୁରି ଉଠିଥିଲା ତୁହାକୁ ତୁହା କରତାଳି। ଆଜି ସଂଧ୍ୟାରେ ତାଳବଣିଆ ପାର୍କିଂ ସ୍ଥଳ ଠାରେ ଓଡ଼ିଶା ଜାପାନ ସାଂସ୍କୃତିକ କଳାକାର ମାନଙ୍କ ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଣ୍ଡୋ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ଓଡ଼ିଆ-ଜାପାନ ମହୋତ୍ସବ। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଆଇଆଇସି ସୁନିଲ ପ୍ରଧାନ ପ୍ରମୁଖ ଯୋଗ ଦେଇ ଏହି ପର୍ବ ଭାରତ-ଜାପାନ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ ସହ ଦୁଇଦେଶ ମଧ୍ୟରେ ଭାଇଚାରା ପ୍ରତିଷ୍ଠା କରିବାରେ ସହାୟକ ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତିକୁ ଜାପାନ ରେ ଅଧିକ ପ୍ରଚାର ପ୍ରସାର ସହ ଦୁଇ ଦେଶର କଳାକାରଙ୍କ ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ ଏହି ମହୋତ୍ସବ ମାଧ୍ୟମରେ ଅଧିକ ଋଦ୍ଧିମନ୍ତ ହୋଇ ପାରିବ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ।ଓଡ଼ିଶା-ଜାପାନ ପର୍ବର ସଫଳତା କାମନା କରିବା ସହ ସମସ୍ତ ସଦସ୍ୟ ଓ କଳାକାର ମାନଙ୍କୁ ଅତିଥି ମାନେ ଶୁଭେଚ୍ଛା ଜଣାଇଥିଲେ।ଜାପାନର ବିଶିଷ୍ଟ କଳାକାର ରୀନା ନାକାନୋ,କାନ ମିଜୁଓଛୁ,ଏଇକୋ ଓନୋ,ରାମ ତାମାକି, ଆକିଏ, ରୀକା ୟାନୋ,ମାମିକୋ ସିବୁକି, ଓଡ଼ିଆ କଳାକାର ଗୁରୁ ରୋଜାଲିନ ମହାନ୍ତି, ବିଶ୍ୱବନ୍ଧୁ ଦାସ,ସୁଶ୍ରୀ ଦିବ୍ୟ ଜ୍ୟୋତି ନନ୍ଦ, ଶିବ ସୁନ୍ଦର ମିଶ୍ର, ଶାଶ୍ୱତୀ ଦାସ ପ୍ରମୁଖ ଭାରତୀୟ ଓ ଜାପାନୀ ନୃତ୍ୟ ଓ ସଂଗୀତ ର ସାଂସ୍କୃତିକ ବିବିଧତା କୁ ଋଦ୍ଧିମନ୍ତ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପ୍ରକୃତିବନ୍ଧୁ ବଦ୍ରି ମିଶ୍ର,ରାମ ପ୍ରକାଶ ସେନାପତି ପ୍ରମୁଖ ଯୋଗ ଦେଇ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ବିଶ୍ୱନାଥ ମିଶ୍ର ଏଥିରେ ସଂଯୋଜନାରେ କରିଥିଲେ। ଏହି ଅବସରରେ , ନୃତ୍ୟ ପାଇଁ ରୋଜାଲିନ ମହାନ୍ତି, କଣ୍ଠସଂଗୀତ ପାଇଁ ଶାଶ୍ୱତୀ ଦାଶ ଓ ଦିବ୍ୟଜ୍ୟୋତି ନନ୍ଦ, ବାଦ୍ୟ ଯନ୍ତ୍ର ପାଇଁ ଲିଙ୍ଗରାଜ ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଜାପାନ ତରଫରୁ ଆୟୋଜିତ ଷ୍ଟଲକୁ ଅତିଥି ମାନେ ପରିଦର୍ଶନ କରିଥିଲେ।

## ସରିଲା ଧଉଳି-କଳିଙ୍ଗ ମହୋତ୍ସବ

# ଓଡ଼ିଶୀ, କଥକ, ଭାରତନାଟ୍ୟମ୍ ନୃତ୍ୟରେ ଦର୍ଶକ ବିଭୋର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଏବଂ ଆର୍ଟ ଭିଜନ୍‌ର ମିଳିତ ଉଦ୍ୟମରେ ଐତିହାସିକ ଧଉଳି ପାହାଡ଼ ପାଦଦେଶରେ ୨୧ତମ ଧଉଳୀ କଳିଙ୍ଗ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ପରିବେଷିତ ହୋଇଯାଇଛି ଓଡ଼ିଶୀ, କଥକ, ଭାରତନାଟ୍ୟମ୍ ଓ ମୋହିନୀଆଟ୍ଟମ ନୃତ୍ୟର ଫ୍ୟୁଜନ ସହିତ ମୟୁରଭଞ୍ଜ ଛଉ ନୃତ୍ୟ । ଉଦ୍‌ଯାପନୀ ସଂଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଓଡ଼ିଶୀ, କଥକ, ଭାରତନାଟ୍ୟମ୍ ଏବଂ ମୋହିନୀଆଟ୍ଟମର ମିଶ୍ରଣ ଯାହା ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ, ଖାନକ ଇନଷ୍ଟିଚ୍ୟୁଟ୍ ଅଫ୍ ପରଫର୍ମିଂ ଆର୍ଟସ୍, ପବିତ୍ର ଆର୍ଟ ଭିଜୁଆଲ୍ ଇନଷ୍ଟିଚ୍ୟୁଟ୍ ଏବଂ ଇଣ୍ଟରନ୍ୟାସନାଲ୍ ଏକାଡ଼େମୀ ଅଫ୍ ମୋହିନୀଆଟ୍ଟମ୍ ଦ୍ୱାରା ପରିବେଷିତ ହୋଇଥିଲା । ପ୍ରଥମ ଉପସ୍ଥାପନ ଥିଲା ଗଣେଶ ବନ୍ଦନା ଏବଂ ପରେ ଶ୍ରୀକୃଷ୍ଣ ଶରଣମ୍ ନମଃ- କୃଷ୍ଣଙ୍କ ଜୀବନର ଯାତ୍ରା । ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଦ୍ୱାରା ଓଡ଼ିଶୀ, ବାଙ୍ଗାଲୋରର କର୍ଣ୍ଣିକୋପିଆ କ୍ରିଏସନ୍ସ ଦ୍ୱାରା ସମସାମୟିକ ନୃତ୍ୟ, ଦିଲ୍ଲୀ ଇଣ୍ଟରନ୍ୟାସନାଲ ଏକାଡ଼େମୀ ଅଫ୍ ମୋହିନୀଆଟ୍ଟମ୍ ଦ୍ୱାରା ମୋହିନୀଆଟ୍ଟମ୍, ମୁମ୍ବାଇର ପବିତ୍ର ଆର୍ଟ ଭିଜୁଆଲ୍ ଇନଷ୍ଟିଚ୍ୟୁଟ୍ ଦ୍ୱାରା ଭାରତନାଟ୍ୟମ୍, ଦିଲ୍ଲୀର ଖାନକ ଇନଷ୍ଟିଚ୍ୟୁଟ୍ ଅଫ ପରଫର୍ମି ଆର୍ଟସ୍ ଦ୍ୱାରା କଥକ ନୃତ୍ୟ ସାମିଲ ଥିଲା । ପଦ୍ମଶ୍ରୀ ଡ଼କ୍ଟର ଅରୁଣା ମହାନ୍ତିଙ୍କ ଦ୍ୱାରା ସଂଗୃହିତ ଓ ପରିକଳ୍ପିତ ଓଡ଼ିଶୀ ନୃତ୍ୟ ସଂରଚନା ନିଜେ ଗୁରୁ ଅରୁଣା ମହାନ୍ତି କରିଥିଲା ବେଳେ ଜନାର୍ଦ୍ଦନ ରାଜ ଉର୍ସଙ୍କ ଦ୍ୱାରା ନୃତ୍ୟ, ଜୟପ୍ରଭା ମେନନ୍‌ଙ୍କ ଦ୍ୱାରା ମୋହିନୀଆଟ୍ଟମ୍, ପବିତ୍ର ଭଟ୍‌ଙ୍କ ଦ୍ୱାରା ଭାରତନାଟ୍ୟମ୍ ଏବଂ ମୋନିସା ନାୟକଙ୍କ ଦ୍ୱାରା କଥକ ନୃତ୍ୟ ସଂରଚନା କରାଯାଇଥିଲା । ଅନ୍ତିମ ଉପସ୍ଥାପନା ଥିଲା ମୟୁର କଳା କେନ୍ଦ୍ର ଶିଳ୍ପୀଙ୍କ ଦ୍ୱାରା ମୟୁରଭଞ୍ଜ ଛଉନୃତ୍ୟ । ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ଼ଃ. (ପ୍ରଫେସର) ପ୍ରିୟମ୍ବଦା ମହାନ୍ତି ହେଜମାଦି; ବିଶିଷ୍ଟ କଳା ସମିକ୍ଷକ ଡ଼କ୍ଟର ଲୀଲା ଭେଙ୍କଟରମଣ; ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ; ସମାଜସେବୀ ଶ୍ରୀମତୀ ସୁମିତ୍ରା ଜେନା ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସଚିବ ଗୁରୁ (ଡ଼କ୍ଟର) ଅରୁଣା ମହାନ୍ତି । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼ଃ. ଶ୍ରୀନିବାସ ଘଟୁଆରୀ ଏବଂ ଡ଼ଃ. ନାଜିଆ ଆଲାମ ।

## ଇଣ୍ଡିଆନ ମେଡିକାଲ ଆସୋସିଏସନର ସମ୍ମିଳନୀ

# ସ୍ୱାସ୍ଥ୍ୟସେବାରେ ପଛୁଆ ଓଡିଶାର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର (ଭାସ୍କର ନ୍ୟୁଜ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଛୁଆ ଓଡିଶାର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ଡାକ୍ତମାନେ ହେଉଛନ୍ତି ଭଗବାନ,ସେମାନେ ନିରନ୍ତର ଭାବେ ସେବା ଯୋଗାଇ ଦେଉଥିବାରୁ ସାଧାରଣ ଲୋକେ ସୁସ୍ଥ ହୋଇ ଏକ ବିକଶିତ ରାଷ୍ଟ୍ରର ପରିକଳ୍ପନା କରିପାରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ଇଣ୍ଡିଆନ ମେଡିକାଲ ଆସୋସିଏସନ,ଓଡିଶା ଶାଖାର ୭୪ତମ ବାର୍ଷିକ ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇ ନିଜ ବକ୍ତବ୍ୟରେ ରାଜ୍ୟରେ ସ୍ୱାସ୍ଥ୍ୟ ବଜେଟରେ ଏକ ବଡ ଭାଗ ରଖିଥିବାବେଳେ ସଚେତନତାର ଅଭାବ ଯୋଗୁଁ ଆମେ ଅନେକ ପ୍ରକାରର ରୋଗର ଶିକାର ହେଉଛନ୍ତି ବୋଲି ସେ ପ୍ରକାଶ କରି ରାଜ୍ୟରେ ବିଭିନ୍ନ ପ୍ରକାରର ବିକାଶ ହେଲେ ମଧ୍ୟ ସ୍ୱାସ୍ଥ୍ୟ ସେବାର ବିକାଶ ନ ହେଲେ ଉତ୍କର୍ଷ ଓଡିଶା ପରିକଳ୍ପନା ସମ୍ଭବ ହୋଇପାରିବ ନାହିଁ । ରାଜ୍ୟ ବଜେଟରେ ସ୍ୱାସ୍ଥ୍ୟକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ବିଶ୍ୱର ବୃହତମ ଜନଆରୋଗ୍ୟ ଯୋଜନା ଯେଉଁଥିରେ ଦେଶର ୬୦କୋଟି ଲୋକ ଅନ୍ତର୍ଭୁକ୍ତ ସେହି ଆୟୁଷ୍ମାନ ଭାରତ ଯୋଜନା ଓଡିଶାବାସୀଙ୍କୁ ଅଧିକ ସେବା ଦେବ ବୋଲି ସେ ପ୍ରକାଶ କରିଥିଲେ । ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମରେ ରାଜ୍ୟକୁ ୧୩ଲକ୍ଷ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଆସିଥିବାବେଳେ କେବଳ ସ୍ୱାସ୍ଥ୍ୟକ୍ଷେତ୍ରରେ ୫୦ହଜାର କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ସ୍ୱାସ୍ଥ୍ୟସେବା ପ୍ରକଳ୍ପରେ ୨୫ହଜାର ନିଯୁକ୍ତି ମିଳିବ ବୋଲି ଜଣାପଡିଛି । ୨୦୨୪-୨୫ରେ ଆମ ସରକାର ୨୧ହଜାର କୋଟି ଟଙ୍କା ସ୍ୱାସ୍ଥ୍ୟରେ ବଜେଟ ବ୍ୟବସ୍ଥା କରିଥିଲେ । ୨୦୩୬ମସିହରେ ଓଡିଶା ପ୍ରତିଷ୍ଠାର ଏକଶହ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆମେ ଏକ ବିକଶିତ ଓଡିଶା କିପରି ଗଠନ କରିପାରିବା ସେଥିପାଇଁ ଏବେଠାରୁ ଚିନ୍ତା କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିବାବେଳେ ଏଥିପାଇଁ ରାଜ୍ୟ ସରକାର ୪୦ପ୍ରତିଶତ ଓ କେନ୍ଦ୍ର ସରକାର ୬୦ପ୍ରତିଶତ ଦେବାର ନିୟମ ଥିବାବେଳେ କେନ୍ଦୁଝରରେ ପ୍ରତିଷ୍ଠା ଲାଭ କରିଥିବା ମେଡିକାଲ କଲେଜ ସଂପୂର୍ଣ୍ଣ ଭାବରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅର୍ଥରୁ ବିନିଯୋଗ ହୋଇଛି । ଏହି ମେଡିକାଲ କଲେଜ ଉଦଘାଟନ ହେବାର ଦୁଇବର୍ଷ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ କେବଳ ନାମକୁ ମାତ୍ର ୪ଟି ବିଭାଗକୁ ଛାଡି ଅନ୍ୟ କୌଣସି ବର୍ହିବିଭାଗ ଖୋଲି ନ ଥିବା ସହ ତୁରନ୍ତ ଅର୍ନ୍ତବିଭାଗ ଖୋଲିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଇଣ୍ଡିଆନ ମେଡିକାଲ ଆସୋସିଏସର ଓଡିଶା ଶାଖାର ୭୪ତମ ସମ୍ମିଳନୀ କେନ୍ଦୁଝରରେ ଅୟୋଜିତ ହୋଇଥିବାରୁ ସେ ଶାଖାର ପଦାଧିକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ଘାଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବି

ଆଳି (ଓଡ଼ିଶା ଭାସ୍କର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ଲିଟୁଆ ରାଉତଙ୍କୁ ଆକ୍ରମଣ ଘଟଣାରେ ଗୁରୁବାର ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସାମ୍ବାଦିକମାନେ ଆଳି ଥାନା ଆରକ୍ଷୀ ନିରୀକ୍ଷକ ସବ୍ୟସାଚୀ ଶତପଥୀଙ୍କ ନିକଟରେ ଦାବି କରିଛନ୍ତି, ଆକ୍ରମଣର ଶିକାର ଶ୍ରୀ ରାଉତଙ୍କ ଏତଲା ଅନୁସାରେ, ସେ ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟା ୨୦ରେ ଖବର ସଂଗ୍ରହ କରି ନିଜ ଗ୍ରାମ ଗୋବିନ୍ଦପୁରକୁ ଫେରୁଥିଲେ । ଭୁଇଁପୁର ରାସ୍ତାରେ ଥିବା ମଦ ଦୋକାନର ଅନତି ଦୂରରେ ହଠାତ୍ ମୂଳସାହି ଗ୍ରାମର ବିନୁ ଓରଫ ବିନେଶ ସାମଲ, ସୀତେଶ ସେନାପତି ଓ ଶିବମ ସେନାପତି ପ୍ରମୁଖ ଠେଙ୍ଗା, ବାଡି ଓ ଲୁହା ରଡରେ ତାଙ୍କୁ ଆକ୍ରମଣ କରିଥିଲେ। ସେ ନିଜ ବାଇକରୁ ତଳେ ପଡ଼ି ଚିତ୍କାର କରିଥିଲେ। ଅଭିଯୁକ୍ତମାନେ ସେ ବେକରେ ପିନ୍ଧିଥିବା ସୁନା ଚେନ ନେଇଯିବା ସହ ୨ଟି ମୋବାଇଲକୁ ନେଇ ସେଠାରେ ବାଡେଇ ଭାଙ୍ଗିଥିଲେ । ବାଇକକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ସେ ସେଠାରୁ ଆସି କିଛି ବନ୍ଧୁଙ୍କ ସହାୟତାରେ ଗୋବିନ୍ଦପୁର ଡାକ୍ତରଖାନରେ ଚିକିତ୍ସିତ ହୋଇଥିଲେ ସୁଧା ଘାଟଣାକୁ ୪ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ୍ ଏକ ମାମଲା ରୁଜୁକରି ଚୁପ୍ ବସିଛି। ଏନେଇ ସାମ୍ବାଦିକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଯଦି ଆସାମୀଙ୍କୁ ତୁରନ୍ତ ଗିରଫ ନ କରାଯାଏ। ଆଗମୀ ଦିନରେ ତୀବ୍ର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ମା'ଭଗବତୀଙ୍କ ପୀଠର ସର୍ବାଙ୍ଗୀନ ବିକାଶ ନେଇ ସମୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀଙ୍କ ପୀଠର ସର୍ବାଙ୍ଗୀନ ବିକାଶ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ନବମ ଶତାବ୍ଦୀରେ ନିର୍ମିତ ଏହି ପୀଠର ବିକାଶ କରି ଏହାକୁ ଏକ ଆକର୍ଷଣୀୟ ଧର୍ମୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର । ପୀଠରେ ଥିବା ସିଂହଦ୍ୱାରଠାରୁ ଆରମ୍ଭ କରି ପରିକ୍ରମା, ଘାଟ, ନାଟମଣ୍ଡପର ବାହ୍ୟ ଆବରଣ, ସିଂହଦ୍ୱାରର ଉନ୍ନତୀକରଣ ଏବଂ ଦୋଳବେଦୀ ନିର୍ମାଣ ସହିତ ବହୁମୁଖୀ ହଲ୍, ରାସ୍ତା ଓ ନଦୀଘାଟ ଆଦିର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ମନ୍ଦିରର ବହୁ ପୁରୁଣା ଐତିହ୍ୟକୁ ସଂରକ୍ଷଣ କରିବା ସହ ଏହାକୁ ଏକ ଜୀବନ୍ତ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଥିଲେ । ବୈଠକରେ ଐତିହ କୀର୍ତ୍ତିରାଜୀର ସମନ୍ୱିତ ବିକାଶ ଓ ପର୍ଯ୍ୟଟନସ୍ଥଳୀ ଯୋଜନା ଅଧୀନରେ ମନ୍ଦିର ପରିସର ଓ ଚତୁଃପାଶ୍ୱର୍ ସହ ପାରିପାର୍ଶ୍ୱର୍କ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମନ୍ଦିରର ନିରାପତ୍ତା, ସୁରକ୍ଷା ଏବଂ ଜଳ ନିଷ୍କାସନ ପ୍ରଣାଳୀକୁ ସମନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ରାଜ୍ୟ ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା, ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରଣା, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ରାଜ୍ୟ ପ୍ରନିତତ୍ତ୍ୱ ବିଭାଗ ଅଧିକାରୀ ଅଶ୍ୱିନୀ ଶତପଥୀ, ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ଓବିସିସି ଉପଦେଷ୍ଟା ଜୟ କୃଷ୍ଣ ଦାସ, ବାଣପୁରର ବିଡ଼ିଓ ଶୀତଲ ଅଗ୍ରୱାଲ, ବାଣପୁର ତହସିଲଦାର ପଦ୍ମନାଭ ଦୋରା, ବାଣପୁରର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ମିଟୁ ନାୟକ, ଶ୍ରୀଶ୍ରୀଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ସହ ବିଭାଗୀୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାସନକାର୍ଡ...

ସେହି କାର୍ଡଗୁଡ଼ିକ କାଟି ଦିଆଯିବ। ତଥାପି ଯଦି ଅଯୋଗ୍ୟମାନେ କାର୍ଡ ନ ଫେରାନ୍ତି ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିସବୁ ସ୍ଥାନରେ ନୂଆ ଲୋକଙ୍କୁ ଯୋଡ଼ାଯିବ। ବର୍ତ୍ତମାନ ସୁଦ୍ଧା ୬ଲକ୍ଷ ନୂଆ ହିତାଧିକାରୀ କାର୍ଡପାଇଁ ଆବେଦନ କରିଥିବା ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

### ଇସ୍ତଫା ଦେଲେ...

ଶ୍ରୀ ସିଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଦିଲ୍ଲୀଯାଇ ଭେଟିଥିଲେ ଏବଂ ପରେ ଆସି ଇସ୍ତଫା ଦେଇଥିଲେ। ଏହାପରେ ମଣିପୁରରେ ଦଳୀୟ ବିଧାୟକଙ୍କ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ନୂଆ ନେତା ଚୟନ କରାଯିବାର ସମ୍ଭାବନା ରହିଛି। ତେବେ ଇସ୍ତଫା ଦେବା ପୂର୍ବରୁ ମଣିପୁରରେ ଜାରି ରହିଥିବା ହିଂସାକୁ ନେଇ ଶ୍ରୀ ସିଂ ରାଜ୍ୟବାସୀଙ୍କୁ କ୍ଷମା ପ୍ରାର୍ଥନା କରିଥିବା ସୂଚନା ମିଳିଛି।

### ୩୧ ନକ୍ସଲ...

ଏବଂ ମହାରାଷ୍ଟ୍ରର ସି-୬୦ ଯବାନ ସାମିଲ ହୋଇଥିଲେ। ସୁରକ୍ଷାକର୍ମୀମାନେ ଜଙ୍ଗଲ ଭିତରେ ପ୍ରବେଶ କରୁଥିବାବେଳେ ମାଓବାଦୀମାନେ ପ୍ରଥମେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ସୁରକ୍ଷାକର୍ମୀ ଏହାର ପାଲଟା ଜବାବ ଦେଇଥିଲେ। ଉଭୟପକ୍ଷ ମଧ୍ୟରେ ଦୀର୍ଘ ସମୟଧରି ଗୁଳି ବିନିମୟ ଜାରି ରହିଥିଲା। ତେବେ ସୁରକ୍ଷାକର୍ମୀଙ୍କ ଗୁଳିର ସାମ୍ନା ନ କରି ନକ୍ସଲମାନେ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ପ୍ରଥମେ ୧୨ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୧୯ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିବା ବସ୍ତର ଆଇଜି ପି.ସୁନ୍ଦରରାଜ ସୂଚନା ଦେଇଛନ୍ତି। ନିହତ ମାଓବାଦୀଙ୍କଠାରୁ ବହୁ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହି ଜାତୀୟ ଉଦ୍ୟାନ ଜଙ୍ଗଲକୁ ମାଓବାଦୀଙ୍କ ଏକ ସକ୍ରିୟ ଗଡ଼ ବୋଲି ବିବେଚନା କରାଯାଇଥାଏ। ଆହତ ଦୁଇ ଯବାନଙ୍କୁ ହେଲିକପ୍ଟର ଯୋଗେ ରାୟପୁର ପଠାଯାଇଛି। ସେମାନେ ବିପଦମୁକ୍ତ ଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ବହୁ ନକ୍ସଲ ଜଙ୍ଗଲକୁ ପଳାଇ ଯାଇଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଥିବା ଆଇଜି କହିଛନ୍ତି। ଏହି ଅଘଟଣ ପରେ ସର୍ଚ୍ଚ ଅପରେସନକୁ ଅଧିକ ଜୋରଦାର କରାଯାଇଛି ଓ ଘଟଣାସ୍ଥଳକୁ ଅଧିକ ସୁରକ୍ଷାବାହିନୀ ପଠାଯାଇଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୧ ତାରିଖରେ ଛତିଶଗଡ଼ର ଗଙ୍ଗାଲୁର ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୮ ନକ୍ସଲଙ୍କର ମୃତ୍ୟୁ ଘଟିଥିବାବେଳେ ଏହାପୂର୍ବରୁ ଜାନୁଆରୀ ୨୦-୨୧ରେ ଛତିଶଗଡ଼ର ଗାଡ଼ିଆବନ୍ଧ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୬ ନକ୍ସଲ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୯୦ଲକ୍ଷ ଟଙ୍କାର ଇନାମ ଥିବା ଚଲପତି ମଧ୍ୟ ରହିଥିଲେ।

### ବୁଡ଼ ପକାଇଲେଣି...

ପାଇଁ ସେଠାରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଥିଲା। ବର୍ତ୍ତମାନ ପୁଣିଥରେ ଏହା ଆରମ୍ଭ କରାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଯଦି ଏଭଳି ଗହଳି ଲାଗିରହେ ତେବେ ମହାକୁମ୍ଭ ସମାପନ ସୁଦ୍ଧା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୬୦ କୋଟି ଟପିଯାଇପାରେ। ସୂଚନାଯୋଗ୍ୟ ଯେ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଙ୍ଗମରେ ବୁଡ଼ ପକାଇଥିଲେ। ସ୍ନାନ ପରେ ମା' ଗଙ୍ଗାଙ୍କ ଉପାସନା କରିଥିଲେ। ତେବେ ପ୍ରୟାଗରାଜ କୁମ୍ଭମେଳାକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବାରେ ଲାଗିଥିବାରୁ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପ୍ରୟାଗରାଜ ସଙ୍ଗମ ଷ୍ଟେସନକୁ ବନ୍ଦ ରଖାଯାଇଛି। ଅତୀତରେ ମଧ୍ୟ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ନାନପର୍ବ ସମୟରେ ଷ୍ଟେସନକୁ ବନ୍ଦ ରଖାଯାଇଥିଲା। ଆସନ୍ତା ୧୨ ତାରିଖରେ ମାଘ ପୂର୍ଣ୍ଣିମା ଥିବାବେଳେ ଅତ୍ୟଧିକ ଭିଡ଼ ଯୋଗୁ ରବିବାରଠାରୁ ଏହି ଷ୍ଟେସନକୁ ବନ୍ଦ କରାଯାଇଛି। ଯଦି ମହାକୁମ୍ଭରେ ଏଭଳି ଭିଡ଼ ଲାଗି ରହେ ତେବେ ପୂର୍ଣ୍ଣିମା ପର୍ଯ୍ୟନ୍ତ ଷ୍ଟେସନ ବନ୍ଦ ରଖାଯିବାର ସମ୍ଭାବନା ରହିଛି। ସେହିପରି ଦାରାଗଞ୍ଜ ଷ୍ଟେସନକୁ ମଧ୍ୟ ସାମୟିକ ଭାବେ ବନ୍ଦ କରି ଦିଆଯାଇଛି।

### ଟିମ୍ ଇଣ୍ଡିଆର...

ଚୌକା ଓ ଗୋଟିଏ ଛକା ବଳରେ ୪୪ ରନ୍ ସଂଗ୍ରହ କରିଥିଲେ। କେ.ଏଲ. ରାହୁଲ ୧୪ଟି ବଲର ସାମ୍ନା କରିଥିଲେ। ଅଲରାଉଣ୍ଡର ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜା ମ୍ୟାଚ୍ ବିଜୟ ପର୍ଯ୍ୟନ୍ତ ପଡ଼ିଆରେ ରହିଥିଲେ। ଅକ୍ଷର ୪୩ଟି ବଲ୍ ଖେଳି ୪ଟି ଚୌକା ମାରିଥିଲେ ଓ ୪୧ ରନ୍ ସଂଗ୍ରହ କରିଥିଲେ। ସେହିପରି ଜାଡେଜା ୭ଟି ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୧ ରନ୍ କରିଥିଲେ। ଇଂଲଣ୍ଡ ପାଇଁ ଫିଲିପ୍ ସଲ୍ଟ ଓ ବେନ୍ ଡକେଟ୍ ପାଳି ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ ପାଇଁ ୮୧ ରନ୍‌ର ଭାଗିଦାରୀ କରିପାରିଥିଲେ। ଫିଲିପ୍ ୨୯ଟି ବଲ୍ ଖେଳି ୨ଟି ଚୌକା ଓ ଗୋଟିଏ ଛକା ବଳରେ ୨୬ ରନ୍ କରିଥିଲେ। ସେହିପରି ବେନ୍ ଡକେଟ ୫୬ଟି ବଲ ଖେଳି ୧୦ଟି ଚୌକା ବଳରେ ୬୫ ରନ୍ କରିପାରିଥିଲେ। ଭାରତୀୟ ବୋଲର ରବୀନ୍ଦ୍ର ଜାଡେଜା ସର୍ବାଧିକ ୩ଟି ୱିକେଟ ନେଇଥିବାବେଳେ ମହମ୍ମଦ ସାମି, ହର୍ଷିତ ରାଣା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଆସନ୍ତା ୧୨ ତାରିଖରେ ଅନ୍ତିମ ମ୍ୟାଚ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ।

# ଭାର୍ଗବୀ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ




ପୁରୀ (ଭାସ୍କର ନ୍ୟୁଜ) : ଛାତ୍ରଛାତ୍ରୀ ମାନେ ବଡ ସ୍ୱପ୍ନ ଦେଖିବା ସହ ଏହାକୁ ସାକାର କରିବା ପାଇଁ ଅଧ୍ୟବସାୟ ଜାରି ରଖନ୍ତୁ ।ଶିକ୍ଷା ପ୍ରଗତିଶୀଳ ସମାଜର ଭିତ୍ତିଭୂମି ।ଛାତ୍ରଛାତ୍ରୀ ମାନେ ଦେଶ ନିର୍ମାଣର ଧାରକ ସାଜନ୍ତୁ ବୋଲି କହିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି। ବୀର ନରସିଂହପୁର ସ୍ଥିତ ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଡ.କମ୍ଭମପାଟି ବିଦ୍ୟାଳୟ ସମୟ ଛାତ୍ରଛାତ୍ରୀ ଙ୍କ ପାଇଁ ଶ୍ରେଷ୍ଠ ସମୟ। ଏହା ଏକ ସୁନ୍ଦର ଭବିଷ୍ୟତ ଗଢିବାର ସୁବର୍ଣ୍ଣ ସୁଯୋଗ। ଶିକ୍ଷା କେବଳ ପରୀକ୍ଷାରେ ଅଧିକ ନମ୍ବର ହାସଲ ପାଇଁ ନୁହେଁ ବରଂ ଏହା ଜ୍ଞାନ ଆହରଣ, ଜିଜ୍ଞାସା ଓ ଅନୁସନ୍ଧିତ୍ସୁ ଭାବନା ବଢାଇ ଏକ ଉତ୍ତମ, ଦାୟିତ୍ୱବାନ ନାଗରିକ ହେବାକୁ ପ୍ରେରଣା ଦିଏ ବୋଲି ରାଜ୍ୟପାଳ କହିଥିଲେ ।ବର୍ତ୍ତମାନ ବିଶ୍ୱ ନୂତନ ସୁଯୋଗ, ସମ୍ଭାବନା ଓ ଆହ୍ୱାନ କୁ ନେଇ ଦ୍ରୁତ ଗତିରେ ବଦଳୁଛି ।ଏହି ପରିପ୍ରେକ୍ଷୀରେ ଯେଉଁମାନେ ଦୃଢ ପ୍ରତିଜ୍ଞ, ଜ୍ଞାନୀ ଓ ନବ ସୃଜନର ଅଧିକାରୀ ହେବେ ସେହିମାନେ ହିଁ ଏହି ପରିବର୍ତ୍ତନ ରେ ସଫଳ ହେବେ ।ବିଦ୍ୟାଳୟ କେବଳ ପାଠ୍ୟ ବିଷୟ ଶିକ୍ଷା ଲାଭର ସ୍ଥାନ ନୁହେଁ ବରଂ କୋମଳମତି ପିଲାଙ୍କ ପାଇଁ ଜ୍ଞାନ ଆହରଣ, ମୂଲ୍ୟବୋଧ ଓ ଉତ୍କୃଷ୍ଟ ଚରିତ୍ର ଗଠନ ଏବଂ ଶୃଙ୍ଖଳା ଶିଖିବାର ପ୍ରକୃଷ୍ଟ ଓ ପବିତ୍ର ସ୍ଥାନ ।ହୀରକ ଜୟନ୍ତୀ ପାଳନର ଐତିହାସିକ ମୂହୁର୍ତ୍ତରେ ବିଦ୍ୟାଳୟ ଶିକ୍ଷା ର ଦୃଶ୍ୟ ପଟରେ ଜାତୀୟ ଶିକ୍ଷାନୀତି ୨୦୨୦ ର ରୂପାନ୍ତରଣ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହେବା ଗୁରୁତ୍ୱପୂର୍ଣ୍ଣ ।ନୂତନ ଶିକ୍ଷା ନୀତି ଆମ ଶିକ୍ଷା ବ୍ୟବସ୍ଥା କୁ ଅଧିକ ଅନ୍ତର୍ନିବେଶୀ,ସ୍ୱୟଂ ସମ୍ପୂର୍ଣ୍ଣ ଏବଂ ଦକ୍ଷତା ଅଭିମୁଖୀ କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ ।ଦ୍ରୁତ ପରିବର୍ତ୍ତନଶୀଳ ଦୁନିଆଁ ରେ ଏହା ପିଲା ମାନଙ୍କୁ ବୈଷୟିକ ଭାବେ ସୁଦକ୍ଷ କରିବା ସହ ବୌଦ୍ଧିକ ବିକାଶ ଓ ଉନ୍ନତ ଚରିତ୍ର ନିର୍ମାଣ ରେ ସହାୟକ ହେବ ।ଶିକ୍ଷକ ମାନେ ପିଲା ମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ସହ ପରିବର୍ତ୍ତନର ଧାରା ଓ ବୈଷୟିକ ଜ୍ଞାନ ପ୍ରଦାନ ରେ ସହଯୋଗ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ବିଧାନସଭା ର ବାଚସ୍ପତି ସୁରମା ପାଢ଼ୀ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀ ର କୁଳପତି ସବିତା ପ୍ରଧାନ ପ୍ରମୁଖ ଯୋଗ ଦେଇ ଉତ୍କୃଷ୍ଟ ଛାତ୍ରଛାତ୍ରୀ,ଉତ୍ତମ ଓ ଶୃଙ୍ଖଳିତ ସମାଜ ଗଠନରେ ଶିକ୍ଷାନୁଷ୍ଠାନ ର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି ଅବସରରେ ହୀରକ ଜୟନ୍ତୀ ସ୍ମରଣିକା ଭାର୍ଗବୀ ସୌରଭ କୁ ରାଜ୍ୟପାଳ ଉନ୍ମୋଚନ କରିବା ସହ ପୁରାତନ ଛାତ୍ର ପଦ୍ମଶ୍ରୀ ଡା ଅଶୋକ ମହାପାତ୍ର, ଶଲ୍ୟ ଚିକିତ୍ସକ ଡା ବାଳକୃଷ୍ଣ କୁଅଁର, ଶିକ୍ଷାବିତ ସୁରେଶ୍ୱର ମିଶ୍ର ଓ ଦିବାକର ମିଶ୍ର ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**AFFIDAVIT**

By virtue of an affidavit in the court of Executive Magistrate, Nischintakoili on 01.02.202, I Eira Mohanty, W/o- Ajay Kumar Mohanty resident of village/Post- Orikanta, PS- Nemalo, Dist- Cuttack declares that before marriage my name was Khulana Pradhan, D/o- Nabakishore Pradhan. After marriage with Ajay Kumar Mohanty I have changed my name from Khulana Pradhan to Eira Mohanty. But in LIC Policy No. 586711333 my name has been mentioned as Khulana Pradhan. Khulana Pradhan and Eira Mohanty is same and one person myself. This affidavit is to be produced before concerned authority of LIC for necessary action.

Sd/- Eira Mohanty

# କଣିହାଁ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




କଣିହାଁ (ଭାସ୍କର ନ୍ୟୁଜ): କଣିହାଁ ଶାଖା ଓଡ଼ିଶା ଜିବିକା ମିଶନ ଶକ୍ତି ଇସି ସଂଘ ପକ୍ଷରୁ କଣିହାଁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରା ଯାଇଛି ।କଣିହାଁ ଶାଖା ସଭାନେତ୍ରୀ ରଶ୍ମିତା ନନ୍ଦଙ୍କ ନେତୃତ୍ୱରେ ଶତାଧିକ ମହିଳାଙ୍କ ପକ୍ଷରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିପିଏଲଏଫ ଇସି ସ୍ତରରେ ରିଷ୍ଟ୍ରକଚରିଙ୍ଗ ପ୍ରକ୍ରିୟା ବନ୍ଦ କରିବାକୁ ନେଇ ମହିଳାମାନେ ଗର୍ଜି ଥିଲେ ।ସମଗ୍ର କଣିହାଁ ବଜାର ଦେଇ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।ଏଥି ସହିତ କଣିହାଁ ଶାଖା ପକ୍ଷରୁ ବିଡିଓ ଦେବଦତ୍ତ ପ୍ରଧାନଙ୍କ ଜରିଆରେ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରା ଯାଇଛି। କଣିହାଁ ଶାଖା ସମ୍ପାଦିକା ରଞ୍ଜିତା ସାହୁ ସମେତ ଶତାଧିକ ମହିଳା ସାମିଲ ହୋଇଥିଲେ।

**OFFICE OF THE ASSISTANT DIRECTOR OF TEXTILES: BOUDH** PP-51

At/PO/Dist- Boudh, Odisha-762014, E-mail: adtboudh@gmail.com, Ph no.06841-296260

Notice No 288 Date: 06.02.2025

**QUOTATION CALL NOTICE FOR TECHNOLOGY INTERVENTION**

Sealed quotations are invited from the registered suppliers/manufacturers/dealers/firms having valid PAN and GSTIN registration with up to date income Tax & GST Clearance certificate for supply of different Handloom Items like Frame-loom,Weaving accessories,Dobby,Jacquard,Warp Beam & Dyeing accessoriesfor the weavers of Boudh Textiles Zone under Technology Intervention components of Promotion of Handloom Industries for the year 2024-25.

Interested suppliers may quote their lowest rate with detailed specification (material to be used/size/specification/brand etc) in the enclosed proforma along with the copy of Registration Certificate, Income Tax Clearance Certificate, GST Registration and proof of execution of such orders earlier(if any), mentioning **"Quotation for Technology Intervention"** on the top of the sealed envelope along with all documents and send it to the undersigned by 5.00 P.M of Dt.27.02.2025through Registered/Speed Post only. The quotation received either in incomplete form or after the due date & time will not be considered and treated as rejected.

For more details, terms& condition etc for supply of the items, please visit the official website www.sadhacodisha.org , www.boyanika.com , www.sambalpuribastralaya.com orBoudhDistrict administration- boudh.odisha.gov.in and may contact the Assistant Director of Textiles, Boudh in the above listed address, email & phone number.

The undersigned reserves the right to reject or accept any or all the quotations without assigning any reason thereof.

Sd/-I/C Assistant Director of Textiles
Boudh

OIPR 31027/11/0003/2425

ଓଡ଼ିଶା ଭାସ୍କର
ODISHA BHASKAR

# ଜାତୀୟ,ଅନ୍ତର୍ଜାତୀୟ ଓ ବାଣିଜ୍ୟ





ଇସଲାମାବାଦ: ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ଶାହବାଜ ସରିଫଙ୍କ ସରକାର ସହ ଆଲୋଚନା କରିବାକୁ ମନା କରିଦେଇଛନ୍ତି। ଏହାଦ୍ୱାରା ସରକାର ଏବଂ ଇମ୍ରାନଙ୍କ ଦଳ ପାକିସ୍ତାନ ତେହରିକ-ଏ-ଇନସାଫ (ପିଟିଆଇ) ମଧ୍ୟରେ ବୁଝାମଣା ହେବାର ସମ୍ଭାବନା ଶେଷ ହୋଇଯାଇଛି। ପିଟିଆଇ ନେତା ଉମର ଆୟୁବ ଖାନ୍ ଦଳ ଏବଂ ସରକାରଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହେବାର ସମ୍ଭାବନାକୁ ଅସ୍ୱୀକାର କରିଛନ୍ତି। ରବିବାର ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି। ପିଟିଆଇ ନେତା ଆୟୁବ ଶନିବାର ଏକ ଚ୍ୟାନେଲରେ କହିଛନ୍ତି, ଆଲୋଚନାର ଅଧ୍ୟାୟ ଏବେ ବନ୍ଦ ହୋଇଯାଇଛି। ଆୟୁବ କହିଛନ୍ତି ଯେ ରାଜନୈତିକ ଆଲୋଚନା କେବଳ ଇଚ୍ଛା ଉପରେ ଆଧାରିତ ନୁହେଁ ବରଂ ଏକ ଦୃଢ଼ ପ୍ରତିବଦ୍ଧତା ଆବଶ୍ୟକ ଏବଂ ସରକାର ଏହା ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି।

## ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ ରାହୁଲଙ୍କ ଟାର୍ଗେଟ



ନୂଆଦିଲ୍ଲୀ: ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂହ ରବିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଇମ୍ଫାଲସ୍ଥିତ ରାଜଭବନରେ ସେ ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କୁ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଫେବ୍ରୁଆରି ୯ ତାରିଖରେ ଏନ୍ ବିରେନ୍ ସିଂହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିଲେ। ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି । ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଏନ. ବିରେନ ସିଂହଙ୍କ ଇସ୍ତଫାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ ଗାନ୍ଧି କହିଛନ୍ତି, ପାଖାପାଖି ଦୁଇ ବର୍ଷ ଧରି ବିଜେପି ମୁଖ୍ୟମନ୍ତ୍ରୀ ବିରେନ ସିଂହ ମଣିପୁରରେ ବିଭାଜନ ସୃଷ୍ଟି କରିଛନ୍ତି। ହିଂସା, ଧନଜୀବନ ହାନି ଏବଂ ଭାରତର ଚିନ୍ତାଧାରା କ୍ଷତିଗ୍ରସ୍ତ ହେବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ରହିବାକୁ ଅନୁମତି ଦେଇଥିଲେ। ରାହୁଲ ଗାନ୍ଧି କହିଛନ୍ତି, ପାଖାପାଖି ଦୁଇ ବର୍ଷ ଧରି ବିଜେପି ମୁଖ୍ୟମନ୍ତ୍ରୀ ବିରେନ ସିଂହ ମଣିପୁରରେ ବିଭାଜନ ସୃଷ୍ଟି କରିଛନ୍ତି। ହିଂସା, ଧନଜୀବନ ହାନି ଏବଂ ଭାରତର ଚିନ୍ତାଧାରା କ୍ଷତିଗ୍ରସ୍ତ ହେବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ରହିବାକୁ ଅନୁମତି ଦେଇଥିଲେ। ବିରେନ୍ ସିଂହଙ୍କ ଇସ୍ତଫା ସୂଚାଉଛି ଯେ ଜନମତର ଚାପ, ସୁପ୍ରିମ୍ କୋର୍ଟଙ୍କ ତଦନ୍ତ ଏବଂ କଂଗ୍ରେସର ଅନାସ୍ଥା ପ୍ରସ୍ତାବ କାରଣରୁ ସେ ଏପରି କରିବାକୁ ବାଧ୍ୟ ହୋଇଥିଲେ, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ହେଉଛି ରାଜ୍ୟରେ ଶାନ୍ତି ଫେରାଇ ଆଣିବା ଏବଂ ମଣିପୁରବାସୀଙ୍କ କ୍ଷତକୁ ଭଲ କରିବା ପାଇଁ କାର୍ଯ୍ୟ କରିବା।

## ଇସ୍ତଫା ଦେଲେ ଆତିଶୀ



ନୂଆଦିଲ୍ଲୀ: ଇସ୍ତଫା ଦେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ। ରବିବାର ରାଜଭବନରେ ପହଞ୍ଚି ଉପରାଜ୍ୟପାଳଙ୍କୁ ଭେଟି ବିଧିବଦ୍ଧ ଭାବେ ଇସ୍ତଫା ଦେଲେ ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନା। ଦିଲ୍ଲୀରେ ଆପ୍ ?ର ପରାଜୟ ପରେ ସେ ଇସ୍ତଫା ଦେଇଛନ୍ତି। ଆତିଶୀ କାଲକାଜୀ ବିଧାନସଭା ଆସନରୁ ବିଜୟ ଲାଭ କରିଛନ୍ତି। ଆପ୍ ରୁ ଅନେକ ବରିଷ୍ଠ ନେତାମାନେ ହାରିଛନ୍ତି। ଆତିଶୀ ରମେଶ ବିଧୁରିଙ୍କୁ ୩୫୦୦ରୁ ଅଧିକ ଭୋଟରେ ହରାଇଛନ୍ତି। ଦିଲ୍ଲୀରେ ବିଜେପି ମୋଟ୍ ୪୮ଟି ସିଟ୍ ପାଇଥିବାବେଳେ ୧୦ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଆମ୍ ଆଦମୀ ପାର୍ଟି କେବଳ ୨୨ଟି ସିଟ୍ ମଧ୍ୟରେ ସୀମିତ ରହିଛି। ଏହାସହ ବର୍ତ୍ତମାନ ଦିଲ୍ଲୀରେ ସଂଖ୍ୟା ଗରିଷ୍ଠତା ସହ ବିଜେପି ଫେରିଛି। ସେପଟେ ୭୦ଟି ସିଟ୍ ମଧ୍ୟରୁ ଗୋଟିଏ ବି ଆସନ ଜିତିବାରେ କଂଗ୍ରେସ ବିଫଳ ହୋଇଛି।

## ଭ୍ରଷ୍ଟାଚାର ମାମଲାର ଯାଞ୍ଚ ଲାଗି ଏସ୍ଆଇଟି ଗଠନ କରିବ ବିଜେପି



ନୂଆଦିଲ୍ଲୀ : ଦିଲ୍ଲୀରେ ୨୭ ବର୍ଷ ପରେ ପୁଣି ସରକାର କରିବାର ସୁଯୋଗ ପାଇଥିବା ବିଜେପି ନୂଆ ସରକାରର ପ୍ରଥମ କ୍ୟାବିନେଟ୍ ବୈଠକରେ ଦୁର୍ନୀତି ମାମଲାଗୁଡିକର ତଦନ୍ତ ନିମନ୍ତେ ବିଶେଷ ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିବେ ବୋଲି ଘୋଷଣା କରିଛନ୍ତି। ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚ୍ଚଦେବା କହିଛନ୍ତି ପାର୍ଟି ଭ୍ରଷ୍ଟାଚାରକୁ ନେଇ 'ଜିରୋ ଟୋଲେରାନ୍ସ' ନୀତି ରଖୁଛି ଓ ଦୁର୍ନୀତିରେ ସାମିଲ ଲୋକଙ୍କୁ ଉତ୍ତରଦାୟୀ କରିବ। ସଚ୍ଚଦେବା ଗଣମାଧ୍ୟମ ସହ ଆଲୋଚନାରେ କହିଛନ୍ତି ଯେପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଥର କହିଛନ୍ତି ଓ ଆମେ ବି କହିଛୁ କ୍ୟାବିନେଟର ପ୍ରଥମ ବୈଠକରେ ସିଏଜି ରିପୋର୍ଟ ଉପସ୍ଥାପନ କରାଯିବ। ଆମେ ଦୁର୍ନୀତିର ସବୁ ମାମଲା ତଦନ୍ତ ନିମନ୍ତେ ଏସଆଇଟି ମଧ୍ୟ ଗଠନ କରିବୁ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ୪୮ଟି ଆସନ ଜିତି ସ୍ୱଷ୍ଟ ବହୁମତ ହାସିଲ କରିଥିବାରୁ ସଚ୍ଚଦେବା ଏଥି ପାଇଁ ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କୁ ଦେଇଛନ୍ତି। ସେ କହିଛନ୍ତି ଯେ ଦିଲ୍ଲୀରେ ଭୋଟର ବିକାଶ ନିମନ୍ତେ ବିଜେପିକୁ ସମର୍ଥନ କରିଛନ୍ତି ତଥା ମୋଦିଙ୍କ ନେତୃତ୍ୱ ପ୍ରତି ବିଶ୍ୱାସ ବ୍ୟକ୍ତ କରିଛନ୍ତି। କଂଗ୍ରେସର ଲଗାତାର ତୃତୀୟବାର ହାର ନେଇ ସଚ୍ଚଦେବା କହିଛନ୍ତି ଯେ ଐତିହାସିକ ଗୁରୁତ୍ୱପୂପର୍ଣ୍ଣ ପାର୍ଟି ହୋଇ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି ଏଣୁ କଂଗ୍ରେସକୁ ଆହୁରି ପରିଶ୍ରମ କରିବାକୁ ପଡିବ। ତେବେ ଦିଲ୍ଲୀର ମୁଖ୍ୟମନ୍ତ୍ରୀଙ୍କୁ ନେଇ ସଚ୍ଚଦେବା କହିଛନ୍ତି ଯେ ପାର୍ଟି ଏକ ବ୍ୟବସ୍ଥିତ ଦୃଷ୍ଟିକୋଣ ରଖୁଛି। ଏଣୁ ମୁଖ୍ୟମନ୍ତ୍ରୀ କିଏ ହେବ ନିଷ୍ପତ୍ତି କେନ୍ଦ୍ରୀୟ ନେତୃତ୍ୱ ଉପରେ ନ୍ୟସ୍ତ କରାଯାଇଛି, ଯେପରି ଅନ୍ୟ ରାଜ୍ୟମାନଙ୍କରେ ଦେଖାଯାଇଛି।

## 'ଟାର୍ଗେଟରେ ଦିଦି, ୨୦୨୬ରେ ବଦଳିବ ସରକାର'



ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନରେ ବାଜି ମାରି ନେଇଛି ବିଜେପି। ୨୭ ବର୍ଷ ପରେ ଦିଲ୍ଲୀ ଦୁର୍ଗ ଦଖଲ କରିଛି ବିଜେପି। ରାଜଧାନୀରେ ଆପ୍‌କୁ ପରାସ୍ତ କରି ଫେରିଛି ଡବଲ ଇଞ୍ଜିନ ସରକାର । ନିର୍ବାଚନରେ ଭାରତୀୟ ଜନତା ପାର୍ଟିକୁ ଦୁଇ ତୃତୀୟାଂଶ ଭୋଟ୍ ମିଳିଥିବା ବେଳେ ଆମ୍ ଆଦମୀ ପାର୍ଟିର ୫ ପ୍ରତିଶତ ଭୋଟ୍ କାଟ୍ ଖାଇଛି। ଦିଲ୍ଲୀରେ ବିଜେପିକୁ ୪୮ ବିଧାନସଭା ଆସନ ମିଳିଥିବା ବେଳେ ଆପ୍‌କୁ ୨୨ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ତେବେ ଦେଶର କିଛି ବିଧାନସଭା ନିର୍ବାଚନ ଉପରେ ନଜର ପକାଇଲେ ଜଣାପଡୁଛି ବିଜେପି ବିଶେଷ କରି ଆଞ୍ଚଳିକ ଦଳମାନଙ୍କୁ ଟାର୍ଗେଟ୍ କରୁଛି । ପୂର୍ବରେ ବିଜେଡିକୁ ହରାଇ ଓଡ଼ିଶାରେ ଆଧିପତ୍ୟ ବିସ୍ତାର କରିଛି। ଏବେ ରାଜଧାନୀ ଦିଲ୍ଲୀରେ ଆମ୍ ଆଦମୀ ପାର୍ଟିକୁ ପରାସ୍ତ କରିଛି। ଆପ୍ ଏକ ଜାତୀୟ ଦଳ ହୋଇଥିଲା ମଧ୍ୟ ଏହା ପ୍ରଥମେ ଆଞ୍ଚଳିକ ଦଳ ଭାବେ ଉଭା ହୋଇଥିଲା ଏବଂ ଦିଲ୍ଲୀରେ କଂଗ୍ରେସକୁ ହରାଇ ସରକାରକୁ ଆସିଥିଲା । ଏବେ କ୍ଷମତା ଲଢ଼େଇରେ ବିଜେପି ଆପ୍‌କୁ ମାତ୍ ଦେଇ ଦିଲ୍ଲୀ ସିଂହାସନ ଆକ୍ତିଆର କରିଛି। ତେବେ 'ଦିଲ୍ଲୀ ବିଜୟ ଆମ ବିଜୟ' ବୋଲି ମିଡିଆକୁ ପ୍ରତିକ୍ରିୟା ଦେଇ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ । ସେ କହିଛନ୍ତି, ପ୍ରଥମେ ଓଡ଼ିଶା ଏବେ ଦିଲ୍ଲୀ, ଆଉ ଆଗକୁ ପଶ୍ଚିମବଙ୍ଗ ପାଳି । ବିଜେପି ଦଖଲକୁ ଆସିବ ୱେଷ୍ଟ ବେଙ୍ଗଲ । ତୃଣମୂଳ କଂଗ୍ରେସ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପରାସ୍ତ କରାଯିବ । ସେ ଆହୁରି ମଧ୍ୟ କହିଛନ୍ତି, ପଶ୍ଚିମବଙ୍ଗରେ ପରିବର୍ତ୍ତନର ପଶ୍ଚିମା ପବନ ବହିଲାଣି । ଭ୍ରଷ୍ଟାଚାର ପଙ୍କ ଭିତରେ ଅଣନିଶ୍ୱାସୀ ହୋଇଗଲେଣି ଲୋକେ । ଏହା ଭିତରକୁ ବାହାରିବାକୁ ଚେଷ୍ଟା କରୁଛନ୍ତି । ପଶ୍ଚିମବଙ୍ଗ ଭ୍ରଷ୍ଟାଚାର ମୁକ୍ତ ହେବ । ତୃଣମୂଳ କଂଗ୍ରେସ ସରକାରଙ୍କ ଦ୍ୱାରା ଘୋଟାଲାକୁ ବିଜେପି ଲୋକଙ୍କ ସାମ୍ନାରେ ରଖିବ । ପୋଲିସ କର୍ମଚାରୀଙ୍କ ଦୂରୁପଯୋଗ ବନ୍ଦ ହେବ । ପଶ୍ଚିମବଙ୍ଗରୁ ଦିଦିଙ୍କୁ ହରାଇ ବିଜେପି କୋଲକାତାରେ ବିଜୟ ବାନା ଉଡ଼ାଇବ ବୋଲି ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି ।

## ୨୦୨୬ ମାର୍ଚ୍ଚ ସୁଦ୍ଧା ଛତିଶଗଡ ହେବ ନକ୍ସଲ ମୁକ୍ତ : ବିଷ୍ଣୁଦେବ

ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ, ବିଜାପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ୩୧ ନକ୍ସଲ ନିହତ ହେବା ଘଟଣା ଏକ ବଡ ସଫଳତା। ଛତିଶଗଡରୁ ନକ୍ସଲମୁକ୍ତ କରିବା ଲକ୍ଷ୍ୟ ନେଇ ସୁରକ୍ଷାକର୍ମୀ ଆଗକୁ ବଢ଼ି ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶଳ ନେତୃତ୍ୱରେ ଏହି ସଫଳତା ମିଳିପାରୁଛି। ଶ୍ରୀ ସାଏ କହିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲବାଦକୁ ଦୂର କରାଯିବ ବୋଲି ଆହ୍ୱାନ ଦେବା ପରେ ଏବେ ଛତିଶଗଡରେ ଘନଘନ ସର୍ଚ୍ଚ ଅପରେସନ କରାଯାଉଛି। ବିଜାପୁର ଜିଲ୍ଲାରେ ରବିବାର ସୁରକ୍ଷାକର୍ମୀଙ୍କ ଗୁଳିରେ ୩୧ ନକ୍ସଲଙ୍କ ମୃତ୍ୟୁ ଘଟଣା ଆମ ସୁରକ୍ଷାବାହିନୀଙ୍କ ପାଇଁ ବଡ ସଫଳତା ବୋଲି ଶ୍ରୀ ସାଏ କହିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସୁରକ୍ଷାକର୍ମୀଙ୍କ ଅସାଧାରଣ ବିରତ୍ୱ, ରଣନୈତିକ ଦକ୍ଷତା ଏହି ସଫଳତା ଆଣିଦେଇଛି। ଯେଉଁ ଦୁଇ ଯବାନ ସହିଦ ହୋଇଛନ୍ତି ସେମାନଙ୍କ ପରିବାରବର୍ଗଙ୍କୁ ଶ୍ରୀ ସାଏ ସମବେଦନା ଜଣାଇବା ସହ ଗୁରୁତର ହୋଇଥିବା ଦୁଇ ଯବାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ନକ୍ସଲ ଦମନ କ୍ଷେତ୍ରରେ ଛତିଶଗଡ ଏକ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ନକ୍ସଲଙ୍କ ଅଧପତନଃ ଛତିଶଗଡରେ ଆରମ୍ଭ ହୋଇଛି ଏବଂ ଶାନ୍ତି ଓ ସୁରକ୍ଷାର ବାତାବରଣ ସ୍ଥାପନ କରାଯାଇପାରିଛି। ଆମେ ଯାହା ଘୋଷଣା କରିଛୁ ତାହା କେବଳ ଘୋଷଣା ନୁହେଁ ବରଂ ଏହା ଆମର ଦୃଢ଼ ପ୍ରତିବଦ୍ଧତା ବୋଲି କହିଥିଲେ।



## 'ଆଇ ଆମ୍' ପୁସ୍ତକ ଉନ୍ମୋଚନ କଲେ ଉପମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ: ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ଏନକ୍ଲେଭରେ ଏକ କାର୍ଯ୍ୟକ୍ରମରେ ହିନ୍ଦୁଜାଗ୍ରୁପର ଚେୟାରମ୍ୟାନ ଏବଂ ପ୍ରସିଦ୍ଧ ବ୍ୟବସାୟୀ ଗୋପିଚନ୍ଦ ପି. ହିନ୍ଦୁଜାଙ୍କ ସଂକଳିତ ପୁସ୍ତକ 'ଆଇ ଆମ୍'କୁ ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜନୈତିକ ଏବଂ ବ୍ୟବସାୟିକ ଜଗତର ପ୍ରମୁଖ ବ୍ୟକ୍ତି ଏବଂ କୂଟନୈତିକ ସମ୍ପ୍ରଦାୟର ସଦସ୍ୟମାନେ ଉପସ୍ଥିତ ଥିଲେ। ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି ଯେ, 'ଗୋପିଚନ୍ଦ ପି. ହିନ୍ଦୁଜାଙ୍କ ଏକ ଚିନ୍ତାପ୍ରବଣ ଏବଂ ଚିନ୍ତାଜନକ ସଂକଳନ 'ଆଇ ଆମ୍‌ର' ଉନ୍ମୋଚନ ପ୍ରକୃତରେ ଏକ ଗଭୀର ଏବଂ ଅନନ୍ୟ ମୁହୂର୍ତ୍ତ। ସନାତନର ଭୂମି, ଏକ ପ୍ରାଚୀନ ସଭ୍ୟତା ଏବଂ ବିଶ୍ୱ ଆଧାତ୍ମିକ କେନ୍ଦ୍ର ଭାରତରେ ଏହାର ଉନ୍ମୋଚନ ଗଭୀର ମହତ୍ତ୍ୱ ରହିଛି। ହିନ୍ଦୁଜା ଗ୍ରୁପ୍ ଅଫ୍ କମ୍ପାନୀଜ୍ (ଇଣ୍ଡିଆ)ର ଚେୟାରମ୍ୟାନ ଅଶୋକ ପି. ହିନ୍ଦୁଜା କହିଛନ୍ତି ଯେ, 'ଆମ ପରିବାର ପାଇଁ ବିଭିନ୍ନ ଭୌଗୋଳିକ ଅଂଚଳରେ ବିଭିନ୍ନ ସଂସ୍କୃତିକ ସହ ଆଗକୁ ବଢ଼ିବା ଏବଂ ସନାତନ ପରମ୍ପରାକୁ ବଜାୟ ରଖିବା ସର୍ବଦା ଏକ ଜୀବନଶୈଳୀ ରହିଛି। ପରମାର୍ଥ ନିକେତନ ଟ୍ରଷ୍ଟର ସଭାପତି ସ୍ୱାମୀ ଚିଦ୍ଦାନନ୍ଦ ସରସ୍ୱତୀ କହିଛନ୍ତି ଯେ, 'ଗୋପିଚନ୍ଦ ପି. ହିନ୍ଦୁଜାଙ୍କ ପୁସ୍ତକ ସାମଗ୍ରିକତା ବିଷୟରେ କଥା କହୁଛି। ଏହା ମୁଁ ରୁ ଆମେ ପର୍ଯ୍ୟନ୍ତ ଯାତ୍ରା ବିଷୟରେ, କାରଣତା' ପରେ ହିଁ ମାନବତା ଅସୁସ୍ଥତାରୁ କଲ୍ୟାଣ ଆଡକୁ ଗତି କରିପାରିବ। ଏହା ଋଗ୍‌ବେଦର ସନ୍ଦେଶକୁ ମୂଳ କଥା କହୁଛି ଯାହାହେଉଛି 'ବସୁଧୈବ କୁଟୁମ୍ବକମ୍‌ବା ବିଶ୍ୱ ଏକ ପରିବାର।' ଏହି କାର୍ଯ୍ୟକ୍ରମରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍, ରାଜ୍ୟସଭା ସାଂସଦ ଡକ୍ଟର ଅଭିଷେକ ମନୁସିଂଘବୀ, ବ୍ରିଟିଶ୍ ହାଇକମିଶନର ଲିଣ୍ଡି କ୍ୟାମେରନ୍, ଏଚଡିଏଫସି କ୍ୟାପିଟାଲର ଏମଡି ଓ ସିଇଓବିପୁଲରୁଙ୍ଗଟା ଓ ଜିନ୍ଦଲଷ୍ଟିଲ ଆଣ୍ଡ ପାୱାରଲିମିଟେଡ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଉପସ୍ଥିତ ଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଗତ କିଛି ବର୍ଷ ହେବ ଅନଲାଇନ ଠକେଇ ଘଟଣା ବେଶ୍ ବଢ଼ିଯାଇଛି। ବିଭିନ୍ନ ଉପାୟରେ ସାଇବର ଠକମାନେ ଲୁଟି ନେଉଛନ୍ତି ଲୋକଙ୍କ କଷ୍ଟ ଅର୍ଜିତ ଧନ। ଏମିତିରେ ଏଭଳି ଘଟଣାକୁ ରୋକିବାକୁ ଆରବିଆଇ ବିଭିନ୍ନ ପଦକ୍ଷେପ ନେଇଛି। ତଥାପି ଏହି ଠକେଇକୁ ରୋକ୍ ଲଗାଯାଇପାରିନାହିଁ। ଏମିତିରେ ଅନଲାଇନ୍ ? ଫ୍ରଡ୍ ? ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଏକ ବଡ଼ ପଦକ୍ଷେପ ନେଇଛି। ବ୍ୟାଙ୍କିଂ ଫ୍ରଡ୍ ରୋକିବା ପାଇଁ ଆରବିଆଇ ଆଣିଛି ଆକର୍ଷଣୀୟ ଯୋଜନା। ସର୍ବୋଚ୍ଚ ବ୍ୟାଙ୍କର ଘୋଷଣା ଅନୁଯାୟୀ, ଏଣିକି ଭାରତୀୟ ବ୍ୟାଙ୍କ୍ ପାଇଁ ସ୍ୱତନ୍ତ୍ର ଇଣ୍ଟରନେଟ୍ ଡୋମେନ 'bank.in' ରହିବ। ଅର୍ଥାତ୍ ଏବେ ସବୁ ପଞ୍ଜୀକୃତ ଭାରତୀୟ ବ୍ୟାଙ୍କର ଅଫିସିଆଲ ୱେବସାଇଟ 'bank.in' ଡୋମେନ ଅନୁଯାୟୀ ରହିବ। ସେହିଭଳି ଅଣ ବ୍ୟାଙ୍କିଂ ଆର୍ଥିକ କମ୍ପାନି, ଫିନଟେକ୍ ଏବଂ ଅନ୍ୟ ଆର୍ଥିକ ସଂସ୍ଥାନ 'fin.in'ର ବ୍ୟବହାର କରିବେ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା କହିଛନ୍ତି 'bank.in' ପାଇଁ ରେଜିଷ୍ଟ୍ରେସନ ଏପ୍ରିଲ ୨୦୨୫ରୁ ଆରମ୍ଭ ହେବ। ଏହା ପରେ 'fin.in'କୁ ମଧ୍ୟ ଲାଗୁ କରାଯିବ।ବର୍ତ୍ତମାନ ଏହା କେବଳ ଘରୋଇ ଟ୍ରାଞ୍ଜାକ୍ସନ ପାଇଁ ବାଧ୍ୟତାମୂଳକ।

## ଆର୍‌ଏସ୍‌ପି ପକ୍ଷରୁ 'ପ୍ରଗତିର ସାଥୀ' କାର୍ଯ୍ୟକ୍ରମ



ରାଉରକେଲା (ଭାସ୍କର ନ୍ୟୁଜ୍) : ମାନବ ସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କର୍ମଚାରୀମାନଙ୍କ ଜୀବନସାଥିଙ୍କ ପାଇଁ 'ପ୍ରଗତିର ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ଏହି ପ୍ରୟାସ ଅଧୀନରେ ଫିଲ୍ଡ ମେସିନେରୀ ମେଣ୍ଟେନାନ୍ସ ବିଭାଗର ୨୦ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଫେବୃଆରୀ ୫ ତାରିଖ ଦିନ ଷ୍ଟିଲ ମେଲ୍ଟିଂ ସପ - ୨, ଏଫଏମଏମ, ଟ୍ରାଫିକ ଓ କଞ୍ଚାମାଲ, ନୂତନ ପ୍ଲେଟ ମିଲ, ଏବଂ ହଟ ଷ୍ଟ୍ରିପ ମିଲ ୨ ବିଭାଗ ପରିଦର୍ଶନରେ ନିଆଯାଇଥିଲା। ଏଫଏମଏମ ଓ ଟ୍ରାନ୍ସପୋର୍ଟ ବିଭାଗର ଜିଏମ ଇନଚାର୍ଜ ଅବକାଶ ମଲ୍ଲିକ ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଏଫଏମଏମ ବିଭାଗ ର ଜିଏମ କେ ଦାଣ୍ଡିଆ, ମାନବ ସମ୍ବଳ ବିଭାଗ ର ଏ ଜି ଏମ ଶ୍ରୀ ଡ଼ି ପଟ୍ଟନାୟକ ତଥା ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଫେବୃଆରୀ ୮ ତାରିଖ ଦିନ ଆୟୋଜିତ ଅନୁରୂପ ଗସ୍ତ କାର୍ଯ୍ୟକ୍ରମରେ ଏସଏମଏସ–୧ ବିଭାଗର ୧୮ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଷ୍ଟିଲ ମେଲ୍ଟିଂ ସପ -୧ , ବ୍ଲାଷ୍ଟ ଫରନେସ -୫, ନୂତନ ପ୍ଲେଟ ମିଲ ଏବଂ ହଟ ଷ୍ଟ୍ରିପ ମିଲ ୨ ବିଭାଗ ପରିଦର୍ଶନରେ ନିଆଯାଇଥିଲା। ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ଏସଏମଏସ – ୧ ବିଭାଗର ର ସିଜିଏମ ଶ୍ରୀ ସୁନିଲ କାର୍ଥା, ଏସଏମଏସ – ୧ ବିଭାଗର ଜିଏମ ସି ତିର୍କି, ନୀଳମଣି ମହାପାତ୍ର, ପ୍ରଦୀପ୍ତ ନାଥ ଏବଂ ମାନବ ସମ୍ବଳ ବିଭାଗରର ଡିଜିଏମ ରବୀନ କୁମାର ତଥା ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ। ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲ ଠାରୁ ଆରମ୍ଭ କରି ଚୂଡାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସଂପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା। ମାନବ ସମ୍ବଳ ବିଭାଗର ସହାୟକ ପ୍ରବନ୍ଧକ ଦିବ୍ୟା ସାହୁ ଓରିଏଣ୍ଟେସନ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଏଚଆର ବିଭାଗୀୟ ଦଳ ସଂପୃକ୍ତ ବିଭାଗର ସହଯୋଗରେ ଏହି ଗସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇନ୍‌ଫିନିକ୍ସ ପକ୍ଷରୁ ସ୍ମାର୍ଟ ୯ଏଚ୍‌ଡିର ଶୁଭାରମ୍ଭ



ନୂଆଦିଲ୍ଲୀ : ଏକ ନୂତନ ପିଢ଼ିର ସ୍ମାର୍ଟଫୋନ ବ୍ରାଣ୍ଡ ଇନଫିନିକ୍ସ ଏହାର ନୂତନ ସ୍ମାର୍ଟଫୋନ ସ୍ମାର୍ଟ ୯ଏଚଡିର ଶୁଭାରମ୍ଭ କରିଛି। ମାତ୍ର ୬୬୯୯ ଟଙ୍କା ମୂଲ୍ୟର ଇନଫିନିକ୍ସର ଏହି ସ୍ମାର୍ଟଫୋନ ୪ଟି ଆକର୍ଷଣୀୟ ରଙ୍ଗ ଯଥା ମିଂଟ ଗ୍ରୀନ, କୋରାଲ ଗୋଲ୍ଡ, ନିଓ ଟାଇଟାନିୟମ ଓ ମେଟାଲିକ ବ୍ଲାକରେ ଉପଲବ୍ଧ। ଏହା ବିକ୍ରି ପାଇଁ ଆସ'। ଫେବୃଆରୀ ୪ ତାରିଖରୁ ଫ୍ଲିପ୍‌କାର୍ଟରେ ଉପଲବ୍ଧ ହେବ। ସ୍ମାର୍ଟ ୯ ଏଚଡିରେ ଏକ ମଲ୍ଟିଲେୟର ଗ୍ଲାସ୍ ଫିନିଶ ବ୍ୟାକ ଥିବା ସତେଜ ଡିଜାଇନ ରହିଛି ଯାହା ଆଂଟି-ଫିଙ୍ଗରପ୍ରିଂଟ ହେବା ସହ ମଜବୁତ ଡିଜାଇନ ବିଶିଷ୍ଟ ଅଟେ। ଏକ ଆଇପି୫୪ ସ୍ପ୍ଲାଶ-ପ୍ରୁଫ ରେଟିଂ ସହିତ ଏହି ଡିଭାଇସ ସହଜରେ ଓଦା ଓ ତେଲିଆ ଆଙ୍ଗୁଠିର ସ୍ପର୍ଶକୁ ନିୟନ୍ତ୍ରଣ କରିପାରିଥାଏ। ଇନ୍‌ଫିନିକ୍ସ ସ୍ମାର୍ଟ ୯ଏଚ୍‌ଡିର ୨୦୦ରୁ ଅଧିକ କ୍ୱାଲିଟି ଟେଷ୍ଟ କରାଇଛି ଯେଉଁଥିରେ ଏକ ୧.୫ ମିଟର ୬-ସାଇଡ ଡ୍ରପ ଟେଷ୍ଟ ଓ ଅତ୍ୟଧିକ ତାପମାତ୍ରାରେ ପରିକ୍ଷଣ ସାମିଲ ରହିଛି । ୨୫୦,୦୦୦ରୁ ଅଧିକ ଡ୍ରପ ଟେଷ୍ଟରେ ପାସ୍ କରିଥିବା ଏହି ଡିଭାଇସ ନିଜ ସେଗ୍‌ମେଂଟରେ ସ୍ଥାୟିତ୍ୱ ପାଇଁ ଏକ ନୂତନ ମାନକ ଧାର୍ଯ୍ୟ କରିଛି। ସ୍ମାର୍ଟ ୯ଏଚ୍‌ଡିରେ ସେଗ୍‌ମେଂଟ ପ୍ରଥମ ୬.୭ ଇଂଚ ଏଚ୍‌ଡି+ ପଂଚ-ହୋଲ ଡିସପ୍ଲେ ଏକ ସୁଗମ ୯୦ଏଚଜେଡ ରିଫ୍ରେଶ ରେଟ ଓ ୫୦୦ ନିଟସ ବ୍ରାଇଟନେସ୍ ରହିଛି। ମିଡିଆଟେକ ହେଲିଓ ଜି୫୦ ୨.୨ଜିଏଚ୍‌ଜେଡ ଅକ୍ଟାକୋର ପ୍ରୋସେସର ଓ ହାଇପରଇନ ଲାଇଟ୍ ୨.୦ ଦ୍ୱାରା ପରିଚାଳିତ ସ୍ମାର୍ଟ ୯ଏଚ୍‌ଡି ଦୈନନ୍ଦିନ କାର୍ଯ୍ୟ ଓ ଗେମିଂ ପାଇଁ ସୁଗମ କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି। ୬୪ ଜିବିର ଇଂଟରନାଲ ଷ୍ଟୋରେଜ (୧ ଟିବି ପର୍ଯ୍ୟନ୍ତ ଏକ୍ସପାଣ୍ଡେବୁଲ) ଓ ୬ ଜିବି ପର୍ଯ୍ୟନ୍ତ ରାମ (୩ ଜିବି ଫିଜିକାଲ + ୩ଜିବି ଭର୍ଚୁଆଲ) ସହିତ, ଉପଭୋକ୍ତାଙ୍କ ନିକଟରେ ସେମାନଙ୍କର ଆପ ଓ ମିଡିଆ ପାଇଁ ପର୍ଯ୍ୟାପ୍ତ ସ୍ପେଶ ରହିବ। ସ୍ମାର୍ଟ ୯ଏଚ୍‌ଡିର କ୍ୟାମେରା ସିଷ୍ଟମରେ କ୍ୱାଡ ଏଲ୍‌ଇଡି ଓ ଜୁମ୍ ଫ୍ଲାଶ ସହ ଏକ ୧୩ଏମ୍‌ପି ଡୁଆଲ ରିୟର କ୍ୟାମେରା ରହିଛି, ଏହା ହେଉଛି ଏକ ଫିଚର ଯାହା ଲୋ ଲାଇଟ ଫଟୋଗ୍ରାଫିକୁ ଉନ୍ନତ କରିଥାଏ। ଏହି ଡିଭାଇସ ଏଲ୍‌ଇଡି ଫ୍ଲାଶ ଓ ସ୍କ୍ରିନ ଫ୍ଲାଶ ଫିଚର ସମେତ ୮ ଏମ୍‌ପି ଫ୍ରଂଟ-ଫେସିଂ କ୍ୟାମେରା ସହିତ ଆସୁଛି । ଏଆଇ ଚାର୍ଜ ପ୍ରୋଟେକ୍ସନ ଓ ପାୱାର ମାରାଥନ ଫିଚର ସହିତ ଏକ ୫୦୦୦ ଏମଏଏଚ ବ୍ୟାଟେରୀ ସ୍ମାର୍ଟ ୯ ଏଚ୍‌ଡିକୁ ସାରାଦିନ କାର୍ଯ୍ୟକ୍ଷମ ରଖିଥାଏ। ଏହି ସ୍ମାର୍ଟ ୯ଏଚ୍‌ଡି ଆଣ୍ଡ୍ରଏଡ ୧୪ ଗୋ ଏଡିସନ ଉପରେ ପରିଚାଳିତ ।

## ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କର ନୂଆ ଆଉଟ୍‌ଲେଟ୍




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ଉତ୍କର୍ଷ ଏସଏଫବିଏଲ) ପକ୍ଷରୁ ଢେଙ୍କାନାଳସ୍ଥିତ ନିଜଗଡ଼ (ହିନ୍ଦୋଳ)ରେ ଏହାର ନୂତନ ବ୍ୟାଙ୍କିଙ୍ଗ୍ ଆଉଟଲେଟ ଉଦଘାଟିତ ହୋଇଯାଇଛି। ଏହି ଶୁଭାରମ୍ଭ ସହିତ ବ୍ୟାଙ୍କ ଓଡ଼ିଶାରେ ୯୩ଟି ଏବଂ ଦେଶବ୍ୟାପୀ ୧୦୪୯ଟି ବ୍ୟାଙ୍କିଂ ଆଉଟଲେଟ ଖୋଲିଛି। ଢେଙ୍କାନାଳ ନିଜଗଡ଼ (ହିନ୍ଦୋଳ)ର ବାସିନ୍ଦାମାନେ ସଂଚୟ ଆକାଉଂଟ, ଚାଲୁ ଆକାଉଂଟ, ଫିକ୍ସଡ ଡିପୋଜିଟ୍ ଓ ରିକରିଂ ଡିପୋଜିଟ୍ ସମେତ ବ୍ୟାପକ ବ୍ୟାଙ୍କିଙ୍ଗ୍ ଉତ୍ପାଦରୁ ଉପକୃତ ହେବେ। ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତି ଉପରେ ଋଣ, କ୍ରେଡିଟ୍, ବୀମା ଏବଂ ନିବେଶ ଉତ୍ପାଦ ଭଳି ବିଭିନ୍ନ ଋଣ ଉତ୍ପାଦ ମଧ୍ୟ ବ୍ୟାଙ୍କ ପ୍ରଦାନ କରୁଛି । ବ୍ୟାଙ୍କର ଭିତିଭୂମି, ଡିଜିଟାଲ ବ୍ୟାଙ୍କିଙ୍ଗ କ୍ଷମତା ଏବଂ ଏଟିଏମ ନେଟୱାର୍କ ଏକ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ୍ ଅଭିଜ୍ଞତାକୁ ସୁନିଶ୍ଚିତ କରୁଛି। ଏ ସମ୍ପର୍କରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡର ଏମଡି ଏବଂ ସିଇଓ ଗୋବିନ୍ଦ ସିଂ କହିଛନ୍ତି, 'ନିଜଗଡ଼ (ହିନ୍ଦୋଳ)ରେ ଆମର ନୂତନ ବ୍ୟାଙ୍କିଂ ଆଉଟଲେଟ ଉଦଘାଟନ ଓଡ଼ିଶାରେ ଆର୍ଥିକ ଅ'ର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଆମର ସମର୍ପଣକୁ ପ୍ରତିଫଳିତ କରୁଛି। ଏଠାରେ ଆମର ଉପସ୍ଥିତିକୁ ବିସ୍ତାର କରି, ଆମେ ସୁଲଭ ବ୍ୟାଙ୍କିଙ୍ଗ ସମାଧାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ ଯାହା ସ୍ଥାନୀୟ ସମୁଦାୟକୁ ସଶକ୍ତ କରିବ, ବ୍ୟବସାୟକୁ ସମର୍ଥନ କରିବ ଏବଂ ଏହି ଐତିହାସିକ ସମୃଦ୍ଧ ଅଂଚଳର ଅର୍ଥନୈତିକ ପ୍ରଗତିରେ ଯୋଗଦାନ କରିବ। ଏହି ବ୍ୟାଙ୍କିଙ୍ଗ ଆଉଟଲେଟ ଗୁଡ଼ିକ ସୀମିତ ଆର୍ଥିକ ସେବା ଉପଲବ୍ଧ ଥିବା ଗରିବ କିମ୍ବା ନିମ୍ନ ଆୟକାରୀ ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କୁ ବ୍ୟବସାୟ ବିକାଶ ସେବା ପାଇଁ ମାଇକ୍ରୋ-ବ୍ୟାଙ୍କିଙ୍ଗ୍ ଋଣ ପ୍ରଦାନ କରିବେ। ଗ୍ରୁପ୍ ଋଣର ଜେଏଲଜି ମଡେଲରେ ଏକ ପିୟର-ଗ୍ୟାରେଂଟି ଲୋନ୍ ମଡେଲ୍ ଅନ୍ତର୍ଭୁକ୍ତ ଯାହା ବ୍ୟକ୍ତିବିଶେଷଙ୍କୁ ବ୍ୟକ୍ତିଗତ ଭିତିରେ ବନ୍ଧକ କିମ୍ବା ନିରାପତା ପ୍ରଦାନ ବିନା ଋଣ ନେବାକୁ ସକ୍ଷମ କରିଥାଏ, ଯେତେବେଳେ କି ଗୋଷ୍ଠୀ ମଧ୍ୟରେ ପାରସ୍ପରିକ ସମର୍ଥନ ଏବଂ ସେମାନଙ୍କରଣର ତ୍ରୁର' ପରିଶୋଧ ମାଧ୍ୟମରେ ଋଣ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିଥାଏ । ଗ୍ରାହକମାନେ ବ୍ୟାଙ୍କିଂ ଆଉଟଲେଟ୍, ମାଇକ୍ରୋ ଏଟିଏମ୍ (ବ୍ୟାଙ୍କିଙ୍ଗ୍ ସମୟରେ), ଇଂଟରନେଟ୍ ବ୍ୟାଙ୍କିଙ୍ଗ୍, ମୋବାଇଲ୍ ବ୍ୟାଙ୍କିଙ୍ଗ୍, ୟୁନିଫାଇଡ୍ ପେମେଂଟ ଇଂଟରଫେସ୍ (ୟୁପିଆଇ) ଏବଂ କଲ୍ ସେଂଟର ଭଳି ବିଭିନ୍ନ ଚ୍ୟାନେଲ୍ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ। ଏହାବ୍ୟତୀତ, ବ୍ୟାଙ୍କ ଗ୍ରାହକମାନଙ୍କୁ ଟ୍ୟାବଲେଟ୍ ଆଧାରିତ ଆପ୍ଲିକେସନ୍ ସହାୟକ ମଡେଲ୍ ଡିଜି ଅନ୍-ବୋର୍ଡିଂ' ମାଧ୍ୟମରେ ବ୍ୟାଙ୍କିଂ ଆଉଟଲେଟ୍‌କୁ ନ ଯାଇ ବ୍ୟାଙ୍କ ଆକାଉଂଟ ଖୋଲିବାର ସୁବିଧା ପ୍ରଦାନ କରୁଛି ।

## ବ୍ଲେଣ୍ଡର୍ସ ପ୍ରାଇଡ ଫ୍ୟାସନ ଟୁରର ଆଇକନିକ୍ ସଂସ୍କରଣର ଶୁଭାରମ୍ଭ

ନୂଆଦିଲ୍ଲୀ: ବ୍ଲେଣ୍ଡର୍ସ ପ୍ରାଇଡ ଫ୍ୟାସନ ଟୁର ଏହାର ସବୁଠାରୁ ଆଇକନିକ ସଂସ୍କରଣ ଶୁଭାରମ୍ଭ କରିଛି, ଯାହା 'ଦ ୱାନ ଆଣ୍ଡ ଓନଲି' ଦୁନିଆ ସୃଷ୍ଟି କରିଛି। ଟୁରର ୨୦୨୫ ସଂସ୍କରଣରେ ଏକ ଅତ୍ୟାଧୁନିକ ଅଭିଯାନ ଆରମ୍ଭ ହେବ ଯାହା ବିଶ୍ୱସ୍ତରୀୟ ଫ୍ୟାସନ, ସଙ୍ଗୀତ ଏବଂ ମନୋରନର ଚମତ୍କାର କାର୍ଯ୍ୟକ୍ରମ ଆଣିବ। ଫ୍ୟାସନ ଡିଜାଇନ କାଉନସିଲ ଅଫ୍ ଇଣ୍ଡିଆ (ଏଫଡିସିଆଇ) ସହିତ ପୁଣି ଥରେ ଯୋଡ଼ି ହୋଇଥିବା ଏହି ଫ୍ୟାଶନ ଟୁର ଭାରତର ସବୁଠାରୁ ଆକର୍ଷଣୀୟ ଷ୍ଟାଇଲ ଆଇକନ ସହିତ ଫ୍ୟାସନରେ ଭାରତର ସବୁଠାରୁ ଆକର୍ଷଣୀୟ ସ୍ୱରଗୁଡ଼ିକୁ ଏକତ୍ର ନେଇ ଆସୁଛି ଯାହା ନିଶ୍ଚିତ ଭାବରେ ଦେଶର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ପ୍ରତ୍ୟେକ ସହରରେ ଏହି ଟୁର ଭିନ୍ନ ଭିନ୍ନ କାହାଣୀ ସୃଷ୍ଟି କରିବ। ଏହା ଗୁରୁଗ୍ରାମରେ ଭାରତର ଜଣେ ପ୍ରକୃତ ଫ୍ୟାଶନ ଆଇକନ ରୋହିତ ବଲଙ୍କ ଏକ ଭବ୍ୟ ଉତ୍ସବ ସହିତ ଆରମ୍ଭ ହେବ ଏବଂ ଫ୍ୟାଶନ, ବଲିଉଡ, ମିଡିଆ ଏବଂ ବ୍ୟବସାୟର ୭୦ ରୁ ଅଧିକ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ସହିତ ତାଙ୍କର କଳାତ୍ମକ ପ୍ରତିଭାକୁ ପୁନଃଜୀବିତ କରିବ। ମୁମ୍ବାଇରେ ଏହି ଗସ୍ତରେ ତରୁଣ ତାହିଲିୟାନୀଙ୍କ ସହ ଅତୁଳନୀୟ ଫ୍ୟାଶନ କାର୍ଯ୍ୟକ୍ରମ ଉପସ୍ଥାପିତ ହେବ, ଯାହା ଭାରତର ଗ୍ଲାମର ରାଜଧାନୀର ଆଇକନିକ ପୃଷ୍ଠଭୂମି ଉପରେ ଆଧାରିତ । ଏସମ୍ପର୍କରେ ପର୍ନୋଡ ରିକାର୍ଡ ଇଣ୍ଡିଆର ଚିଫ ମାର୍କେଟିଂ ଅଫିସର କାର୍ତିକ ମହିନ୍ଦ୍ରା କହିଛନ୍ତି ଯେ, 'ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାସନ୍ ଟୁର ଚଳିତ ବର୍ଷର ସଂସ୍କରଣ ଆମ ରହସ୍ୟମୟ ଓ ପ୍ରଚଳିତ ବିଶ୍ୱରେ 'ଦ ୱାନ୍ ଆଣ୍ଡ୍ ଓନ୍ଲି' ଗେଟ୍‌ୱେରେ ପରିଣତ ହେବା ଲକ୍ଷ୍ୟରେ ଆଉ ଏକ ଦୁଃସାହସିକ ପଦକ୍ଷେପ। ସେହିଭଳି ଏଫଡିସିଆଇର ଅଧ୍ୟକ୍ଷ ସୁନୀଲ ସେଠୀ କହିଛନ୍ତି ଯେ, ଏଫଡିସିଆଇ ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର ସହ ମିଶି ଫ୍ୟାଶନର ଦୁଇଟି ପାୱାରହାଉସକୁ ଏକାଠି କରିଛି, ଯାହା ଦେଶବ୍ୟାପୀ ଦର୍ଶକଙ୍କୁ ଆକର୍ଷିତ କରିବ।

## ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ନୂଆ ଶାଖା ଉଦ୍‌ଘାଟିତ




ସମ୍ବଲପୁର (ଭାସ୍କର ନ୍ୟୁଜ): ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଓଡ଼ିଶାର ସମ୍ବଲପୁରରେ ଏକ ନୂତନ ଶାଖା ଖୋଲାଯାଇଛି। ଲୋକଙ୍କ ନିକଟରେ ନିବେଶ ସମାଧାନ ପହଂଚାଇବା ଓ ସମ୍ବଲପୁରର ନିବେଶକ ଓ ଏହାର ଆଖପାଖ ଅଂଚଳର ନିବେଶକଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବା ଲାଗି କମ୍ପାନିର ଜାରି ରହିଥିବା ଉଦ୍ୟମର ଏକ ଅଂଶ ହେଉଛି ଏହି ସମ୍ପ୍ରସାରଣ। ଆକ୍ସିସ ଆସେଟ ମ୍ୟାନେଜମେଂଟ କମ୍ପାନି ଲିମିଟେଡର ଏହି ନୂଆ ଶାଖା ସମ୍ବଲପୁରର ବୁଢ଼ାରଜାର ଏସବିଆଇ ସମ୍ମା ସରୋମ ମିଶ୍ର କୋଠାର ପ୍ରଥମ ମହଲାରେ ଖୋଲାଯାଇଛି। ଏହାକୁ କମ୍ପାନିର ଜୋନାଲ ପ୍ରବନ୍ଧକ, ପୂର୍ବ-୨ ଶ୍ରୀ ଜନି ଅଗ୍ରୱାଲ ଉଦଘାଟନ କରିଛନ୍ତି। ଏହି ଶାଖା ନିବେଶକମାନଙ୍କୁ ନୂଆ ଆବେଦନ ଗ୍ରହଣ ଓ ପ୍ରକ୍ରିୟାକରଣ, କେୱାଇସି, ଆକାଉଂଟ ଷ୍ଟେଟମେଂଟ ଭଳି ବ୍ୟାପକ ଆବଶ୍ୟକୀୟ ସେବା ପ୍ରଦାନ କରିବ। ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ଜାତୀୟ ମୁଖ୍ୟ-ରିଟେଲ ସେଲ୍ସ ରୋହିତ ମାଟୋ କହିଛନ୍ତି ଯେ, ସମ୍ବଲପୁରରେ ଆମର ନୂତନ ଶାଖା ଉନ୍ମୋଚନ କରି ଆମେ ଅତ୍ୟ' ରୋମାଂଚିତ ଯାହା ଏହିବର୍ଦ୍ଧିତ ଓ ଚମତ୍କାର ବଜାରରେ ଉଚ୍ଚ ମାନର ନିବେଶ ସେବା ଆଣିବାରେ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଅକ୍ସିସ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ସମ୍ବଲପୁରରେ ଶାଖା ସ୍ଥାପନ ସାରା ଭାରତରେ ଏହାର ଉପସ୍ଥିତିକୁ ସମ୍ପ୍ରସାରଣ କରିବାରେ କମ୍ପାନିର ସମର୍ପଣକୁ ଦର୍ଶାଉଛି ଯାହା ଏହି ଅଂଚଳର ନିବେଶକମାନଙ୍କ ପାଖରେ ଗୁଣାତ୍ମକ ଆର୍ଥିକ ଉତ୍ପାଦ ଓ ସେବା ପହଂଚାଇବାକୁ ସୁନିଶ୍ଚିତ କରିବ।



ଲାହୋର: ଆଇସିସି ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ୩ଟି ଷ୍ଟାଡିୟମର ନବୀକରଣ କରିଛି । ଏଥିପାଇଁ ଆବଶ୍ୟକତାଠାରୁ ଅଧିକ ସମୟ ପିସିବି ନେଇଥିଲା । ଏହା ସତ୍ତ୍ୱେ ଷ୍ଟାଡିୟମର ନବୀକରଣ ସନ୍ତୋଷଜନକ ହୋଇ ନ ଥିବା ଜଣାପଡିଛି । ଶନିବାରଠାରୁ ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାକୁ ନେଇ ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜ ଆରମ୍ଭ ହୋଇଛି । ଗଦାଫି ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ-ପାକିସ୍ତାନ ମ୍ୟାଚ ଅବସରରେ ଷ୍ଟାଡିୟମରେ ବଡ ଅଘଟଣ ଘଟିଛି । ନ୍ୟୁଜିଲାଣ୍ଡର ଷ୍ଟାର ଖେଳାଳି ରଚୀନ ରବୀନ୍ଦ୍ର ଫିଲ୍ଡିଂ କରୁଥିବା ସମୟରେ ତାଙ୍କ ମୁହଁରେ ବଲ ବାଜିଥିଲା । ପ୍ରବଳ ରକ୍ତ ବାହାରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ନିଆଯାଇଥିଲା । ଷ୍ଟାଡିୟମରେ ଫ୍ଲଡ ଲାଇଟ୍ସ ଆବଶ୍ୟକତାଠାରୁ କମ ଉଚ୍ଚତାରେ ଲଗା ଯାଇଥିବାରୁ ଏହି ଅଘଟଣ ଘଟିଥିବା କୁହାଯାଉଛି । ଏହା ପରେ ପାକିସ୍ତାନର ଚାମ୍ପିୟନ୍ସ ଟ୍ରଫି ପ୍ରସ୍ତୁତି ନେଇ ପ୍ରଶ୍ନ ଉଠାଯାଇଛି । ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ୭୮ ରନରେ ପାକିସ୍ତାନକୁ ପରାସ୍ତ କରିଛି । ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୩୩୧ ରନର ଟାର୍ଗେଟ ପାକିସ୍ତାନ ସମ୍ମୁଖରେ ରଖିଥିଲା । ପାକିସ୍ତାନ ୪୭.୫ ଓଭରରେ ୨୫୨ ରନ କରି ଅଲଆଉଟ ହୋଇ ଯାଇଥିଲା । ସୂଚନାଯୋଗ୍ୟ, ସୁରକ୍ଷା ଦୃଷ୍ଟିକୋଣରୁ ଚାମ୍ପିୟନ୍ସ ଟ୍ରଫି ମୁକାବିଲାରେ ଭାରତ ତାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ ।

## ଦିନିକିଆରେ ପଦାର୍ପଣ କଲେ ବରୁଣ ଚକ୍ରବର୍ତ୍ତୀ



କଟକ (ଭାସ୍କର ନ୍ୟୁଜ୍) : ବାରବାଟୀ ଦିନିକିଆରେ ପଦାର୍ପଣ କଲେ ବରୁଣ ଚକ୍ରବର୍ତ୍ତୀ । ୫୧ ବର୍ଷ ପରେ ସେ ଭାରତର ଦ୍ୱିତୀୟ ବୟସ୍କ ଖେଳାଳି ଭାବେ କଟକ ଦିନିକିଆରେ ଆନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି । ବରୁଣ ୩୩ ବର୍ଷ ୧୬୪ ଦିନରେ ଏହି ସଫଳତା ହାସଲ କରିଛନ୍ତି । ତାଙ୍କ ପୂର୍ବରୁ କ୍ରିକେଟର ଏହି ଫର୍ମାଟରେ ଅଜିତ ୱାଡେକର ୧୯୭୪ରେ ଇଂଲଣ୍ଡ ବିପକ୍ଷ ମୁକାବିଲାରେ ଆନ୍ତର୍ଜାତୀୟ ପଦାର୍ପଣ କରିଥିଲେ । ସେ ସମୟରେ ତାଙ୍କୁ ୩୩ ବର୍ଷ ୧୦୩ ଦିନ ହୋଇଥିଲା । ତେବେ ଫାରୁକ

**ମନେ ରହିବ ବାରବାଟୀ**

ଇଂଜିନିୟର ଭାରତର ସବୁଠାରୁ ବୟସ୍କ ଖେଳାଳି ଆନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ । ତେବେ ଫାରୁକ ଇଂଜିନିୟର ଭାରତର ସବୁଠାରୁ ବୟସ୍କ ଖେଳାଳି ଆନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ । ଟି-୨୦ରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ତାଙ୍କୁ ଦିନିକିଆରେ ସାମିଲ କରାଯାଇଛି । କୁଲଦୀପ ଯାଦବଙ୍କ ସ୍ଥାନରେ ବରୁଣଙ୍କୁ ସୁଯୋଗ ମିଳିଛି । ବରୁଣ ଉଭୟ ଟି-ଟ୍ୱେଣ୍ଟି ଏବଂ ଆଇପିଏଲରେ ଧୂଆଁଧାର ପ୍ରଦର୍ଶନ କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି ଆଉ ସେହି ପ୍ରଦର୍ଶନ ଆଜି ତାଙ୍କୁ ନୂଆ ସୁଯୋଗ ଦେଇଛି । ତେବେ ବାରବାଟୀରେ ଚାଲିଛି ଇଣ୍ଡିଆ-ଇଂଲଣ୍ଡ ୨ୟ ଦିନିକିଆ ।

## ୧୫ରୁ ଏଫ୍ଆଇଏଚ୍ ପ୍ରୋ ଲିଗ୍

# ଭୁବନେଶ୍ୱରରେ ପହଞ୍ଚିଲେ ଇଂଲଣ୍ଡ ମହିଳା ଦଳ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଏଫ୍ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ର ସମସ୍ତ ମ୍ୟାଚ୍ ରାଜଧାନୀ ଭୁବନେଶ୍ୱର ସ୍ଥିତ କଳିଙ୍ଗ ହକି ଷ୍ଟାଡିୟମରେ ଆୟୋଜିତ ହେବ । ଏହି ଅବସରରେ ଇଂଲଣ୍ଡ ମହିଳା ହକି ଦଳ ରବିବାର ଦିନ ଓଡ଼ିଶାର ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି । ଏହା ଫେବୃଆରୀ ୧୫ ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଭୟ ପୁରୁଷ ଏବଂ ମହିଳା ଏଫ୍ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ଭୁବନେଶ୍ୱରରେ ଖେଳାଯିବ । ଫେବୃଆରୀ ୧୫ରେ ଘରୋଇ ଦଳ ଭାରତ ବିପକ୍ଷରେ ଇଂଲଣ୍ଡ ମହିଳା ହକି ଦଳ ପ୍ରଥମ ମ୍ୟାଚ ଖେଳିବେ । ସନ୍ଧ୍ୟା ୫ଟା ୧୫ ବେଳେ ଏହି ମ୍ୟାଚ ଆରମ୍ଭ ହେବ । ଫରୱାର୍ଡ ଡାର୍ସି ବୋର୍ନ ଭାରତରେ ପହଞ୍ଚିବା ପରେ ଉତ୍ସାହିତ ଥିବା କହିଛନ୍ତି । ସେ କହିଛନ୍ତି ଯେ, ବିଶେଷ କରି ହିରୋ ହକି ଇଣ୍ଡିଆ ଲିଗ୍ ପରେ ଭାରତରକୁ ଆସି ଆମେ ଅତ୍ୟଧିକ ଉତ୍ସାହିତ ଅଛୁ । ଭାରତରେ ମୁଁ ପ୍ରଥମ ଥର ଖେଳିବି । କିନ୍ତୁ ଏଠାରେ ହକିକୁ ନେଇ ଯେଉଁ ଉତ୍ସାହ, ଚର୍ଚ୍ଚା ଶୁଣିଛୁ ତାହା ମୁଁ କେବେ ଦେଖି ନାହିଁ ,ଏହାକୁ ନେଇ ମୁଁ ଅତ୍ୟନ୍ତ ଉତ୍ସାହିତ । ମୁଖ୍ୟ ପ୍ରଶିକ୍ଷକ ଡେଭିଡ ରାଲଫ ମଧ ନିଜର ଉତ୍ସାହ ବ୍ୟକ୍ତ କରି କହିଛନ୍ତି, "ଆମେ ଆଶା କରୁଛୁ ଯେ ମ୍ୟାଚଗୁଡିକ ବହୁତ ଚ୍ୟାଲେଞ୍ଜିଂ ହେବ କିନ୍ତୁ ଆମେ ବହୁତ ଉତ୍ସାହିତ ଅଛୁ । ଭାରତୀୟ ଜନତାଙ୍କ ଆଗରେ ଝିଅମାନେ ଖେଳିବେ, ଯାହା ବହୁତ ଅଦଭୁତ୍ ହେବ । ହକିରେ ଏହା ବହୁତ ଭଲ ଅନୁଭବ । ଏହି ଅବସରରେ ଷ୍ଟାଡିୟମରେ ପ୍ରବେଶ ପାଇଁ ସମସ୍ତ ପ୍ରଶଂସକଙ୍କ ପାଇଁ ମାଗଣା ମିଳିବ ଟିକେଟ୍ ।

## କନକ ମଞ୍ଜରୀ ମେମୋରିଆଲ ଟ୍ରଫିଂ: ସୁଧାଡିହ କାଟେଣୀ ବିଜୟୀ



ଢେଙ୍କାନାଳ (ଭାସ୍କର ନ୍ୟୁଜ୍): ସଦାଶିବପୁର ପଂଚାୟତ ଅନ୍ତର୍ଗତ ସାନ ବଉଳପୁର ଗ୍ରାମ ଦ୍ୱାରା ଆୟୋଜିତ ୩ୟ କନକ ମଂଜରୀ ମେମୋରିଆଲ ଚମ୍ପିଆନ ଟ୍ରଫି ଶୁକ୍ରବାର ଦିନ ଉଦ୍ଯାପିତ ହୋଇଯାଇଛି । ଏଥିରେ ୧୬ ଟି ଦଳ ସାମିଲ ହୋଇଥିବା ବେଳେ ଫାଇନାଲ ମ୍ୟାଚ୍ ସୁଧାଡିହ କାଟେଣୀ ଓ ବଉଳପୁର ମଧ୍ୟରେ ଆୟୋଜିତ ହୋଇଥିଲା । ପ୍ରଥମେ ବଉଳପୁର ଟିମ୍ ଟସ୍ ଜିତିବା ପରେ ବ୍ୟାଟିଙ୍ଗ କରି ୧୫ ଓଭରରେ ୧୪୭ ରନ୍ ସଂଗ୍ରହ କରିଥିଲା । ପରେ ସୁଧାଡିହ କାଟେଣୀ ୧୪ ଓଭର ୫ ଟି ବଲରେ ୧୪୮ ରନ୍ ସଂଗ୍ରହ କରି ବିଜୟଲାଭ କରିବା ସହ ଟ୍ରଫି ପାଇବାରେ ଯୋଗ୍ୟ ହାସଲ କରିଥିଲା । ବିଜୟ ଉତ୍ସବ ସମାରୋହରେ ଜିଏମ୍ଆର କମଳାଙ୍ଗ ଏନର୍ଜି ଲିମିଟେଡର ଆସୋସିଏଟ୍ ଜେନେରାଲ ମ୍ୟାନେଜର କେଶବ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିଆନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଦର ଥାନାର ଆଡିସିନାଲ ଆଇଆଇସି ପୂର୍ଣ୍ଣଚନ୍ଦ୍ର ରାଉତ, ଏସ୍ଆଇ କୁମୁଦ ଚନ୍ଦ୍ର ବିଶ୍ୱାଳ, ସତ୍ୟନାରାୟଣ ମିଶ୍ର ଓ ଏଏସ୍ଆଇ ଯାଜ୍ଞସିନୀ ସରଣ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବିତରଣ କରିଥିଲେ ।ସାନ ବଉଳପୁର ୟୁଥ କ୍ଲବର ସଭାପତି ବିଶ୍ୱରଂଜନ ଦାସ, ମୁନିମ ରାଣା, ନରୋତମ ମାନିକ, ପ୍ରିୟତୋଶ ଦାସ, ରଂଜନ ସେନାପତି , ବିକ୍ରମ ସାହୁ, ଅଶ୍ୱିନୀ ବେହେରା, ଅରବିନ୍ଦ ଜେନା, ସୁଜନ ସାହୁ, ରାକେଶ ବେହେରା, କାହ୍ନା ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ ।

# ବେଲପାହାଡ଼ ଲିଓ କପ୍ କ୍ରିକେଟ୍ ଉଦ୍ଯାପିତ: ସୁନ୍ଦରଗଡ଼ ଚାମ୍ପିଅନ୍



ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଲିଓ ୟୁଥ୍ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡ଼ିୟମରେ ଚାଲିଥିବା ୧୯ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବେଲପାହାଡ଼ ଲିଓ କପ୍ କ୍ରିକେଟ୍ ପ୍ରତିଯୋଗିତା ରବିବାର ନବମ ଦିନରେ ଉଦଯାପିତ ହୋଇଯାଇଛି । ଏହା ଗତ ଜାନୁଆରୀ ୩୧ ତାରିଖ ଆରମ୍ଭ ହୋଇ ଫେବୃୟାରୀ ୯ ତାରିଖ ଉଦଯାପିତ ହୋଇଛି । ଏଥିରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ୍ ଖେଳ ଝାରସୁଗୁଡ଼ା ପ୍ରୋଗ୍ରେଶିଭ ଦଳ ଓ ସୁନ୍ଦରଗଡ଼ ଡିଏଏ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସୁନ୍ଦରଗଡ଼ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ଗ୍ରହଣ କରି ୩୫ ଓଭରରେ ୯ ୱିକେଟ୍ ବିନିମୟରେ ମୋଟ ୧୭୩ ରନ ସଂଗ୍ରହ କରିଥିଲା । ଜବାବରେ ଝାରସୁଗୁଡ଼ା ପ୍ରୋଗ୍ରେଶିଭ ଦଳ ୩୨ ଓଭରରେ ସମସ୍ତ ୱିକେଟ୍ ବିନିମୟରେ ମାତ୍ର ୧୩୦ ରନ ହାସଲ କରି ପରାଜିତ ହୋଇଥିଲେ । ସୁନ୍ଦରଗଡ଼ ଦଳ ବିଜୟୀ ହୋଇ ଚମ୍ପିଆନ୍ ଟ୍ରଫି ହାସଲ କରିଥିଲା । ଚମ୍ପିଆନ୍ ସୁନ୍ଦରଗଡ଼ ଦଳକୁ ୧୫ ହଜାର ନଗଦ ଓ ଉପବିଜେତା ଝାରସୁଗୁଡ଼ା ଦଳକୁ ୧୦ ହଜାର ନଗଦ ଟଙ୍କା ସହିତ ଉଭୟ ଦଳକୁ ଟ୍ରଫି ପୁରସ୍କୃତ କରାଯାଇଥିଲା । ଖେଳାଳିଙ୍କ ମଧ୍ୟରୁ ଆଦିତ୍ୟ ଆନନ୍ଦ ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ସହ ମ୍ୟାନ୍ ଅଫ ଦି ସିରିଜ, ଧୀରଜ ମାଝୀ ମ୍ୟାନ୍ ଅଫ ଦି ମ୍ୟାଚ, ସଚିନ ଯାଦବ ଶ୍ରେଷ୍ଠ ବୋଲର, ସୋନି ସା ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ନାଟ୍ୟ କଳା କ୍ଷେତ୍ରରେ ଡ. ସୁବାସ ଚନ୍ଦ୍ର ପ୍ରଧାନ ଓ ଯୋଗ ଗୁରୁ ତଥା ଜିଲା ଜୁନିଅର ରେଡକ୍ରସ୍ ଅଧିକାରୀ ବବନ ସିଂଙ୍କୁ ସମ୍ମାନିତ କରାଯାଇଥିଲା । ଅମ୍ପାୟାର ଭାବରେ ପ୍ରଜ୍ୱଳ ପଟେଲ ଓ ଅନିରୁଦ୍ଧ କେୱଟ ଖେଳ ପରିଚାଳନା କରିଥିଲେ । ଏମଡି ସାବନ ସ୍କୋରିଂ କରିଥିବା ବେଳେ ଏମଡି ଶାହା ଅର୍ମାନ୍ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଉଦ୍ ?ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବେଲପାହାଡ଼ ପୌରପାଳ ତଥା ଲିଓ ୟୁଥ୍ ଆସୋସିଏସନ୍ର ସଭାପତି ନିମାଇଁ ଚରଣ ପଣ୍ଡା (ବୁଲୁ), ସମ୍ମାନିତ ଅତିଥି ଭାବେ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ପିଆର୍ ଓ ସିଏସଆର ଅଧିକାରୀ ଡ. ସନ୍ତୋଷ ମିଶ୍ର, ଦୀପକ ସାହୁ, ବେଦାନ୍ତ କମ୍ପାନୀର ବରିଷ୍ଠ ସିଏସଆର ଅଧିକାରୀ ସଙ୍ଗୀତା ସାହୁ, ବିଜେପିର ବରିଷ୍ଠ ନେତା ପ୍ରମୋଦ ସେନାପତି, ଜିଲା କ୍ରିକେଟ ସଂଘର ସଭାପତି ପ୍ରଜ୍ୱଳ ପଟେଲ, ମା' ସମଲେଶ୍ୱରୀ ଟ୍ରକ ମାଲିକ ସଂଘର ସଭାପତି ଅଖିଳ ସ୍ୱାଇଁ, ସମ୍ପାଦକ ସନ୍ତୋଷ ମହାନ୍ତି, କ୍ରୀଡ଼ା ଶିକ୍ଷକ ହମିଦ ମହାପାତ୍ର, ପୌର କାଉନସିଲର ଦୀପକ ଭଇଁଶାଳ, ବିଜୟ ପ୍ରଧାନ ପ୍ରମୁଖ ସାମିଲ ଥିଲେ । ଆୟୋଜକ ଲିଓ ୟୁଥ୍ ଆସୋସିଏସନର ସାଧାରଣ ସମ୍ପାଦକ ଦିଲୀପ ପଟ୍ଟନାୟକ, କୋଷାଧ୍ୟକ୍ଷ କମଳେଶ ଶର୍ମା, ଉପସଭାପତି ନୀତେଶ ଅଗ୍ରୱାଲଙ୍କ ସମେତ ସଞ୍ଜୟ ମିଶ୍ର, ସାଗର ରାଉତ, ଏମଡି ଶାହା ଅର୍ମାନ, ସୁବ୍ରତ ପାଣ୍ଡେ, କିରଣ ସାହୁ, ଧୀରଜ ମହାରାଜ, ସନି ସା, ଶୁଭମ ପ୍ରସାଦ, ଚକ୍ରଧର ବାଗ, ପବନ ଯାଦବ, ପ୍ରିୟାଂଶୁ ଯାଦବ, ଏମଡି ଶାହା ଅବଗାନ ପ୍ରମୁଖ ଖେଳ ଆୟୋଜନରେ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ: ଖାଲପାଳ ଚାମ୍ପିଅନ୍



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଡିହଡୋଳ ଭଲିବଲ ଖେଳ ପଡିଆରେ ତରୁଣ ଭଲିବଲ କ୍ଲବ୍ ଆନୁକୁଲ୍ୟରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟରେ ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଟାଟା, କଂସମୁଣ୍ଡା ପଥରମୁଣ୍ଡା, ବଲଣ୍ଡା, ଖାଲପାଳ, ସନ୍ତରାବନ୍ଧ, ଅଜିତ୍ ଫାଇଟର ଟାକୁଆ ଓ ଆୟୋଜକ ଡିହଡୋଳ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ସେମିଫାଇନଲରେ ପଥରମୁଣ୍ଡା ଦଳକୁ ଖାଲପାଳ ଦଳ ହରାଇ ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଟାକୁଆ ଦଳ୍ କଂସମୁଣ୍ଡାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ । ଫାଇନାଲ ମ୍ୟାଚ ୫ ସେଟ ବିଶିଷ୍ଟ ଖେଳ ପରିଚାଳନା ହୋଇଥିଲା । ଫାଇନାଲ ମ୍ୟାଚରେ ଖାଲପାଳ ଦଳ ଟାକୁଆ ଦଳକୁ ୩-୧ ସେଟରେ ପରାସ୍ତ କରି ଚଳିତ ବର୍ଷ ଖାଲପାଳ ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ । ଉଦଯାପନୀ ଉତ୍ସବରେ ଜଣାଶୁଣା ସମାଜସେବୀ ତଥା ଡିହଡୋଳ ଗ୍ରାମର ଗଙ୍ଗାଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗ୍ରାମର ସମ୍ପାଦକ ଅମୂଲ୍ୟ କୁମାର ସାହୁ ଓ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ରନର୍ସ ଦଳକୁ ସମ୍ମାନୀତ ଅତିଥି ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିବା ବେଳେ ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ଶ୍ରୀ ସାହୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ । ଚିନ୍ମୟ ସାହୁ , ତପ୍ନେଶ୍ୱର ପ୍ରଧାନ ଓ ଅନିଲକାନ୍ତ ପ୍ରଧାନ ଖେଳ ପରିଚାଳନା କରିଥିବା ବେଳେ କ୍ଷୀରୋଦ ସାହୁ ସହଯୋଗୀ ରେଫରି ଭାବେ କାର୍ଯ୍ୟ କରିଥିଲେ । ସୌମେନ୍ଦ୍ର ଦେହୁରୀ ଓ ମଧୁସୂଦନ ସାହୁ ଧାରାବିବରଣି ପାଠ କରିଥିବା ବେଳେ ଅଜିତ୍ କୁମାର ସାହୁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ ଆୟୋଜକ କ୍ଲବର ରିଙ୍କୁ, କାଳିଆ, ଚିକନ, ପିଙ୍କୁ, ଲାଲୁ , ସିଙ୍କୁ, କୁଲୁ , ବବୁଲ ଓ ଅନ୍ୟ ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ଶୃଙ୍ଖଳିତ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା ।

# ସର୍ବଭାରତୀୟ ବୀର ବେନୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍ଘାଟିତ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମିନି ଷ୍ଟାଡିୟମରେ ଉର୍ଜ୍ୱା ଟ୍ରଷ୍ଟ ସହଯୋଗରେ ଓ ପରଜଙ୍ଗ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ପ୍ରଥମ ଥର ପାଇଁ ସର୍ବ ଭାରତୀୟ ବୀର ବେନୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ କ୍ରୀଡା ପତାକା ଉତ୍ତୋଳନ କରି ପିଚରେ ନଡିଆ ବାଡେଇ, ଫିତା କାଟି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୁଗଳ କିଶୋର ନାୟକ, ପୂର୍ବତନ ଗ୍ରାମ୍ୟ କମିଟି ସଭାପତି ହେମନ୍ତ କୁମାର ସାମଲ, ପୂର୍ବତନ ସରପଞ୍ଚ ତଥା ବିଜେପି ଦଳର ଯୁବ ସଂଗଠକ ପ୍ରଶାନ୍ତ କୁମାର ଦଳବେହେରା, ବିଜେପି ଦଳର ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ କୁମାର ଗୋଛାୟତ, ରଞ୍ଜନ କୁମାର ଦଳବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ୨୦ ଓଭର ବିଶିଷ୍ଟ ଉଦଘାଟନୀ ମ୍ୟାଚ କଟକ ନିନପୁର କ୍ରିକେଟ କ୍ଲବ୍ ଓ ଜେଜେଓ୍ୱସି କ୍ରିକେଟ କ୍ଲବ୍ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କଟକ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ବିନିମୟରେ ୮ ୱିକେଟ ହରାଇ ୧୩୮ ରନ ସଂଗ୍ରହ କରିଥିବା ବେଳେ ଜବାବରେ ସମ୍ବଲପୁର ଟିମ୍ ୧୭ ଓଭର ଶେଷ ସୁଦ୍ଧା ସମସ୍ତ ୱିକେଟ ହରାଇ ୮୪ ରନ ସଂଗ୍ରହ କରି ପରାଜୟ ହୋଇଥିଲେ । ଜୟକୃଷ୍ଣ ରାଉତ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିବା ବେଳେ ସୁବାସ ଚନ୍ଦ୍ର ବେହେରା ଧାରାବିବରଣି ପାଠ କରିଥିଲେ । ସୋମବାର ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଓ ପ୍ରୋଗ୍ରେସିଭ ଆସୋସିଏସନ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ଘୋଷଣା କରାଯାଇଛି ।

# ବ୍ୟାଡ଼ମିଣ୍ଟନ ପ୍ରିମିୟର ଲିଗ୍ ଉଦ୍ଘାଟିତ

ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ହଲଠାରେ, ଢେଙ୍କାନାଳରେ ପ୍ରଥମଥର ପାଇଁ, ଏକ ବ୍ୟାଡ଼ମିଂଟନ ପ୍ରିମିୟର ଲିଗ ଆରମ୍ଭ ହୋଇ ଯାଇଛି । ଏହି ପ୍ରିମିୟର ଲିଗକୁ ଆଠଗୋଟି ଟିମ ଯଥା ଏସ୍.କେ. ରାଇଡର, ଫିଦର ଫାଇଟର୍, ସଟ୍ଲର୍ କିଙ୍ଗି, କେ.ଏସ୍.ବି. ୱାରିୟର୍ସ, ବ୍ରିଡି ବ୍ଲେଜର୍ସ, ଢେଙ୍କାନାଳ ଡିଫେଣ୍ଡର, ଲାଇଫ୍ ଆଚିଭର୍, ତାରିଣୀ ଟାଇଗର୍ସର ମାଲିକମାନେ ନିଜ ନିଜ ଦଳ ପାଇଁ ନିଲାମ ମାଧମରେ ଖେଳାଳୀ ଚୟନ କରିଥିଲେ । ଆଜି ସକାଳୁ ସମସ୍ତ ଆଠଗୋଟି ଟିମର ମାଲିକ, ଅଧିନାୟକ ଏବଂ ସମସ୍ତ ଖେଳାଳୀ ମାନେ ବଳରାମ ମନ୍ଦିର ଠାରୁ ଏକ ମଶାଲ ଶୋଭାଯାତ୍ରାରେ ବିଜୁପଟ୍ଟନାୟକ ଇଣ୍ଡୋର ହଲ ପର୍ଯ୍ୟନ୍ତ ଆସିଥିଲେ । ଏହା ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ଏବଂ ସମାଜସେବୀ କୁମାର ସାହେବ ରାଜୀବ ଲୋଚନ ସିଂ ଦେଓଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ଏହି ପ୍ରିମିୟର ଲିଗର କପ ସହ ଟୁର୍ନାମେଂଟ୍କୁ ଉଦଘାଟନ କରାଯାଇଥିଲା । ଶେଷରେ ଆଇନଜୀବୀ ଟଙ୍କଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରିମିୟର ଲିଗରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ବିଭିନ୍ନ ବର୍ଗର ଯଥା ସିନିଅର, ଜୁନିଅର, ଭେଟେରାନ, ଜମ୍ବୋ, ବଛା ବଛା ଖେଳାଳୀ ମାନେ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତା ସୋମବାର ପର୍ଯ୍ୟନ୍ତ ଚାଲିବ ।

## ଡେରାବିଶ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଷ୍ଟାଡ଼ିୟମ ପରିସରରେ ଡେରାବିଶ କ୍ରିକେଟ୍ କ୍ଲବ ପକ୍ଷରୁ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ୫୨ ତମ ଡେରାବିଶ କପ୍ କ୍ରିକେଟ ଟୁର୍ଣ୍ଣମେଂଟ ରବିବାର ଉଦ୍ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ, ଆଜିର ଉଦ୍ଯାପନୀ ତଥା ଫାଇନାଲ୍ ମ୍ୟାଚ୍ରେ କଟକର ରୋଭର୍ସ ଟିମ୍ ଓ ପାରାଦ୍ୱୀପ ସ୍ପୋର୍ଟିଂ ପରସ୍ପରକୁ ଭେଟିଥିଲେ । ପ୍ରଥମେ ଟସ୍ ଜିତି ରୋଭର୍ସ ଟିମ୍ ଫିଲ୍ଡିଂ କରିବାକୁ ନିଷ୍ପତି ନେଇଥିଲେ । ପାରାଦ୍ୱୀପ ଟିମ୍ ବ୍ୟାଟିଂ କରି ୨୨.୧ ଓଭରରେ ୬ଟି ୱିକେଟ୍ ହରାଇ ୧୩୫ ରନ୍ କରିବାକୁ ସକ୍ଷମ ହୋଇଥିଲେ । ପରେ ରୋଭର୍ସ ଟିମ୍ର ଖେଳାଳୀମାନେ ୧୮.୩ ଓଭରରେ ୬ୱିକେଟ୍ ହରାଇ ୧୩୬ ରନ୍ କରିବା ସହିତ ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲେ । ଆଜିର ମ୍ୟାଚ୍ରେ ଅମ୍ପାୟାର ଭାବେ ପ୍ଲାବନ ସ୍ୱାଇଁ ଓ ବିଶ୍ୱଜିତ ଅଧିକାରୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ଅନୁପ ରାଉତ ଓ ସ୍କୋରର ଭାବେ ଏସ୍କେ. ମିନାଜୁଦ୍ଦିନ ଏବଂ ଚିରଞ୍ଜିବୀ ବଳ କାର୍ଯ୍ୟ ନିର୍ବାହ କରିଥିଲେ । ଅପରାହ୍ନରେ ଡେରାବିଶ କ୍ରିକେଟ୍ କ୍ଲବର ସଭାପତି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ଅତିଥି ଭାବେ ବରିଷ୍ଠ ବିଜେଡ଼ି ନେତା ରବି ସାମଲ, ରାଜେଶ ଦାସ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, କୁରୁଜଙ୍ଗା ସମିତିସଭ୍ୟ କୃଷ୍ଣ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣପୁର ସମିତିସଭ୍ୟ ଫନିନ୍ଦ୍ର ବେହେରା, ସମାଜସେବୀ କୃଷ୍ଣଚନ୍ଦ୍ର ସାହୁ, ବିନୋଦ ସିଂ ଓ ଶିକ୍ଷାବିତ୍ ପ୍ରଭାକର ସାମଲ ଯୋଗ ଦେଇ ରୋଭର୍ସ ଟିମ୍କୁ ଚମ୍ପିଆନ ଟ୍ରଫି ଓ ପାରାଦ୍ୱୀପ ଟିମ୍କୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଂଟକୁ ସାହାଜାନ୍ ଖାଁ, ତ୍ରିଲୋଚନ ରାଉତ, ନିହାର ରଞ୍ଜନ ସ୍ୱାଇଁ, କୃଷ୍ଣ ପ୍ରସାଦ ମଲିକ, ବିଷ୍ଣୁ ଦେବ ବେହେରା, ମାନୋଜ ଶତପଥି, ପ୍ରମୋଦ କରଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ ।



## ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଗୌଡୁଣୀ ପୋଖରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ତିନିଦିନ ଧରି ଅନୁଷ୍ଠିତ । ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ସନାତନ ଜେନାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟୁତ ବିଭାଗ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର ଦାଶ, ବରେଣ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ସୃଷ୍ଟିଧର ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପ□ ବ୍ରଜକିଶୋର ମଲ୍ଲିକ ପ୍ରମୁଖ ଯୋଗ ଦେଇ କ୍ରୀଡ଼ା ପତାକା ଉ□ୋଳନ କରି ପ୍ୟାରେଡ଼ରେ ଯୋଗ ଦେଇଥିଲେ । ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ ପ୍ରକାରର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ବିଭୂତି ଭୂଷଣ ବଳ, ନୀଳମଣି ରାଉତ, ଜନ୍ମେଜୟ ନାୟକ, ଶିକ୍ଷୟିତ୍ରୀ ଦେବସ୍ମିତା ନାୟକ, ମମତାରାଣୀ ଦାସ, ସସ୍ମିତା ମହାନ୍ତିଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ । ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ରାଉତ ଯୋଗ ଦେଇଥିଲେ । ଶେଷ ଦିନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଥିଲା ।

## ବିସିଏସି ଦ୍ୱାରା ଗୋଲ୍ଡେନ୍ ଟ୍ରାଇଙ୍ଗଲ୍ ସାଇକେଲିଂ ଚାମ୍ପିଅନ୍ସିପ-୨୦୨୫ର ୭ମ ସଂସ୍କରଣ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସାଇକେଲିଂ ଏବଂ ଆଡଭେଞ୍ଚର କ୍ଲବ୍ ପୁଣି ଥରେ କ୍ରମାଗତ ୭ମ ବର୍ଷ ପାଇଁ ଏହାର ପ୍ରମୁଖ ସାଇକେଲିଂ ଇଭେଣ୍ଟ ଗୋଲ୍ଡେନ୍ ଟ୍ରାଇଙ୍ଗଲ୍ ସାଇକେଲିଂ ଚାମ୍ପିଅନସିପ୍ (ଜିଟିସିସି) ଆୟୋଜନ କରିଛି । ଯାହା ରାଜ୍ୟର ଏକମାତ୍ର ପ୍ରତିଯୋଗିତାମୂଳକ ସାଇକେଲିଂ । ଓଡ଼ିଶା ରାଜ୍ୟର ଉଦୀୟମାନ ସାଇକେଲ ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବକୁ ଉନ୍ନତ କରିବା ଲକ୍ଷ୍ୟରେ, ଜିଟିସିସିର ୭ମ ସଂସ୍କରଣରେ ଏପର୍ଯ୍ୟନ୍ତ ସର୍ବାଧିକ ଅଂଶଗ୍ରହଣ ହୋଇଥିଲା, ଯେଉଁଥିରେ ବାରଟି ରାଜ୍ୟର ୧୦୦ରୁ ଅଧିକ ପ୍ରୋ-ସାଇକ୍ଲିଷ୍ଟ ସେମାନଙ୍କ ପ୍ରତିଯୋଗୀଙ୍କ ବିପକ୍ଷରେ ଦୌଡ଼ କରିଥିଲେ । ଏହି ଅବସରରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ସଚିବ ଆଇଏଏସ୍ ମାନୋଜ ଆହୁଜା ଯୋଗଦେଇଥିଲେ । ସେହିଭଳି ସମ୍ମାନିତ ଅତିଥି ଭାବେ ବିସିଏସିର ସଭାପତି ତଥା ପୋଲିସ ଏଡିଜି ସଞ୍ଜୀବ ପଣ୍ଡା ଏବଂ ଏଚ୍ଡିଏଫ୍ସିର ଉପାଧକ୍ଷ ଅନନ୍ତ ପଟ୍ଟନାୟକ ଯୋଗଦେଇଥିଲେ । ପ୍ରତ୍ୟୁଷରେ ସଞ୍ଜୀବ ପଣ୍ଡା, ଆଇପିଏସ୍, ପୋଲିସର ଏଡିଜି ଏବଂ ଅଧକ୍ଷ ବିସିଏସି, ମିନତୀ ମହାପାତ୍ର, ଓଡ଼ିଶା ସାଇକେଲିଂ ଆସୋସିଏସନର ଅଧକ୍ଷା ଏବଂ ଉପାଧକ୍ଷ, ଏଚ୍ଡିଏଫସି ବ୍ୟାଙ୍କ, ଅନନ୍ତ ପଟ୍ଟନାୟକ ଧୌଳି ଶାନ୍ତି ସ୍ତୁପର ଅଶୋକ ସ୍ତମ୍ଭରୁ ଏହି କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ମୁଖ୍ୟତଃ ୧୨ଟି ରାଜ୍ୟର ୧୦୦ରୁ ଅଧିକ ବୃତ୍ତିଗତ ସାଇକେଲ ଚାଳକ ଏହି ରୋଡ୍ ସାଇକେଲିଂ ଚାମ୍ପିଅନସିପରେ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମଧ୍ ପ୍ରଦେଶ, ଦିଲ୍ଲୀ ଭଳି ୧୧ଟି ରାଜ୍ୟରୁ ରେକର୍ଡ ୨୫ ଜଣ ବୃତ୍ତିଗତ ସାଇକେଲ ଚାଳକ ଅଂଶଗ୍ରହଣ କରୁଛନ୍ତି । ଏହି ଅବସରରେ ବିସିଏସି ପ୍ରଥମ ୧୦ ଜଣ ଶେଷକାରୀଙ୍କୁ ନଗଦ ପୁରସ୍କାର ସହିତ ବିଭିନ୍ନ ବୟସ ବର୍ଗରେ ମୋଟ ୨.୨୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲା । ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ମହାରାଷ୍ଟ୍ରର ସିଦ୍ଧେଶ ଅଜିତ ପାଟିଲଙ୍କୁ ପ୍ରଥମ ପୁରସ୍କାର ରୂପେ ୧ଲକ୍ଷ ଟଙ୍କା ନଗଦ ପୁରସ୍କାର, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପଞ୍ଜାବର ମନଦୀପ ସିଂହଙ୍କୁ ୫୦ହଜାର ଟଙ୍କା ନଗଦ ପୁରସ୍କାର ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ହରିୟାଣାର ସୁମିତ କୁମାରଙ୍କୁ ୨୫ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଦୌଡ଼ ପଦକ ଏବଂ ଡିଜିଟାଲ୍ ଦୌଡ଼ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ମନୋଜ ଆହୁଜା ମୁଖ୍ୟ ସଚିବଙ୍କ ଦ୍ୱାରା ବିଜେତାମାନଙ୍କୁ ନଗଦ ପୁରସ୍କାର ସହିତ ବିଜେତା ଟ୍ରଫି ପ୍ରଦାନ କରାଯାଇଥିଲା ।

## ଧାତିକାରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ
## ବର୍ଦ୍ଧନା ଚାମ୍ପିଅନ୍

କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଗୋପିନାଥ ପୁର ପଞ୍ଚାୟତ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଦିନ ଉଦଯାପିତ ହୋଇଯାଇଛି । ୧୬ ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଶ୍ରୀରାମପୁର ଓ ବର୍ଦ୍ଧନା ମଧ୍ୟରେ ହୋଇଥିବାବେଳେ ପ୍ରଥମ ବ୍ୟାଟିଂ କରି ଶ୍ରୀରାମ ପୁର ନିର୍ଦ୍ଧାରିତ ୧୨ ଓଭର ରେ ୧୩୫ ରନ କରିଥିଲା । ୧୩୬ ର ବିଜୟ ଲକ୍ଷ ନେଇ ବର୍ଦ୍ଧନା ପଡ଼ିଆକୁ ଓହ୍ଲାଇ ଥିଲା ।ନିର୍ଦ୍ଧାରିତ ୧୨ ଓଭର ରୁ ଆଉ ୨ ଟି ବଲ ବାକିଥିବା ଥାଇ ବିଜୟ ଲକ୍ଷ ହାସଲ କରି ଚମ୍ପିଆନ୍ ହୋଇଥିଲା ବର୍ଦ୍ଧନା । ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗୋପିନାଥପୁର ପଞ୍ଚାୟତ ସରପଞ୍ଚ ସରୋଜ କୁମାର ଦେହୁରୀ, ସମ୍ମାନିତ ଅତିଥି ଭବରେ ପ୍ରଦୀପ କୁମାର ସେଠୀ,ମଧୁସୁଦନ ସାହୁ , ଅଞ୍ଚଳର ଫୁଟବଲ ଖେଳାଳି ଲଘୁରାମ ସୋରେନ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହ ୨୫ହଜାର ଟଙ୍କା ଓ ଉପ ବିଜେତା ଦଳକୁ ଟ୍ରଫି ସହ ୧୮ ହଜାର ଟଙ୍କା ପ୍ରଦାନ କରିଥିଲେ । ଧାତିକା, ଟିକରପଡ଼ା, ମହାଦେଇଯୋଡା, ରାଇସୁଆଁ, ଜଳବଙ୍ଗ, ହର୍ଷପୁର ଆଦି ଅଞ୍ଚଳରୁ ଶତାଧିକ ଦର୍ଶକ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । କୌଣଷି ପ୍ରକାର ଅପ୍ରିତିକର ପରିସ୍ଥିତିକୁ ଏଡାଇବା ପାଇଁ ଗ୍ରାମର ଯୁବକ ମାନେ ପଡିଆ ଚାରିପାଖେ ନଜର ରଖିଥିବା ଦେଖିବା ପାଇଁ ମିଳିଥିଲା ।



ସୁସ୍ଥ ରହିବା ପାଇଁ ସମସ୍ତେ ଚାହିଁଥାନ୍ତି । ଯଦି ସୁସ୍ଥ ଖାଦ୍ୟକୁ ସଠିକ ସମୟରେ ଖିଆ ନଯାଏ ,ତେବେ ଏହାର କୌଣସି ସ୍ୱାସ୍ଥ୍ୟ ଉପକାରିତା ନାହିଁ । ସ୍ୱାସ୍ଥ୍ୟ ବିଶେଷଜ୍ଞ କହିବା ଅନୁସାରେ, ସଠିକ ସମୟରେ ଖାଦ୍ୟ ଖାଇବା ଜରୁରୀ ଅଟେ ।ବାର୍ସିଲୋନା ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ହେଲ୍ଥ ଦ୍ୱାରା କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ଖାଇବା ସମୟ ନିର୍ଣ୍ଣୟ କରିପାରିବ ଯେ କ୍ୟାନ୍ସର ହେବାର ଆଶଙ୍କା ରହିଛି କି ନାହିଁ । ଏହି ଅଧ୍ୟୟନରୁ ଜଣାପଡିଛି ଯେ ଯଦି ରାତି ୯ ଟା ପରେ ରାତ୍ରୀ ଭୋଜନ କରିବା ଏବଂ ଶୋଇବା ମଧ୍ୟରେ ଦୁଇ ଘଣ୍ଟାର ବ୍ୟବଧାନ ନଥାଏ, ତେବେ ଏହିପରି ଲୋକଙ୍କଠାରେ କର୍କଟ ରୋଗ ହେବାର ଆଶଙ୍କା ଅନ୍ୟମାନଙ୍କ ତୁଳନାରେ ୨୫ ପ୍ରତିଶତ ଅଧିକ । ଶୋଇବା ଏବଂ ଉଠିବା ସମୟ ଶରୀରର ବାୟୋଲୋଜିକାଲ ଓ୍ୱାର୍କ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ । ଏହାକୁ ସର୍କାଡିୟନ ରିମ୍ କୁହାଯାଏ । ତେବେ ରାତି ୯ଟା ପରେ ଏହି ରିମ୍ କାମ କରିନଥାଏ । ଅର୍ଥାତ ରାତି ୯ ଟା ପରେ ଖାଇବା ଦ୍ୱାରା ଶୋଇବା ସମୟ ମଧ୍ୟରେ ମାତ୍ର କିଛି ଘଣ୍ଟାର ପାର୍ଥକ୍ୟ ରହିଥାଏ । ଯାହାକି କ୍ୟାନ୍ସର ଆଶଙ୍କା ବଢାଇଥାଏ । ଏହି ଅନୁସନ୍ଧାନରେ ୬୦୦ ରୁ ଅଧିକ କର୍କଟ ରୋଗରେ ପୀଡିତ ପୁରୁଷ ଏବଂ ୧୨୦୦ ରୁ ଅଧିକ କର୍କଟ ରୋଗରେ ପୀଡିତ ମହିଳା ଅନ୍ତର୍ଭୁକ୍ତ ହୋଇଥିଲେ । ସେମାନଙ୍କର ଖାଇବା ଏବଂ ଶୋଇବା ମଧ୍ୟରେ ମାତ୍ର କମ୍ ସମୟର ବ୍ୟବଧାନ ରହିଥିଲା । ଖାଇବାର ୨ ଘଣ୍ଟା ପରେ ସେମାନେ ଶୋଇବାକୁ ଯାଉଥିଲେ । ତେବେ ଏହିପରି ଲୋକଙ୍କଠାରେ ସ୍ତନ ଏବଂ ପ୍ରୋଷ୍ଟେଟ କର୍କଟ ହେବାର ଆଶଙ୍କା ଅଧିକ ରହିଥିଲା ।



# ମନମୋହିଲେ ଭୂମି ପେଡନେକର

ବି-ଟାଉନର ସୁନ୍ଦର ତଥା ଗ୍ଲାମରସ୍ ଅଭିନେତ୍ରୀ ଭୂମି ପେଡନେକର ପ୍ରତିଦିନ ଇନ୍‌ଷ୍ଟାଗ୍ରାମ୍‌ରେ ନିଜର ଲାଟେଷ୍ଟ୍ ଫଟୋ ପୋଷ୍ଟ କରି ନିଜ ସୌନ୍ଦର୍ଯ୍ୟରେ ପ୍ରଶଂସକଙ୍କୁ ପ୍ରଭାବିତ କରନ୍ତି । ତାଙ୍କର ପ୍ରତ୍ୟେକ ଲୁକ୍ ଇଣ୍ଟରନେଟ୍‌କୁ ଆସିବା ମାତ୍ରେ ଭାଇରାଲ୍ ହେବାକୁ ଲାଗେ । ବର୍ତ୍ତମାନ ଅଭିନେତ୍ରୀ ଇନଷ୍ଟାଗ୍ରାମରେ ତାଙ୍କର ଲାଟେଷ୍ଟ୍ ଫଟୋ ପୋଷ୍ଟ କରିଛନ୍ତି । ଏହି ଫଟୋଗୁଡ଼ିକରେ ତାଙ୍କ ଦମଦାର ଲୁକ୍ ଦେଖି ପ୍ରଶଂସକମାନେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି । ଭୂମି ପେଡନେକରଙ୍କ ଏହି ଫଟୋଗୁଡିକରେ ଆପଣ ଦେଖିପାରିବେ ଯେ ସେ ବହୁତ ସୁନ୍ଦର ସବୁଜ ରଙ୍ଗର ଲେହେଙ୍ଗା ପିନ୍ଧିଛନ୍ତି, ଯେଉଁଥିରେ ସେ ଏକ ଚମତ୍କାର ଷ୍ଟାଇଲ୍‌ରେ ପୋଜ୍ ଦେଉଥିବା ଦେଖାଯାଉଛନ୍ତି ।

ଅଭିନେତ୍ରୀ ଆକର୍ଷଣୀୟ ଅଳଙ୍କାର, କାନଫୁଲ ପିନ୍ଧିଛନ୍ତି ଆଉ ଚୁଟିକୁ ପଛ ପଟେ ଠେକା କରି ବାନ୍ଧିବା ସହିତ ହାଲୁକା ମେକ୍‌ଅପ୍ ନେଇଛନ୍ତି । ଯେତେବେଳେ ବି ଅଭିନେତ୍ରୀ ତାଙ୍କ ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରନ୍ତି, ପ୍ରଶଂସକମାନେ ତାଙ୍କ ଫଟୋକୁ ପସନ୍ଦ କରନ୍ତି ଆଉ ପ୍ରେମରେ ଭିଜେଇ ଦିଅନ୍ତି । ଏହି ଫଟୋଗୁଡ଼ିକରେ ମଧ୍ୟ ଭଲ ପାଇବାର ବର୍ଷା ହୋଇଛି । ଅଭିନେତ୍ରୀଙ୍କ ଏହି ଫଟୋ ଉପରେ ମତ ଦେଇ ଜଣେ ଲେଖିଛନ୍ତି – ଠୁ ମଚ୍ ହଟ୍ ।



# ଦ୍ୱିତୀୟ ବିବାହ ପରେ ସାମନ୍ଥାଙ୍କ ସହ ଛାଡ଼ପତ୍ର ବିଷୟରେ କହିଲେ ନାଗା

ସାଉଥ ଷ୍ଟାର ନାଗା ଚୈତନ୍ୟ ଏବେ ଦ୍ୱିତୀୟ ବିବାହ କରିସାରିଛନ୍ତି । ସେ ଅଭିନେତ୍ରୀ ଶୋଭିତା ଧୁଳିପାଲାଙ୍କୁ ବିବାହ କରିଛନ୍ତି । ଏହାପୂର୍ବରୁ ସେ ଗୋଆରେ ସାଉଥ୍ ସୁପରଷ୍ଟାର ସାମନ୍ଥା ରୁଥ ପ୍ରଭୁଙ୍କୁ ବିବାହ କରିଥିଲେ । ହେଲେ ପରେ ସେମାନେ ପରସ୍ପରକୁ ଛାଡ଼ପତ୍ର ଦେଇ ଅଲଗା ହୋଇଯାଇଥିଲେ । ଛାଡ଼ପତ୍ର ପରେ ଚୈତନ୍ୟ ଓ ସାମନ୍ଥା ଏହା ପଛର କାରଣ ଜଣାଇନଥିଲେ । ଏବେ ଚୈତନ୍ୟ ନିଜର ଫିଲ୍ମ ପ୍ରମୋସନ ବେଳେ ଏହା ପଛର କାରଣ ଜଣାଇଛନ୍ତି । ତାଙ୍କ କହିବା ମୁତାବକ, 'ଆମେ ନିଜ ନିଜ ରାସ୍ତାରେ ଯିବାକୁ ଚାହୁଁଥିଲୁ । ନିଜ ନିଜ କାରଣରୁ, ଆମେ ଏହି ନିଷ୍ପତ୍ତି ନେଇଥିଲୁ । ହେଲେ ଛାଡ଼ପତ୍ର ପରେ ବି ଆମେ ପରସ୍ପରକୁ ସମ୍ମାନ କରୁଛୁ । ଆମେ ଆମ ଜୀବନରେ, ନିଜ ନିଜ ଲକ୍ଷ୍ୟ ହାସଲ କରିବାକୁ ଆଗକୁ ବଢୁଛୁ । ଆଉ କ'ଣ ବ୍ୟାଖ୍ୟା ଆବଶ୍ୟକ, ମୁଁ ବୁଝିପାରୁନାହିଁ । ମୁଁ ଆଶା କରୁଛି ଦର୍ଶକ ଏବଂ ଗଣମାଧ୍ୟମ ଏହାକୁ ସମ୍ମାନ ଦେବେ । ଆମେ ପୂର୍ବରୁ ଗୋପନୀୟତା ପାଇଁ ଅନୁରୋଧ କରିଥିଲୁ । ଏହି ପ୍ରସଙ୍ଗକୁ ନେଇ ଆମ ଗୋପନୀୟତାକୁ ସମ୍ମାନ ଦେବାକୁ ଆମେ ଅନୁରୋଧ କରିଥିଲୁ । କିନ୍ତୁ, ଦୁର୍ଭାଗ୍ୟବଶତଃ, ଏହା ଏକ ଚର୍ଚ୍ଚାର ବିଷୟ ପାଲଟିଗଲା । ସମସ୍ତଙ୍କ ପାଇଁ ଏକ ମନୋରଞ୍ଜନ ହୋଇଗଲା । ଏହା କେବଳ ମୋ ଜୀବନରେ ଘଟିଛି ତାହା ନୁହେଁ, ତେବେ ମୋ ସହ କାହିଁକି ଜଣେ ଅପରାଧୀ ପରି ବ୍ୟବହାର କରାଯାଉଛି ? ଆମେ ଦୁହେଁ ଅଲଗା ହୋଇ ଆଗକୁ ବଢ଼ିଲୁ । ମୋତେ ପୁଣି ଥରେ ଭଲପାଇବା ମିଳିଲା ଏବଂ ମୁଁ ବିବାହ କଲି । ଏଥିରେ ସମସ୍ୟା କ'ଣ ?' ବୋଲି ପ୍ରଶ୍ନ କରିଛନ୍ତି ଚୈତନ୍ୟ ।



# ଚର୍ଚ୍ଚାରେ ଜୁନେଦ୍

ଚର୍ଚ୍ଚାରେ ଅଛନ୍ତି ବଲିଉଡ୍ ଷ୍ଟାର କିଡ୍ । ଜଣକ ପରେ ଜଣେ ଏବେ ବଡ଼ ପରଦାକୁ ଆସିବାରେ ଲାଗିଛନ୍ତି । ଖୁସି କପୁର, ରାଶା ଥଡାନୀ, ଅମନ ଦେବଗନଙ୍କ ପରେ ଏବେ ସୁପରଷ୍ଟାର ଆମୀର ଖାନ୍‌ଙ୍କ ପୁଅ ଜୁନେଦ୍ ଖାନ୍ ବଡ଼ ପରଦାକୁ ଆସିଛନ୍ତି । ଫେବ୍ରୁଆରି ୭ରେ ରିଲିଜ୍ ହୋଇଥିବା ଫିଲ୍ମ 'ଲଭ୍‌ୟାପା'ରେ ଦର୍ଶକ ତାଙ୍କୁ ଦେଖିବାକୁ ପାଇଛନ୍ତି । ଏହା ହଲ୍‌ରେ ରିଲିଜ୍ ହୋଇଥିବା ତାଙ୍କର ପ୍ରଥମ ଫିଲ୍ମ ହୋଇଥିବା ବେଳେ ୨୦୨୪ରେ ସେ ଅଭିନୟରେ ଡେବ୍ୟୁ କରିସାରିଛନ୍ତି । ଯଶ୍‌ରାଜ୍ ବ୍ୟାନରରେ ନିର୍ମିତ ଫିଲ୍ମ 'ମହାରାଜା'ରେ ସେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ, ଯାହା ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିଲା ।

'ମହାରାଜା' ଜୁନେଦ୍‌ଙ୍କ ପ୍ରଥମ ଛବି ହୋଇଥିବା ବେଳେ ତାଙ୍କ ଅଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା । ଫିଲ୍ମର ଟ୍ରେଲର ଓ ଗୀତକୁ ସୋସିଆଲ୍ ମିଡିଆରେ ଢେର ଭଲପାଇବା ମିଳିଥିବା ବେଳେ ସିନେମାର କାହାଣୀ ଦର୍ଶକଙ୍କ ମନ କିଣିପାରୁଛି କି ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିଛି । ପ୍ରଥମ ସପ୍ତାହରେ ଏହାର ବକ୍ସ ଅଫିସ୍ କଲେକ୍‌ସନ୍ କିଭଳି ହେବ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି ।

ଜୁନେଦ୍ ହେଉଛନ୍ତି ଆମୀର ଓ ତାଙ୍କ ପ୍ରଥମ ପତ୍ନୀ ରୀନା ଦତ୍ତାଙ୍କ ପୁଅ । ଜୁନେଦ୍ ୧୯୯୩ ଜୁନ୍ ୨ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ । ସ୍କୁଲ୍ ଓ କଲେଜ୍ ପାଠପଢ଼ା ଶେଷ କରିବା ପରେ ସେ ୨୦୧୪ର ବ୍ଲକ୍ ବଷ୍ଟର ଫିଲ୍ମ ତଥା ତାଙ୍କ ବାପାଙ୍କ ଅଭିନୀତ 'ପିକେ'ରେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲେ । ଏହାପରେ ସେ ନେଟ୍‌ଫ୍ଲିକ୍ସ ଫିଲ୍ମ 'ମହାରାଜା'ରେ ନଜର ଆସିଥିବା ବେଳେ 'ଲଭ୍‌ୟାପା'ରେ ସମସ୍ତେ ତାଙ୍କୁ ପସନ୍ଦ କରିବା ଆରମ୍ଭ କରିଛନ୍ତି । ତେବେ ବାପାଙ୍କ ଭଳି ଜୁନେଦ୍‌ଙ୍କୁ ଭାଗ୍ୟ ସାଥ୍ ଦେଉଛି ନା ନାହିଁ, ତାହା ଦେଖିବାର କଥା । କାରଣ ଆମୀରଙ୍କ ଡେବ୍ୟୁ ଫିଲ୍ମ 'କୟାମତ୍ ସେ କୟାମତ୍ ତକ୍' ସୁପରଡୁପର ହିଟ୍ ହୋଇ ତାଙ୍କୁ ରାତାରାତି ଷ୍ଟାରଡମ୍ ଦେଇଥିଲା ।

# ସବୁଠୁ ବଡ଼ ଦାମୀ ବୁକେ



ଫୁଲର ବୁକେ ଉପହାର ଦେବା ପାଇଁ ସମସ୍ତେ କିଣିଥାନ୍ତି । ସମସ୍ତଙ୍କୁ ବୁକେ ଉପହାର ବି ଭଲ ଲାଗେ । ତେବେ ନିକଟରେ ଅହମ୍ମଦାବାଦରେ ଯେଉଁ ବୁକେ ଗିନିଜ୍ ଓ୍ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛି ତାକୁ ଦେଖିଲେ ତ କାହାର ବି ମନ ଖୁସିରେ ଭରିଯିବ । କାରଣ ଏ ହେଉଛି ପୃଥିବୀର ସବୁଠୁ ବଡ଼ ବୁକେ । ଅହମ୍ମଦାବାଦ ଇଣ୍ଟରନ୍ୟାଶନାଲ ଫ୍ଲାଓ୍ୱାର ଶୋ'ରେ ଏହି ବୁକେ ପ୍ରଦର୍ଶିତ ହୋଇଥିଲା, ଯାହାର ଉଚ୍ଚତା ୧୦.୨୪ ମିଟର ଓ ଓସାର ୧୦.୮୪ ମିଟର । ଏହି ବୁକେରେ ୧୦,୦୮, ୯୦୦ ଟ୍ରେ ପ୍ଲାଣ୍ଟ, ୧୦,୦୮, ୭୯୬ ବ୍ୟାଗ ପ୍ଲାଣ୍ଟସ୍ ଓ ୫୯, ୧୫୦ ପଟ୍‌ରେ ଥିବା ପ୍ଲାଣ୍ଟ ବ୍ୟବହାର କରାଯାଇଛି । ଏହାକୁ ପ୍ରସ୍ତୁତ କରିବା ଲାଗି ବୁକେ ଆକାରର ଏକ ଷ୍ଟ୍ରକ୍ଚରରେ ୧୦୦ ପ୍ରକାରର ଫୁଲ ଗଛ ବ୍ୟବହାର କରାଯାଇଥିଲା । ଉକ୍ତ ବୁକେରେ ବେଶି ଋତୁକାଳୀନ ଫୁଲ ଗଛ ବ୍ୟବହାର କରାଯାଇଛି । ଏହି ରେକର୍ଡ ପୂର୍ବରୁ ୟୁନାଇଟେଡ ଆରବ ଏମିରେଟ୍‌ର ଅଲ ଆଇନ ମୁନିସିପାଲିଟି ନାଁରେ ଥିଲା । ସେଠାକାର ୭ମିଟର ଉଚ୍ଚ ଓ ୭ ମିଟର ଓସାରର ବୁକେ ଷ୍ଟ୍ରକ୍‌ଚରରେ ହୋଇଥିବା ବୁକେ ରେକର୍ଡ କରିଥିଲା । ସେହି ରେକର୍ଡକୁ ଭାଙ୍ଗି ଅହମ୍ମଦାବାଦର ଏହି ବୁକେ ନୂଆ ରେକର୍ଡ ସୃଷ୍ଟି କରିଛି ।

# ଏକ ସଙ୍ଗରେ ହାଇ ଆସେ କାହିଁକି ?



*କେବଳ ନିଦ ଆସିବା ଯୋଗୁଁ ଅଥବା ଥକା ଲାଗିବା କାରଣରୁ ଆମେ ହାଇ ମାରି ନଥାଉ, ଏହା ପଛରେ ବୈଜ୍ଞାନିକ କାରଣ ବି ଲୁଚି ରହିଛି । ଯେଉଁଥିପାଇଁ ଜଣେ ଅନ୍ୟ ଜଣକୁ ହାଇ ମାରିବାର ଦେଖିଲେ ନିଜେ ମଧ୍ୟ ହାଇ ମାରିଥାଏ । ଜାଣନ୍ତୁ ଏହି ବିଷୟରେ...*

ପ୍ରିଷ୍ଟନ ବିଶ୍ୱ ବିଦ୍ୟାଳୟର ଏକ ରିପୋର୍ଟରେ କୁହାଯାଇଛି ଯେ ହାଇର ସଂଯୋଗ ଆମ ମସ୍ତିଷ୍କ ସହ ରହିଛି । କାମ କରିବା ସମୟରେ ମସ୍ତିଷ୍କ ଯେତେବେଳେ ହିଟ ହୋଇଯାଏ, ସେତେବେଳେ ମସ୍ତିଷ୍କକୁ ଥଣ୍ଡା କରିବା ପାଇଁ ହାଇ ଆସିଥାଏ । ଏହାଦ୍ୱାରା ତାପମାତ୍ରା ନିୟନ୍ତ୍ରଣରେ ରହିଥାଏ । ଖାସ ଏହି କାରଣରୁ ଏହି ଦିନେ ଅଧିକ ଲୋକେ ହାଇ ମାରନ୍ତି । ସେହିଭଳି ୨୦୦୪ରେ ମ୍ୟୁନିଖର ସାଇକାଟ୍ରିକ ୟୁନିଭରସିଟି ହସ୍ପିଟାଲରେ ଏକ ଗବେଷଣା ହୋଇଥିଲା । ଏଥିରେ ହାଇମାରିବା ସଂକ୍ରମଣ ଭଳି ବ୍ୟାପିଥାଏ ବୋଲି କୁହାଯାଇଥିଲା । ୩୦୦ ଲୋକଙ୍କ ଉପରେ ହୋଇଥିବା ଏହି ଗବେଷଣାରେ ୫୦% ଲୋକ ଏପରି ଥିଲେ, ଯେଉଁମାନେ କି ଅନ୍ୟ ଜଣକୁ ଦେଖି ହାଇମାରିବା ଆରମ୍ଭ କରିଦେଇଥିଲେ । ବୈଜ୍ଞାନିକମାନଙ୍କର କହିବା ଅନୁଯାୟୀ, ଯେତେବେଳେ ଜଣେ ଅନ୍ୟ ଜଣକୁ ହାଇ ମାରିବାର ଦେଖିଥାନ୍ତି ସେତେବେଳେ ତାଙ୍କର ମିଣର ନ୍ୟୁରନ ସିଷ୍ଟମ ସକ୍ରିୟ ହୋଇଯାଏ ଏବଂ ତାହା ନକଲ କରିବା ପାଇଁ ପ୍ରେରିତ କରିଥାଏ । ଏହାବାଦ ଅନ୍ୟ ଏକ ଅଧ୍ୟୟନରୁ ଯେଉଁମାନଙ୍କର ମସ୍ତିଷ୍କ ଅଧିକ କାମ କରିଥାଏ ସେମାନଙ୍କୁ ଅଧିକ ହାଇ ଆସିଥାଏ ବୋଲି କୁହାଯାଇଛି । ତେବେ ହାଇକୁ ନେଇ ଆମ ସାଧାରଣ ଚଳଣୀରେ କିଏ ଶୁଭ ଭାବିଥାଏ ତ କିଏ ଅଶୁଭ ଚିନ୍ତା କରିଥାଏ ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମାଳଦା ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୮ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ମାଳଦା ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମାଳଦା ବିଦ୍ୟାଳୟ ଛାତ୍ର ତଥା ଉତ୍କଳ ସାମ୍ବାଦିକ ସଂଘ ଭଦ୍ରକ ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଞ୍ଚାଳନରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ମାଳଦା ବିଦ୍ୟାଳୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର କୁଅଁର, ବଟ କୃଷ୍ଣ ରାଉତ, ଘନଶ୍ୟାମ ପରିଡ଼ା, ଯଦୁମଣି ଦାସ, ରବିନ୍ଦ୍ର ମଲ୍ଲିକ୍, ହରେକୃଷ୍ଣ ଦୋବେଇ, ଧରଣୀଧର ଦାସ, ଅର୍ଜୁନ ଯେନା, ଦୟାନିଧି ରାଉତ, ସ୍ଥାନୀୟ ଜିଲ୍ଲା ପରିଷଦ ଉତ୍କଳ କେଶରୀ ମହାନ୍ତି, ସାମ୍ବାଦିକ ରାଜେନ୍ଦ୍ର ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ଛାତ୍ରୀ ସୀମାରାଣୀ ରାଉତଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ପ୍ରଦିପ ଖିଲାର, ରାଜେଶ ସାମଲ, ରମେଶ ଚନ୍ଦ୍ର ନାୟକ, ଦେବାଶିଷ ପଣ୍ଡା, କେଦାର ଦାସ, ଝୁନୁଲତା ସାମଲ, ପ୍ରଭାତୀ ବାରିକ, ସବିତା ଖିଲାର, କାର୍ତ୍ତିକ କବି, ନାରାୟଣ ରାଉତ, ପ୍ରତିମା ବଳ, ରଘୁନାଥ ରାଉତ, ବିଦ୍ୟାଧର ରାଉତ, ଚମ୍ପକ ଲତା ପାଢ଼ୀ ପ୍ରମୁଖ ଯୋଗଦେଇ ପୁରୁଣା ଦିନର ସ୍ମୃତି ରୋମନ୍ଥନ କରିବା ସହ ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଶିକ୍ଷକ ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ ଶିବିର




ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକ୍ ସ୍ତରୀୟ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ ନିମନ୍ତେ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ବିଡ଼ିଓ ନମିତା ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଓ କନିଷ୍ଠ ନିୟୋଜନ ଅଧିକାରୀ ବିଜୟ କୁମାର ପତି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ବିଭାଗୀୟ ଅଧିକାରୀ ଘନଶ୍ୟାମ ସାହୁ ସଭାପତିତ୍ୱ କରିଥିବା ବେଳେ ବ୍ଲକ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତରୁ ୧୯୭ ଯୁବକଯୁବତୀ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୭୫ ଜଣଙ୍କୁ ଦକ୍ଷତା ବିକାଶ ନିମନ୍ତେ ତାଲିମ ଦେବାକୁ ଚୟନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ବାରିକ ଓ ସମ୍ମାନିତ ଅତିଥି ଆଚାର୍ଯ୍ୟ ବେକାର ଯୁବକଯୁବତୀମାନେ ଦକ୍ଷତା ବିକାଶ ତାଲିମ ମାଧ୍ୟମରେ ନିଯୁକ୍ତି ପାଇ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଓଡ଼ିଶା ଦକ୍ଷତା ବିକାଶ ବିଭାଗ ପ୍ରାଧୀକରଣ ବିଭାଗ ସହ ଚୁକ୍ତିବଦ୍ଧ ହୋଇଥିବା ୧୪ଟି ତାଲିମ ପ୍ରଦାନକାରୀ ସଂସ୍ଥା ଶିବିରରେ ଯୋଗଦେଇ ଯୁବକଯୁବତୀମାନଙ୍କୁ ତାଲିମ ପାଇଁ ଚୟନ କରିଥିଲେ। ଭାରପ୍ରାପ୍ତ ବିପିଏମ୍ ଅମୀୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ସୁଭଦ୍ରା ସେଠୀ, ସୁଶ୍ରୀ ସଙ୍ଗୀତା ଭୂୟାଁ ଓ ବ୍ଲକ୍‌ର ସମସ୍ତ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଅସୁରକ୍ଷିତ ଅବସ୍ଥାରେ ପରିତ୍ୟକ୍ତ ତୁଳସୀଚଉଁରା ପଥର ଖଣି



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସଦର ବ୍ଲକ ନରଣପୁର ପଞ୍ଚାୟତର ତୁଳସୀଚଉଁରା ଠାରେ ରହିଛି ଅସୁରକ୍ଷିତ ଓ ବିପଦପୂର୍ଣ୍ଣ ଅବ୍ୟବହୃତ ପଥର ଖଣି। ପ୍ରାୟ ୧୩ ବର୍ଷ ତଳେ ଏହି ରାସ୍ତା ନିର୍ମାଣ ପାଇଁ ଏଠାରେ ଥିବା ପ୍ରାୟ ୧୦୦ଫୁଟ ଉଚ୍ଚତାର ପାହାଡ଼କୁ ଖୋଳି ନେବା ପରେ ମାଟି ତଳକୁ ୬୦ଫୁଟ ଖୋଳି ପଥର ନେଇଛି ଗାୟତ୍ରୀ କମ୍ପାନୀ। ରାସ୍ତା କାମ ସାରି କମ୍ପାନୀ ବିଶାଳକାୟ ଖାଲକୁ ନ ପୋତି ପଳାଇ ଯାଇଛି। ଫଳରେ ବିପଦପୂର୍ଣ୍ଣ ଅବସ୍ଥାରେ ପରିତ୍ୟକ୍ତ ଅବସ୍ଥାରେ ରହିଛି ଏହି ପଥର ଖଣି। ବର୍ଷାଦିନରେ ବର୍ଷା ପାଣି ଭର୍ତ୍ତି ହୋଇ ହ୍ରଦ ସଦୃଶ ହୋଇଥାଏ। ପ୍ରାୟ ୬୦ ଫୁଟ ପାଣି ଥିବାରୁ ନୀଳରଙ୍ଗର ସୌନ୍ଦର୍ଯ୍ୟତା ମନମୁଗ୍ଧକର କିନ୍ତୁ ଏହାର ପରିବେଶ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଅଧିବାସୀମାନେ ଚିନ୍ତାବ୍ୟକ୍ତ କରୁଛନ୍ତି। ଏହି ପଥର ଖାଦାନକୁ ପୋତିବା ପାଇଁ ପଦକ୍ଷେପ ନିଆଯାଉ ନଥିବାରୁ ଦୁର୍ଘଟଣା ଆଶଙ୍କା ରହୁଛି। କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ଅଧିନରେ ଏହି ଅଞ୍ଚଳଟି ରହୁଥିବାରୁ ଏବଂ ଚାରିଆଡ଼େ ବାରାସ ଏବଂ ଭାଲୁପାହାଡି ଜଙ୍ଗଲ ଥିବାରୁ ଏଠାରେ ବନ୍ୟଜନ୍ତୁଙ୍କ ଚଳପ୍ରଚଳ ରହୁଛି। ଏଣୁ ବହୁ ବନ୍ୟଜନ୍ତୁ କ୍ଷତିଗ୍ରସ୍ତ ହୋଇଥିବା ଆଶଙ୍କା କରାଯାଉଛି। ଏହାର ଚାରିପାଖରେ କୌଣସି ସୁରକ୍ଷାବାଡ଼ କିମ୍ବା ସତର୍କତା ସୂଚନା ମଧ୍ୟ ପ୍ରଶାସନ ପକ୍ଷରୁ ଲଗାଯାଇ ନାହିଁ। ବିରାଟକାୟ ଅସୁରକ୍ଷିତ ଗାଡ଼ରେ ପଡ଼ି ବହୁ ଗୃହପାଳିତ ପଶୁଙ୍କ ଜୀବନ ଯାଇଥିବାବେଳେ ବନ୍ୟଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏହି ସ୍ଥାନକୁ ତୁଳସୀଚଉଁରା, ଧାତିଙ୍ଗସାହି, ହରିଡ଼ାଗୋଠ ଗ୍ରାମର ବହୁ ଲୋକ ଗାଈ ଏବଂ ଛେଳି ଚରାଇବାକୁ ଆସିଥାନ୍ତି। କମ୍ପାନୀ ଲାଭବାନ ହୋଇ ଏହାକୁ ନିୟମାନୁଯାୟୀ ମାଟିଗୋଡ଼ି ଢାଳି ପୂରଣ କରିବା ସହ ବନୀକରଣ କରିବା କଥା, ତାହା କରାଯାଇ ନାହିଁ ବରଂ ଲାଭ ଖାଇ ବିପଦପୂର୍ଣ୍ଣ ଅବସ୍ଥାରେ ଛାଡ଼ି ଚାଲି ଯାଇଥିବାରୁ ସ୍ଥାନୀୟ ଆଦିବାସୀମାନେ ଚିନ୍ତାରେ ରହିଛନ୍ତି। ଏଣୁ ଏନେଇ ପ୍ରଶାସନ ସମ୍ପୃକ୍ତ ଗାୟତ୍ରୀ କମ୍ପାନୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାକୁ ପୋତିବା ବ୍ୟବସ୍ଥା କଲେ ସ୍ଥାନୀୟ ଲୋକମାନେ ଉପକୃତ ହୋଇପାରନ୍ତେ ବୋଲି କହିଛନ୍ତି। ପୂର୍ବରୁ ଏଠାରେ ପାହାଡ଼ ଥିଲା। ଏହା ଉପରେ ଜଙ୍ଗଲ ଥିଲା। ଆମର ଗୃହପାଳିତ ପଶୁମାନେ ଚଲାବୁଲା କରୁଥିଲେ ଓ ଘାସ, ଡାଳପତ୍ର ଖାଉଥିଲେ। ତେବେ ଏହାକୁ ଗାୟତ୍ରୀ କମ୍ପାନୀ ଲିଜ୍ ନେଇ ଖୋଳିଦେବା ଫଳରେ ଗୃହପାଳିତ ପଶୁମାନେ ଆଉ ସେଭଳି ଖାଇବାକୁ ପାଉନାହାଁନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସେହିପରି ଏହି ଅଞ୍ଚଳରେ ବନ୍ୟଜନ୍ତୁ ମଧ୍ୟ ବିଚରଣ କରୁଛନ୍ତି। ଡାଳପତ୍ର ଖାଇବାକୁ ଆସିଥିବା ଅନେକ ଗୃହପାଳିତ (ଗୋରୁଗାଈ ଓ ଛେଳି), ପଶୁ ଖସି ପଡି ମୃତ୍ୟୁବରଣ କରି ସାରିଥିବାରୁ ଚିନ୍ତିତ ଅଛନ୍ତି ଗ୍ରାମବାସୀ। କ୍ଷତିପୂରଣ ମିଳେ ନାହିଁ ବୋଲି କହିଛନ୍ତି। ସେହିପରି ବନ୍ୟଜନ୍ତୁ ମଧ୍ୟ ଏହା ଭିତରକୁ ଖସି ପଡି ମୃତ୍ୟୁବରଣ କରୁଥିବା ଆଶଙ୍କା କରିଛନ୍ତି। ତୁଳସୀଚଉଁରା ପାହାଡ ତାଡି ଓ ଖଣିଖୋଳି ପଥର ନେଇ କମ୍ପାନୀ ରାସ୍ତାକାମ କରିବା ସହ ବାହାରକୁ ବିକି ମାଲା ମାଲ ହେଲା। କିନ୍ତୁ ଆମକୁ ସବୁଦିନ ପାଇଁ ଦୁର୍ଦ୍ଦଶା ମୁହଁ କୁ ଠେଲି ଦେଇଗଲା ବୋଲି ସ୍ଥାନୀୟ ଆଦିବାସୀ ମାନେ ଅଭିଯୋଗ କରିଛନ୍ତି। ତହସିଲ କର୍ତ୍ତୃପକ୍ଷ ଖଣି ହେବା ପରେ ପଥର ଖଣିକୁ ଆଉ ଲିଜ ଦିଆଯାଉ ନାହିଁ। ଅସୁରକ୍ଷିତ ଖଣିକୁ ପୋତିବା ପାଇଁ ପଦକ୍ଷେପ ନିଆନଯାଇ ଖୋଲା ମେଲାରେ ଛାଡି ଦିଆଯାଇଛି। ଖଣି ବିଭାଗ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବୀ ହୋଇଛି।

# ଭୂତ ଓ ଜାଲ ଜବକାର୍ଡଧାରୀଙ୍କ ନାଁରେ ବିଲ୍



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ର ପ୍ରାୟ ୩୦ପ୍ରତିଶତ ପାଣ୍ଠି ସରକାରୀ ବାବୁ, ଗାଁ'ରେ ଥିବା କୁଜି ନେତା ଓ ଦଲାଲମାନେ ଲୁଟି ନେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତରେ କିଛି କୁଜି ନେତା ସରକାରୀ କର୍ମଚାରୀଙ୍କୁ ହାତ କରି ଜାଲ ଓ ଭୂତ ଜବକାର୍ଡଧାରୀଙ୍କ ନାଁରେ ମଜୁରୀ ହଡ଼ପ କରୁଛନ୍ତି। ବର୍ଷବର୍ଷ ଧରି ଏମିତି ହରିଲୁଟ ଚାଲିଥିବା ବେଳେ କାର୍ଯ୍ୟାନୁଷ୍ଠାନ କେବଳ ଧର୍ମକୁ ଆଖିଠାର ମାତ୍ର। ମଜୁରୀ ଓ ସାମଗ୍ରୀ କିଣାବିକାରୁ ଏତିକି ଟଙ୍କା ସରକାରୀ ବାବୁଙ୍କ ପେଟକୁ ଯାଉଛି କେବଳ କାଗଜକଲମରେ। ମନରେଗା ଜାଲ କାର୍ଡ ଚିହ୍ନଟ କରାଯିବ ସମସ୍ତ ସତ୍ୟ ଘଟଣା ସାମ୍ନାକୁ ଆସିପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ପୋଖରୀ ଖୋଳା ହେଉ ଅବା ମାଟି ରାସ୍ତା ନିର୍ମାଣ ହେଉ ଅବା ବନ୍ଧ ମରାମତି। ଖେଳପଡ଼ିଆ ନିର୍ମାଣରୁ କେନାଲ ମରାମତି ଓ ରାସ୍ତାନିର୍ମାଣ। ମନରେଗା କାମରେ ଯୁଆଡ଼େ ଦେଖିଲେ ପୁଳାପୁଳା ଦୁର୍ନୀତି। କେନ୍ଦ୍ର ସରକାରଙ୍କ ଏ ମହତ ଯୋଜନା ଗରିବ ଶ୍ରମିକ ପରିବାରକୁ କାମଧନ୍ଦା ଯୋଗାଇବାରେ ଯେତିକି ସଫଳ ହେଉନି, ସରକାରୀ ବାବୁ ଓ କୁଜି ନେତାଙ୍କୁ କୋଟିପତି କରିବାରେ ଅଧିକ ସଫଳ ହେଉଛି। ସରକାରୀ ସୂଚନା ପାଇଁ ଅସ୍ତରଙ୍ଗ ବ୍ଲକ୍‌ରେ କିଛିଦିନ ତଳେ ମନରେଗା ଜନଶୁଣାଣୀ ସମ୍ପୂର୍ଣ୍ଣ ପ୍ରଚାର ପ୍ରସାର ଅଭାବରୁ ଫସର ଫାଟିଥିବା ବେଳେ ବାସ୍ତବ ଘଟଣା ସାମ୍ନାକୁ ଆସିଲା ନାହିଁ। ତେବେ ଏହି ମନରେଗା କାମରେ ବର୍ଷବର୍ଷ ଧରି ବଡ଼ ଧରଣର ଦୁର୍ନୀତି ଲାଗିରହିଛି। ଅନେକ ସ୍ଥାନରେ ମନରେଗା କାମ ମେସିନ ମଧ୍ୟ କୁଜି ନେତା ଲଗାଇଦେଉଛନ୍ତି, ସରକାରୀ ତଳିଆ କର୍ମଚାରୀ ପକେଟ ଗରମ କରୁଛନ୍ତି।କେନ୍ଦ୍ର ସରକାର ୨୦୨୩ରେ ଏ ଦୁର୍ନୀତିରେ ତାଲା ମାରିବାକୁ ଡିଜିଟାଲ ପ୍ରକ୍ରିୟାରେ ଶ୍ରମିକଙ୍କ ଉପସ୍ଥାନ ନେଲେ। ନରେଗା ମୋବାଇଲି ମନିଟରିଂ ସିଷ୍ଟମରେ ଏ ଉପସ୍ଥାନ ଗ୍ରହଣରେ ବ୍ୟବସ୍ଥା ରହିଲା ଯେ, ଶ୍ରମିକମାନେ କାମ କରୁଥିବା ବେଳର ୨ଟି ଫୋଟୋ ଆପ୍‌ରେ ଅପଲୋଡ଼ ହେବ। କିନ୍ତୁ ଏଥିରେ ମଧ୍ୟ କୁଜି ନେତା ଓ ସରକାରୀ କର୍ମଚାରୀ ମିଥ୍ୟା ରିପୋର୍ଟ ପ୍ରଦାନ କଲେ। ତେଣୁ ଏଭଳି କାର୍ଯ୍ୟେ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବୀ କରିଛନ୍ତି।

## ଯୁବି ହାଇସ୍କୁଲରେ ମୋ ବହି ମେଳା ଓ ବାର୍ଷିକ ଉତ୍ସବ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗରରେ ଆକାଂକ୍ଷୀ ପାଠ୍ୟକ୍ରମ ଅନ୍ତର୍ଗତ ଭାଷା ସାହିତ୍ୟ ସୃଜନଶୀଳତାର ଉତ୍ସବ ମୋ ବହି ମେଳା, ଇଣ୍ଟର୍ ହାଉସ୍ କମ୍ପିଟେସନ୍ ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳନ କରାଯାଇଥିଲା। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ। କେବଳ ଯୁବି ହାଇସ୍କୁଲ୍ ପରିବାର ଓ ପରିଚାଳନା କମିଟିର ସଦସ୍ୟମାନଙ୍କୁ ନେଇ ଏକ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅତିଥିମାନେ ପ୍ରଥମେ ସାହିତ୍ୟ ସୃଜନୀ କ୍ଲବ୍ ଅନ୍ତର୍ଗତ 'ମୋ କଥା ମୋ କାହାଣୀ – ମୋ ବହି' କାର୍ଯ୍ୟକ୍ରମ ଉନ୍ମୋଚନ କରିଥିଲେ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପୁସ୍ତକସମୂହ ବୁଲି ଦେଖିଥିଲେ। ପରେ ପରେ ଜିଜ୍ଞାସା କ୍ଲବ୍, କୌଶଳୀ କ୍ଲବ୍, କ୍ରୀଡାଙ୍ଗନ କ୍ଲବ୍ ଅନ୍ତର୍ଗତ ବିଭିନ୍ନ ପ୍ରୋଜେକ୍ଟ ବୁଲି ଦେଖିଥିଲେ। ତତ୍ ପରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ ପୂର୍ବରୁ କରାଯାଇଥିବା ସମସ୍ତ କ୍ରୀଡ଼ା ଓ ଅନ୍ୟାନ୍ୟ ଶୈକ୍ଷିକ ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା ଓ ବ୍ୟସ୍ତବହୁଳ କାର୍ଯ୍ୟ ସୂଚୀ ମଧ୍ୟରେ ଥାଇ ସୁଦ୍ଧା ପ୍ରଧାନ ଶିକ୍ଷକ ନାହାକଙ୍କ ଦୃଢ଼ ମନୋବୃତ୍ତି ଯୋଗୁଁ ଏହା କେବଳ ସମ୍ଭବ ହୋଇପାରିଛି। ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଚଳିତବର୍ଷର ଇଣ୍ଟର୍ ହାଉସ୍ କମ୍ପିଟେସନ୍‌ରେ ମେଘାସନ ହାଉସ୍ ବିଜେତା ହୋଇଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ସସ୍ମିତା ନାୟକ, ଶ୍ୟାମା ପ୍ରସାଦ ମିଶ୍ର ପ୍ରମୁଖ ଓ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

## ତାଳପଦା ମା' ମହାଲକ୍ଷ୍ମୀ ମନ୍ଦିରର ଦଧିନଉତି ପୂର୍ଣ୍ଣାଙ୍ଗ ମହୋତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ତାଳପଦା ପଞ୍ଚାୟତ ଅଧୀନ ତାଳପଦା ଗ୍ରାମର ମା' ମହାଲକ୍ଷ୍ମୀଙ୍କ ମନ୍ଦିରର ଦଧିନଉତି ପୂର୍ଣ୍ଣାଙ୍ଗ ମହୋତ୍ସବ ମହା ଆଡ଼ମ୍ବରରେ ଦୁଇଦିନ ଧରି ପାଳିତ ହୋଇଯାଇଛି। ପ୍ରଥମଦିନ ଶନିବାର ଏକାଦଶୀ ଯଜ୍ଞାଧିବାସ ଓ ଅଙ୍କୁରାରୋପଣ ହୋଇଥିଲା। ରବିବାର ଦ୍ୱାଦଶୀ ଦଧିନଉତି ପୂର୍ଣ୍ଣାଙ୍ଗ ମହୋତ୍ସବ ଓ ଘୃତଯଜ୍ଞ ପୂର୍ଣ୍ଣାହୂତି ହୋଇଥିଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରୁ ଆଜ୍ଞାମାଳ ଅଣାଯାଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ରଖା ଯାଇଥିଲା। ସେହି ଆଜ୍ଞାମାଳକୁ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଅଣାଯିବା ପରେ କଳସ ବୁଡ଼ା ହୋଇଥିଲା। ପରେ ଦଧିନଉତି ପୂର୍ଣ୍ଣାଙ୍ଗ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହି ପୂର୍ଣ୍ଣାଙ୍ଗ ମହୋତ୍ସବରେ କର୍ତ୍ତାକର୍ତ୍ତୀ ଭାବେ ତାପସ ମହାପାତ୍ର ଓ ତାଙ୍କ ପତ୍ନୀ ମଧୁଲିତା ମହାପାତ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ଜୟକୃଷ୍ଣ ଆଚାର୍ଯ୍ୟ, ଚତୁର୍ଭୁଜ ଉଦ୍‌ଗାତା, ପର୍ଶୁରାମ ମିଶ୍ର, କିଶୋର ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ପତି, ସୁକାନ୍ତ ଶୁକ୍ଳ ପ୍ରମୁଖ ପୂଜା ଓ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ତାଳପଦା ଗ୍ରାମର ଆଇନଜୀବୀ ଚିନ୍ତାମଣି ଦାସ, ଶିକ୍ଷୟିତ୍ରୀ ମଂଜୁଲତା ମହାପାତ୍ର, ବାଣିକଲ୍ୟାଣ ମହାପାତ୍ର, ରାକେଶ ମହାପାତ୍ର, ପ୍ରଦୀପ ମହାପାତ୍ର, ବିଶ୍ୱରଂଜନ ମହାପାତ୍ର, ଦୁଃଖିଶ୍ୟାମ ଜେନା, ସଂଜୟ ମହାନ୍ତି, ଆଦିକନ୍ଦ ନାୟକ, ହରିହର ମହାନ୍ତି, ପଦ୍ମନାଭ ଶୁକ୍ଳ, ସରସ୍ୱତୀ ଜେନା, ବାସନ୍ତୀ ଜେନା, ପ୍ରିୟଙ୍କା ଜେନା, ଗୀତରାଣୀ ଜେନା ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଏହି ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ତାଳପଦା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନିରଞ୍ଜନ ଦାସ, ରାମଚନ୍ଦ୍ର ଜେନା, ଅମର ସେଠୀ, କ୍ଷୀରୋଦ ଜେନା, ପ୍ରତାପ ନାୟକ ପ୍ରମୁଖ ସଂକୀର୍ତ୍ତନ କରିଥିଲେ।

## ଝରକା ତାଡି ସୁନାଗହଣା ଲୁଟ୍

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା କସରଦା ଫାଣ୍ଡି ଅଧିନସ୍ଥ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ କସରଦା ପଞ୍ଚାୟତ ବଢିଆସାହି ଗ୍ରାମରେ ସୁସମା ମଲ୍ଲିକ ଘରୁ ଝରକା ତାଡି ଲକ୍ଷାଧିକ ଟଙ୍କାର ସୁନଗହଣା ଲୁଟ୍ ହୋଇଥିବା କସରଦା ଫାଣ୍ଡିରେ ସୁସମା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୮ତାରିଖ ଦିନ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଥାଉକି ସୁଷମାଙ୍କ ପରିବାର ବାହାରେ ରହୁଥିବା ବେଳେ ଘର ସଫା କରିବା ନିମନ୍ତେ ଜଣେ ବୃଦ୍ଧଙ୍କୁ ଦାୟିତ୍ୱ ଦେଇଛନ୍ତି। ବୃଦ୍ଧ ଜଣଙ୍କ ୭ତାରିଖ ଦିନ ସୁଷମାଙ୍କ ପରିବାରକୁ ଜଣାଇବା ପରେ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଇଛି। ଆସନ୍ତା କାଲି ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରାଯିବ ବୋଲି ଫାଣ୍ଡି ଅଧିକାରୀ କଣ୍ଡୁରୀ ଚରଣ ଦାସ କହିଛନ୍ତି।

## ସିନର୍ଜୀ ଯାନ୍ତ୍ରିକ ମହାବିଦ୍ୟାଳୟ ବିଦ୍ୟୁତ ବିଭାଗର ଜାତୀୟ ଆଲୋଚନା ଚକ୍ର




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସ୍ଥିତ ସିନର୍ଜି ଯାନ୍ତ୍ରିକ ମହାବିଦ୍ୟାଳୟର ବିଦ୍ୟୁତ ବିଭାଗରେ 'ପାଓ୍ୱର ଇଲେକ୍ଟ୍ରୋନିକ୍ ଆପ୍ଲିକେସନ୍ ଇନ୍ ପାଓ୍ୱର ସିଷ୍ଟମ' ବିଷୟକୁ ଆଧାରକରି ଏକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ପାରଳା ମହାରାଜା ଡ. ଶରତ କୁମାର ସାହୁ ମୁଖ୍ୟ ଅତିଥି ଓ ବକ୍ତା ଭାବେ ଯୋଗଦାନ କରି ପାଓ୍ୱର ଇଲେକଟ୍ରୋନିକ ବହୁଳ ବ୍ୟବହାର ଦ୍ୱାରା ମାନବ ସମାଜର ବିଭିନ୍ନ କର୍ମକ୍ଷେତ୍ରରେ ସମ୍ପାଦିତ ହେଉଥିବା କାର୍ଯ୍ୟାବଳିର ବିସ୍ତୃତ ଆଲୋଚନା କରିଥିଲେ । ସିଟିଟିସି ଭୁବନେଶ୍ୱରର ବିଦ୍ୟୁତ ବିଭାଗର ତାଲିମ ବିଭାଗ ବରିଷ୍ଠ ଯନ୍ତ୍ରୀ ଇଂ. ସତ୍ୟବ୍ରତ ପାଣ୍ଡବ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ପ୍ରୟୋଗାତ୍ମକ ତାଲିମ କେନ୍ଦ୍ର ଭାବେ ସିଟିଟିସି ଏପରି କ୍ଷେତ୍ରରେ ଥିବା ପ୍ରତିଟି ଅବଦାନକୁ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଆଲୋଚନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ (ଶାସନ) ଡ. ଇତିଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ଦେଇ ବିଦ୍ୟୁତ କ୍ଷେତ୍ରର ଆଧୁନିକି କରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଶକ୍ତି ଶଙ୍କର ପତି ଏହି ସମାରୋହରେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଡ. ଲୋକନାଥ ଧଳସାମନ୍ତ ସଂଯୋଜକ ଭାବେ ଆଲୋଚନା ଚକ୍ରର ବିଷୟବସ୍ତୁ ଓ ଏହାର ଉଦେଶ୍ୟକୁ ଉତ୍‌ଥାପନ କରିଥିଲେ। ଏହି ସମାରୋହରେ ବିଦ୍ୟୁତ ବିଭାଗର ବହୁ ଛାତ୍ରଛାତ୍ରୀ ଯୋଗଦାନ କରି ଏହାକୁ ଏକ ସଫଳ କରିଥିଲେ ବୋଲି ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ର ପ୍ରକାଶ କରିଥିଲେ।

# ସରକାରୀ ଜମିରେ ସରକାରୀ ଚାକିରିଆଙ୍କ କୋଠା

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସଦର ସ୍ଥିତ ଇନ୍ଦିରା କୋଲନିର ବିଭିନ୍ନ ସ୍ଥାନକୁ ମାଡି ବସିଛନ୍ତି ସରକାରୀ କର୍ମଚାରୀ। ସରକାରୀ କର୍ଯ୍ୟରେ ରହି ମୋଟା ଅଙ୍କରେ ଦରମା ପାଇ ମଧ୍ୟ ସରକାରୀ ଜମି ମାଡ଼ିବସି କୋଠା ଉପରେ କୋଠା ବନାଉଛନ୍ତି କିଛି ସରକାରୀ କର୍ମଚାରୀ। ନିରୀହ ଗରିବ ମାନଙ୍କୁ ରହିବାକୁ ଜାଗା ନଥିବା ବେଳେ କାୟା ବିସ୍ତାର କରୁଛନ୍ତି ସରକାରି ବାବୁମାନେ, ସବୁଜାଣି ଚୁପ ବସିଛନ୍ତି ରାଜସ୍ୱ ବିଭାଗ। ସରକାରୀ ଜମିରେ ସରକାରୀ କର୍ମଚାରୀ କୋଠା ଉପରେ କୋଠା ନିର୍ମାଣ କରି ଭଡ଼ା ଲଗାଇଥିବା ବେଳେ ଅନ୍ୟ କେହି ଗରିବ ଶ୍ରେଣୀର ଲୋକେ ଜମିଟିଏରେ ଚାଳ ଝୁପୁଡି କଲେ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ତାହା ହଜମ ହେଉନି। ଏ ସମ୍ବନ୍ଧରେ ବାରମ୍ବାରେ ଅଭିଯୋଗ ହେଉଥିଲେ ହେଁ ବିଭାଗୀୟ ଆଧିକାରୀ ସବୁ ଜାଣି ନିରବଦ୍ରଷ୍ଟା ସାଜିଛନ୍ତି ବୋଲି ଚର୍ଚ୍ଚା ହେଉଛି। ମାଲକାନଗିରି ଜିଲ୍ଲା ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ନିରହ ଗରିବ ଆଦିବାସୀଙ୍କ ଠାରୁ ସରକାରୀ ବାବୁମାନେ ପଇସାର ପ୍ରଲୋଭନ ଦେଖାଇ କିଛି ଲୋକଙ୍କୁ ସ୍ୱଳ୍ପ ଅର୍ଥ ଦେଇ ସେମାନେ କରିଥିବା ଜାଗାକୁ ମାଡି ବସିଥିବା ମଧ୍ୟ ଅଭିଯୋଗ ହେଉଛି। ସେପଟେ ଅର୍ଥ ଅନଟନରେ କିଛି ପଇସା ପାଇ ଜାଗା ଛାଡ଼ି ଫରେଷ୍ଟ ରିଜର୍ଭ ଜଙ୍ଗଲ ଓ ରାଜସ୍ୱ ଜମି ସଫାକରି ବସବାସ କରୁଛନ୍ତି ଅନେକ ଗରିବ ଲୋକେ। ନିରୀହ ଆଦିବାସୀ ଜନ ଜାତି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ବଡ଼ବଡ଼ିଆଙ୍କୁ ଉତ୍ତର ନାହି ଭଳି ସରକାରୀ ବାବୁଙ୍କ ଜବାର ଦଖଲ ପ୍ରତି କାହାର ନିଘା ନାହି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମାଘସପ୍ତମୀ ଯାତ୍ରା ଓ ଭାଗବତ ସପ୍ତାହ ମହାଯଜ୍ଞ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିକାଗୋଡ଼ା କୁମୁଟସାହି ଗ୍ରାମରେ ଗତ ୭ତାରିଖରୁ ମାଘ ସପ୍ତମୀ ଯାତ୍ରା ଓ ଭାଗବତ ସପ୍ତାହ ମହାଯଜ୍ଞ ଚାଲୁ ରହିଛି। ପ୍ରତିଦିନ ସନ୍ଧ୍ୟା ସମୟରେ ଆଧାତ୍ମିକ କାର୍ଯ୍ୟକ୍ରମ ଯଥା, ସଂକୀର୍ତ୍ତନ, ପାଲା, ଦାସ-କାଠିଆ, ସତସଙ୍ଗ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଅଛି। ଆସନ୍ତା ୧୪ ତାରିଖରେ ଯଜ୍ଞର ପୂର୍ଣ୍ଣାହୂତି ଦିବସରେ ବିଗ୍ରହମାନଙ୍କର ଗ୍ରାମ ପରିକ୍ରମା କରାଯାଇ ଠାକୁରମାନଙ୍କୁ ବିଦାୟ କରାଯିବ। ଏହି ମାଘ ସପ୍ତମୀ ଯାତ୍ରାରେ ଭାଗବତ ଗୋସ୍ୱାମୀ ଠାକୁର ଚଣ୍ଡିପାଟଣା, ଗୋପୀନାଥ ଦେବ ଠାକୁର ଦେଉଳବାରୀ, ଗୋବିନ୍ଦଜୀଉ ବଡ଼ ମଠର ରାଧାକୃଷ୍ଣ ଠାକୁର, ବାଙ୍କବିହାରୀ ଠାକୁର ରାମଚନ୍ଦ୍ରପୁରପାଟଣା ଓ ହାଟସାହି ମୌଜାର ବ୍ରାହ୍ମଣଦେବ ଠାକୁର ଉକ୍ତ ଯାତ୍ରାରେ ଯୋଗ ଦେଇଥିଲେ। ସମସ୍ତ ମୌଜା ସଭାପତି ଯଥା ଚଣ୍ଡୀପାଟଣା ମୌଜା ସଭାପତି ଶିକ୍ଷାବିତ ଇଂ. କର୍ପୁର ସାହୁ, ରାମଚନ୍ଦ୍ରପୁରପାଟଣା ମୌଜା ସଭାପତି ଲକ୍ଷ୍ମୀଧର ପୃଷ୍ଟି, କୁମୁଟିସାହି ମୌଜା ସଭାପତି କେଦାରନାଥ ପ୍ରଧାନ, ସମ୍ପାଦକ କିଶୋରଚନ୍ଦ୍ର ଲେଙ୍କା, ସମବାୟବିତ ବିରଞ୍ଚି କୁମାର ପ୍ରଧାନ, ଯୁବ ସମାଜସ୍ୱେୀ ଦିଗନ୍ତ କୁମାର ପ୍ରଧାନ, ହାଟସାହି ମୌଜା ସଭାପତି ବ୍ରହ୍ମଚାରୀ ମାର୍ଥା, ସମସ୍ତ କୁମୁଟିସାହି ମୌଜା ଅଧିବାସୀ ଓ ଯାତ୍ରା କମିଟି ସଦସ୍ୟବୃନ୍ଦ ପ୍ରମୁଖ ସହଯୋଗ କରିଥିଲେ। ପୂଜକ ଭାଗିରଥି ପଣ୍ଡା, ନାରାୟଣ ପଣ୍ଡା ଓ ମନୋଜ କୁମାର ପଣ୍ଡା ଭାଗବତର ସମସ୍ତ ସ୍କନ୍ଦ ପାଠ କରିଥିଲେ।

## ଗରାପୁର ଆଶ୍ରମରେ ଶିବାନନ୍ଦ ତୋରଣ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମରେ କଲ୍ୟାଣକାରୀ ଶ୍ରୀଶ୍ରୀ ବିଷ୍ଣୁ ମହାଯଜ୍ଞ କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ଶିବାନନ୍ଦ ତୋରଣ ଉଦ୍‌ଘାଟିତ ହୋଇ ଯାଇଛି। ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ବିଶିଷ୍ଟ ଅତିଥି ଓ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶରତ ଚନ୍ଦ୍ର ପାତ୍ର ଓ ସହଧର୍ମିଣୀ ବସନ୍ତମଞ୍ଜରୀ ଦେବୀଙ୍କ ସହଯୋଗରେ ନବ ନିର୍ମିତ 'ଶିବାନନ୍ଦ ତୋରଣ'କୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଅବସରପ୍ରାପ୍ତ ପ୍ରଫେସର ଡା. ଅକ୍ଷୟ କୁମାର ମିଶ୍ର, ଶିବାନନ୍ଦ ବିଦ୍ୟାମନ୍ଦିର ଅଧକ୍ଷ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ମହର୍ଷି କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ବିଜୟ କୁମାର ସ୍ୱାଇଁ, ଆଶ୍ରମର ପ୍ରତିଷ୍ଠାତା ସଦସ୍ୟ ହେମନ୍ତ କୁମାର ପରିଡା, ପ୍ରମୋଦ ନାୟକ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, କପାଳେଶ୍ୱର ସରପଞ୍ଚ କଳ୍ପନା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ମାନବ ଜୀବନରେ ଶାନ୍ତି ପ୍ରାପ୍ତି ପାଇଁ ଅଧାତ୍ମିକ ପରିବେଶ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଆଜିର ଯୁବ ସମାଜ ଅଧାତ୍ମିକତାକୁ ଆପଣାଇ ନେଲେ ଜୀବନରେ ସଫଳତା ପ୍ରାପ୍ତି କରିପାରିବେ ବୋଲି କହିଥିଲେ। ଏହି ଅବସରରେ ଚିଦାନନ୍ଦ ସରସ୍ୱତୀଙ୍କ ଆଦର୍ଶରେ ଅନୁପ୍ରାଣିତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପାତ୍ରଙ୍କୁ 'ଦିବ୍ୟ ସୌରଭ ସମ୍ମାନ' ଏବଂ କଳା,ସାହିତ୍ୟ, ମୂର୍ତ୍ତି ଗଠନ ଏବଂ ଅଧ୍ୟାତ୍ମିକ କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ କୈଳାସ ଚନ୍ଦ୍ର ରାଉତଙ୍କୁ 'ଚିଦାନନ୍ଦ କଳା ସମ୍ମାନ'ରେ ଆଶ୍ରମ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବ୍ରହ୍ମଚାରୀ ନୃସିଂହ ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅର୍ଚ୍ଚନା ଗୋଏଙ୍କାଙ୍କ ସମେତ ଶିବାନନ୍ଦ ବିଦ୍ୟାମନ୍ଦିରର ଗୁରୁଜୀ ଓ ଗୁରୁମାମାନେ ପରିଚାଳନା କରିଥିଲେ।

# ବାଲବାଟିକା ଆଧାରିତ କର୍ମଶାଳା 'ପ୍ରସ୍ତୁତି' ଅନୁଷ୍ଠିତ




ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ, ବାରିପଦାର ସମ୍ମିଳନୀ କକ୍ଷରେ ଆଞ୍ଚଳିକ ସାଧନକର୍ମୀମାନଙ୍କ ପାଇଁ ୫ଦିନିଆ ବାଲବାଟିକା ଆଧାରିତ କର୍ମଶାଳା 'ପ୍ରସ୍ତୁତି' ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାର ୧୪ଟି ବ୍ଲକରୁ ଆସିଥିବା ୧୧୨ ଜଣ ଆଞ୍ଚଳିକ ସାଧନକର୍ମୀମାନେ ଯୋଗଦାନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଅଧକ୍ଷ ପ୍ରମୋଦ କୁମାର ଡାକୁଆ ପ୍ରଶିକ୍ଷଣ ପେଟିକାର ଅଭିମୁଖ୍ୟ ତଥା ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ଓ ଆଦ୍ୟ ଶୈଶବ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପୂର୍ବତନ ଅଧକ୍ଷ ଅନାଦି ଚରଣ ବିନ୍ଧାଣୀ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଚମ୍ପାବତୀ ହାଁସଦା, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଯୋଗେଶ୍ୱର ଘୋଷ ମହାପାତ୍ର, ସାଗର କୁମାର ଦଳନାଏକ ଓ ବଶିଷ୍ଠ କୁମାର ନାୟକ ତଥା ଶିକ୍ଷକ ପ୍ରଶିକ୍ଷିକା ଲିପିକା ଦାସ, ସାଗରିକା ମହାପାତ୍ର ଓ ହରପ୍ରିୟା ନାୟକ ସାଧନକର୍ମୀ ଭାବରେ କର୍ମଶାଳାକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ଦକ୍ଷତା ବିକାଶ କରିବା, ପ୍ରାଥମିକ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷାନୀତି ଆଧାରରେ ବାଲବାଟିକାର ଗୁରୁତ୍ୱକୁ ବୁଝାଇବା, ପ୍ରସ୍ତୁତ ଶ୍ରେଣୀ ପାଇଁ ବିଭିନ୍ନ ଦିଗର ବିକାଶ ଆଧାରିତ ଲକ୍ଷ୍ୟଗୁଡ଼ିକୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବୁଝାଇବା, ଶିକ୍ଷଣ ଫଳାଫଳ ସହ ଅବଗତ କରିବା, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷଣ କାର୍ଯ୍ୟ ପରିଚାଳନା, ଦକ୍ଷତା ବୃଦ୍ଧି କରିବା ଓ ଶ୍ରେଣୀରେ ମାନ ନିର୍ଦ୍ଧାରଣ କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ବାରସର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ଚୈତନ୍ୟ ପ୍ରସାଦ ମଲ୍ଲିକଙ୍କ ସଭାପତିତ୍ୱ ଓ ଶିକ୍ଷକ ରବିନ୍ଦ୍ର କୁମାର ଜେନାଙ୍କ ପରିଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଚକ୍ରଧର ଦାସ, ସମ୍ମାନିତ ଅତିଥି ଭାବେ ତିଆଡ଼ିସାହି କ୍ଲଷ୍ଟର ସିଆରସିସି ଲକ୍ଷ୍ମୀକାନ୍ତ ପରିଡ଼ା, ସିଆରସିସି ପ୍ରଭାକର ମଲ୍ଲିକ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ଏକ ପବିତ୍ର ଅନୁଷ୍ଠାନ, ଏହି ଅନୁଷ୍ଠାନର ବିକାଶ ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି କହିଥିଲେ। ସ୍କୁଲର ସହକାରୀ ଶିକ୍ଷକ ଅମୀୟ କୁମାର ବେହେରା, ନଟବର ଜେନା, ନଟବର ବାରିକ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଦାସ ଓ ପ୍ରୀତିଲଗ୍ନା ପଲାଇ, ପରିଚାଳନା କମିଟି ସଭାପତି ଭାଗିରଥି ବାରିକ, ଉପସଭାପତି ରତ୍ନାକର ବାରିକ, ସ୍ନେହଲତା ବାରିକ ପ୍ରମୁଖଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ଗ୍ରାମବାସୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀ, ଅଭିଭାବକମାନେ ଉପସ୍ଥିତ ଥିଲେ।

# ‘କିଶୋର ନ୍ୟାୟ, ପୋଲିସ ୟୁନିଟ୍ ଦାୟିତ୍ୱ ଓ ଭୂମିକା’ ଉପରେ କର୍ମଶାଳା



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତିର ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତା ଏବଂ ଏସଡିପିଓ ମାଧବାନନ୍ଦ ନାୟକଙ୍କ ଉପସ୍ଥିତିରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ-୪, ପାରଳାଖେମୁଣ୍ଡି ଠାରେ କିଶୋର ନ୍ୟାୟରେ ପୋଲିସର ଭୂମିକା ଉପରେ ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ୍ ୟୁନିଟ୍ ସଦସ୍ୟଙ୍କ ନିମନ୍ତେ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଣ୍ଡା ନିଜ ଆଭିମୁଖ୍ୟ ରଖିଥିଲେ କି ଜିଲ୍ଲାରେ ଘଟୁଥିବା ଶିଶୁମାନଙ୍କ ପ୍ରତି ନିର୍ଯ୍ୟାତନା, ଶୋଷଣ ଏବଂ ଆଇନ ସହ ଦ୍ୱନ୍ଦ୍ୱ ଏବଂ ଆଇନ ସହିତ ସଂଶ୍ଳିଷ୍ଟ ଥିବା ଶିଶୁଙ୍କୁ କିପରି ତୁରନ୍ତ ଉଦ୍ଧାର କରି ସେବା ଯୋଗାଇବା ସହ ଥଇଥାନ ପାଇଁ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗର ସହଯୋଗ ନେଇ ଶିଶୁକୁ ମୁଖ୍ୟ ସ୍ରୋତରେ କିପରି ସାମିଲ୍ କରିହେବ ସେଥିପାଇଁ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଆଜିକାର ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ୧୦ ଗୋଟି ଥାନାର ଇନସପେକ୍ଟର ଓ ସବ୍-ଇନସପେକ୍ଟର ତଥା ୬ ଗୋଟି ଫାଣ୍ଡିର ସମସ୍ତ ଶିଶୁ କଲ୍ୟାଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ଶିଶୁଅଧିକାରକୁ ତ୍ୱରାନ୍ୱିତ କରିବା, ଶିଶୁଙ୍କୁ ଯୌନ ନିର୍ଯ୍ୟାତନାରୁ ରକ୍ଷା କରିବା, ଶିଶୁଙ୍କୁ ସୁରକ୍ଷା ଓ ନିରାପତ୍ତା ଯୋଗାଇବା ସହ ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ୟୁନିଟ୍ ଦାୟିତ୍ୱ ଓ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ପରେ ଭୁବନେଶ୍ୱରରୁ ଆସିଥିବା ସାଧନ ବ୍ୟକ୍ତି ମନୋଜ କୁମାର ତ୍ରିପାଠୀ ଶିଶୁ ଅଧିକାରର ବିଭିନ୍ନ ଧାରା ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇବା ସହ ପୋକସୋ ଆଇନ ବିଷୟରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ, ଶିଶୁ ମଙ୍ଗଳ ସମିତି ଅଶ୍ୱୀନି କୁମାର ମହାପାତ୍ର ଯୋଗଦେଇ ଶିଶୁମାନଙ୍କର ଅଧିକାରକୁ ସୁନିଶ୍ଚିତରେ ପୋଲିସର ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସମସ୍ତଙ୍କ ସହଯୋଗରେ ଜିଲ୍ଲାର ଶେଷ ଶିଶୁଙ୍କୁ କିପରି ନ୍ୟାୟ ଦିଆଯାଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିବା ସହ ସରକାରଙ୍କ ଦ୍ୱାରା ଜିଲ୍ଲାରେ ଥିବା ବିଭିନ୍ନ ସମ୍ବଳ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଜିର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ, ୱାନ୍ ଷ୍ଟପ୍ ସେଣ୍ଟରର କେନ୍ଦ୍ର ପ୍ରଶାସିକା ସୁନିତା ରଥ, ଅରୁଣାର ଜିଲ୍ଲା ସଂଯୋଜକ ସାଇ ପ୍ରସାଦ ସାମଲ, ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଅଧ୍ୟକ୍ଷ ଅଧ୍ୟକ୍ଷା, ପରିଚାଳକ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପ୍ରତ୍ୟୁଷ କୁମାର ସୂର୍ଯ୍ୟ, ଶକ୍ତି ସଦନର ସଦସ୍ୟା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଇନ ପର୍ଯ୍ୟବେକ୍ଷଣ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ବାପୁଜୀ ହାଇସ୍କୁଲ୍‌ର ବନ୍ଧୁମିଳନ



ତେନ୍ତୁଳି ଖୁଣ୍ଟି, (ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବାପୁଜୀ ଉଚ୍ଚ ବିଦ୍ୟାଳୟ ୨୦୦୦ ମସିହା ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ କେନ୍ଦୁଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାପୁଜୀ ହାଇସ୍କୁଲର ତତ୍କାଳୀନ ପ୍ରଧାନଶିକ୍ଷକ ଟଙ୍କଧର ବିଷୋୟୀ, ଗଣିତ ଶିକ୍ଷକ ବିପ୍ର ଚରଣ ନାୟକ, ୱାଇ କ୍ରିଷ୍ଣା ରାଓ ଏବଂ ଶରତ ଚନ୍ଦ୍ର ରଥ ଙ୍କୁ ସମ୍ମାନର ସହ କୁର୍ମାକୋଟ ଛକ ଠାରୁ ବାଜା ବଜେଇ ପାଛୋଟି ଆଣି ଥିଲେ ଏବଂ ଗ୍ରାମ ପରିକ୍ରମା କରି ଥିଲେ। ସମସ୍ତ ଛାତ୍ରଛାତ୍ରୀମାନେ ଶିକ୍ଷକମାନଙ୍କ ପାଦ ଧୋଇ ଚନ୍ଦନ ଟୋପା ସହ ଉପଢୌକନ ଦେଇ ଗୁରୁ ମାନଙ୍କୁ ପୂଜାଅର୍ଚ୍ଚନା କରିଥିଲେ। ଏଥି ସହ ଉପସ୍ଥିତ ଥିବା ସାମ୍ବାଦିକମାନଙ୍କୁ ମଧ୍ୟ ସମ୍ମାନୀତ କରିଥିଲେ। ମୃତ୍ୟୁ ବରଣ କରିଥିବା ଶିକ୍ଷକ ଓ ସହପାଠୀମାନଙ୍କ ଆମର ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରମାନଙ୍କୁ ଦେଖି ଶିକ୍ଷକମାନେ ଭାବବିହୋଳ ହୋଇ ପୁରୁଣା ସ୍ମୃତିକୁ ମନେପକାଇ ଛାତ୍ରଛାତ୍ରୀମାନଙ୍କୁ ଆର୍ଶୀବାଦ ଦେଇଥିଲେ । ଏହି ପ୍ରରିପ୍ରେକ୍ଷୀରେ ଗୁରୁ ମାନଙ୍କ ସହ ମିଶି ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବୃଦ୍ଧାଶ୍ରମକୁ ଯାଇ ରୋଗୀ ଓ ବୃଦ୍ଧମାନଙ୍କୁ ଫଳ ବଣ୍ଟନ କରିଥିଲେ, ପରେ ପରେ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଉପରେ ଭକ୍ତିର ସହ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ ତାଙ୍କ ପରିବାର ସହ ବନ୍ଧୁ ମିଳନ ରେ ସାମିଲ ହୋଇ ଭାବର ଆଦାନ ପ୍ରଦାନ କରିଥିଲେ। ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ପରିବେଶ ବଞ୍ଚିଲେ ଆମେ ବଞ୍ଚିବାର ନାରା ଦେଇ ଉପସ୍ଥିତ ଅତିଥି ମାନଙ୍କୁ ଗୋଟିଏଗୋଟିଏ ପୁଷ୍ପ ବୃକ୍ଷ ଉପହାର ଦେଇଥିଲେ। ଦୀର୍ଘ ପଚିଶବର୍ଷ ପରେ ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ପାଇ ଏଭଳି କାର୍ଯ୍ୟକ୍ରମ କରିଥିବାରୁ ଶିକ୍ଷକ ମାନେ ସାଧୁବାଦ ଜଣାଇଥିଲେ ଏବଂ ପୁରାତନ ଛାତ୍ରଛାତ୍ରୀଙ୍କୁ ନିଜ ପରିବାର ସହ ସୁଖ ଓ ଶାନ୍ତିରେ ରହିବା ପାଇଁ ଆର୍ଶୀବାଦ କରିବା ସହ ନିଜ ପିଲାମାନଙ୍କୁ ଉନ୍ନତ ଶିକ୍ଷା, ସଂସ୍କାର ଓ ସମୟାନୁବର୍ତ୍ତିତା କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ମଧ୍ୟ ପୁରାତନ ଶିକ୍ଷକ ମାନଙ୍କୁ ପାଇ ନିଜକୁ ଧନ୍ୟ ମନେ କରିଥିଲେ। ପଢା ସମୟର ପୁରୁଣା ସ୍ମୃତି ଗୁଡିକୁ ମନେ ପକାଇ ନିଜନିଜ ଅଭିଭାଷଣରେ ବଖାଣି ଥିଲେ। ଛାତ୍ରଛାତ୍ରୀ ମାନେ ପଢା ସମୟରେ ଯେଉଁ ବ୍ୟକ୍ତି ଙ୍କ ଠାରୁ ଆଇସକ୍ରିମ ଖାଉ ଥିଲେ ସେହି ବ୍ୟକ୍ତିଙ୍କୁ ମଧ୍ୟ ମଞ୍ଚରେ ସମ୍ମାନିତ କରିଥିଲେ। ଶେଷରେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟେକ ବର୍ଷ ଏହିଭଳି ବନ୍ଧୁ ମିଳନ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୨୦୦୦ ମସିହାର ପୁରାତନ ଛାତ୍ରଛାତ୍ରୀମାନେ ଏହି ବନ୍ଧୁମିଳନ କାର୍ଯ୍ୟ ଯୋଗୁଁ ତେନ୍ତୁଳୀଖୁଣ୍ଟି ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇଛନ୍ତି। ଏହି କାର୍ଯକ୍ରମକୁ ସମସ୍ତ ଛାତ୍ରଛାତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ।

## ମୋ ବସ୍ ବନ୍ଦ ଦାବିକୁ ନେଇ ତେଜିଲା ଜନଅସନ୍ତୋଷ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ମାଧବ ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ମାଧବାନନ୍ଦ ଜୀଉ ମନ୍ଦିର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଁଘର ଭାବେ ବେଶ୍ ପ୍ରସିଦ୍ଧ ଏହି କ୍ଷେତ୍ରକୁ ଓଡିଶା ସରକାର ତୀର୍ଥ କ୍ଷେତ୍ରର ମାନ୍ୟତା ମଧ୍ୟ ଦେଇଛନ୍ତି। ରାଜ୍ୟ ସରକାର ଅଞ୍ଚଳବାସୀ ଓ ବିଭିନ୍ନ ସଙ୍ଗଠନର ଦାବିକୁ ହୃଦୟଙ୍ଗମ କରି ମାଧବରୁ କଟକ ଓ ଭୁବନେଶ୍ୱରକୁ ମୋ ବସ୍ ଚଳାଇ ଆସୁଛନ୍ତି। କେତେକ ଘରୋଇ ବସ୍ ମାଲିକ ମୋ ବସ୍‌କୁ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଯାହାକୁ ନେଇ ଆଜି ନିଆଳିର ବିଭିନ୍ନ ସଙ୍ଗଠନ ମାଧବାନନ୍ଦ ବିକାଶ ପରିଷଦ, ମାଧବାନନ୍ଦ ଟ୍ରଷ୍ଟ, ନିଆଳି ସିଭିଲ୍ ସୋଇାଇଟ୍, ନିଆଳି ଯାଦବ ସଂଘ ଓ ସ୍ଥାନୀୟ ଜନସାଧାରଣ ମିଳିତ ନିଆଳି ବଜାରରେ ଥିବା ଗଣେଶ ମନ୍ଦିରରେ ଏକ ସାମ୍ବାଦିକ ସମ୍ମିଳନୀ କରି ବସ୍ ଚଳାଇବା ବନ୍ଦ କରା ନଯାଉ ଏ ନେଇ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ କଟକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସରକାର ଚାପରେ ବସ୍ ଚଳାଚଳ ବନ୍ଦ କରନ୍ତି ରାଜରାସ୍ତାକୁ ଓହ୍ଲାଇବା ପାଇଁ ବିଭିନ୍ନ ସଙ୍ଗଠନ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ କୈଳାସ ଚନ୍ଦ୍ର ପାଣି, ପୀତାମ୍ବର ରାଉତ, ତ୍ରିଲୋଚନ ବେହେରା, ପ୍ରଶାନ୍ତ କୁମାର ଦେବ ଗୋସ୍ୱାମୀ, ତ୍ରିଲୋଚନ ପୁଷ୍ପାଳକ, ପ୍ରଭାକର ଦିକ୍ଷୀତଙ୍କ ସମେତ ଅନେକ ଜନସାଧାରଣ ଉପସ୍ଥିତ ରହିଥିଲେ।

# ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ଠାରେ ବିଦ୍ୟାଳୟ ର ପ୍ରତିଷ୍ଠାତା ପବିତ୍ର ମୋହନ ପ୍ରଧାନଙ୍କର ୧୧୮ ତମ ଜୟନ୍ତୀ ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏନଟିପିସିର ମୁଖ୍ୟ ଅଶୋକ ସେହେଗଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନେ ବିବେକାନନ୍ଦ ଓ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପଦେଶ ଦେଇଥିଲେ। ଜିନ୍ଦଲ ଡେରାଙ୍ଗର ଉପସଭାପତି ସୁରେଶ ବଂଶଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କଣିହାଁ କୋଇଲା କ୍ଷେତ୍ରର ପ୍ରବନ୍ଧକ ଲେଖକ ଦିନେଶ କୁମାର ମାଲି ମୁଖ୍ୟବକ୍ତା ଭାବରେ ଯୋଗଦେଇ ପବିତ୍ର ମୋହନ ପ୍ରଧାନଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତଥା ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଅବସରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ ଅନ୍ୟତମ ଅତିଥିଭାବେ ଯୋଗଦେଇ ସେ ସମୟର ସ୍କୁଲ ଓ ବର୍ତ୍ତମାନର ସ୍କୁଲକୁ ଦେଖି ଆନନ୍ଦ ପ୍ରକାଶ କରିଥିଲେ। ଏସଏମସି ଓ ଆଲୁମିନ ବିଦ୍ୟାଳୟର ଉନ୍ନତିକଳ୍ପେ ବହୁତ ସମୟ ଦେଉଥିବା ଜାଣି ଖୁସିବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ ଛାତ୍ରଛାତ୍ରୀମାନଙ୍କୁ କଲାମଙ୍କ ପରି ଉଚ୍ଚ ସ୍ୱପ୍ନ ଦେଖିବାକୁ ନିବେଦନ କରିଥିଲେ। ସରପଞ୍ଚ ରଞ୍ଜିତା ବେହେରା ଓ ଏସଏମସି ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ ବିଦ୍ୟାଳୟର ଉନ୍ନତି କଳ୍ପେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଦୁଇ ଏ ୱାନ ଛାତ୍ର ଓ ବିଦ୍ୟାଳୟର ପୁରାତନ ଛାତ୍ର ଜଗବନ୍ଧୁ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଶୈକ୍ଷିକ ଓ ସହ ଶୈକ୍ଷିକ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ପ୍ରଧାନ ଶିକ୍ଷକ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ବିଦ୍ୟାଳୟର ବାର୍ଷିକ ମୁଖପାତ୍ର ପବିତ୍ର ଲିପି ପୂଜ୍ୟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ଦ୍ୱାରା ସଭା ସାଫଲ୍ୟମଣ୍ଡିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ପିତାମାତା ଓ ଅତିଥି ବୃନ୍ଦ ଏକାଠି ଗୋଟିଏ ପଂକ୍ତିରେ ଭୋଜନ କରିଥିଲେ।

# ସରିଲା ମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ





ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ମହରମପୁର ପଞ୍ଚାୟତ ଅଧୀନ ମହରମପୁର ମହାବୀର ସାହିରେ ଶ୍ରୀ ହନୁମାନ ମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇ ଯାଇଥିବା ବେଳେ ଯଜ୍ଞର ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୫ ତାରିଖ ଠାରୁ ଏହି ଉତ୍ସବ ଆରମ୍ଭ ହୋଇ ୮ ତାରିଖରେ ଉଦ୍‌ଯାପିତ ତଥା ପୂର୍ଣ୍ଣାହୂତି ହୋଇଥିଲା। ମୁଖ୍ୟପୂଜକ ଦୋଳଗୋବିନ୍ଦ ଶତପଥିଙ୍କ ସମେତ ମୁଖ୍ୟ ପଣ୍ଡିତ ପ୍ରସନ୍ନ କରଙ୍କ ତତ୍ତ୍ୱାବଧାନରେ ୭ଜଣ ବ୍ରାହ୍ମଣ ପୂଜା ଓ ଯଜ୍ଞ ଆଦି କାର୍ଯ୍ୟ ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ବୁଦ୍ଧଦେବ ଜେନା ଓ କିଶୋରଜିନୀ ଜେନା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂର୍ଣ୍ଣାହୂତି ଦିନ ମହାବୀରଙ୍କୁ ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ପୂର୍ଣ୍ଣାହୂତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଚାରିଦିନ ଧରି ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରବଚକ ସୁବାସ ନାୟକ ଓ ଜିତୁ ଦାସ ପ୍ରବଚନ ଦେଇଥିଲେ। ପରେ ଉତ୍କଳ ନୃତ୍ୟ ତରଂଗ ପକ୍ଷରୁ ରାମାୟଣ ଓ ମହାଭାରତ ଉପରେ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପୂଜା କମିଟି ପକ୍ଷରୁ ଦୁଇ ପ୍ରବଚକଙ୍କ ସମେତ ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ପ୍ରଦେଶ ସେବା ସଂଗଠନ ପକ୍ଷରୁ ଶ୍ରେଷ୍ଠ ରକ୍ତଦାତା ପରିବାର ସମ୍ମାନ ସୁଶାନ୍ତ ନାୟକଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଗ୍ରାମବାସୀ ଭୋଳାନାଥ ସାହୁ, ଅଲେଖ ଚନ୍ଦ୍ର ବେହେରା, ମହେଶ୍ୱର ନାୟକ, ପ୍ରଫୁଲ୍ଲ ହୋତା, ମାଧବ ଚନ୍ଦ୍ର ପଶୁପାଳକ, ବାଦଲ ଦାସ, ଗୋଲକ ନାୟକ, ସମ୍ପାଦକ ସୀତାକାନ୍ତ ସାହୁ, ଅଜୟ ସାହୁ, ଆଲୋକ ବିକାଶ ପ୍ରିୟଦର୍ଶୀ, ମନୋଜ ଦାଶ, ମନୋଜ ରାଉତ, କାଳନ୍ଦୀ ବେହେରା, ପ୍ରଫୁଲ୍ଲ ନାୟକ, ମନମୋହନ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ଖଗେଶ୍ୱର ନାୟକ, ପ୍ରଶାନ୍ତ ନାୟକ, ଅପୂର୍ବ ନାୟକ, ପ୍ରିୟରଂଜନ ସାହୁ, ଜ୍ଞାନରଂଜନ ବେହେରା, ପ୍ରାଣବନ୍ଧୁ ବେହେରା, ମାଳତୀ ସାହୁ, ଅବିନାଶ ସାହୁ, ଦୟାନିଧି ସାହୁ, ସଂଜୀତ୍ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ଏବଂ ବନ୍ଧୁମିଳନ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ୍ ଅନ୍ତର୍ଗତ ସାନନଇ ଉଚ୍ଚ ବିଦ୍ୟାଳୟରେ ୧୯୮୫ ବ୍ୟାଚର ବନ୍ଧୁମିଳନ ତଥା ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ସାନନଇ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ୧୯୭୫ ମସିହାରୁ ଆରମ୍ଭ ହୋଇଥିବା ବିଦ୍ୟାଳୟର ଏହା ହେଉଛି ପ୍ରଥମ ବନ୍ଧୁମିଳନ କାର୍ଯ୍ୟକ୍ରମ। ବିଗତ ତିନି-ଚାରିବର୍ଷ ହେଲା ଏହି କାର୍ଯ୍ୟକ୍ରମ ପାଇଁ ଲକ୍ଷ୍ୟ ରଖିଥିଲେ ୧୯୭୫ ମସିହା ବ୍ୟାଚ୍‌ର ଛାତ୍ରଛାତ୍ରୀ, କିନ୍ତୁ ଆଜି ଏହା ସଫଳ ହୋଇଛି। ୧୯୮୫ ମସିହାରେ ସାନନଇ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ ୮୪ ଜଣ ଛାତ୍ରଛାତ୍ରୀ। ଆଜି ସମସ୍ତେ ନିଜ ନିଜ ସ୍ଥାନରେ ଅଛନ୍ତି କିଏ ଚାକିରି କରୁଛି, କିଏ ଚାଷ କରୁଛି, କିଏ ବ୍ୟବସାୟ କରୁଛି ଆଉ କିଏ ସାଙ୍ଗ ସାଥୀ, ପରିବାର, ଜ୍ଞାନ୍ତି କୁଟୁମ୍ବ ଛାଡ଼ି ଆରପରିରେ। କିନ୍ତୁ ପିଲା ଦିନର ସ୍କୁଲ କଥା ମନେ ପକାଇ ଏକାଠି ବସିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। କେବଳ ଯେ ବନ୍ଧୁ ମିଳନ ହେଲା ସେ କଥା ନୁହେଁ ଆସନ୍ତା ଡିସେମ୍ବର ମାସରେ ସୁବର୍ଣ୍ଣ ଜୟନ୍ତୀ କିଭଳି ଧୁମ୍‌ଧାମରେ ବିଦ୍ୟାଳୟରେ ପାଳିତ ହେବ ସେ ନେଇ ଆଲୋଚନା ହୋଇଛି। ଏହି ଅବସରରେ ଆବାହକ ରଘୁନନ୍ଦନ ମହାନ୍ତ ରାଉରକେଲା ଇସ୍ପାତ କାରଖାନାରେ କାର୍ଯ୍ୟରତ ଗୋପେଶ୍ୱର ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସେତେବେଳର ପ୍ରଧାନ ଶିକ୍ଷକଙ୍କୁ ସମ୍ମାନିତ କରିଥିବାର ଦେଖିବାକୁ ମିଳିଛି। ବନ୍ଧୁ ମିଳନ ଅବସରରେ ଶରତ ଚନ୍ଦ୍ର ମହାନ୍ତ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ତାଙ୍କ ସହିତ ଗଣେଶ୍ୱର ବାରିକ୍, ଦେବାନନ୍ଦ ନାୟକ, ଶ୍ରୀ ଅଧିର ନାଏକ, ଯଜ୍ଞସେନୀ ମହାନ୍ତ, ଜୟନ୍ତୀ ମହାନ୍ତ, ତକ୍ଷରକେଶ୍ୱରି ମହାନ୍ତ, ବନଲତା ମହାନ୍ତ, ପ୍ରଦୀପ କୁମାର ମହାନ୍ତ, ମନୋରଞ୍ଜନ ମହାନ୍ତ, କାଳୀଚରଣ ମହାନ୍ତ, ଆଶୀର୍ବାଦ ମହାନ୍ତ, ଗଣେଶ୍ୱର ବାରିକ୍, ସକ୍ଷଝୋଇ ହେମ୍ବ୍ରମ, ଜିତେନ୍ଦ୍ର ନାଥ ମହାନ୍ତ, ପ୍ରତାପ ଚନ୍ଦ୍ର ନାଏକ, ଘାସିରାମ ଚିତ୍ରକର, ଅଧିର ନାଏକ ପ୍ରମୁଖ ସହଯୋଗ କରିଥିବା ଦେଖିବାକୁ ମିଳିଛି।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦର୍ଶନ ଓ ଯୁବ ଭାବବିନିମୟ ଅଭିଯାତ୍ରୀ ଦଳ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱ ବିଦ୍ୟାଳୟ କେନ୍ଦୁଝରର ପାଠାଗାର ସଭାଗୃହଠାରେ ଓଡ଼ିଶା ଦର୍ଶନ ଓ ଯୁବ ଭାବବିନିମୟ ଅଭିଯାନରେ ଆସିଥିବା ଅଭିଯାତ୍ରୀମାନଙ୍କୁ ବିଭିନ୍ନ ଦକ୍ଷିଣ ଓଡ଼ିଶାର ବିଶ୍ୱ ବିଦ୍ୟାଳୟରୁ ଆସିଥିବା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ଧରଣୀଧର ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋର ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରତାପ ଚନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରି କହିଲେ କୋରାପୁଟ, ମାଲକାନଗିରିର ଜଳବାୟୁ କେନ୍ଦୁଝରର ଜଳବାୟୁରେ ସାମଜ୍ୟସତା ରହିଛି । କେନ୍ଦୁଝର ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟ ଝରଣା, ଜଳପ୍ରପାତ, ଘଞ୍ଚ ଜଙ୍ଗଲ, ପାହାଡ଼ ଓ ପର୍ବତ ଏବଂ ମା’ ତାରିଣୀଙ୍କ ମନ୍ଦିର, ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ବେଶ ଆକର୍ଷଣୀୟ। ତା’ର ଫଟୋ ଉତ୍ତୋଳନ କରି ଭିଡିଓ ପ୍ରସ୍ତୁତ କରି ବାଣ୍ଟିଲେ ଭାବର ଆଦାନପ୍ରଦାନ ସହଜ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଗାନ୍ଧୀ ବିଚାର ପରିଷଦର ଅଧ୍ୟକ୍ଷ ତଥା କେନ୍ଦୁଝର ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ଗାନ୍ଧୀତତ୍ତ୍ୱବିତ ଭକ୍ତବତ୍ସଳ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଜାତୀୟ ସେବା ଯୋଜନା ଗାନ୍ଧୀଜୀଙ୍କର ସ୍ୱପ୍ନ ଥିଲା। ଜାତୀୟ ସେବା ଯୋଜନାର ସମସ୍ତ ଯୁବ ସ୍ୱେଚ୍ଛାସେବୀ ମାନେ ଦିନର ଅଷ୍ଟପ୍ରହର ସେବା କରିବା ପାଇଁ ଜାଗ୍ରତ ରହିବାକୁ ଜାତୀୟ ସେବା ଯୋଜନା ଆହ୍ୱାନ କରୁଛି । ଗାନ୍ଧୀଜୀଙ୍କ ଜନ୍ମ ଶତବାର୍ଷିକୀ ସମୟରେ ୧୯୬୯ରେ ଜାତୀୟ ସେବା ଯୋଜନା ଶୁଭାରମ୍ଭ ହୋଇଥିଲା। ବ୍ୟକ୍ତିତ୍ୱ ନିର୍ମାଣ, ଚରିତ୍ର ଗଠନ, ସେବା ମନୋଭାବ ସ୍ୱେଚ୍ଛାସେବୀ ହୋଇ ଗୋଷ୍ଠୀରେ ଗ୍ରାମର ବିକାଶ ଏହି ଯୋଜନାଟି ଉଦ୍ଦିଷ୍ଟ। ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ କଳାହାଣ୍ଡି, କିସ୍ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ, ଭଞ୍ଜନଗର, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରୁ ୩୫ ଜଣ ଯୁବ ସ୍ୱେଚ୍ଛାସେବୀ ଏହି ଅଭିଯାତ୍ରୀ ଦଳରେ ସାମିଲ ହୋଇଛନ୍ତି। ଜାତୀୟ ସେବା ଯୋଜନା ଅଧିକାରୀ ଅନିତା କୁମାରୀ ପଣ୍ଡାଙ୍କ ନେତୃତ୍ୱରେ ଅନ୍ୟାନ୍ୟ ଅଧିକାରୀ ତ୍ରିଲୋଚନ ସାହୁ, ସୂର୍ଯ୍ୟନାରାୟଣ ମହାନ୍ତ, ଚିତ୍ତରଞ୍ଜନ ସାହୁ, ରାଜେନ୍ଦ୍ର ଗଡ଼ିୟାର ପ୍ରମୁଖ ଅଭିଯାତ୍ରୀମାନଙ୍କର ମାର୍ଗଦର୍ଶକ ଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ଜାତୀୟ ସେବା ଯୋଜନା ବ୍ୟୁରୋ ଡକ୍ଟର ସରିତା ନାୟକ, ଡକ୍ଟର ସୁନିଲ କୁମାର ସାହୁ ଓ କାର୍ଯ୍ୟକ୍ରମ ଅଧିକାରୀ ଦିନେଶ କୁମାର ଦାଶ ଉପସ୍ଥିତ ରହି ଭାବ ବିନିମୟ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ନିଜ ନିଜ ଅନୁଭୂତି ବାଣ୍ଟିଥିଲେ। କେନ୍ଦୁଝର ଜିଲ୍ଲାରେ ୩ ଦିନିଆ କାର୍ଯ୍ୟକ୍ରମ ରହିଛି ବୋଲି ଡକ୍ଟର ସରିତା ନାୟକ ଜଣାଇଛନ୍ତି। ଧରଣୀଧର ବିଶ୍ୱ ବିଦ୍ୟାଳୟ ତରଫରୁ ପ୍ରତ୍ୟେକ ଅଭିଯାତ୍ରୀଙ୍କୁ ଗାନ୍ଧୀ ପୁସ୍ତକ ବଣ୍ଟନ କରାଯାଇଥିଲା।

## ପ୍ରଶାସନର ନିରବତା ପାଇଁ ଗାଁ’ରେ ଚାଲୁଛି ଅପେରା, ପଥ ଭ୍ରଷ୍ଟ ହେଉଛନ୍ତି ମାଟ୍ରିକ୍ ପରୀକ୍ଷାର୍ଥୀ

ରାଜନଗର, (ଭାସ୍କର ନ୍ୟୁଜ୍): ଚଳିତ ମାସ ୨୧ତାରିଖରେ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷାକୁ ବିଚାରକୁ ନନେଇ ବ୍ୟବସାୟିକ ଭିତ୍ତିରେ ଗାଁ’ରେ ଅପେରା ପ୍ରଦର୍ଶନୀ ପାଇଁ ପ୍ରଶାସନ ଅନୁମତି ଦେବାରୁ ପରୀକ୍ଷାର୍ଥୀଙ୍କର ପାଠପଢାରେ ବ୍ୟତିକ୍ରମ ହୋଇ ଆପେରା ନିଶାରେ ମାହୋଲ ହେଉଥିବା ଦେଖିବାକୁ ମିଳୁଛି। ଏପରି ଅଭାବନୀୟ ଘଟଣା ରାଜନଗର ବ୍ଲକରେ ଦେଖିବାକୁ ମିଳିଥିବାରୁ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭିନ୍ନ ଅନୁଷ୍ଠାନର ଉନ୍ନତିକରିବା ଆଳରେ ନିଜର ଆୟ ବୃଦ୍ଧି କରିବାକୁ ଦୂରରେ ନକରି ଗାଁ’କୁ ଲାଗି ମହିଷାସୁରରେ ହେଲା ବିଭିନ୍ନ ଗାଁ’ରେ ଅପେରା ପ୍ରଦର୍ଶନ କରୁଛନ୍ତି। ତାହାପୁଣି ଶହେରୁ ତିନିଶହଟଙ୍କା ପର୍ଯ୍ୟନ୍ତ ଜଣକା ଟିକେଟର ମୂଲ୍ୟ ରହୁଛି। ତା ପାଇଁ ମଧ୍ୟ ପ୍ରଶାସନର ଅଙ୍କୁଶ ଲାଗୁନଥିବାରୁ ଗରିବ ପରିବାରଟି ଅପେରା ଦେଖି ସର୍ବସ୍ୱାନ୍ତ ହେଉଛନ୍ତି। ହେଲେ ଏସବକୁ ପ୍ରଶାସନ ଦୃଷ୍ଟି ନ ଦେଇ ଅନୁମତି ଦେଇଥିବା ଦର୍ଶାଇ ଅପେରା ସାଙ୍ଗକୁ ସବୁ ଅପେରା ଚାଲିବା ଯାଗାରେ ଜୁଆ (ଘୁଡୁଘୁଡ଼ା) ଖେଳ କରାଇ ପରିଚାଳନା କମିଟି ମାଲେ ମାଲ ହେଉଥିବା ବେଳେ ରାତି ଅନିଦ୍ରା ହୋଇ କାକରଖାଇ ଏହି ଖେଳରେ ଟଙ୍କା ହାରି ସର୍ବସ୍ୱାନ୍ତ ହୋଇ ଘରକୁ ଫେରି ପରିବା ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଅପରପକ୍ଷରେ ଗାଁ’ ନିକଟରେ ଅପେରା ହେଉଥିବାରୁ ଶବ୍ଦ ପ୍ରଦୂଷଣରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିପାରୁ ନଥିବାରୁ ଚଳିତ ମାଟ୍ରିକ୍ ପରୀକ୍ଷାରେ କ’ଣ କରିବେ ସେଥିନିମନ୍ତେ ଅଭିଭାବକମାନେ ଚିନ୍ତାରେ ଗତି କରୁଛନ୍ତି। ତେଣୁ ମାଟ୍ରିକ୍ ଓ +୨ ପରୀକ୍ଷା ସରିବା ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ଏହି ଅଞ୍ଚଳରେ ଆପେରା ପ୍ରଦର୍ଶନୀ ପାଇଁ ଅନୁମତି ପ୍ରଦାନ ନକରିବାକୁ ଅଭିଭାବକ ଓ ବୁଦ୍ଧିଜୀବୀ ତଥା କେତେକ ମହିଳା ମଣ୍ଡଳ, ଶିକ୍ଷକ, ଅବସର ପ୍ରାପ୍ତ ଶିକ୍ଷକମାନେ ଦାବୀ କରିଛନ୍ତି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର




ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲା କୋର୍ଟ ପରିସରରେ ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ କର୍ମକ୍ଷେତ୍ରରେ ମହିଳା ମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଏବଂ ଏହାର ପ୍ରତିରୋଧ, ନିଷେଧ ଓ ନିରାକରଣ ଆଇନ-୨୦୧୩, ଓ ମାନସିକ ସ୍ୱାସ୍ଥ୍ୟ ଆଇନ ଉପରେ ମହିଳା ଆଇନଜୀବୀ, ପାରା ଲିଗାଲ ସ୍ୱେଚ୍ଛାସେବୀ, ପାନେଲ ଲୟାର, ଓ ଜିଲ୍ଲା କୋର୍ଟ କର୍ମଚାରୀମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପରିବାର ବିଚାରବିଭାଗୀୟ ଜର୍ଜ ଲିଲିପ୍ସା ପସାୟତ, ଅତିରିକ୍ତ ଜିଲ୍ଲା ଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ର, ଅତିରିକ୍ତ ଜିଲ୍ଲା ଜର୍ଜ (ପୋକସୋ) ବାସୁଦେବ ଆଚାର୍ଯ୍ୟ ଓ ମଳୟ କୁମାର ତ୍ରିପାଠୀ, ଅତିରିକ୍ତମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସୀମା ତ୍ରିପାଠୀ, ବରିଷ୍ଠ ଦେବାନୀ ଜର୍ଜ ମୋନିତା ତ୍ରିପାଠୀ, ବରିଷ୍ଠ ଦେବାନୀ ଜର୍ଜ, ନବରଙ୍ଗପୁର (ମହିଳା କୋର୍ଟ) ସୁଦୀପା ପାତ୍ର, ରେଜିଷ୍ଟ୍ରାର ଜିଲ୍ଲାକୋର୍ଟ ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେବାନୀ ଜର୍ଜ, ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟଶଙ୍କର ମହନ୍ତ, ସୁଶ୍ରୀ ନନ୍ଦ, ମାନସିକ ରୋଗ ପରାମର୍ଶଦାତା ଆଇନଜୀବି ସଂଘର ସମ୍ପାଦକ ତପନ କୁମାର ସିଂହ ମଞ୍ଚାସୀନ ଥିଲେ। କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଏବଂ ଏହାର ପ୍ରତିରୋଧ, ନିଷେଧ ଓ ନିରାକରଣ ଆଇନ-୨୦୧୩, ଓ ମାନସିକ ସ୍ୱାସ୍ଥ୍ୟ ଆଇନ ଉପରେ ମହିଳା ଆଇନଜୀବି ଓ ଜିଲ୍ଲା କୋର୍ଟ କର୍ମଚାରୀ ମାନଙ୍କୁ ସଚେତନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିପ୍ସା ଗୋଛାୟତ ଏହି ଆଇନ ସଚେତନତା ଶିବିରର ପରିଚାଳନା କରିଥିଲେ।

## ଗୋବିନ୍ଦ ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦ ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ରାଣୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋବିନ୍ଦ ପ୍ରସାଦ ଗ୍ରାମ ପଞ୍ଚାୟତର ସରପଞ୍ଚ ରେଖା ଦଳେଇ ଯୋଗଦେଇ ପିଲା ମାନଙ୍କୁ ପାଠ ପଢାଲେ ନିଜର ଭବିଷ୍ୟତ ଉଜ୍ୱଳ ହେବାସହ ସମାଜ ଉଜ୍ୱଳ ହୁଅ ବୋଲି ମତ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜେନାମଣୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ଘଡେଇ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଘଟିପିରି କ୍ଲଷ୍ଟର ସିଆରସିସି ମହେଶ୍ୱର ପ୍ରଧାନ, ଶିକ୍ଷାବିତ ବସନ୍ତ ବିଧାର ସାମନ୍ତ, ନିମାଇଁଚରଣ ଜେନାଳ, ବାମନ ସାମଲ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ପାଇଁ ସୁଚିନ୍ତିତ ମତାମତ ଉପସ୍ଥାପନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ କୁଳମଣି ବରାଳ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ, ନନ୍ଦିନୀ ରାଉତ, ମମତା ପଣ୍ଡା, ସୋନାଲି ସାମଲ, ଦେବିହରପ୍ରିୟା ସାମଲଙ୍କ ପୂର୍ଣ୍ଣ ସହଯୋଗରେ ଛାତ୍ର ଛାତ୍ରୀ ମାନେ ସଂକୃତିକ ରଙ୍ଗା ରଙ୍ଗ କାଯ୍ୟକ୍ରମ ପରିବେଷଣ କରିଥିଲେ।



ଅନୁଗୋଳ(ଭାସ୍କର ନ୍ୟୁଜ): ତାଳଚେର ଉପଖଣ୍ଡ କଳମଛୁଇଁ ଶିଶୁମନ୍ଦିର ସଭାଗୃହରେ ମଧୁସୂଦନ ଦାସଙ୍କ ପୂଣ୍ୟ ତିଥି ଅବସରେରେ ମୁଖ୍ୟ ଅତିଥି ଗବେଷକ ବିଭୂତି ଭୂଷଣ ସାହୁ ସଭାପତି ବଲଣ୍ଡା ସମ୍ବାଦ ସାହିତ୍ୟ ଘର ସଭାପତିତ୍ୱ କରିଥିଲେ । ପ୍ରଥମେ ମଧୁ ବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ' ସଂଗୀତ ଗାନ କରାଯାଇଥିଲା । ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସଭାପତିଙ୍କ ଅନୁମୋଦନ କ୍ରମେ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ, ସଭାପତି ଶ୍ରୀ ସାହୁ ଓଡ଼ିଆ ଜାତି ଅସ୍ମିତାର ପ୍ରତିକ, ସ୍ୱତନ୍ତ୍ର ପ୍ରଦେଶ ଗଠନର ମୁଖ୍ୟ ବିଧାଣୀ ଏବଂ ତାଙ୍କ ଜୀବନର ବିଭିନ୍ନ ଘଟଣାମାନ ବର୍ଣ୍ଣନା କରିବା ସହ ଓଡ଼ିଆ ଜାତି, ଭାଷା ଆନ୍ଦୋଳନରେ ମହତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ ଛାତ୍ର ଛାତ୍ରୀଙ୍କୁ ବୁଝାଇଥିଲେ । ଏହି ଅବସରରେ ତ୍ରେତାନନ୍ଦ ସାମନ୍ତଙ୍କ 'ଆମ ଗାଁ ରାଣୀଗୋଡ଼ା' ଏବଂ ବିଭୂତି ଭୂଷଣ ସ୍ୱାଇଁଙ୍କ ତ୍ରୈମାସିକ 'ଆମ କୁନ୍‌କୁନି' ପୁସ୍ତକ ଦୁଇଟି ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ମୁଖ୍ୟ ଅତିଥି ସମ୍ବାଦ ସାହିତ୍ୟ ଘର ବଲଣ୍ଡା ଗବେଷକ ବିଭୂତି ଭୂଷଣ ସାହୁ, ମୁଖ୍ୟବକ୍ତା ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ସଭାପତି ବିଶ୍ୱ ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ତ୍ରେତାନନ୍ଦ ସାମନ୍ତ, ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ, ସମ୍ବାଦ ପ୍ରତିନିଧି ବିକାଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ । ସମାରୋହରେ ଶିଶୁ ମନ୍ଦିରର ଗୁରୁଜୀ, ଗୁରୁମା ଓ ଶତାଧିକ କୁନିକୁନି ଭାଇ ଭଉଣୀ ଉପସ୍ଥିତ ରହିଥିଲେ । ଶେଷରେ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁଙ୍କ ଧନ୍ୟବାଦ ଅର୍ପଣ ପରେ ସଭାପତି ସଭା ସାଙ୍ଗ କରିଥିଲେ ।



## ପ୍ରୋତ୍ସାହନର ଅଭାବ

# ବୃତ୍ତି ବଦଳାଉଛନ୍ତି କୁମ୍ଭକାର



ମାଲକାନାଗିରି(ଭାସ୍କର ନ୍ୟୁଜ୍): ମାଟି ତିଆରି ସାମଗ୍ରୀ ପ୍ରତି ଲୋକେ ଆଉ ସେତେଟା ଆଗ୍ରହ ଦେଖାଉନାହାନ୍ତି । ବର୍ତ୍ତମାନ ବଜାରରେ ଅତ୍ୟାଧୁନିକ ଷ୍ଟିଲ୍, ପିତଳ, କଂସା ଓ ରସ ସାମଗ୍ରୀ ବିକ୍ରି ଅଧିକ ହେଉଥିବାରୁ ମାଟି ସାମଗ୍ରୀର ଚାହିଦା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ଦରଦାମ ବୃଦ୍ଧି ସାଙ୍ଗକୁ ବଜାରରେ ମାଟି ତିଆରି ବିଭିନ୍ନ ପ୍ରକାର ସାମଗ୍ରୀର ବ୍ୟବସାୟ ବହୁତ କମ୍ ହେଉଥିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟ ହେଉଛି । ତେଣୁ କେତେଜଣ କୁମ୍ଭକାରଙ୍କୁ ଛାଡିଦେଲେ ବର୍ତ୍ତମାନ ସମୟରେ ବହୁ ଗ୍ରାମରେ ଥିବା କୁମ୍ଭକାରମାନେ ନିଜର ବୃତ୍ତି ବଦଳାଇବାକୁ ବାଧ ହେଉଛନ୍ତି । ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ କୁମ୍ଭାରଗୁଡା, କେନ୍ଦୁଗୁଡା, ସଦାଶିବପୁର ଓ ଅନ୍ୟାନ୍ୟ ଗ୍ରାମରେ କୁମ୍ଭାରମାନେ ବସବାସ କରୁଛନ୍ତି । ସେମାନେ ବର୍ଷ ବର୍ଷ ଧରି ଗ୍ରାମ ନିକଟସ୍ଥ ନଦୀପଠାରୁ ଚିକିଟା ମାଟି ସଂଗ୍ରହକରି ଘରକୁ ବୋହି ଆଣିଥାନ୍ତି । ଏହାପରେ ସେମାନେ ଉକ୍ତ ମାଟିରେ ହାଣ୍ଡି, ମାଠିଆ, ଦୀପ ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି କରୁଥିବା ଏହି ପରିବାରର କେତେଜଣ ଲୋକ ଏବେ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ନିଜର କୌଳିକ ବୃତ୍ତିକୁ ପରିବର୍ତ୍ତନ କରିବାରେ ଲାଗିଛନ୍ତି । ଏହି କାରିଗରମାନେ ବର୍ଷା, ଖରା ଓ ହାଡଭଙ୍ଗା ଶୀତକୁ ଖାତିର ନ କରି ସେମାନେ ମାଠିଆ, କଳସ, ଦୀପ, ଫୁଲକୁଣ୍ଡ, ସରା, ଦୀପଦାନୀ ଭଳି ବିଭିନ୍ନ ପ୍ରକାର ସାମଗ୍ରୀ ଗଢିବା ପରେ ସେଗୁଡିକୁ ମହିଳାମାନେ ମୁଣ୍ଡରେ ଏବଂ ପୁରୁଷମାନେ କାନ୍ଧରେ ଭାରକରି ଗ୍ରାମଠାରୁ ନିକଟବର୍ତ୍ତି ବଜାରକୁ ଏବଂ ଗାଁ ଗାଁ ବୁଲି ବିକ୍ରି କରିବାକୁ ଯାଇଥାନ୍ତି । ବେଳେ ବେଳେ ମାଟି ତିଆରି ସାମଗ୍ରୀକୁ ଅତି କମ୍ ଦାମରେ ମଧ ବିକ୍ରି କରିବାକୁ ପଡ଼ିଥାଏ । ମୁଖ୍ୟତଃ ଦରଦାମ ବୃଦ୍ଧି ସାଙ୍ଗକୁ ଠିକ୍ ଭାବରେ ବ୍ୟବସାୟ ନ ହେବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ ହେଉଛି । ତେଣୁ ବାଧହୋଇ ଲୋକେ ଏହି ବୃତ୍ତି ବଦଳାଉଛନ୍ତି ବୋଲି କେନ୍ଦୁଗୁଡା ଗ୍ରାମର କୁମ୍ଭକାର ଆଦୁ ଖରା, କୈଳାସ ଖୋଲ, ନକୁଳ ଖରା, ଧବୁଲୁ ଖରା ଏବଂ କୁମ୍ଭାରଗୁଡା ଗ୍ରାମର ଗଙ୍ଗାଧର ମାଝୀ, ଉକ୍ତ କୁମ୍ଭାରଙ୍କ ସମେତ ଅନ୍ୟମାନେ ମତବ୍ୟକ୍ତ କରିଛନ୍ତି । ମାଟିହାଣ୍ଡି ଓ ପାତ୍ରର ବ୍ୟବହାର ଫଳରେ ମଣିଷ ଏକ ସୁସ୍ଥ ଜୀବନ ଶୈଳୀରେ ବଞ୍ଚିପାରିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି । ଲୋକଙ୍କୁ ମାଟି ତିଆରି ସାମଗ୍ରୀଗୁଡିକର ବହୁଳ ବ୍ୟବହାର ଦିଗରେ ସଚେତନ କରାଗଲେ ମଣିଷର ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ନୂଆଗାଁ ପଞ୍ଚାୟତରେ ଦାନା ବାନ୍ଧୁଛି ଜନଆନ୍ଦୋଳନ



ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ନୂଆଗାଁ ପଞ୍ଚାୟତରେ ଦାନା ବାନ୍ଧୁଛି ଜନ ଆନ୍ଦୋଳନ ।କମ୍ପାନୀ ମନମାନି ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠିଛି ଢ଼ିଙ୍କିଆ ଚାରିଦେଶର ନୂଆଗାଁ ପଞ୍ଚାୟତରେ । ଯୁବ ନେତୃତ୍ୱ ସ୍ମୃତି ରଞ୍ଜନ ମନ୍ତ୍ରୀଙ୍କ ଆବାହକରେ ନୂଆଗାଁ ସିଦ୍ଧ ଗୁମ୍ଫା ଆଶ୍ରମ ପରିସରରେ ନୂଆଗାଁ ପଞ୍ଚାୟତ ବାସୀଙ୍କ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବିଚିତ୍ରା ନନ୍ଦ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜରୁରୀ ବୈଠକରେ ନୂଆଗାଁର ସମସ୍ତ ଅଧିବାସୀ ଉପସ୍ଥିତ ଥିଲାବେଳେ ପଞ୍ଚାୟତର ବିକାଶ, ବିଭିନ୍ନ ସମସ୍ୟା ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ଢ଼ିଙ୍କିଆ ଚାରିଦେଶରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପରେ ଅଞ୍ଚଳବାସୀଙ୍କ ଜୀବନ ଜୀବିକା, କ୍ଷତିପୂରଣ, ସ୍ଥାୟ ନିଯୁକ୍ତି ଓ କେତେ ଜଙ୍ଗଲ ଜମି ହସ୍ତାନ୍ତର କରାଯାଇଛି ସେ ସମ୍ପର୍କରେ ସାଧାରଣ ଲୋକ ଅଜ୍ଞ ଥିବା ନେଇ ସାଧାରଣରେ ଅଭିଯୋଗ ହୋଇଥିଲା । ସରକାରଙ୍କ ନିକଟରେ ସାଧାରଣ ଲୋକଙ୍କ ସମସ୍ୟା ପହଞ୍ଚି ପାରୁ ନଥିବା ହେଇ ନେତୃମଣ୍ଡଳୀ ମାନେ କହିଥିବା ବେଳେ ସରକାରଙ୍କ ବିସ୍ଥାପନ ଥଇଥାନ ନୀତି ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ ବୋଲି ଲୋକମାନେ ଅଭିଯୋଗ କରିଥିଲେ । ସରକାରୀ ସ୍ତରରେ ଆର ପିଡିଏସି ବୈଠକ ଡକା ନ ଯାଇ ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ମନମାନି ଭାବେ ଜୋର ଜବରଦସ୍ତ ଜଙ୍ଗଲ କାଟିବା, ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲୁ ରଖିଥିବା ଲୋକମାନେ ଅଭିଯୋଗ କରିଥିଲେ । ଢ଼ିଙ୍କିଆ ଚାରିଦେଶର ଅଧିବାସୀଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଏକ ପ୍ରତିନିଧି ନେତୃ ମଣ୍ଡଳୀ ସରକାର ଓ ପ୍ରଶାସନର ଦ୍ୱାରସ୍ତ ହେବ ବୋଲି କହିଛନ୍ତି । ସୂଚନା ଥାଉକି ଢ଼ିଙ୍କିଆ ଚାରିଦେଶରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପକୁ ନେଇ ଢ଼ିଙ୍କିଆରେ ଅସନ୍ତୋଷ ରହିଥିବା ବେଳେ ନୂଆଗାଁ ପଞ୍ଚାୟତର ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇ ଥିବା ଉକ୍ତ ବୈଠକରୁ ପରିଲକ୍ଷିତ ହେଉଛି । ନୂଆଗାଁ ପଂଚାୟତର ଗୁପ ମୁରବି ମାନେ ଲୋକଙ୍କ ସମସ୍ୟା ଉପସ୍ଥାପନା କରିଥିବା ବେଳେ ଆଗାମୀ ଦିନରେ ସରକାରଙ୍କ ନିଦ ଯଦି ନ ଭାଙ୍ଗେ ନୂଆଗାଁରୁ ପୁଣି ଶିଳ୍ପ ବିରୁଦ୍ଧରେ ସ୍ୱର ଉଠିବ ବୋଲି ନେତୃ ମଣ୍ଡଳି ମାନେ ଚେତାବନୀ ଦେଇଛନ୍ତି । ଏହି ବୈଠକରେ ସମାଜସେବୀ ଅସିତ ସ୍ୱାଇଁ, ବିଜୟ ନାୟକ,ମଙ୍ଗୁଳି ପ୍ରଧାନ,ବିକାଶ ପଲେଇ, କ୍ଷେତ୍ର ମୋହନ ସାହୁ,ତୀର୍ଥରାଜ ମନ୍ତ୍ରୀ, ଅବନୀ ଭୂୟାଁ,ନନ୍ଦ କିଶୋର ସ୍ୱାଇଁ,ବସନ୍ତ ରାଉତ,ପ୍ରେମାନନ୍ଦ ଦାସ ଓ ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ପଞ୍ଚାୟତର ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ ।

## ବୋର୍ଡ ଅଫ୍ ଭିଜିଟର୍ସଙ୍କ ମଣ୍ଡଳ କାରାଗାର ପରିଦର୍ଶନ

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ମଣ୍ଡଳ କାରା ପରିଦର୍ଶନ କମିଟିର ୧୩ଜଣିଆ ଟିମ୍ ମଣ୍ଡଳ କାରାଗାର ପରିଦର୍ଶନ କରିଛନ୍ତି । ଜିଲ୍ଲା ଜଜ୍ ପ୍ରଦୀପ କୁମାର ମହନ୍ତଙ୍କ ଅଧ୍ୟକ୍ଷତାରେ ଟିମ୍ ପ୍ରଥମେ ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ତେବାସୀଙ୍କୁ ଉପଯୁକ୍ତ ଖାଦ୍ୟପେୟ, ନିତ୍ୟ ବ୍ୟବହାର ଦ୍ରବ୍ୟ, ରହିବା, ଶୋଇବା, ବିଚାରଣରେ ଓକିଲଙ୍କ ସହାୟତା, ବେଲ୍ ପରେ ଥିବା ଅନ୍ତେବାସୀଙ୍କ ଘରକୁ ନ ଯିବା କାରଣ, ଉପଯୁକ୍ତ ଚିକିତ୍ସା ସେବା ମିଳୁଛି କି ନାହିଁ, ଖେଳକୁଦ, ଟେଲିଫୋନ ବ୍ୟବସ୍ଥା, ପାଠାଗାର



ସୁବିଧା ଓ ପରସ୍ପର ମଧ୍ୟରେ ମତ ପାର୍ଥକ୍ୟ ରହୁଛିକି ନାହିଁ ଆଦି ସମ୍ପର୍କରେ ପଚାରି ବୁଝିଥିଲେ । ଏଥିରେ କୌଣସି ସମସ୍ୟା ନଥିବା ଜଣାପଡିଥିଲା । ଏହାପରେ ଟିମ୍ ମହିଳା ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ । ଖାଦ୍ୟ ପ୍ରସ୍ତୁତ ସ୍ଥଳ, ଚିକିତ୍ସାଳୟ , ହସ୍ତତନ୍ତ ଦ୍ୱାରା ପ୍ରସ୍ତୁତ ହେଉଥିବା ବିଭିନ୍ନ ପ୍ରସାଧାନ, ଫେବ୍ରିକେଶନ କାର୍ଯ୍ୟ, ଯୋଗଶିକ୍ଷା ସ୍ଥାନ ଓ ପାଠାଗାର ଆଦି ସମସ୍ତ କାର୍ଯ୍ୟ ଅନୁଧ୍ୟାନ କରି ଫେରିଛନ୍ତି । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ସୁମନ କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ଆଲୋମଣୀ ସେଠୀ, ଜିଲ୍ଲାପାଳଙ୍କ ପ୍ରତିଷ୍ଠାନ ଅଧିକାରୀ ଅତିରିକ୍ତ ଏସ୍‌ପି ମନୋଜ କୁମାର ପୂଜାହାରୀ, ଏଡିଏମଓ ଶିବ ସାଇ ସ୍ୱରୁପ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶୁଭଙ୍କର ବାରିକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ଏକତା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଦୁର୍ଗା ପ୍ରସାଦ ମହାନ୍ତି, ଆଇନଜୀବୀ ରମେଶ କୁମାର କହଁର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ଜିଲ୍ଲା କୃଷି ଅଧିକାରୀ ପ୍ରମୁଖ ସାମିଲ ରହିଥିଲେ ।

# ଓମ୍ ଶିଶୁ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




ଶୁଳିଆପଦା(ଭାସ୍କର ନ୍ୟୁଜ୍): ମୟୂରଭଂଜ ଜିଲ୍ଲା ଅନ୍ତର୍ଗତ ଶୁଳିଆପଦା ବ୍ଲକ୍ ଅଧିନ ଦେଉଳିସ୍ଥିତ ଜିଲ୍ଲାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଓମ୍ ଶିଶୁ ଶିକ୍ଷା କେନ୍ଦ୍ରରେ ୨୨ ତମ ବାର୍ଷିକ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ଅତ୍ୟାଧୁନିକ ମଞ୍ଚ,ଡିଜିଟାଲ ସାଉଣ୍ଡ ସହିତ ଉନ୍ନତମାନର ଚିକମିକ୍ ଲାଇଟ୍‌ରେ ଦେଉଳି ଅଞ୍ଚଳ ଝଲସୁଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିକ୍ଷା,ସଂସ୍କୃତି ଓ ପରମ୍ପରା ଉପରେ ପରିବେଶିତ ନାଟକ 'ସମୟ ସୁଅରେ ଆମେ' ଦର୍ଶକଙ୍କୁ ବେଶ ମନ୍ତ୍ର ମୁଗ୍ଧ କରିଥିଲା ନାରାୟଣପ ୍ରୁଷ୍ଟି ଓ ମିନତୀ ବେହେରାଙ୍କ ନିର୍ଦ୍ଦେଶିତ ନାଟକ ସମସ୍ତଙ୍କ ମନକୁ ଛୁଇଁପାରିଥିଲା ।ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସାମ୍ବାଦିକ ମନୋଜ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ବାରିପଦା ଏସଡିପିଓ ସୁଜିତ କୁମାର ପ୍ରଧାନ,ମୁଖ୍ୟବକ୍ତା ଭାବେ ବାରିପଦା ଏସିଏଫ୍ ରବି ନାରାୟଣ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ଭାରତୀୟ ଶିକ୍ଷା ପରିଷଦର ମୟୂରଭଂଜ ଶାଖାର ମୁଖ୍ୟ ଆଦିତ୍ୟ ପଣ୍ଡା,ଶୁଳିଆପଦା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ଓ ଏଏସ୍‌ଆଇ ରସାନନ୍ଦ ମହାନ୍ତି, ଚାନ୍ଦୁଆ ଆଇଆଇସି ମଧୁସୁଦନଦ, ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟା ଚନ୍ଦ୍ରିକା ପୁଥାଳ ବାର୍ଷିକ ବିବରଣୀ ପାଠ କରିଥିଲେ ସୁଶ୍ରୀ ମୋନିକା ବେହେରାଙ୍କ ନିର୍ଦ୍ଦେଶିତ ନୃତ୍ୟ ହଜାର ହଜାର ଦର୍ଶକଙ୍କୁ ମନମୁଗଧ କରିଥିଲା । ଅର୍ଚ୍ଚନା,ମାମି ଖୁକି, ବାସନ୍ତୀ, ( ପ୍ରଶାନ୍ତ ସାର ଓ ମିଳନ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଗୋପବନ୍ଧୁ ନାଟ୍ୟ ପରିଷଦ ପକ୍ଷରୁ ନାଟକ ପରିବେଷଣ



ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅନ୍ତର୍ଗତ ବାଲିପଡ଼ା ଗ୍ରାମରେ ଗୋପବନ୍ଧୁ ନାଟ୍ୟ ପରିଷଦ ଆନୁକୂଲ୍ୟରେ ମୁକ୍ତମଞ୍ଚ ନାଟକ 'ଆଖିର ଜନମ କାନ୍ଦିବା ପାଇଁ 'ମଞ୍ଚସ୍ଥ ହୋଇଛି । ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ପ୍ରମୋଦ କୁମାର ନାୟକଙ୍କ ସଭାପତିତ୍ୱରେ ଉଦଘାଟନ ଉତ୍ସବରେ ରାଜନଗରର ମାନ୍ୟବର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆମ ସଂସ୍କୃତି ଓ ପରମ୍ପରା ରେ ନାଟକର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ୟୁ. କେ. ମହାବୀର କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ପରିଡା ଗ୍ରାମର ସାଂସ୍କୃତିକ ଇତିହାସ ଓ ଯୁବ ସମାଜକୁ ସଂଗଠିତ କରିବାରେ ନାଟକର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ଥାନାପତି ରବୀନ୍ଦ୍ର ସାହୁ, ଶ୍ରୀଯୁକ୍ତ ବଟକୃଷ୍ଣ ତ୍ରିପାଠୀ, ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କାଉନସିଲର ପ୍ରଶାନ୍ତ କୁମାର ବାରିକ ଆଦି ବକ୍ତବ୍ୟ ରଖିଥିଲେ । ଉତ୍ସବରେ ବିଶିଷ୍ଟ ନାଟ୍ୟ କଳାକାର ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଉମାକାନ୍ତ ତ୍ରିପାଠୀ, ବରିଷ୍ଠ କଳାକାର ନିରଞ୍ଜନ ରାଉତ, ତ୍ରିଲୋଚନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମ୍ୟ ଉନ୍ନୟନ କମିଟି ର ସମ୍ପାଦକ ଶ୍ରୀଯୁକ୍ତ ସଞ୍ଜୟ କୁମାର ତ୍ରିପାଠୀ, ନୃସିଂହ ସେଠି, ସଂଜୀବ ନାୟକ, ରଞ୍ଜନ ବିଶ୍ୱାଳ, ମନୋରଞ୍ଜନ ତ୍ରିପାଠୀ, ସାରଦା ପ୍ରସାଦ ବାରିକ, ଗୌତମ ପରିଡା ଆଦି ପରିଚାଳନା କରିଥିଲେ । ଶେଷରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବାବନ ଲେଙ୍କାଙ୍କ ନିର୍ଦ୍ଦେଶନା ରେ ନାଟକ ପରିବେଷଣ କରାଯାଇଥିଲା । ନାଟକରେ ପ୍ରଶାନ୍ତ ବାରିକ,ମନୋଜ ନାୟକ, ସଂଜୀବ କର, ଦେବେନ୍ଦ୍ର ସାହୁ, ନିଗମାନନ୍ଦ ନାୟକ, ରବୀନ୍ଦ୍ର ସାହୁ,ଜନ୍ମେଜୟ ଭୂୟାଁ, ଚିତ୍ତରଞ୍ଜନ ଭୂୟାଁ, ମାନସ ସାହୁ, ଜିତନ କୁମାର ସାହୁ, ଜିତୁ ସାହୁ, କାଳନ୍ଦୀ ଚରଣ ଦାଶ, ନିରାକାର ପଣ୍ଡା, ଦିପୁ ସାହୁ, ଯମୁନା, ନୈନା, ରାଣୀ ଆଦି କଳାକାର ମାନେ ଅଭିନୟ କରିଥିଲେ । ପ୍ରାୟ ଦୁଇ ହଜାରରୁ ଅଧିକ ଦର୍ଶକ ଉପସ୍ଥିତ ରହି ନାଟକକୁ ଉପଭୋଗ କରିଥିଲେ ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଏରସମା(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଗଡକୁଜଙ୍ଗ ପଞ୍ଚାୟତର ଗଡ଼ କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି ।ଗଡ଼କୁଜଙ୍ଗର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଶ୍ରୀ କୁଞ୍ଜବିହାରୀ ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ଜେପି ଏମ୍ ରୋଟାରୀ କ୍ଲବ୍ କଟକ ଆଇ ହସ୍ପିଟାଲ ସହାୟତାରେ ଆଜିର ଶିବିରରେ ୫୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି । ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ମୋତିଆବିନ୍ଦୁ ଚିହ୍ନଟ କରାଯାଇ, ଅସ୍ତ୍ରୋପଚାର ପାଇଁ କଟକ ପଠାଯାଇଛି ।ଡ଼ା, ରାଜଲକ୍ଷ୍ମୀ ସାହୁ ଚକ୍ଷୁ ପରୀକ୍ଷା କରିଥିଲେ । କ୍ୟାମ୍ପ ଅଧିକାରୀ ବିବେକାନନ୍ଦ ଦଳାଇ,ପ୍ରଜ୍ଞା ମହାନ୍ତି,ମନୀଷା ଭୋଇ ଓ ଦୀପକ ଭୋଇ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ । ଏହି ଶିବିରକୁ ଗଡକୁଜଙ୍ଗ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ,ଆଞ୍ଚଳିକ ବିକାଶ ପରିଷଦ ସଭାପତି ସତ୍ୟରଞ୍ଜନ ମହାପାତ୍ର, ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ବାବାଜୀ ବିଶ୍ୱାଳ,କାହ୍ନୁ ଚରଣ ରାଉତ,ବଳରାମ ବେହେରା,ବିକାଶ ନାୟକ,କେଦାର ସନ୍, ହେମନ୍ତ ବେଜ, ସାଗର ତରାଇ, ନିତ୍ୟାନନ୍ଦ ସାହୁ ଓ ସତ୍ୟବ୍ରତ ରଣା ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

# ବିଜେପି ପକ୍ଷରୁ ବିଜୟ ଉତ୍ସବ



ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍): ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ପାଇଁ ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି ଓ ଏଥିରେ ନଗର ବିଜେପି ସଭାପତି ଅଶୋକ ସାହୁ, ବରିଷ୍ଠ ବିଜେପି ନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ, ବରିଷ୍ଠ ଯୁବନେତା ମିଟୁ ମନୋଜ ନାୟକ ଆଡ଼ଭୋକେଟ ସଞ୍ଜୟ ସାହୁ କାଉନସିଲର ବିଦ୍ୟାଧର ସେଠୀ, ଆଡ଼ଭୋକେଟ ପ୍ରମୋଦ ସାହୁ, ଯୁବନେତା ସୁଶୀଲ ପରିଡା ହୃଷିକେଶ ମଲିକ, ପିତାମ୍ବର କର, ପରେଶ ସାହୁ, ଚନ୍ଦନ ପାତ୍ର,ଗିରିଜା ଶଙ୍କର ସାମଲ, ସମୀର ପାତ୍ର, ରବୀନ୍ଦ୍ର ସେଠୀ, ସଞ୍ଜୟ ସ୍ୱାଇଁ, ଉପେନ୍ଦ୍ର ନାୟକ, ପାରେଶ୍ୱର ପାତ୍ର, ଶିଶିର ମଲିକ, ଯୋଗେଶ ବେହେରା, ଦେବାଶିଷ ମଲିକ ଓ ଦୀପକ ମଲିକ ପ୍ରମୁଖ ସାମିଲ ହୋଇ ବିଜୟ ଉତ୍ସବ ମନାଇବା ସହିତ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରିଥିଲେ ।

# କୋପରେଟିଭ୍ ସୋସାଇଟିର ପୂର୍ବତନ ସଭାପତି ଓ ସମ୍ପାଦକ ଗିରଫ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଶୁଆକାଟି ସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋଅପରେଟିଭ୍ ସୋସାଇଟି ଉପରେ ଅର୍ଥନୈତିକ ଅପରାଧ ଶାଖା ବଡ଼ ଧରଣର ରେଡ୍ । କୋଟି କୋଟି ଟଙ୍କାର ହେରଫେର ନେଇ ସୋସାଇଟିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାଶଙ୍କୁ କେନ୍ଦୁଝରରୁ ଗତ ଶୁକ୍ରବାର ରାତିରେ ଉଠାଇ ନେଇଥିଲା ଅର୍ଥନୈତିକ ଅପରାଧ ଶାଖା । ଗତକାଲି ତାଙ୍କୁ ଗିରଫ କରି ବାଲେଶ୍ୱର କୋର୍ଟ ଚାଲଣ କରାଯାଇଛି । ସୂଚନା ଅନୁସାରେ, ଜାଲ ଦସ୍ତାବିଜ ଦେଇ ଏହି ସୋସାଇଟିରୁ ୪୦ ରୁ ୫୦ କୋଟି ଟଙ୍କା ହଡ଼ପ ହୋଇଥିବା ନେଇ ବିଶ୍ୱନାଥ ରାଉଳ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ । ଏହାପରେ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଚଢାଉ କରାଯାଇଥିଲା । ଏହି ସଂସ୍ଥା ଶୁଆକାଟି ଖଣି ପ୍ରଭାବିତ ଲୋକଙ୍କର ସୁବିଧା ପାଇଁ ୨୦୦୬ ମସିହାରେ ଗଠନ କରାଯାଇଥିଲା । ହେଲେ ଏହାର କିଛି ଅସାଧୁ କର୍ମକର୍ତ୍ତା ଜାଲି ଦସ୍ତାବିଜ ମଧ୍ୟମରେ ବିଭିନ୍ନ କାର୍ଯ୍ୟ ଓ ସଙ୍ଗଠନ ନାଁରେ ବିନା ଟେଣ୍ଡର ଓ ଇଉଟିଲାଇଜେସନ ସାର୍ଟିଫିକେଟ ବିନା କୋଟି କୋଟି ଟଙ୍କା ହଡ଼ପ କରୁଥିଲେ । ଏପରିକି କୌଣସି ଦେୟ ବା ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଦସ୍ତାବିଜ ଯଥା କ୍ୟାସ ବହି, ଲେଜର ବହି ଆଦି ନାହିଁ । ଏପରିକି କୋଟି କୋଟି ଟଙ୍କା ବିନା ଚେକ୍ କିମ୍ବା ଏଫଟି ଆଦିରେ ନଦେଇ ସିଧା ସଳଖ ଟଙ୍କା ଆକାରରେ ଦିଆଯାଉଥିଲା । ତଦନ୍ତ ସମୟରେ ଏଭଳି ତଥ୍ୟ ଖୁଲାସା ହୋଇଛି । ଯାହାକି ଅର୍ଥନୈତିକ ଅପରାଧ ଶାଖା ଆଶ୍ଚର୍ଯ୍ୟ କରିଛି । ଏହି ଅନିୟମିତତା ନେଇ ସଭାପତି କିମ୍ବା ସମ୍ପାଦକ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନାହାଁନ୍ତି । ତେଣୁ ଅର୍ଥନୈତିକ ଅପରାଧ ଶାଖା ଏହି ଦୁଇ ଜଣଙ୍କୁ ଗିରଫ କରିବା ସହ ସଂସ୍ଥାର ଅନେକ ଦସ୍ତାବିଜ ଜବତ କରିଛି ।

# ଝଲସିବ ରାଜ୍ୟର ପ୍ରମୁଖ ଶକ୍ତିପୀଠ ମା' ଭଗବତୀ ମନ୍ଦିର

## ■ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଆଇନ ମନ୍ତ୍ରୀ



ବାଲୁଗାଁ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନବମ ଶତାବ୍ଦୀର ନିର୍ମିତ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ତଥା ଓଡ଼ିଶାର ପ୍ରମୁଖ ଶକ୍ତିପୀଠ ମା' ଭଗବତୀଙ୍କ ପୀଠର ସର୍ବବିଧ ବିକାଶ କରି ଏହାକୁ ଏକ ଆକର୍ଷଣୀୟ ଧର୍ମୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ପ୍ରତିଷ୍ଠିତ କରିବା ପାଇଁ ମୋହନ ସରକାର ବଦ୍ଧପରିକର । ଏହି ପରିପ୍ରେକ୍ଷୀରେ ରବିବାର ଦିନ ଐତିହ୍ୟ କୀର୍ତ୍ତିରାଜୀର ସମନ୍ୱିତ ବିକାଶ ଓ ପର୍ଯ୍ୟଟନସ୍ଥଳୀ ଯୋଜନା ଅଧୀନରେ ପରିପାର୍ଶ୍ୱ ଉନ୍ନୟନମୂଳକ କାର୍ଯ୍ୟର ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ଦିର ପରିସର ଓ ଚର୍ତୁପାର୍ଶ୍ୱର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସିଂହଦ୍ୱାରଠାରୁ ଆରମ୍ଭ କରି ପରିକ୍ରମା, ଘାଟ, ନାଟ୍ୟ ମଣ୍ଡପର ବାହ୍ୟ ଆବରଣ , ଶ୍ରୀ ଜଗନ୍ନାଥ ମନ୍ଦିର , ସିଂହଦ୍ୱାରର ଉନ୍ନତୀକରଣ ଏବଂ ଦୋଳବେଦୀ ନିର୍ମାଣ ସହିତ ବହୁମୁଖୀ ହଲ୍,ରାସ୍ତା ଓ ନଦୀଘାଟ ଆଦିର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ମନ୍ଦିରର ବହୁ ପୁରୁଣା ଐତିହ୍ୟକୁ ସଂରକ୍ଷଣ କରିବା ସହ ଏହାକୁ ଏକ ଜୀବନ୍ତ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଏତଦ୍ ବ୍ୟତୀତ ମନ୍ଦିରର ନିରାପତ୍ତା, ସୁରକ୍ଷା ଏବଂ ଜଳ ନିଷ୍କାସନ ପ୍ରଣାଳୀକୁ ସମନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ଉକ୍ତ ବୈଠକରେ ରାଜ୍ୟ ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା ,ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରଣା, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଅଶ୍ୱିନୀ ଶତପଥୀ , ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ଓବିସିସି ଯୁଗ୍ମ ଉପଦେଷ୍ଟା ଜୟକୃଷ୍ଣ ଦାସ, ବାଣପୁର ବିଡ଼ିଓ ଶୀତଲ ଅଗ୍ରୱାଲ, ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରା, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମିଟୁ ନାୟକ, ଶ୍ରୀ ଶ୍ରୀ ଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟାଳୟ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସଙ୍କ ସହ ବିଭାଗୀୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନମଣ୍ଡିରେ ୬ କେଜି କଟ୍‌ନୀ ଛଟ୍‌ନୀ ଅଭିଯୋଗ

ଗୋପ,(ଭାସ୍କର ନ୍ୟୁଜ୍): ସରକାର ବଦଳିଲା ପରେ ଚାଷୀ ଚିନ୍ତା କରିଥିଲା ଯେ ଏଥର ନିଶ୍ଚିତ ଭାବେ କଟନୀ ଛଟନୀ ବନ୍ଦ ହେବ । ମାତ୍ର ବିଭିନ୍ନ ଆଳରେ ବିଭାଗୀୟ ଅଧିକାରୀ ଓ ମିଲର ମାନେ ଭିତିରିଆ କୋଳାକୋଳିରେ ବଳି ପଡିଗଲେ ଚାଷୀ । ଚାଷୀଙ୍କ ଅଭିଯୋଗ କେହି ଶୁଣିବାକୁ ନାରାଜ । ମଣ୍ଡିରେ ଅବ୍ୟବସ୍ଥା ସହିତ କଟନି ଛଟନି ଏବେ ୬କେଜିରେ ପହଞ୍ଚିଛି । ଗତବର୍ଷ ମାନଙ୍କରେ ୨ ରୁ ୪କେଜି ଧାନ କାଟି ରଖୁଥିବା ବେଳେ ଏବେ ଏହା କମିବା ବଦଳରେ ୬କେଜିରେ ପହଞ୍ଚିଛି । ଧାନ କ୍ୱିଣ୍ଟାଲ ୩୩୦୦ ମଣ୍ଡିରେ କିଣାଯାଉଥିବା ବେଳେ ଅନେକ ମଣ୍ଡିରେ ବେପାରୀ ମାନେ ଚାଷୀମାନଙ୍କ ଖାତାରେ ସେମାନେ ହିଁ ଧାନ ଦେଉଛନ୍ତି । ଅନେକ ପରିବାର ରେ ଜଣକ ନାମରେ ଧାନ ଜମିଥିବା ବେଳେ ପରିବାରର ଅନେକ ସଦସ୍ୟ ଙ୍କ ନାମରେ ଖାତା ଖୋଲାଯାଇଛି । ଯାହାକି ଏକ ବଡ ଦୁର୍ନୀତି ର ଆଭାସ ମିଳିଛି । ଯେହେତୁ ମଣ୍ଡିରେ ୫ଏକରରୁ ଅଧିକ ଜମି ଥିବା ଚାଷୀ ମାନଙ୍କ ଠାରୁ ଧାନ କିଣାଯାଇପାରିବ ନାହିଁ ସେହେତୁ ସେମାନେ ପରିବାର ର ମୁଖ୍ୟଙ୍କ ନାମରେ ଥିବା ଜମିକୁ ଭାଗଭାଗ କରି ଅଲଗା ଅଲଗା ଖାତା କରିଛନ୍ତି ଯେପରି ଅଧିକ ଧାନ ମଣ୍ଡିରେ ଦେଇହେବ । ଅନ୍ୟପକ୍ଷରେ ସରକାରଙ୍କ ଦ୍ୱାରା ଟାର୍ଗେଟ୍ କୁ ପାଇବାରେ ବିଫଳ ହେଉଛନ୍ତି ଛୋଟ ଛୋଟ ଚାଷୀମାନେ । ସେମାନେ ଯେତେ କହିଲେ ବି କୌଣସି ଅଧିକାରୀ କିମ୍ବା ମିଲର ଶୁଣିବାକୁ ନାରାଜ । ଅନ୍ୟପକ୍ଷରେ ଯେତିକି ଧାନ ସେମାନେ ମଣ୍ଡିକୁ ଆଣୁଛନ୍ତି ସେଥିରୁ ମିଲର ଓ ବିଭାଗୀୟ ଅଧିକାରୀଙ୍କ ଦୌରାତ୍ମ୍ୟରୁ ପୁନଃ ୬କେଜି କଟନିଛଟନିରେ ଯାଉଛି । ଏବେ ଚାଷୀ କରିବ ତ କଣ କରିବ । କଟନୀ ଛଟନୀ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଭରିଦେଇଥିବା ବେଳେ ଆଗାମୀ ଦିନରେ ଏହା ଉଗ୍ରରୂପ ନେବା ଆଶଙ୍କା ରହିଛି। ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଆମେ ଯେତେ କହିଲେ ବି ଆମ କଥା କେହି ଶୁଣିବାକୁ ନାରାଜ । ମିଲର ମାନେ ଆମ କଥା ଏ କାନରେ ପୁରାଇ ସେ କାନରେ ବାହାର କରିଦେଉଛନ୍ତି । ଜୋର ଜବରଦସ୍ତି ୬କେଜି କଟନି ଛଟନି କରୁଛନ୍ତି । ବିଭାଗୀୟ ଅଧିକାରୀଙ୍କୁ ଆମେ ବାରମ୍ବାର ଏ ନେଇ କହିଲେ ସୁଦ୍ଧା କେହି ଶୁଣିବାକୁ ନାରାଜ। ଆଗାମୀ ଦିନରେ ଆମେ ଏହାର ଜୋରଦାର ବିରୋଧ କରିବୁ। ଗୋପ ବ୍ଲକ ଯୋଗାଣ ନୀରିକ୍ଷକ ରଚିତା ପଣ୍ଡା କହିଛନ୍ତି ମୋ ପାଖରେ ସେପରି କୌଣସି ଖବର ନାହିଁ । ସୂଚନା ମିଳିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ।



# ଆମ କଳାହାଣ୍ଡି







## ଆଦିବାସୀଙ୍କ ମୁହଁରେ ହସ ଫୁଟାଉଛି ସୂର୍ଯ୍ୟମୁଖୀ ଚାଷ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକର ଭଟାଙ୍ଗପଦର ଗାଁ। ଜିଲ୍ଲା ମୁଖ୍ୟାଳୟ ଭବାନୀପାଟଣାର ଅନତି ଦୂରରେ ଥିବା ଏହି ଗାଁ ଦିନେ ଦାରିଦ୍ର୍ୟ ଓ ଦାଦନ ପାଇଁ ଥିଲା ଢେର ଚର୍ଚ୍ଚାରେ। ଏବେ କିନ୍ତୁ ଏହି ଗାଁ ଭିନ୍ନ କାରଣ ଯୋଗୁଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କିଛି ବର୍ଷ ପୂର୍ବରୁ ବିଭିନ୍ନ ସରକାରୀ ଯୋଜନାରୁ ଅପହଞ୍ଚ ଥିବା ଭଟାଙ୍ଗପଦର ଗାଁ ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହେବା ପରେ ଅନେକ ଉନ୍ନୟନ କାର୍ଯ୍ୟ ସାଧିତ ହୋଇପାରିଛି। ବନବିଭାଗ ଓ ପର୍ଯ୍ୟଟନ ବିଭାଗ ତରଫରୁ ରାବଣଦୋରୋ ଜଳପ୍ରପାତର ଉନ୍ନୟନ, ଅତିଥି ନିବାସ ଆଦି ସ୍ଥାପନ କରାଯାଇଥିବାବେଳେ ଲାଞ୍ଜିଗଡ ବ୍ଲକ ଓ ସଦର ବ୍ଲକର ସୀମାନ୍ତରେ ଥିବା ଭଟାଙ୍ଗପଦର ଡ୍ୟାମ ଦ୍ୱାରା ଲକ୍ଷ୍ମୀପୁର, ଶ୍ରୀପୁର ଓ ମେଦିନୀପୁର ପଞ୍ଚାୟତର ଜଳସେଚନ ସହିତ ଭବାନୀପାଟଣା ସହରର ଜୀବନରେଖା କୁହାଯାଉଥିବା ପିପଲନାଳର ମଧ୍ୟ ଏହା ମୁଖ୍ୟ ଜଳଉତ୍ସ



ଅଟେ। ତେବେ ଏତେସବୁ ଭିତରେ ଗାଁ ଲୋକଙ୍କ ଜୀବିକା ଅର୍ଜନ ଓ ଜୀବନ ଧାରଣ ମାନରେ ପରିବର୍ତ୍ତନ ଆଣିପାରିଛି ତୈଳ ବୀଜ ଫସଲ ସୂର୍ଯ୍ୟମୁଖୀ ଚାଷ। ଗାଁର ୨୦ରୁ ଅଧିକ ଆଦିବାସୀ ପରିବାର ଏବେ ସୂର୍ଯ୍ୟମୁଖୀ ଚାଷକୁ ନିଜର ଜୀବିକା ଭାବେ ଗ୍ରହଣ କରି ବେଶ ଦୁଇପଇସା ଉପାର୍ଜନ କରିପାରୁଛନ୍ତି। ଯାହାକି ସେମାନଙ୍କ ପରିବାରର ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ କରିଛି। ପିପଲନାଳର ଉଭୟ ପାର୍ଶ୍ୱରେ ପ୍ରାୟ ୨୦ ଏକର ଜମିରେ ଗାଁ ଲୋକେ କରିଛନ୍ତି ସୂର୍ଯ୍ୟମୁଖୀ ଚାଷ। ଦିନେ ପର ଜମିରେ ମୂଲ ଖଟିବା ସହିତ ଦାଦନ ବ୍ୟତୀତ ଆଉ କିଛି ଉପାୟ ଖୋଜି ପାଉନଥିବା ଗାଁ ଲୋକେ ଏବେ ଏକର ପିଛା ପାଞ୍ଚ କ୍ୱିଣ୍ଟାଲ ପର୍ଯ୍ୟନ୍ତ ସୂର୍ଯ୍ୟମୁଖୀ ଅମଳ କରୁଛନ୍ତି। ଏଥିରୁ ନିଜର ବର୍ଷକର ଖାଇବା ତେଲର ଚାହିଦା ମେଣ୍ଟାଇବା ସହିତ ବଜାରରେ ବିକି ବେଶ ଦୁଇପଇସା ରୋଜଗାର କରୁଛନ୍ତି ସେମାନେ। ଏପରିକି ବିନା ସରକାରୀ ପ୍ରୋତ୍ସାହନରେ ସେମାନେ ଚାଷ କରୁଥିବାବେଳେ ବିହନ, ସାର ଓ କୀଟନାଶକ କିଣିବାରେ ବି ସକ୍ଷମ ହୁଅନ୍ତି ନାହିଁ। କିନ୍ତୁ ଉର୍ବର ମାଟି ଓ ସେମାନଙ୍କ ରୀତିମତ ଖଟଣି ଯୋଗୁଁ ଭଲ ମଞ୍ଜି ସହିତ ଉତ୍ପାଦନ ବି ଭଲ ହେଉଛି। ଯାହା ଫଳରେ ଭଟାଙ୍ଗପଦର ଗାଁର ସୂର୍ଯ୍ୟମୁଖୀ ବିହନ ଓ ଏଠାକାର ସୂର୍ଯ୍ୟମୁଖୀ ତେଲର ଚାହିଦା କେବଳ କଳାହାଣ୍ଡି ନୁହେଁ, କଳାହାଣ୍ଡି ବାହାରେ ବି ରହିଛି। ତେବେ ସରକାରୀ ପ୍ରୋତ୍ସାହନ ସହିତ ବିହନ, ସାର, କୀଟନାଶକ ଯୋଗାଇଦେଲେ ଏଠାକାର ଚାଷ ଓ ଚାଷୀ ଉପକୃତ ହେବେ। ସେହିପରି ଭଟାଙ୍ଗପଦର ଗାଁର ଚାଷୀଙ୍କୁ ଉପଯୁକ୍ତ ତାଲିମ, ଗାଁରେ ଏକ ସୂର୍ଯ୍ୟମୁଖୀ ତେଲ ୟୁନିଟ ସ୍ଥାପନ ସହିତ ବଜାର ବ୍ୟବସ୍ଥା ପାଇଁ ପଦକ୍ଷେପ ନେଲେ ସୂର୍ଯ୍ୟମୁଖୀ ଚାଷରେ ଗାଁ ଏକ ଭିନ୍ନ ଉଦାହରଣ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏନେଇ ଭଟାଙ୍ଗପଦର କୃଷି ଅଧିଦର୍ଶକ ଗାୟତ୍ରୀ ପାଳଙ୍କ ମତାମତ ନେବାରୁ ଚାଷୀମାନେ ସୂର୍ଯ୍ୟମୁଖୀ ଭଳି ଲାଭଜନକ ଚାଷକୁ ପ୍ରାଥମିକତା ଦେଇ ଚାଷ କରୁଛନ୍ତି ତେବେ କୃଷି ବିଭାଗ ତରଫରୁ ସେମାନଙ୍କୁ ଚାଷ ପାଇଁ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗାଇଦେବାକୁ ପଦକ୍ଷେପ ନେବୁ ବୋଲି କହିଛନ୍ତି।

## ନୂତନ ଜିଲ୍ଲା ବିଜେପି ସଭାପତିଙ୍କୁ ସମ୍ବର୍ଦ୍ଧନା



ଧର୍ମଗଡ଼ (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଧାନସଭା ତରଫରୁ ନୂତନ ଭାବରେ ଦାୟିତ୍ୱ ପାଇଥିବା ଜିଲ୍ଲା ସଭାପତି ଏବଂ ମଣ୍ଡଳ ସଭାପତି ଓ ଜିଲ୍ଲା ପ୍ରତିନିଧି ଏବଂ ରାଜ୍ୟ ପରିଷଦ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି ଓ ଧନଞ୍ଜୟ ପାତ୍ର ଜିଲ୍ଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ରାଜ୍ୟ ମହିଳା ନେତ୍ରୀ କୁନ୍ତି ପାଳ, ବରିଷ୍ଠ କାର୍ଯ୍ୟକର୍ତ୍ତା ଦିକସନ ମଙ୍ଗରାଜ ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସୁକାନ୍ତି ସା ଯୋଗ ଦେଇ ଥିଲେ। ନୂତନ ଭାବରେ ଦାୟିତ୍ୱ ପାଇଥିବା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ସମେତ ରାଜ୍ୟ ପରିଷଦ ସଦସ୍ୟ ଅପ୍ରେସ ସ୍ୱାଇଁ, ଟିପିଗୁଡା ମଣ୍ଡଳ ସଭାପତି ଲଳିତ ବାଗ, ଧର୍ମଗଡ଼ ନଗର ସଭାପତି ସୌରଭ ମଣ୍ଡଲ, କୋକସରା ମଣ୍ଡଳ ସଭାପତି ବସନ୍ତ ବାଗ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର,ବିଜମରା ମଣ୍ଡଳ ସଭାପତି ସରୀତା ସରାଫ ଖଇରପଦର ମଣ୍ଡଳ ଜିଲ୍ଲା ପ୍ରତିନିଧି ଜୟ ଶଙ୍କର ମୁଣ୍ଡ, ଟିପିଗୁଡା ଜିଲ୍ଲା ପ୍ରତିନିଧି ବିଭୁଦତ୍ତ ପ୍ରଧାନୀ, ଧର୍ମଗଡ଼ ନଗର ଜିଲ୍ଲା ପ୍ରତିନିଧି ଡମ୍ବରୁ ଧର ଠାକୁର, କୋକସରା ଜିଲ୍ଲା ପ୍ରତିନିଧି ଦୂର୍ଗା ପ୍ରସାଦ ପ୍ରଧାନୀ ଆମପାଣି ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି ଓ ଅରୁଣ କୁମାର ପଣ୍ଡା, ଚକ୍ରଧର ନାଏକଙ୍କୁ ସମ୍ବଦ୍ଧିତ କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ବିଶିଷ୍ଟ ନିମନ୍ତ୍ରିତ ଅତିଥି ଭାବରେ ରାଜ୍ୟ ସଭା ସାଂସଦ ମମତା ମାହନ୍ତ ଯୋଗ ଦେଇ ଥିଲେ। ନୂତନ ଭାବରେ ଦାଇତ୍ୱ ପାଇଥିବା ଜିଲ୍ଲା ସଭାପତି ତଥା ମଣ୍ଡଳ ସଭାପତି ଏବଂ ଜିଲ୍ଲା ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚ ପରିଚାଳନା କରିଥିଲେ ଯୁବ ନେତା ହିମାଂଶୁ ଶେଖର ପଣ୍ଡା, ଚତୁର୍ଭୁଜ ତାଣ୍ଡି ମଞ୍ଚରେ ଉପସ୍ଥିତ ଥିବା ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା

## ଛତିଶଗଡ଼କୁ ହରାଇ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ଚାମ୍ପିଅନ




କେସିଙ୍ଗା (ଭାସ୍କର ନ୍ୟୁଜ୍): ଗତ ଫେବୃଆରୀ ୧ ତାରିଖରୁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ମିନି ଷ୍ଟାଡ଼ିୟମରେ କେସିଙ୍ଗାରେ କେ ଏ ସି ଏ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ଇତି ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୮ ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ଫୁଟବଲ ମହାକୁମ୍ଭରେ ସମଗ୍ର ଭାରତ ବର୍ଷରୁ ବଛା ବଛା ୮ ଦଳ ଭାଗ ନେଇଥିଲେ। ଶେଷରେ ଫାଇନାଲ ଖେଳରେ ବଲାଙ୍ଗୀର ସ୍ପୋର୍ଟସ ହଷ୍ଟେଲ ସୁଦୂର ଛତିଶଗଡ ର ଜଗଦଲପୁର ଦଳକୁ ଏକ ରୋମାଞ୍ଚକର ମ୍ୟାଚରେ ୧-୦ ଗୋଲ ରେ ହରାଇ ୩୦ ବର୍ଷ ପରେ କେସିଙ୍ଗା କପ୍ ହତେଇଛି। ବିଜୟୀ ଦଳକୁ ବଡ଼ ଟ୍ରଫି ସହ ନଗଦ ୫୧ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଦଳ ଛତିଶଗଡ ଦଳକୁ ବଡ଼ ଟ୍ରଫି ସହ ନଗଦ ୩୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆଜିର ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବରେ ସଦର ବିଧାୟକ ସାଗର ଚରଣ ଦାସ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ସମ୍ମାନିତ କରିଥିଲେ।ଆଜିର ଖେଳ ପରିଚାଳନା କରିଥିଲେ ଅଞ୍ଚଳର ଆନ୍ତର୍ଜାତୀୟ ରେଫରି ନବୀନ ନାଏକ ଏବଂ ତାଙ୍କ ସାଥୀ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଖେଳ ଅଧିକାରୀ ଶରତ ଚନ୍ଦ୍ର ପାଢ଼ୀ,କେସିଙ୍ଗା ନଗରପାଳ ନୃପରାଜ ଯାଦବ କେଏସିଏର ସଭାପତି ରାମକୁମାର ଜୈନ, ସମ୍ପାଦକ ପୁରୁନ୍ଦର ଭୋଇ,ବଳରାମ ସୁନା, ମକରଧ୍ୱଜ ନାଏକ, ଗଦାଧର ସିଂଦେଓ, ଅଭିମନ୍ୟୁ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ନର୍ଲା କ୍ଲଷ୍ଟର ପକ୍ଷରୁ ନିପୁଣ ଓଡ଼ିଶା ମେଳା

ନର୍ଲା (ଭାସ୍କର ନ୍ୟୁଜ): ନର୍ଲା କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ନର୍ଲା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ନର୍ଲାରେ ସି ଆର୍‌ସିସି କ୍ଷୀର ସିନ୍ଧୁ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି। ଏହି ଉତ୍ସବରେ ନର୍ଲା ବିଇଓ ତପିମଣି ଜାନୀ ମୁଖ୍ୟଅତିଥି ଯୁର୍କା ଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟଙ୍କଧର ନିଆଲ୍ ମୁଖ୍ୟବକ୍ତା ଏବଂ ଏବିଇଓ କମ୍ ବିଆର୍‌ସିସି ଗୋବର୍ଦ୍ଧନ ମାଝୀ ଓ ଖଇର ମାଲ୍ ସିଆର୍‌ସିସି ଫିରୋଜ କୁମାର୍ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନର୍ଲା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଜିତ ନାଏକ, ସହ ଶିକ୍ଷୟିତ୍ରୀ କଲ୍ୟାଣୀ ଦାସ୍, ଉପରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ବାଗ୍, ଭଟାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦିପାଞ୍ଜଳି ପାଢ଼ୀ ସମେତ ନର୍ଲା କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଏଫ୍. ଏଲ୍. ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସିଆର୍‌ସିସି କ୍ଷୀର ସିନ୍ଧୁ ବାଗ ମଞ୍ଚ ପରିଚାଳନା ଏବଂ ଶପଥ ପାଠ କରାଇଥିବା ବେଳେ ଶିକ୍ଷକ ଅର୍ଜୁନ ବାଗ୍ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା।

### ବିକ୍ରମ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା

## ଧଅାଁରାମାଲକୁ ହରାଇ ସେମିଫାଇନାଲରେ ଦହିଖାଲ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁରସ୍ଥିତ ଜୟ ତ୍ରିନାଥ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ବିକ୍ରମ ବାଗ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ଆଜି ଅନୁଷ୍ଠିତ ଲିଗ ପର୍ଯ୍ୟାୟ ମ୍ୟାଚ ସାନଧାର ପୁର ଓ ଷ୍ଟେସନ ଦହିଖାଲ ମଧ୍ୟରେ ହୋଇଥିବାବେଳେ ଷ୍ଟେସନ ଦହିଖାଲ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ଲିଗ ମ୍ୟାଚ ଧଅାଁରାମାଲ ଓ କନକପୁର ମଧ୍ୟରେ ଖେଳାଯାଇଥିବାବେଳେ ଧଅାଁରାମାଲ ଦଳ ବିଜୟୀ ହୋଇଥିଲା। ଏହାପରେ ଧଅାଁରାମାଲ ଓ ଷ୍ଟେସନ ଦହିଖାଲ ମଧ୍ୟରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ୱିକେଟ ହରାଇ ୧୦୪ ସଂଗ୍ରହ କରିଥିବାବେଳେ ଧଅାଁରାମାଲ ଦଳ ୧୦୫ ରନର ବିଜୟ ଲକ୍ଷ୍ୟ ନେଇ ନିର୍ଦ୍ଧାରିତ ୧୦ ଓଭରରେ ୭ୱିକେଟ ହରାଇ ୯୬ ରନ କରି ପରାଜିତ ହୋଇଥିଲେ। ଆଜିର ମ୍ୟାଚଗୁଡ଼ିକୁ ଯୁଜେଷ୍ଟି ଛତର, ହେମନ୍ତ ଛତର, ସନ୍ତୋଷ ଜାଲ, ସୁମିତ ବାଗ ପ୍ରମୁଖ ପରିଚାଳନା କରିଥିବାବେଳେ ସୁଶାନ୍ତ ଛତର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତା ପରିଚାଳନାରେ ଅନୁଷ୍ଠାନର ସଭାପତି ଗିରିଧାରୀ ମାଝୀ, କର୍ମକର୍ତ୍ତା ବଂଶୀ ସାଗର, କେତନ ବାଗ, ଲଳିତ ଛତର, ଜଗଦୀଶ ସାଗର, ନୀତେଶ ସୁନା, ସଞ୍ଜୟ ଲୋହରା, ଶିବାଜୀ କରୁଆଁ, ଶଶୀ କରୁଆଁ, ତ୍ରୈଲୋଚନ ଛତର, ରାକେଶ କୁମାରଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ, ନର୍ଲା, ଭବାନୀପାଟଣା, ରାୟଗଡ଼ା ଜିଲ୍ଲାର ଷ୍ଟେସନ ଦହିଖାଲ ସହିତ ମୋଟ ୧୬ ଗୋଟି କ୍ରିକେଟ ଦଳ ଭାଗ ନେଇଛନ୍ତି।

## ମାଟି ଭିତରୁ ଶବ ଉଦ୍ଧାର, ହତ୍ୟା ସନ୍ଦେହ

କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ଆମପାଣି ଥାନା ମୁଗୁନାପଦର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ପୋତା ଯାଇଥିବା ଶବକୁ ପୋଲିସ ମାଟି ଭିତରୁ କାଢ଼ିଛି। ହତ୍ୟା ସନ୍ଦେହ କରି ପୋଲିସ ମୃତକଙ୍କ ସ୍ତ୍ରୀ, ପୁଅ ଓ ଜ୍ୱାଇଁଙ୍କୁ ଥାନାରେ ଅଟକ ରଖିଥିବାବେଳେ ବଡ଼ ପୁଅ ଫେରାର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ମୁଗୁନାପଦର ଗ୍ରାମର ଯଦୁ ଦଳପତି(୫୦)ଙ୍କୁ ତାଙ୍କ ପରିବାର ଲୋକେ ସ୍ୱାଭାବିକ ମୃତ୍ୟୁ ଦର୍ଶାଇ କାହାକୁ କିଛି ନ ଜଣାଇ ଘର ନିକଟସ୍ଥ ବାଡ଼ି ଭିତରେ ପୋତି ଦେଇଥିଲେ। ଏ ସମ୍ପର୍କରେ ଆମପାଣି ଥାନା ପୋଲିସ ଖବର ପାଇବା ପରେ ଥାନା ଅଧିକାରିଣୀ ବିଜୟାଲକ୍ଷ୍ମୀ ହିକୋକା ସଦଳବଳ ସହିତ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ। ପରିବାର ଲୋକଙ୍କୁ ପଚରାଉଚରା ସହ ବିଭିନ୍ନ ଦିଗକୁ ତଦନ୍ତ କଲାପରେ ହତ୍ୟା ସନ୍ଦେହ କରିଥିଲେ। ଏହାପରେ ମୃତକଙ୍କ ସ୍ତ୍ରୀ, ସାନପୁଅ ଓ ଜ୍ୱାଇଁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ଅନ୍ୟପଟେ ମୃତକଙ୍କ ବଡ଼ପୁଅ ଫେରାର ହୋଇଥିବା ଜଣାପଡିଛି। ପୋଲିସ କହିବା ଅନୁଯାୟୀ ପାରିବାରିକ କଳହ କାରଣରୁ



### ସ୍ତ୍ରୀ, ପୁଅ ସହ ଜ୍ୱାଇଁ ଥାନାରେ ଅଟକ

ଯଦୁଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଇଛି। ଏବଂ ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ତଦନ୍ତ କରାଯାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ବେହେରାଙ୍କ ଉପସ୍ଥିତିରେ ମାଟି ଭିତରୁ ଶବ କଢ଼ାଯାଇ କୋକସରା ମେଡିକାଲର ଡାକ୍ତର ଉମାକାନ୍ତ ଶବର ଓ ଦେବେନ୍ଦ୍ର ମାଝିଙ୍କ ଦ୍ୱାରା ଘଟଣା ସ୍ଥଳରେ ହିଁ ଶବ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡିଛି। ତେବେ ଆମପାଣି ଥାନାରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ନର୍ଲା (ଭାସ୍କର ନ୍ୟୁଜ୍): ନର୍ଲା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭୀମକେଲାର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶ ମାଝୀ ପ୍ରଥମେ ମଞ୍ଚାସୀନ ଅତିଥି ଅଧିକାରୀଙ୍କୁ ବିଦ୍ୟାଳୟର ମୁଖ୍ୟ ଆବଶ୍ୟକତା ଉପରେ ଆଲୋକପାତ କରି ବାର୍ଷିକ ଉତ୍ସବର ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ସ୍ଥାନୀୟ ସରପଞ୍ଚ ଜାନକୀ ଗଉଡ, ସମିତି ସଭ୍ୟା ସୁମିତ୍ରା ମାଝୀ ଯୋଗଦାନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ ଯୋଗଦାନ କରି ଭୀମକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏକ ଆଦର୍ଶ ବିଦ୍ୟାଳୟ ରୂପେ ପରିଣତ କରିବାକୁ କହିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ଭୀମକେଲା ବିଦ୍ୟାଳୟର ଆନୁସଙ୍ଗିକ ଉନ୍ନତିକରଣ ପାଇଁ ମୋର ପ୍ରୟାସ ଜାରି ରହିଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିରେ ଅନ୍ୟାନ୍ୟ ଅତିଥି ରୂପେ ନର୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ମୀନକେତନ ସାହୁ, ସମ୍ପାଦକ ଅମିତ ଶର୍ମା, ଭୀମକେଲା କ୍ଲଷ୍ଟର ସିଆରସିସି ବିଜୟ ସୁନା ପ୍ରମୁଖ ଯୋଗଦାନ କରିଥିଲେ। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଦୃଷ୍ଟିରୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ତଥା କବି ଅନୀଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୁନିକୁନି ଛାତ୍ରଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ଭୀମକେଲା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସହ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସହଯୋଗରେ ବାର୍ଷିକ ଉତ୍ସବଟି ସୁରୁଖୁରୁରେ ସମାପନ ହୋଇଥିଲା।

### ଆମପାଣିକୁ ନୂତନ ବ୍ଲକ୍ ଗଠନ ଦାବି

## ଏକାଠି ହେଲେ ୧୦ ପଞ୍ଚାୟତବାସୀ

କୋକସରା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ନବରଙ୍ଗପୁର ଜିଲ୍ଲାର ସୀମାନ୍ତରେ ଥିବା କୋକସରା ବ୍ଲକର ଆଦିବାସୀ ବହୁଳ ଅଞ୍ଚଳ ଆମପାଣି ପଞ୍ଚାୟତକୁ ସ୍ୱତନ୍ତ୍ର ବ୍ଲକ ଗଠନ ଦାବିରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜା ଦେବଙ୍କ ପୀଠରେ ପୂଜାର୍ଚ୍ଚନା ପରେ ରତୁରାଜ ମାଝୀଙ୍କ ସଭାପତିତ୍ୱରେ ସ୍ଥାନୀୟ ଧାନ ମଣ୍ଡିଠାରେ ବୈଠକ ଆରମ୍ଭ ହୋଇଥିଲା। ବୈଠକରେ ଡୁଡୁକାଠେଙ୍ଗା ପୂର୍ବତନ ସରପଞ୍ଚ ବନମାଳୀ ବାଗ, ଆଇନଜୀବୀ ମନୋଜ ନାଏକ, ଗୋପୀଚନ ନାଏକ, ପ୍ରଦୀପ ସାହୁ, କେତୁରାମ ପାତ୍ର, ରାମ ସିଂ ମାଝୀ, ଉଛୁଳାରୁ ଚକ୍ରଧର ନାଏକ, ଖଗେଶ୍ୱର ନାଏକ, ବଡପୁଝାରୀଗୁଡାରୁ ଡମ୍ବରୁଧର ନାଏକ, ରତନ ନାଏକ, ସତ୍ୟ ନାଏକ ସମେତ କୋକସରା ବ୍ଲକ ଆମପାଣି ଜିଲ୍ଲାପରିଷଦ ଜୋନ୍ ନଂ- ୧ ର ୮ ଗୋଟି ପଞ୍ଚାୟତ ବରାଡଙ୍ଗା, ବଡ଼ପୋଡ଼ାଗୁଡ଼ା, କାଉଡୋଲା, ଡୁଡୁକାଠେଙ୍ଗା, ମହିମା, ଆମପାଣି, ସାନପୋଡାଗୁଡା, ଗୋତମୁଣ୍ଡା ସମେତ




ଜୟପାଟଣା ବ୍ଲକର ବଡପୁଝାରୀଗୁଡା ଓ ଉଛୁଳା ପଞ୍ଚାୟତରୁ ନିର୍ବାଚିତ ଜନ ପ୍ରତିନିଧି ସମେତ ଶତାଧିକ ଲୋକେ ଯୋଗଦେଇ ଆମପାଣିକୁ ନୂତନ ବ୍ଲକ ଗଠନ ଦାବିକୁ ସ୍ୱାଗତ କରିବା ସହ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଭୌଗଳିକ ଦୃଷ୍ଟି କୋଣରୁ ଆମପାଣି ଗ୍ରାମ ଏହି ଅଞ୍ଚଳର ମୁଖ୍ୟ ସ୍ଥାନ ହୋଇଥିବା ବେଳେ ଏଠାରେ ବ୍ଲକ ଗଠନ ନିମିତ୍ତ ସବୁ ପ୍ରକାର ଭିତ୍ତିଭୂମି ରହିଛି। ୧୦ ଗୋଟି ପଞ୍ଚାୟତ ବ୍ୟତୀତ ପଡୋଶୀ ନବରଙ୍ଗପୁର ଜିଲ୍ଲା ଅର୍ଦ୍ଧାଧିକ ଅଞ୍ଚଳର ହଜାର ହଜାର ଲୋକ ସବୁକ୍ଷେତ୍ରରେ ଆମପାଣି ଉପରେ ପ୍ରାୟ ନିର୍ଭର କରିଥାନ୍ତି। ଏଠାରେ ଥିବା ସ୍କୁଲ, ଦୁଇଟି କଲେଜ, ଡାକ୍ତରଖାନା, ଥାନା, ଫରେଷ୍ଟ ଅଫିସ, ଆରଆଇ ଅଫିସ, ଗ୍ୟାସ ପଏଣ୍ଟ, ବ୍ୟାଙ୍କ, ସମବାୟ ସମିତି, ପୋଷ୍ଟ ଅଫିସ, ଏସ୍‌ଏସଡି ସ୍କୁଲ ଇତ୍ୟାଦି ଉପରେ ଆଖପାଖ ଅଞ୍ଚଳର ଲୋକେ ନିର୍ଭର କରିଥାନ୍ତି। ମୂଳ କୋକସରା ବ୍ଲକ ଏହି ଅଞ୍ଚଳଠାରୁ ୨୦ କିମିରୁ ଉର୍ଦ୍ଧ ରହିଥିବାବେଳେ ଜୟପାଟଣା ବ୍ଲକରୁ ଆସୁଥିବା ୨ ଗୋଟି ଗ୍ରାମ ପଞ୍ଚାୟତ ବ୍ଲକ କାର୍ଯ୍ୟାଳୟରୁ ପ୍ରାୟ ୩୦ କିଲୋମିଟର ଦୁରରେ ଥିବା ହେତୁ ଅଫିସ କାର୍ଯ୍ୟକୁ ଛାଡିଦେଲେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଲୋକେ ଆମପାଣି ଉପରେ ନିର୍ଭର କରିଥାନ୍ତି, ଆମପାଣି, ବଡ଼ପୋଡ଼ାଗୁଡ଼ା, ବରାଡଙ୍ଗା, ଡୁଡୁକାଠେଙ୍ଗା, ମହିମା ଆଦି ପଞ୍ଚାୟତର ଅଧିକାଂଶ ଗାଁ ସାହାଜଖୋଲ ଜଙ୍ଗଲ ପାଦ ଦେଶରେ ରହିଥିବାବେଳେ କୋକସରା ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ହେଲେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଆମପାଣି କୁ ୨୬ ନମ୍ବର ଜାତୀୟ ରାଜପଥ ସହ ବିଜୁ ଏକ୍ସପ୍ରେସୱେ ସଂଯୋଗ କରୁଥିବାରୁ ଯାତାୟାତରେ ସୁବିଧା ରହିଛି। ସେ ଦୃଷ୍ଟିରୁ ଆମପାଣି ଗ୍ରାମ ପଞ୍ଚାୟତ ନୂତନ ବ୍ଲକ ପାଇଁ ପ୍ରଜୁର୍ଯ୍ୟ ରହିଛି। ବୈଠକରେ ବିଭିନ୍ନ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଘ୍ନେଶ୍ୱର ନାଏକ ସଂଯୋଜନା କରିଥିଲେ। ସନ୍ତୋଷ ମାଝୀ, ବିନୋଦ ସିଂ, ବିଜୟ କୁମାର ପଣ୍ଡା, ତାପସ ରାୟ, କୁମୁଦ ପୁଝାରୀ, ଟିକି ଚନ୍ଦ୍ର ଧଙ୍ଗଡାମାଝୀ, ସୁରେଶ ସାହୁ, ଧନୁ ଦୁର୍ଗା, ଜଗଦୀଶ ନାଏକ, କୁମୁଦ ସେଠୀ ସମେତ ଶତାଧିକ ଲୋକେ ଯୋଗଦେଇ ଥିଲେ।

## ରାଶିଫଳ

ସୋମବାର, ୧୦ ଫେବୃଆରୀ ୨୦୨୫



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।



**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ। ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ।



**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ। ଛାତ୍ରମାନଙ୍କର ଭଲ ଦିନ ଅଛି।



**କର୍କଟ:** ଆଜି ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ। ଆଧାତ୍ମିକ କାର୍ଯ୍ୟରେ ଯୋଗ ଦେବେ।



**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି।



**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ। ବିନିଯୋଗ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। କିଛି କାମକୁ ନେଇ ଟେନସନ ହେବ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରିରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୈଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଖୁବ୍ ଭଲ ଅଛି।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢ଼ିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯